
# ଉତ୍କଳ ପ୍ରସଙ୍ଗ

...ତନ୍ତ୍ର [illegible] ଦିବସ ବିଶେଷାଙ୍କ, ୧୯୮୨









ଉତ୍କଳ-କମଳା-ବିଳାସ ଦୀର୍ଘିକା,
ଜନ ମନୋହାରୀ ନୀଳାମ୍ବୁ ଚିଲିକା.

ଶିମିଳିପାଳ ରେ ଉର୍ମି ଶିପାଳ
ମୁଖେ ତୋର ଶିଖି ନ ...
ଆଜି ପରା ଦିନେ ମଉନେ ରହିବୁ
କାହିଁ ଗଲା ତୋର ...

ସର୍ବେ ସୁଖ କାହିଁ ରହେ ଅନନ୍ତ ...
ଭଷାହୀନ ପ୍ରଭୁ ତାର ଜାଣେ ...
କି ବନ୍ଧୁ ଆଜିବ ସିଏ, ...

# ଉତ୍କଳ ପ୍ରସଙ୍ଗ

ଫାଲଗୁନ/ଚୈତ୍ର ୧୯୦୪ ଶକାବ୍ଦ ୩୮ ଖଣ୍ଡ ଅଷ୍ଟମ/ନବମ ସଂଖ୍ୟା ମାର୍ଚ୍ଚ/ଅପ୍ରେଲ ୧୯୮୨

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ଶ୍ରୀ ମିହିର କୁମାର ସଓ

ସହ ସମ୍ପାଦକ: ଅଧ୍ୟାପକ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

**ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ**

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ସଜ୍ଜା ଶିଳ୍ପୀ ଶ୍ରୀ ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଚାନ୍ଦା ୧୦.୦୦
ପ୍ରତି ଖଣ୍ଡ ୧.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ମୋ ଦୃଷ୍ଟିରେ ... | | ୭ |
| ଓଡ଼ିଆ ଜାତୀୟତାର ବୈଶିଷ୍ଟ୍ୟ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୭ |
| କଟକର ନାଲି କୋଠା | ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର | ୯ |
| ଓଡ଼ିଶା ଦେଶ ମିଶ୍ରଣର ଆଦିପର୍ବ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୧୭ |
| ଖଣିଜ ସଂପଦର ଭବିଷ୍ୟତ | ଶ୍ରୀ ବସନ୍ତ କୁମାର ବିଶ୍ୱାଳ | ୨୩ |
| ଓଡ଼ିଶାର ପୁରାତନ ପଥ ଓ ମାନଚିତ୍ର | ଶ୍ରୀ ପ୍ରଭାତ ମୁଖାର୍ଜୀ | ୨୫ |
| ହିଉ ଏନ ସ୍ୱଙ୍ଗଙ୍କ ସମୟର ଭାରତବର୍ଷ | ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର | ୩୧ |
| ଉତ୍କଳ ଦିବସର ସ୍ମୃତି ସ୍ମରଣ | ଶ୍ରୀ ସୁରେନ୍ଦ୍ର ମହାନ୍ତି | ୩୫ |
| ଏପ୍ରିଲ ପହିଲାର ସାହିତ୍ୟିକ ପୃଷ୍ଠପଟ | ଅଧ୍ୟାପକ ଗୌରୀକୁମାର ବ୍ରହ୍ମା | ୪୧ |
| ନୂତନ ଓଡ଼ିଶା | ଶ୍ରୀ ଅଖିଳ ମୋହନ ପଟ୍ଟନାୟକ | ୪୭ |
| ଓଡ଼ିଶାରେ ନଡ଼ିଆ ଚାଷ | ଶ୍ରୀ ବାସୁଦେବ ମହାପାତ୍ର | ୪୯ |
| ମତ୍ସ୍ୟ ପାଳନ | ଡକ୍ଟର ବିଭୂତି ଭୂଷଣ ରଥ | ୫୨ |
| ସଂଯୋଜିତ ଶିଶୁ ଉନ୍ନୟନ ଯୋଜନା | ଶ୍ରୀମତୀ ଲାବଣ୍ୟରେଖା ମିଶ୍ର | ୫୭ |
| ସାଆଁ ପରି ସାଆଁ କେମସରା | ଶ୍ରୀ ଫଣୀଭୂଷଣ ଦାସ | ୫୯ |
| ଓଡ଼ିଶାର କ୍ରମକ୍ଷୟିଷ୍ଣୁ ଜନଜାତି | ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର | ୬୧ |
| 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ'.... | ଶ୍ରୀ ଶତ୍ରୁଘ୍ନ ନାଥ | ୬୩ |
| ଜିଲ୍ଲା ପରିକ୍ରମା : | | |
| ଖୋରଧା ସବ୍‌ଡିଭିଜନରେ ଗରିବଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା । | ଶ୍ରୀ ନରେନ୍ଦ୍ର କୁମାର ମିଶ୍ର | ୬୫ |
| ଦ୍ରୁତ ଶିଳ୍ପାୟନ ପଥେ କଳାହାଣ୍ଡି ଜିଲ୍ଲା ପ୍ରଗତିର ନବ ଦିଗନ୍ତ | ଶ୍ରୀ ପ୍ରସାଦ ରାଓ | |
| ସାମାଜିକତା ଓ ଓଡ଼ିଶାର ପ୍ରଗତି | ଶ୍ରୀ ବିଜୟ ମହାପାତ୍ର | ୭୧ |
| ରାଜ୍ୟର ଦ୍ରୁତ ବିକାଶ ପାଇଁ ଅଧିକ ସମ୍ବଳ ଲୋଡ଼ା | ଶ୍ରୀ ରାମଚନ୍ଦ୍ର ମିଶ୍ର | ୭୪ |
| ପ୍ରଗତି ପ୍ରସଙ୍ଗ | | ୭୭ |

# ଭାରତ ଗୀତିକା

ସର୍ବେଷାଂ ନୋ ଜନନୀ ଭାରତ—
ଧରଣୀ କଳ୍ପଲତେୟମ୍
ଜନନୀ ବତ୍ସଳତନୟ ଗଣୈସ୍ତତ୍
ସମ୍ୟକ୍ ଶର୍ମ ବିଧେୟମ୍ ।(ଧ୍ରୁବଂ)।

ହିମଗିରି—ସୀମନ୍ତିତ-ମସ୍ତକମିଦ—
ମମ୍ବୁଧି ପରିଗତ ପାର୍ଶ୍ୱମ୍ ।
ଅସ୍ମଜ୍ଜନ୍ମଦ ମନ୍ଦମନିଶଂ
ଶ୍ରୌତପୁରାତନମାର୍ଷମ୍ ॥

ବିଜନିତହର୍ଷଂ ଭାରତବର୍ଷଂ
ବିଶ୍ୱୋତ୍କର୍ଷନିଦାନମ୍ ।
ଭାରତଶର୍ମଣି କୃତ ମସ୍ମାଭି—
ର୍ନିବମିଦମୈକ୍ୟ ବିଧାନମ୍ ॥

ଉତ୍କଳ ଗୌଡ଼ାନ୍ଧ୍ରୀୟାଃ ସଂସଦି
ଯେ ବୟମତ୍ର ସମେତାଃ ।
ଏତେ ସ୍ୱପର ଜନପଦଜା ନନୁ
ଭାରତ-ବିହିତ-ନିକେତାଃ ॥

ଭାରତହିତ ସଂପାଦନ ମେବ ହି
କାର୍ଯ୍ୟମିଷ୍ଟମ୍ ବିପାକମ୍
ଭାରତବର୍ଜ୍ଜଂ କିମପି ନ କାର୍ଯ୍ୟଂ
ନିଶ୍ଚିତ ମିତ୍ୟସ୍ମାକମ୍

ଭାରତପଙ୍କଜଦଳମିଦମୁତ୍କଳ—
ମଣ୍ଡଳମିତି ବିଦିତଂ ଯତ୍
ତସ୍ୟ କୃତେ ବୟମତ୍ର ସମେତା
ବିହିତାତ୍ରୋତ୍କଳ-ସଂସତ୍ ॥

ଭାରତମେକା ଗତିରସ୍ମାକଂ
ନାପରାସ୍ତି ଭୁବି ନାମ
ସର୍ବୋଦୌ ପରିଷତ୍-କର୍ମଣି ତତ୍
ଭାରତମେବ ନମାମଃ ॥

କବବର ରାଧାନାଥ



## ଓଡ଼ିଶା ଦିବସ ପାଳନ ଉପଲକ୍ଷେ

# ରାଜ୍ୟପାଳଙ୍କ ବାର୍ତ୍ତା

ଓଡ଼ିଶା ହେଉଛି ମହନୀୟ ଐତିହ୍ୟ ଓ ସଂସ୍କୃତିର ରାଜ୍ୟ ଏବଂ ଭାରତୀୟ ସଭ୍ୟତାର ବିକାଶ କ୍ଷେତ୍ରରେ ଏହି ରାଜ୍ୟର ଅବଦାନ ଇତିହାସ ପୃଷ୍ଠା ମଣ୍ଡିତ କରିଛି । ଦୀର୍ଘଦିନ ଧରି ଏହି ରାଜ୍ୟ ବିଦେଶୀ ଶାସନ କବଳରେ ରହି କିଭଳି ଖଣ୍ଡବିଖଣ୍ଡିତ ହେବା ସଙ୍ଗେ ସଙ୍ଗେ ନିଷ୍କ୍ରିୟ ତଥା ନିଷ୍ପ୍ରାଣ ହୋଇ ପଡ଼ିଲା, ତାହାର ଜ୍ୱଳନ୍ତ ସାକ୍ଷ୍ୟ ଆଜି ବି ଇତିହାସ ପ୍ରଦାନ କରେ । ଦୀର୍ଘଦିନର ସଂଗ୍ରାମ ଓ ତ୍ୟାଗ ପରେ ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କର ଚିର ଆକାଂକ୍ଷିତ ସ୍ୱପ୍ନକୁ ସାର୍ଥକ କରି ୧୯୩୬ ଅପ୍ରେଲ ୧ ତାରିଖ ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଜନ୍ମ ନେଲା । ନୂତନ ଆହ୍ୱାନଗୁଡ଼ିକର ମୁକାବିଲା କରିବା ସଙ୍ଗେ ସଙ୍ଗେ ଯେଉଁ ମୂଲ୍ୟବୋଧକୁ ସଂଗଠିତ କରି ଏକଦା ଏହି ରାଜ୍ୟ ଏକ ପ୍ରଗତିଶୀଳ ଓ ଦୁଃସାହସିକ ଜାତିରୂପେ ନିଜକୁ ପରିଚିତ କରିପାରିଥିଲା, ସେ ସବୁକୁ ପାଥେୟ କରି ପୁନରାୟ ପ୍ରଗତିର ସର୍ବୋଚ୍ଚ ସୋପାନରେ ପହଞ୍ଚିବା ଲାଗି ଏଭଳି ଏକ ଉଲ୍ଲେଖନୀୟ ଘଟଣା ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ନୂତନ ଚେତନାର ଉନ୍ମେଷ ଘଟାଇଲା ।

ସଂପ୍ରତି ଏହି ରାଜ୍ୟରେ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଗଢି ଉଠିବା ଫଳରେ ରାଜ୍ୟଟି ଦ୍ରୁତ ଅର୍ଥନୈତିକ ପ୍ରଗତି ପଥରେ ଆଗେଇ ଚାଲିଛି । ଏଭଳି ଏକ ଶୁଭ ମୁହୂର୍ତ୍ତ ଆମମାନଙ୍କ ପାଇଁ ନୂତନ ଆହ୍ୱାନ ଦେଇଛି ।

ଏହା ମଧ୍ୟ ଆମର କାର୍ଯ୍ୟଦକ୍ଷତା ପ୍ରମାଣ କରିବା ଦିଗରେ ସୁଯୋଗ ଦେବ । ଏହିପରି ଏକ ଐତିହାସିକ ଉତ୍ସବ ପାଳନ ଅବସରରେ ଆମ ରାଜ୍ୟର ପ୍ରଗତି ଓ ସମୃଦ୍ଧି ପାଇଁ ଆମେ ଆମର ସମସ୍ତ ଭେଦଭାବ ଭୁଲି ସଂକଳ୍ପବଦ୍ଧ ହୋଇ ନିଷ୍ଠା ସହକାରେ କାର୍ଯ୍ୟ କରିଯିବା ଲାଗି ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଆହ୍ୱାନ କରୁଅଛି । କଠିନ ପରିଶ୍ରମ ତଥା ନିଷ୍ଠାପର କାର୍ଯ୍ୟ ହିଁ ଓଡ଼ିଶାର ହୃତ ଗୌରବ ଫେରାଇ ଆଣିବା ଦିଗରେ ସମର୍ଥ ହୋଇପାରିବ ।

ଏହି ଅବସରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ପ୍ରତିଷ୍ଠା ଦିଗରେ ରାଜ୍ୟର ଯେଉଁ ମହାନ୍ ନେତୃବୃନ୍ଦ ପ୍ରାଣମୂଳ୍ଣ ସଂଗ୍ରାମ କରିଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ମୋର ଭକ୍ତିପ୍ଲୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି । ଏହି ସ୍ମରଣୀୟ ଦିବସରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛି ।

ଜୟହିନ୍ଦ୍

**ସି. ଏମ୍. ପୁନାଚା**

ରାଜ୍ୟପାଳ, ଓଡ଼ିଶା



# ଅଳ୍ପ ପଥ ଅତିକ୍ରାନ୍ତ;
# ମାତ୍ର ବହୁ ପଥ ବାକୀ

ଅପ୍ରେଲ ପହିଲୁ 'ଓଡ଼ିଶା ଦିବସ' ରୂପେ ଭାରତରେ ପ୍ରସିଦ୍ଧି ଲାଭ କରିଛି । କାରଣ ୪୬ ବର୍ଷ ତଳେ ଏହି ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଜନ୍ମଲାଭ କରିଥିଲା । ଭାରତର ପୂର୍ବାକାଶରେ ଏହି ନବ ସୂର୍ଯ୍ୟୋଦୟକୁ ସେତେବେଳେ ଜନଗଣ ଅଭିନନ୍ଦନ କରିଥିଲେ । ଘୋର ଅନ୍ଧକାର ଭିତରୁ ଓଡ଼ିଆ ଜାତିର ଏହି ଅଭ୍ୟୁଦୟ ଆଜି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ସେହି ଦିନଠାରୁ ପ୍ରତି ଅପ୍ରେଲ ପହିଲା ହେଉଛି, ଓଡ଼ିଶାର ଜଣଗଣଙ୍କ ପାଇଁ ଏକ ସ୍ମୃତି ଓ ସଂକଳ୍ପର ଦିନ । ସ୍ମୃତି, କାରଣ ଯେଉଁମାନଙ୍କର ତ୍ୟାଗ, ତପସ୍ୟା, ସାଧନା ଓ ସଂଗ୍ରାମର ଫଳ ସ୍ୱରୂପ ଓଡ଼ିଆ ଜାତିର ଏହି ସ୍ୱପ୍ନ ସଫଳ ହେଲା, ସେହି ପୂର୍ବସୂରୀମାନଙ୍କୁ ଆଜି ଗଭୀର କୃତଜ୍ଞତାର ସହିତ ସ୍ମରଣ କରିବାର ଦିନ । ସଂକଳ୍ପ—ଓଡ଼ିଶାକୁ କୃଷି, ଶିଳ୍ପ, କଳା ଓ ବିଜ୍ଞାନର କ୍ଷେତ୍ରରେ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆଜି ଏକ ସଂକଳ୍ପ ନେବାର ଦିନ ।

ଅଳ୍ପ ପଥ ଅତିକ୍ରାନ୍ତ, ମାତ୍ର ବହୁ ପଥ ଅତିକ୍ରମ କରିବାକୁ ବାକୀ ଅଛି । ଆଜି ଏହି ପବିତ୍ର, ଆନନ୍ଦମୟ ଦିନରେ ଓଡ଼ିଶାର ମୋର ପ୍ରିୟ ଭାଇ ଭଉଣୀମାନଙ୍କୁ ଏହାହିଁ ମୋର ନିବେଦନ ।

ଜାନକୀ ବଲ୍ଲଭ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡିଶା

# ମୋ ଦୃଷ୍ଟିରେ ....

ଉତ୍କଳ ଦିବସ ୧୯୮୨–ଓଡ଼ିଶା ନବ ରୂପ ନେଇ ଆତ୍ମ ପ୍ରକାଶ କରିଥିବା ଛୟାଳିଶ ବର୍ଷ ଅଗରୁ । ଆଜି ଏହି ପୁଣ୍ୟ ତିଥିରେ 'ଉତ୍କଳ ପ୍ରସଙ୍ଗ' ତାର ଶୁଭେଚ୍ଛୁ ପାଠକ ଓ ଲେଖକମାନଙ୍କୁ ସମ୍ବର୍ଦ୍ଧନା ଜଣାଉଛି ।

ଓଡ଼ିଶା ନୂତନ ଭାବରେ ଗଠିତ ହୋଇ ରାଜନୈତିକ କ୍ଷେତ୍ରରେ ଏବେ ସୁପ୍ରତିଷ୍ଠିତ । କିନ୍ତୁ ଅର୍ଥନୈତିକ କ୍ଷେତ୍ରରେ ଏହା ଆଜି ମଧ୍ୟ ଅନଗ୍ରସର । କୃଷି ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ଦୃଷ୍ଟିରୁ ଓଡ଼ିଶାକୁ ଅନେକ ଦୂର ଆଗେଇ ଆସିବାକୁ ପଡ଼ିବ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଗଡ଼ଜାତ ମିଶ୍ରଣ ଏକ ସ୍ମରଣୀୟ ଘଟଣା । ବୃହତ୍ତର ଓଡ଼ିଶା ଗଠିତ ହେବା ଏକ ବିରାଟ ରାଜନୈତିକ ପଦକ୍ଷେପ । ଓଡ଼ିଶାରେ ଆଲୁମିନିୟମ ପ୍ରକଳ୍ପ, ଦ୍ୱିତୀୟ ଇସ୍ପାତ କାରଖାନା ଓ ରାସାୟନିକ ସାର କାରଖାନା ନିର୍ମାଣ ନିମନ୍ତେ ସିଦ୍ଧାନ୍ତ ଶିଳ୍ପ ସମୃଦ୍ଧି ନିମନ୍ତେ ଏକ ବିରାଟ ଅର୍ଥନୈତିକ ପଦକ୍ଷେପ । ଶିଳ୍ପର ମୂଳଦୁଆ ବିଦ୍ୟୁତ୍ ଶକ୍ତିର ବୃଦ୍ଧି ନିମନ୍ତେ ତାଳଚେର ବିରାଟ ତାପଜ କେନ୍ଦ୍ର ସ୍ଥାପନ ନିମନ୍ତେ ସିଦ୍ଧାନ୍ତ ମଧ୍ୟ ଶିଳ୍ପ କ୍ଷେତ୍ରରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

କିନ୍ତୁ ଗୋଟିଏ ଜାତିର ପରିଚୟ କେବଳ ରାଜନୀତି ବା ଶିଳ୍ପ ଦୃଷ୍ଟିରୁ ନୁହେଁ, ବରଂ ତା'ର ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିରୁ ମିଳିଥାଏ । ସେହି ଦୃଷ୍ଟିକୋଣରୁ ଏହି ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ "ଓଡ଼ିଆ ଜାତୀୟତାର ବୈଶିଷ୍ଟ୍ୟ" ଆମେ ପାଠକଙ୍କୁ ଉପହାର ଦେଉଛୁ । ସମନ୍ୱୟ ଓ ସଂପ୍ରସାରଣ ଯେ କୌଣସି ଜାତି ବା ସମାଜକୁ ଦୀର୍ଘଜୀବୀ କରିଥାଏ ।

ଏ ସଂଖ୍ୟାରେ ଓଡ଼ିଶାର ପ୍ରସିଦ୍ଧ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତି, ଶ୍ରୀ ଗୌରୀ କୁମାର ବ୍ରହ୍ମା ଏବଂ ଶ୍ରୀ ଅଖିଳ ମୋହନ ପଟ୍ଟନାୟକଙ୍କର ତିନୋଟି ଲେଖା ପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ଓଡ଼ିଶା ନ୍ୟାୟାଳୟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ରଙ୍କର "କଟକର ନାଲିକୋଠି" ଓଡ଼ିଶାରେ ନ୍ୟାୟ ବିଚାରର ଐତିହାସିକ ପୃଷ୍ଠଭୂମିକୁ ଚିହ୍ନିତ କରିଛି । ଆଇନ ଓ ନ୍ୟାୟ ବିଚାର ଜାତୀୟ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । ଆମେ ମାନ୍ୟବର ମିଶ୍ରଙ୍କର ଚିନ୍ତାଧାରା ପାଠକଙ୍କୁ ଉପହାର ଦେଇ ପାରି ଥିବାରୁ ଆନନ୍ଦିତ ।

କଳା କ୍ଷେତ୍ରରେ ଓଡ଼ିଶାର ଅତୁଳନୀୟ ଦାନ ସମସ୍ତେ ଭଲ ଭାବରେ ଜାଣିଛନ୍ତି । ପିକାସୋଙ୍କ କ୍ୟୁବିକ୍ ଆର୍ଟର ବହୁ ଶତାବ୍ଦୀ ପୂର୍ବରୁ ଓଡ଼ିଶାର ନାଥ ଶ୍ରୀ ଜଗନ୍ନାଥଙ୍କ କଳ୍ପନା କରା ଯାଇଥିଲା । ସେହି ଉତ୍କଳର ଅନ୍ୟତମ ଶିଳ୍ପୀ ଶ୍ରୀ ଚନ୍ଦ୍ରଶେଖର ରଥଙ୍କ କୃତି "ମମତା" ଓ "ହିଂସାର ଅଭିବ୍ୟକ୍ତି" ଏହି ସଂଖ୍ୟାରେ ପ୍ରକାଶିତ ହୋଇଛି । ପାଠକମାନଙ୍କର ଏ ଚିତ୍ର ବିଷୟରେ ମତାମତ ଜାଣିଲେ ଆମେ ଖୁସି ହେବୁ ।

ଆଜି ଏହି ଶୁଭ ଅବସରରେ ଏ ଜାତି ସବୁ କ୍ଷେତ୍ରରେ ସୁପ୍ରତିଷ୍ଠା ଲାଭ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଦ୍ରୁତତର ଭାବରେ ନେଉ ବୋଲି ପ୍ରାର୍ଥନା ।

# ଓଡ଼ିଆ ଜାତୀୟତାର ବୈଶିଷ୍ଟ୍ୟ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

କବିବର ରାଧାନାଥ ତାଙ୍କର 'ଭାରତ ଗୀତିକା'ରେ ଲେଖିଥିଲେ, 'ଭାରତ ପଙ୍କଜଦଳମିଦମୁତ୍କଳମଣ୍ଡଳମିତି ବିଦିତଂ ଯତ୍' । ଭାରତ ରୂପ ପଦ୍ମଫୁଲର ପାଖୁଡ଼ା ରୂପେ ଉତ୍କଳ ସୁବିଦିତ ।

ଉତ୍କଳ ପ୍ରକୃତିର ଏହି ବରେଣ୍ୟ କବିଙ୍କର ଓଡ଼ିଆ ଜାତିକୁ ଏହା ଶେଷ ଶ୍ରଦ୍ଧାଞ୍ଜଳି । କାରଣ 'ଭାରତ ଗୀତିକା' ସେ ଜୀବନର ଶେଷ ସମୟରେ ଲେଖିଥିଲେ । ୧୯୦୮ ମସିହା ଅପ୍ରେଲ ମାସରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କଳ ସମ୍ମିଳନୀର ଅଧିବେଶନ ପାଇଁ ଏହା ରଚିତ ହୋଇଥିଲା । ଅଧିବେଶନର ପୂର୍ବଦିନ କବିଙ୍କର ଦେହାନ୍ତ ହୋଇଥିଲା ।

ଆଧୁନିକ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ନେତା ଓ ସେବକ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ—

"ଜଗତ ସରସେ ଭାରତ କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।"

ଏ ପ୍ରାନ୍ତର ଶ୍ରେଷ୍ଠ ନେତା ଓ କବିମାନେ ଏହିପରି ଦୃଷ୍ଟିରେ ଓଡ଼ିଶାକୁ ଦେଖିଛନ୍ତି । ଭାରତ-ପଦ୍ମଫୁଲର ପାଖୁଡ଼ା ବା କେଶର ଭାବରେ ଏହାର ଶ୍ରେଷ୍ଠତ୍ୱର ସ୍ୱପ୍ନ ସେମାନଙ୍କୁ ବିହ୍ୱଳ କରିଛି । ସେମାନଙ୍କ ଜୀବଦ୍ଦଶାରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହୋଇପାରିନାହିଁ । ସ୍ୱତନ୍ତ୍ର ପ୍ରଦେଶ ହେବାର ପ୍ରାକ୍ କାଳରେ ଦୀର୍ଘଜୀବୀ ମଧୁସୂଦନ ଆଖି ବୁଜିଛନ୍ତି । ତା'ର ବହୁ ପୂର୍ବରୁ ରାଧାନାଥ ଓ କିୟତ୍କାଳ ପୂର୍ବରୁ ଗୋପବନ୍ଧୁ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଛୟାଳିଶ ବର୍ଷ ହୋଇଗଲା । ପ୍ରାୟ ଦୁଇଟି ପୁରୁଷ । ତଥାପି ସେମାନଙ୍କର ସ୍ୱପ୍ନ ଏ ପର୍ଯ୍ୟନ୍ତ ସାର୍ଥକ ହୋଇନାହିଁ ।

ଭାରତରେ ନିଜର ଗୌରବୋଜ୍ଜ୍ୱଳ ସ୍ଥାନ ଅଧିକାର କରିବା—ଏହାହିଁ ଓଡ଼ିଶାର ଭାଗ୍ୟ, ଭବିଷ୍ୟ ଓ ଅଭିପ୍ରେତ । ଏଥିପାଇଁ ଓଡ଼ିଶାର ଇତିହାସ, ସଂସ୍କୃତି ଓ ପରଂପରା ନୂତନ ଭାବରେ ଆଲୋଚିତ ହେବା ଆବଶ୍ୟକ । ଯେଉଁ-ସବୁ ଗୁଣ ବା ବୈଶିଷ୍ଟ୍ୟ ଏ ଜାତିକୁ ଅତୀତରେ ମହାନ୍ କରିଥିଲା, ତା'ର ପୁନରୁଦ୍‌ବୋଧନ ଆବଶ୍ୟକ ।

ଓଡ଼ିଶାର ବୈଶିଷ୍ଟ୍ୟ ତା'ର ଅତୀତର ଆକାର ବା ଆୟତନ ନୁହେଁ । ପୃଥିବୀର ବିଭିନ୍ନ ଦେଶ, ବିଭିନ୍ନ ପ୍ରାନ୍ତର ଇତିହାସ ଆଲୋଚନା କଲେ ଦେଖାଯିବ ଯେ ତାହାର ଆୟତନ କେତେବେଳେ ବଢ଼ିଛି, କେତେବେଳେ କମିଛି । ଭାରତର ବିଭିନ୍ନ ପ୍ରାନ୍ତର ଇତିହାସ ମଧ୍ୟ ସେୟା—ଚୋଳ, ଚାଲୁକ୍ୟ, ରାଷ୍ଟ୍ରକୂଟ, ଗୁର୍ଜ୍ଜର, ମଗଧ-ଏମାନଙ୍କର ସାମ୍ରାଜ୍ୟ 'ଯଦୁପତେ କ୍ୱଗତା ମଥୁରାପୁରୀ' ପରି କୁଆଡ଼େ ବିଲୟ ଲଭି ଯାଇଚି । ଆୟତନର କ୍ଷୁଦ୍ରତା ମଧ୍ୟ ଗୁଣର ପରିମାପକ ନୁହେଁ—କିମ୍ବା ହୀନମନ୍ୟତାର କାରଣ ହେବା ଉଚିତ ନୁହେଁ । ଓଡ଼ିଶାର କ୍ଷେତ୍ରଫଳ ବର୍ତ୍ତମାନ ଷାଠିଏ ହଜାର ବର୍ଗମାଇଲ । ଏହାଠାରୁ ବହୁ କ୍ଷୁଦ୍ର ରାଜ୍ୟ ଭାରତରେ ଅଛନ୍ତି, ବହୁ କ୍ଷୁଦ୍ର ଦେଶ ପୃଥିବୀରେ ଅଛନ୍ତି; ଯେଉଁମାନେ କି ଆର୍ଥିକ, ଆଧୁନିକ କଳା ଓ ବିଜ୍ଞାନଗତ ଉତ୍କର୍ଷ ଦୃଷ୍ଟିରୁ ଓଡ଼ିଶାର ବହୁ ଉଚ୍ଚରେ । ପୃଥିବୀରେ ଏହାପରି ତିନୋଟି ଦେଶର ନାମ ନିଆ ଯାଇପାରେ । ୟୁରୋପରେ ପୂର୍ବ ଜର୍ମାନୀ, ଏସିଆରେ ଇସ୍ରାଏଲ ଓ ଭିଏତନାମ । ପ୍ରଥମୋକ୍ତ ଦେଶଟି ଆର୍ଥିକ ବିଭବ ଦୃଷ୍ଟିରୁ ପୃଥିବୀରେ ଦଶମ ସ୍ଥାନ ଅଧିକାର କରିଛି । ଶେଷୋକ୍ତ ଦେଶ ଦୁହେଁ ବୀରତ୍ୱରେ ସମଗ୍ର ବିଶ୍ୱକୁ ଚମତ୍କୃତ କରିଛନ୍ତି । ଭାରତରେ ସେହିପରି ଦୁଇଟି ରାଜ୍ୟ, ଉତ୍ତରରେ ପଞ୍ଜାବ ଓ ଦକ୍ଷିଣରେ କେରଳ । ପ୍ରଥମ ରାଜ୍ୟଟି ଆର୍ଥିକ ବିଭବ ଦୃଷ୍ଟିରୁ ବର୍ତ୍ତମାନ ଦେଶର ଶୀର୍ଷ ସ୍ଥାନରେ । ଦ୍ୱିତୀୟ ଶିକ୍ଷା କ୍ଷେତ୍ରରେ ସବୁଠାରୁ ଅଧିକ ଅଗ୍ରସର ଏବଂ ଉଭୟ ରାଜ୍ୟର ଲୋକେ ଭାରତର ସବୁଆଡ଼େ ବ୍ୟାପି ଯାଇଛନ୍ତି ।

ପ୍ରସିଦ୍ଧ ଐତିହାସିକ ଆର୍ଣଲ୍ଡ ଟୟନ୍‌ବିଙ୍କ ମତରେ ଭୌଗୋଳିକ ଅବସ୍ଥାନ ବା ଆୟତନ ଦୃଷ୍ଟିରୁ ଗୋଟିଏ ଜାତିର ଇତିହାସ ବା ବୈଶିଷ୍ଟ୍ୟ ଆଲୋଚିତ ହେବା ଉଚିତ୍ ନୁହେଁ — ସାମାଜିକ, ସାଂସ୍କୃତିକ ଦୃଷ୍ଟିକୋଣରୁ ଆଲୋଚିତ ହେବା ଉଚିତ । ତେଣୁ ଓଡ଼ିଶାର ବା ଓଡ଼ିଆ ଜାତିର ସାଂସ୍କୃତିକ ବୈଶିଷ୍ଟ୍ୟ କ'ଣ, ଯାହାକି ଏ ଜାତିକୁ ବଡ଼ କରି ପାରିଥିଲା ? ପ୍ରଥମ—ସମନ୍ୱୟ ଓ ସଂହତି । ଦ୍ୱିତୀୟ—ସଂପ୍ରସାରଣ ଓ ପ୍ରତିଯୋଗିଭାବ, ତୃତୀୟ—ସର୍ଜ୍ଜନୀ ଶକ୍ତି ।

ତିନୋଟି ଜାତିର ମିଳନ ବା ତ୍ରିବେଣୀ ସଙ୍ଗମରେ ଓଡ଼ିଆ ଜାତିର ସୃଷ୍ଟି । ଆଦିବାସୀ ବା ନିଷାଦ, ଦ୍ରାବିଡ଼ ବା ଦ୍ରମିଡ଼ ଏବଂ ଆର୍ଯ୍ୟ । ଓଡ଼ିଆ ଭାଷାରେ ବହୁ ଦ୍ରାବିଡ଼ ଓ ଆଦିବାସୀ ଶବ୍ଦ ମିଶି ଯାଇଛି । ଓଡ଼ିଆ ଲିପି ମଧ୍ୟ ଆର୍ଯ୍ୟ (ତଳପୁଚ୍ଛା) ଓ ଦ୍ରାବିଡ଼ (ଉପର ମୁଣ୍ଡ ଳା)ର ସମନ୍ୱୟର ପରିଚୟ ଦିଏ । ଓଡ଼ିଶାର ରାଜବଂଶ ମହାମେଘବାହନଙ୍କ ଭୋଇ ପର୍ଯ୍ୟନ୍ତ ବହୁ ଦ୍ରାବିଡ଼ ରାଜାମାନଙ୍କୁ ନେଇ ସୃଷ୍ଟି । ଅଧ୍ୟାପକ ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କ ମତରେ ଖାରବେଳ ଏକ ଦ୍ରାବିଡ଼ ଶବ୍ଦ । (କରବେଲ ବା କୃଷ୍ଣବର୍ଣ୍ଣ) ଖାରବେଳଙ୍କ ବହୁପରେ ଗଙ୍ଗ ବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦାକ୍ଷିଣାତ୍ୟରୁ ଆସିଥିଲେ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ତେଲେଙ୍ଗା ମୁକୁନ୍ଦ ଦେବ ବୋଲି କୁହାଯାଏ । କେବଳ ରାଜା ବା ରାଜବଂଶୀୟ ନୁହନ୍ତି, ସାଧାରଣ ଜନତାଙ୍କ ମଧ୍ୟରେ ଏହି ସମନ୍ୱୟ ସାଧିତ ହୋଇଛି । ଯେଉଁ ବୀର ପାଇକମାନେ କପିଳେନ୍ଦ୍ରଙ୍କ ଦିଗ୍‌ବିଜୟର ସୈନିକ ଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଦାକ୍ଷିଣାତ୍ୟରୁ ଆସିଥିଲେ । ଓଡ଼ିଶାର ତଥାକଥିତ ଉଚ୍ଚବର୍ଣ୍ଣର ବ୍ୟକ୍ତିମାନଙ୍କର ବହୁ ପୂର୍ବ ପୁରୁଷ କାନ୍ୟକୁବ୍‌ଜରୁ ଆସିଥିଲେ । କେବଳ ଏତିକି ନୁହେଁ, ଓଡ଼ିଶାର ନୃତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ, ଚିତ୍ରକଳା ସବୁ ନିଷାଦ, ଦ୍ରାବିଡ଼ ଓ ଆର୍ଯ୍ୟର ସମନ୍ୱୟରେ ଗଠିତ । ଓଡ଼ିଶାର ଇଷ୍ଟଦେବ ଶ୍ରୀ ଜଗନ୍ନାଥ ହେଉଛନ୍ତି ଏହି ସମନ୍ୱୟର ସର୍ବଶ୍ରେଷ୍ଠ ପ୍ରତୀକ । ସମସ୍ତ ଧର୍ମ ଓ ସଂସ୍କୃତିର ମିଳନ ଯେପରି ତାଙ୍କପାଖରେ ହିଁ ଘଟିଚି ।


ଏହି ବଳିଷ୍ଠ ସମନ୍ୱୟ ଯୋଗୁଁ ଓଡ଼ିଆ ଜାତି ମଧ୍ୟରେ ତୀବ୍ର ପ୍ରତିଯୋଗିତା ଓ ସଂପ୍ରସାରଣ ମନୋଭାବ ବିଭିନ୍ନ ଯୁଗରେ ସୃଷ୍ଟି ହୋଇ ପାରିଥିଲା । ଯେତେବେଳେ ସାମ୍ରାଜ୍ୟ ବିସ୍ତାର ଥିଲା ଯୁଗର ଧର୍ମ, ଖାରବେଳଙ୍କଠାରୁ କପିଳେନ୍ଦ୍ରଙ୍କ ପର୍ଯ୍ୟନ୍ତ ଓଡ଼ିଆ ଜାତି ଭାରତର ଶୁବଶକ୍ତ କେତେକ ଜାତିଙ୍କ ସମକକ୍ଷ ଭାବରେ ସେଥିରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲା । ନୌବାଣିଜ୍ୟ କ୍ଷେତ୍ରରେ କଳିଙ୍ଗମାନେହିଁ ପ୍ରଥମେ ଭାରତର ଦିଗ୍‌ଦର୍ଶକ ହୋଇଥିଲେ । ଜାଭା ଓ ବାଲିରେ ପ୍ରଚଳିତ କିମ୍ବଦନ୍ତୀ, ତାଳପତ୍ର ପୋଥି, ସାମାଜିକ ଆଗ୍ରର ବ୍ୟବହାର, ସ୍ଥାନ ବିଶେଷ ଓ ରାଜବଂଶର ନାମ (ଶୈଳେନ୍ଦ୍ର ବଂଶ)ରୁ ସେଠାରେ କଳିଙ୍ଗର ପ୍ରଭାବ ଐତିହାସିକମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ସେହିପରି ସିଂହଳ, ବ୍ରହ୍ମଦେଶ, ଶ୍ୟାମ ବା ଥାଇଲଣ୍ଡରେ କଳିଙ୍ଗର ନୌବାଣିଜ୍ୟର ବହୁ ପ୍ରମାଣ ବିଦ୍ୟମାନ ।

ସମନ୍ୱୟ ଓ ସଂପ୍ରସାରଣରୁ ଓଡ଼ିଆ ଜାତିର ଶକ୍ତିର ସ୍ରୋତ ଅତୁଟ ରହିଥିଲା । ସ୍ଥାପତ୍ୟରେ ଖଣ୍ଡଗିରି, ଉଦୟଗିରି, ଭୁବନେଶ୍ୱର ଓ କୋଣାର୍କର ମନ୍ଦିର, ସାହିତ୍ୟରେ ଶ୍ରୀହର୍ଷଙ୍କ ନୈଷଧ, ଭଟ୍ଟନାରାୟଣଙ୍କ ବେଣୀସଂହାର, ଅଳଙ୍କାର ଶାସ୍ତ୍ରରେ ବିଶ୍ୱନାଥ କବିରାଜ, ଆୟୁର୍ବେଦ ଶାସ୍ତ୍ରରେ ମାଧବକର, ଟୀକାରେ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣ, ବ୍ୟାକରଣରେ ମାର୍କଣ୍ଡେୟ ଭାରତ ବିଖ୍ୟାତ । ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତର ମହତ୍ତ୍ୱ ପଣ୍ଡିତ ଓ ସମାଲୋଚକଗଣ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ଧର୍ମରେ ଜଗନ୍ନାଥ ଧର୍ମ, ଶୈବ ବୈଷ୍ଣବ, ଗାଣପତ୍ୟ, ଶାକ୍ତ, ବୌଦ୍ଧ, ଶିଖ ସମସ୍ତଙ୍କୁ ଆକୃଷ୍ଟ କରିଚି ।

ଓଡ଼ିଆ ଜାତୀୟତାର ଏଇ ତିନୋଟି ଗୁଣ ଓ ବୈଶିଷ୍ଟ୍ୟ ଏବେ ବିଶେଷ ଭାବରେ ସ୍ମରଣୀୟ । ଅର୍ଥନୈତିକ ପ୍ରଗତି ଦ୍ୱାରା ବିରାଟ ପ୍ରାକୃତିକ ସଂପଦର ବିକାଶ ଏବଂ ସମନ୍ୱୟ, ପ୍ରତିଯୋଗିତା ଓ ସର୍ଜନୀ ଶକ୍ତିର ସ୍ଫୁରଣ ଦ୍ୱାରା ହିଁ ଓଡ଼ିଆ ଜାତି ଭାରତରେ ପୁଣି ତା'ର ଗୌରବାବହ ସ୍ଥାନ ଅଧିକାର କରିପାରିବ । ○○

ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ ଯେତେବେଳେ ଅସ୍ତ ହେଉ ନ ଥିଲେ, ସେତେବେଳେ ଇଂରେଜ ଜାତି ସମ୍ବନ୍ଧରେ କୁହା ଯାଉଥିଲା ଯେ ଇଟନର ଖେଳ ପଡ଼ିଆରେ ସେମାନଙ୍କର ଚରିତ୍ର ଗଠିତ ହେଉଥିଲା । ଖେଳ, କସରତ, ଶରୀର ଚର୍ଚ୍ଚାରେ ଚରମ ଉତ୍କର୍ଷ ସାଧନ ବିନା କୌଣସି ଜାତିର କେବେହେଲେ ଅଭ୍ୟୁଦୟ ହୋଇ ନାହିଁ । × × × ଯେଉଁ ଜାତି ସବୁଠାରୁ ବେଶୀ ଅଗ୍ରସର, ଶରୀର ଚର୍ଚ୍ଚାରେ ସେ ସେତିକି ଅଗ୍ରଣୀ ।

ଜାନକୀ ବଲ୍ଲଭ ପଟ୍ଟନାୟକ



ବର୍ତ୍ତମାନ ଓଡ଼ିଶା ରାଜ୍ୟ ରୂପେ ପରିଗଣିତ ହେଉଥିବା ଅଞ୍ଚଳର ବହୁ ଅଂଶ ୧୮୦୩ ମସିହାରେ ଇଷ୍ଟ ଇଣ୍ଡିଆ କଂପାନୀ ହାତକୁ ଚାଲିଗଲା ଏବଂ କାଳକ୍ରମେ ବଙ୍ଗଳାରେ ଥିବା କଂପାନୀ ଶାସନ ସଂସ୍ଥାର ପ୍ରଶାସନିକ ନିୟନ୍ତ୍ରଣାଧୀନ ହେଲା । ଭାରତର କଂପାନୀ ଅଧିକୃତ ଅଞ୍ଚଳରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା, ବିଶେଷ କରି ନିମ୍ନ ସ୍ତରରେ , ପୁଲିସ ଓ ରାଜସ୍ୱ ଅଫିସରମାନଙ୍କ ହାତରେ ଥିଲା । କାଳକ୍ରମେ କଲିକତାଠାରେ ଏକ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା କରାଗଲା । ୧୮୬୨ ମସିହାରେ କଲିକତାସ୍ଥିତ ଫୋର୍ଟ ଉଇଲିୟମଠାରେ ପ୍ରଦେଶ ଉପରେ କଲିକତା ହାଇକୋର୍ଟର ପୂର୍ବରୁ ରହିଥିବା ଆଞ୍ଚଳିକ କର୍ତ୍ତୃତ୍ୱ ଲୋପ ପାଇଲା । ୧୯୧୧ ମସିହାରେ ବିହାର ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ମାତ୍ର ୧୯୧୬ ମସିହାରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଏହି ପ୍ରଦେଶ କଲିକତା ହାଇକୋର୍ଟର କର୍ତ୍ତୃତ୍ୱାଧୀନ ହୋଇ ରହିଥିଲା ଏବଂ ପରେ ପାଟନାଠାରେ ପ୍ରତିଷ୍ଠିତ ନୂତନ ହାଇକୋର୍ଟ ଅଧୀନରେ ରହିଲା । ଉକ୍ତ ପ୍ରଦେଶରେ ଥିବା ଦେଶୀୟ ରାଜ୍ୟଗୁଡ଼ିକ ପାଟନା ହାଇକୋର୍ଟର କର୍ତ୍ତୃତ୍ୱ ଅଧୀନରେ ରହି ନ ଥିଲେ ଓ ସେମାନଙ୍କର ନିଜସ୍ୱ ନ୍ୟାୟାଳୟ ରହିଥିଲା ।

# କଟକର ନାଲିକୋଠା

ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର
ମୁଖ୍ୟ ବିଚାରପତି, ଓଡ଼ିଶା ହାଇକୋର୍ଟ

ବିଧିବଦ୍ଧଭାବେ ହାଇକୋର୍ଟ ପ୍ରତିଷ୍ଠିତ ହେଲା । ବର୍ତ୍ତମାନର ବିହାର, ବଙ୍ଗଳା ଓ ଓଡ଼ିଶା ଅନ୍ତର୍ଗତ ଅଞ୍ଚଳ ଉପରେ ଯେ କେବଳ ଏହି ହାଇକୋର୍ଟ କ୍ଷମତା ବିସ୍ତାର କରୁଥିଲା ତା'ନୁହେଁ, ପରନ୍ତୁ ବର୍ତ୍ତମାନ ଉତ୍ତର ପ୍ରଦେଶ ସହ ସାମିଲ ହୋଇଥିବା ଅନେକ ଅଂଶ ଯାହା ତତ୍କାଳୀନ ସୀମାନ୍ତ ପ୍ରଦେଶ ନାମରେ ପରିଚିତ ଥିଲା ତାହା ମଧ୍ୟ ଏହାର କର୍ତ୍ତୃତ୍ୱାଧୀନ ଥିଲା । କିଛି ବର୍ଷ ପରେ ଆହ୍ଲାବାଦଠାରେ ହାଇକୋର୍ଟ ପ୍ରତିଷ୍ଠିତ ହେବା ଫଳରେ ସୀମାନ୍ତ

ଆଇନ୍ ପରିଚଳନା କ୍ଷେତ୍ରରେ ନିଯୁକ୍ତ ଇଷ୍ଟ ଇଣ୍ଡିଆ କଂପାନୀର ଅଫିସରମାନେ ଇଂଲଣ୍ଡରେ ପ୍ରଚଳିତ ସାଧାରଣ ଆଇନର ମୌଳିକ ଭାବଧାରାକୁ ଭାରତରେ ପ୍ରବର୍ତ୍ତନ କଲେ । ଦେଶର ସଂଖ୍ୟାଗରିଷ୍ଠ ଜନସାଧାରଣ ରୂପେ ପରିଚିତ ହିନ୍ଦୁ ଓ ମୁସଲମାନଙ୍କର ପରଂପରାଗତ ନିୟମାବଳୀକୁ ଇଂଲଣ୍ଡରେ ପ୍ରଚଳିତ ସାଧାରଣ ଆଇନର ପୃଷ୍ଠଭୂମି ଓ ଭାବଧାରାକୁ ପାଥେୟ କରି ବିବେଚନା କରାଗଲା ଓ ଏହା ଫଳରେ ମିଶ୍ରିତ

ବିଧିଶାସନର କ୍ରମ ବିକାଶ ହେଲା । ବମେର ସେ କାଳର ରାଜ୍ୟପାଳ ୧୬୭୨ ମସିହାର ପ୍ରାରମ୍ଭରେ ବସ୍ଟୋସ୍ଥିତ ଏକ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବରେ ନିମ୍ନୋକ୍ତ ମତ ପ୍ରଦାନ କରିଥିଲେ ଯେ–

"ଆଇନଗୁଡ଼ିକୁ ଯଥାଯଥ ତଥା ନିରପେକ୍ଷ ଭାବେ କାର୍ଯ୍ୟକାରୀ କରା ନ ଗଲେ ସେଗୁଡ଼ିକର ବାସ୍ତବ ଶକ୍ତି ଓ ନ୍ୟାୟଗତ ଗୁଣାଧାର ନଷ୍ଟ ହୋଇଯାଏ ଓ ସେଗୁଡ଼ିକ ମୃତବତ୍ ହୋଇ କ୍ରମଶଃ ଶକ୍ତିହରା ହୋଇ ପଡ଼ନ୍ତି ।"

ସଂପୃକ୍ତ ବ୍ୟବସ୍ଥାର ସାଧାରଣ ଆଇନ ପୃଷ୍ଠଭୂମି ସଂପର୍କରେ ଏହି ବିବରଣୀରୁ ସୂଚନା ମିଳିଥାଏ ।

୧୯୩୫ ମସିହା ଭାରତ ଶାସନ ଆଇନ୍ ବଳରେ ୧୯୩୬ ଅପ୍ରେଲ ପହିଲାଠାରୁ ଓଡ଼ିଶା ପ୍ରଦେଶ ପୃଥକ୍ ହେଲା । ମାତ୍ର ଓଡ଼ିଶା ପ୍ରଦେଶ, ଯାହାକି ସେ ପର୍ଯ୍ୟନ୍ତ ଦେଶୀୟ ରାଜ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରି ନ ଥିଲା, ପୂର୍ବଭଳି ପାଟନା ହାଇକୋର୍ଟ ଅଧୀନରେ ରହିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ପରେ, ଏକ ପୃଥକ୍ ହାଇକୋର୍ଟ ପ୍ରତିଷ୍ଠା କରାଯିବା ନିମନ୍ତେ ସ୍ୱର ଉତ୍ତୋଳନ କରାଗଲା । ଦ୍ୱିତୀୟ ମହାସମର ସମୟରେ ଦାୟିତ୍ୱରେ ଥିବା ମିଳିତ ମନ୍ତ୍ରୀମଣ୍ଡଳ ଦ୍ୱାରା ୧୯୪୨ ମସିହା ଅଗଷ୍ଟ ୧୫ ତାରିଖରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ପ୍ରଦେଶର ତତ୍‌କାଳୀନ ଆଡ଼ଭୋକେଟ ଜେନେରାଲ ସ୍ୱର୍ଗତ ବୀରକିଶୋର ରାୟଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପାଇଁ ଏକ ପୃଥକ୍ ହାଇକୋର୍ଟ ପ୍ରତିଷ୍ଠା କରିବାର ସମ୍ଭାବନା ସଂପର୍କରେ ସୁପାରିଶ କରିବା ନିମନ୍ତେ ଏକ କମିଟି ଗଠନ କରାଗଲା । ଏହି କମିଟି ଦେଇଥିବା ରିପୋର୍ଟ ୧୯୪୩ ଡିସେମ୍ବର ୨୭ ତାରିଖ ସରକାରୀ ପ୍ରସ୍ତାବ ଅନୁଯାୟୀ ୧୯୪୩ ଡିସେମ୍ବର ୩୧ ସଂଖ୍ୟା ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଥିଲା । ଏ ସଂପର୍କରେ ଉକ୍ତ କମିଟି ଯେଉଁ ମତାମତ ଦେଇଥିଲେ ତାହା ହେଉଛି :

"ଏହି କମିଟି ପ୍ରସଙ୍ଗ ବହିର୍ଭୂତ ଦୁଇଗୋଟି ବିଷୟ ବିଚାର ନ କରି ଚୂଡ଼ାନ୍ତ ରିପୋର୍ଟ ଦେଇ ପାରିବା ସମ୍ଭବ ମନେ ହେଉନାହିଁ । ପ୍ରଥମଟି ହେଉଛି ଓଡ଼ିଶାର ଗଡ଼ଜାତ ରାଜ୍ୟ ସଂପର୍କରେ ବ୍ରିଟିଶ୍ ଶାସନାଧୀନ ଓଡ଼ିଶାରେ ପ୍ରଦେଶ ଓ ଗଡ଼ଜାତ ରାଜ୍ୟକୁ ମିଶାଇ ଏକ ମିଳିତ ହାଇକୋର୍ଟ ପ୍ରତିଷ୍ଠା କରାଯାଇ ପାରେ ବୋଲି ବହୁ ଦିନରୁ ଆଶା କରାଯାଉଛି । କମିଟି ହୃଦୟଙ୍ଗମ କରନ୍ତି ଯେ ଏ ଦିଗରେ ସାମ୍ବିଧାନିକ ଅସୁବିଧା ରହିଛି, ଯଦିଓ ଏହି କମିଟି ଅନୁଭବ କରନ୍ତି ଯେ ଏହା ଏଡ଼ାଇ ଦିଆଯାଇନପାରେ ଓ ଏହି ପ୍ରଶ୍ନଟି ପ୍ରାଦେଶିକ ସରକାରଙ୍କ କ୍ଷମତା ବହିର୍ଭୂତ । ଅପର ପକ୍ଷରେ ମିଳିତ ହାଇକୋର୍ଟର ବାସ୍ତବ ସୁବିଧା ଏତେ ସୁସ୍ପଷ୍ଟ ଯେ ଏହା ନିଶ୍ଚିତ ଭାବେ ବୁଝିବାକୁ ହେବ । ଦ୍ୱିତୀୟ ବିଷୟଟି ହେଉଛି ହାଇକୋର୍ଟର ଜଜ୍ ନିଯୁକ୍ତି ସଂପର୍କରେ । ପ୍ରଥମ ତିନିଜଣ ଜଜ୍ ନିଯୁକ୍ତି କ୍ଷେତ୍ରରେ, ଜଣେ ବିଲାତି ବାରିଷ୍ଟର, ଜଣେ ଭାରତୀୟ ବାରିଷ୍ଟର ଓ ଜଣେ ଭାରତୀୟ ସିଭିଲ ସର୍ଭିସ୍‌ରୁ ବଛାଯିବା ଉଚିତ ବୋଲି ସେମାନେ ସୁପାରିଶ କରନ୍ତି । ବିଲାତି ବାରିଷ୍ଟର ମୁଖ୍ୟ ବିଚାରପତି ହେବା ସେମାନେ ଅଧିକ ପସନ୍ଦ କରନ୍ତି ।

କମିଟି ବର୍ତ୍ତମାନ ସେମାନଙ୍କର ଦାୟିତ୍ୱର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି । କମିଟି ଯେଉଁ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ତାହାକୁ ପୁନର୍ବାର ବୟାନ କରିବା କେବଳ ବାକି ରହିଛି । ସେଗୁଡ଼ିକ ହେଲା –

୧। ଏକ ସ୍ୱତନ୍ତ୍ର ହାଇକୋର୍ଟ ସୃଷ୍ଟି ହେବା ଫଳରେ ପ୍ରାଦେଶିକ ସଂସ୍ଥା ଲୋପ ପାଇବ ଏବଂ ନ୍ୟାୟ ପ୍ରଦାନ ଅଧିକ ଗତିଶୀଳ ତଥା ସୁବିଧାଜନକ ହେବ;

୨। ଏ ବାବଦ ବ୍ୟୟ, ରାଜସ୍ୱ ସମାଜଠାରୁ ଅଧିକ ନୁହେଁ ; ଏବଂ

୩। କମିଟି ଯେଉଁ ଧରଣର ନ୍ୟାୟାଳୟ ପ୍ରତିଷ୍ଠା ନିମନ୍ତେ ପରାମର୍ଶ ଦେଇଛନ୍ତି, କା... ପରିସ୍ଥିତି ଦୃଷ୍ଟିରୁ ଏକ ନ୍ୟାୟାଳୟ ସ୍ଥାପନ ନିମନ୍ତେ ଏହା ଯଥେଷ୍ଟ ।"

ଏହି ପ୍ରାରମ୍ଭିକ କାର୍ଯ୍ୟ ଯଦିଓ କରାଯାଇଥିଲା, ଓଡ଼ିଶା ପାଇଁ ଏକ ହାଇକୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ୧୯୩୫ ମସିହା ଭାରତ ଶାସନ ଆଇନର ୨୨୯ (୧) ଧାରା ଅନୁଯାୟୀ ଆବଶ୍ୟକ ଦାବୀପତ୍ର ୧୯୪୮ ମାର୍ଚ୍ଚ ୩ ତାରିଖ ସୁଦ୍ଧା ତତ୍‌କାଳୀନ ଗଭର୍ଣ୍ଣର ଜେନେରାଲଙ୍କ ନିକଟରେ ଉପସ୍ଥାପନ କରିବା ସକାଶେ ପ୍ରାଦେଶିକ ଗଭର୍ଣ୍ଣରଙ୍କୁ ଦିଆଯାଇ ପାରି ନ ଥିଲା । ୧୯୪୭ ମସିହା ଭାରତୀୟ ସ୍ୱାଧୀନତା ଆଇନ୍ ଅନୁଯାୟୀ, ସେତେବେଳକୁ ପ୍ରଶାସନିକ ଢାଞ୍ଚାର ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଥିଲା । ଯଦିଓ ସଂଶୋଧନ ସହ ୧୯୩୫ ମସିହା ଆଇନ୍ ସେ ପର୍ଯ୍ୟନ୍ତ ବଳବତ୍ତର ଥିଲା । ୧୯୪୮ ଅପ୍ରେଲ ୩୦ ତାରିଖରେ ଗଭର୍ଣ୍ଣର-ଜେନେରାଲ ୧୯୪୮ ଓଡ଼ିଶା ହାଇକୋର୍ଟ ଆଦେଶନାମା ଘୋଷଣା କଲେ । ଏହାର ମୁଖବନ୍ଧ ନିମ୍ନରେ ପ୍ରଦତ୍ତ ହେଲା ।

"ଏହିକି ଯେ ଓଡ଼ିଶା ବ୍ୟବସ୍ଥାପକ ସଭା ୧୯୪୮ ମାର୍ଚ୍ଚ ୩ ତାରିଖ ଦିନ ଓଡ଼ିଶା ପ୍ରଦେଶ ପାଇଁ ଗୋଟିଏ ହାଇକୋର୍ଟ ପ୍ରତିଷ୍ଠା କରାଯିବା ସଂକ୍ରାନ୍ତୀୟ ଏକ ଦାବୀପତ୍ର ଗଭର୍ଣ୍ଣର ଜେନେରାଲଙ୍କ ନିକଟରେ ଉପସ୍ଥାପିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟପାଳଙ୍କୁ ଅର୍ପଣ କରିଥିଲେ ଏବଂ ଏହି ଦାବୀପତ୍ର ଗଭର୍ଣ୍ଣର-ଜେନେରାଲଙ୍କ ନିକଟରେ ଦାଖଲ କରାଯାଇଛି :

ଏଣୁ ବର୍ତ୍ତମାନ ୧୯୩୫ ମସିହା ଭାରତ ଶାସନ ଆଇନର ୨୨୯ ଧାରାର (୧) ଉପଧାରା ଅନୁଯାୟୀ ଦିଆଯାଇଥିବା କ୍ଷମତା ବଳରେ ଯାହାକି ୧୯୪୮ ମସିହା ଭାରତୀୟ ଅସ୍ଥାୟୀ ସମ୍ବିଧାନ (ସଂଶୋଧନ) ଆଦେଶନାମାରୁ ଗୃହୀତ, ତଦନୁଯାୟୀ ଗଭର୍ଣ୍ଣର-ଜେନେରାଲ ନିମ୍ନୋକ୍ତ ଆଦେଶ ପ୍ରଦାନ କରୁଛନ୍ତି ।"

୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠିତ ହେଲା । ୧୯୪୮ ଜାନୁୟାରୀ ପହିଲାଠାରୁ ମୟୂରଭଞ୍ଜ ବ୍ୟତୀତ ଓଡ଼ିଶାର ସମସ୍ତ ଗଡ଼ଜାତ ରାଜ୍ୟ, ପ୍ରଦେଶ ସହ ସାମିଲ ହୋଇ ସାରିଥିଲେ । ତେଣୁ କମିଟି ତାଙ୍କ ରିପୋର୍ଟରେ ଦର୍ଶାଇଥିବା ସାମ୍ବିଧାନିକ ସମସ୍ୟା ଆଉ ରହିଲା ନାହିଁ । ୧୯୪୯ ଜାନୁୟାରୀ ପହିଲାଠାରୁ ମୟୂରଭଞ୍ଜ ଓଡ଼ିଶା ପ୍ରଦେଶ ସହ ସାମିଲ ହେଲା । ନୂତନ ହାଇକୋର୍ଟ ଉଦ୍‌ଘାଟନ କରିବା ପାଇଁ ଭାରତର ଫେଡେରାଲ କୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର କାନିଆ ଆସିଥିଲେ । ଓଡ଼ିଶାବାସୀଙ୍କ ବହୁ ଦିନର ଆକାଂକ୍ଷା ପୂରଣ ହେଲା ।



ଛଅଜଣ ବିଚାରପତିଙ୍କୁ ନେଇ କୋର୍ଟ ଆରମ୍ଭ ହୋଇଥିଲା । ତତ୍କାଳୀନ ପାଟନା ହାଇକୋର୍ଟର ବିଚାରପତି ଶ୍ରୀ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ରୂପେ ଯୋଗଦେଲେ । ଅନ୍ୟ ତିନି ଜଣ ହେଲେ- ମାଡ୍ରାଜରେ ଓକିଲାତି କରିଥିବା ଜଷ୍ଟିସ୍ ବି. ଜଗନ୍ନାଥ ଦାସ, ତତ୍କାଳୀନ ଆଡ଼ଭୋକେଟ-ଜେନେରାଲ ଜଷ୍ଟିସ୍ ଲିଙ୍ଗରାଜ ପାଣିଗ୍ରାହୀ ଏବଂ ଭାରତୀୟ ସିଭିଲ୍ ସର୍ଭିସର ଜଣେ ସଦସ୍ୟ ଜଷ୍ଟିସ ଆଇ. ଏଲ. ନରସିଂହମ ।

୧୯୪୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶରେ ମାତ୍ର ଦୁଇଜଣ ଜିଲ୍ଲା ଜଜ ଥିଲେ । ଏଥିମଧ୍ୟରୁ ଜଣେ ହେଉଛନ୍ତି ବିହାର-ଓଡ଼ିଶା ମିଳିତ କ୍ୟାଡ଼ରଭୁକ୍ତ ଭାରତୀୟ ସିଭିଲ୍ ସର୍ଭିସର ସଦସ୍ୟ ଓ ଅନ୍ୟ ଜଣେ ପ୍ରାଦେଶିକ ଜୁଡ଼ିସିଆଲ୍ ସର୍ଭିସର ପଦୋନ୍ନତି ପ୍ରାପ୍ତ ସଦସ୍ୟ । ୧୯୩୬ ମସିହାରେ ବିହାରଠାରୁ ସବ୍‌ଅର୍ଡିନେଟ୍ ଜଜ୍ ଓ ମୁନ୍‌ସିଫ୍‌ମାନଙ୍କ କ୍ୟାଡ଼ର ପୃଥକ ହୋଇଥିଲା । ସ୍ଥାପିତ ହୋଇଥିବା ପାଟନା ହାଇକୋର୍ଟର ହୁକୁମନାମା ଚିଠା ଅନୁଯାୟୀ ୧୯୪୮ ମସିହାରେ ଯଦିଓ ହାଇକୋର୍ଟ ପ୍ରତିଷ୍ଠା କରାଗଲା, ପାଟନା ହାଇକୋର୍ଟର ଜଣେ କିମ୍ବା ତତୋଧିକ ଜଜ୍ ଓଡ଼ିଶା ଯାଇ ସେଠାରେ ସର୍କିଟ୍ କୋର୍ଟ କରିବାପାଇଁ ବ୍ୟବସ୍ଥା ବହୁଦିନ ରହିଥିଲା । ବର୍ତ୍ତମାନର ନାଲିକୋଠାରେ ୧୯୧୬ ମଇ ୮ ତାରିଖ ଦିନ କଟକ ସର୍କିଟ୍ କୋର୍ଟର

ପ୍ରଥମ ଶୁଣାଣି ଆରମ୍ଭ ହୋଇଥିଲା ତତ୍‌କାଳୀନ ବାର ଆସୋସିଏସନ୍‌ର ସଭାପତି କୁଳବୃଦ୍ଧ ମଧୁସୂଦନ ଦାସ ଆନନ୍ଦ ଓ କୃତଜ୍ଞତାପୂର୍ଣ୍ଣ ଭାବାବେଗ ମଧ୍ୟରେ ଏହି ଆରମ୍ଭକୁ ସ୍ୱାଗତ ଜଣାଇଥିଲେ । ଓକିଲସଂଘ ପକ୍ଷରୁ ଦିଆଯାଇଥିବା ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ ମାନ୍ୟବର ମୁଖ୍ୟ ବିଚାରପତି ସ୍କମିୟର୍ସ କହିଲେ ଯେ,

"ଆପଣମାନେ ସେହି ସମୟକୁ ଅପେକ୍ଷା କରନ୍ତୁ ଯେତେବେଳେକି ଏକ ସ୍ଥାୟୀ ବେଞ୍ଚ ବିଶିଷ୍ଟ କୋର୍ଟ ଏହି ସର୍କିଟ କୋର୍ଟର ସ୍ଥାନ ଗ୍ରହଣ କରିବ । ଏହା ନ ହେବ ବୋଲି କିଏ କହିବ ? ମାତ୍ର ନିକଟ ଭବିଷ୍ୟତରେ ଏପରି ଏକକବେଞ୍ଚ ଗଠିତ ହେବ ନାହିଁ ଏବଂ ବର୍ତ୍ତମାନ ପାଇଁ ଆମେ ଭାରତରେ ଏ ଧରଣର ପ୍ରଥମ ତଥା ଏକ ପ୍ରକାରର ପରୀକ୍ଷାମୂଳକ ସର୍କିଟ୍ କୋର୍ଟ ସହିତ ସଂପୃକ୍ତ । ମୋ ଅନୁଭୂତି ଭିତରେ, ଅନ୍ୟ ଏକ ପ୍ରଦେଶ ପାଇଁ ଏତାଦୃଶ ବ୍ୟବସ୍ଥା ଗ୍ରହଣ ନିମନ୍ତେ ପ୍ରସ୍ତାବ ଥିଲା ଏବଂ ଏହାର କାର୍ଯ୍ୟକାରିତା ପ୍ରତି ସଂଶୟ ଥିବା ଦୃଷ୍ଟିରୁ ବାତିଲ କରାଯାଇଥିଲା । କେବଳ ଆପଣମାନଙ୍କ ସହଯୋଗହିଁ ଏହି କୋର୍ଟ ସଫଳ ହୋଇପାରିବ ।"

ଯେଉଁଠି ଏକଦା ସର୍କିଟ କୋର୍ଟ ବସୁଥିଲା ଏବଂ ଯେଉଁଠାରେ ଜିଲ୍ଲା ଜଜ୍ ଓ ଅନ୍ୟାନ୍ୟ ତଳିଆ କୋର୍ଟ ଥିଲା ସେହି ଲାଲକୋଠିରେ ଶେଷରେ ହାଇକୋର୍ଟରେ ହେଲା ।

ଉକ୍ତ ସର୍କିଟ କୋର୍ଟରେ ପାଟନା ହାଇକୋର୍ଟର ଖ୍ୟାତନାମା ମୁଖ୍ୟ ବିଚାରପତିଗଣ-ସାର ଏଡ୍‌ୱାର୍ଡ ସ୍କମିୟର୍ସ, ସାର ଡସନ୍ ମିଲ୍‌ର, ସାର କୋର୍ଟନି-ଟେରେଲ, ସାର୍ ଅର୍ ଥର ଟ୍ରେଭୋର ହାରିସଙ୍କ ସମେତ ଅନ୍ୟାନ୍ୟ ପ୍ରଖ୍ୟାତ ଜଜ୍ ଯଥା –ଜଷ୍ଟିସ୍ ବି. କେ ମଲ୍ଲିକ, ଜଷ୍ଟିସ ରୋଏ, ଜଷ୍ଟିସ ଫଜଲ ଅଲି (ପରବର୍ତ୍ତୀ କାଳରେ ସୁପ୍ରିମ୍ କୋର୍ଟ ଜଜ୍ ଓ ଓଡ଼ିଶାର ରାଜ୍ୟପାଳ ହୋଇଥିଲେ ।) ଜଷ୍ଟିସ ସାର୍ ସି.ଏମ୍. ଅଗ୍ରୱାଲ ଜଷ୍ଟିସ୍ ଧାର୍‌ଲେ, ଜଷ୍ଟିସ ମେରେଡିଥ୍, ଜଷ୍ଟିସ୍ ବି. ପି. ସିହ୍ନା (ପରବର୍ତ୍ତୀ କାଳରେ ଭାରତର ପ୍ରଧାନ ବିଚାରପତି) ଏବଂ ଜଷ୍ଟିସ ଏସ୍. କେ. ଦାସ (ପରବର୍ତ୍ତୀ କାଳରେ ସୁପ୍ରିମକୋର୍ଟ ଜଜ୍) ପ୍ରଭୃତି ଆସନ ଅଳଂକୃତ କରିଥିଲେ । ଖ୍ୟାତି ସଂପନ୍ନ ଆଇନଜ୍ଞ ଯଥା –କୁଳବୃଦ୍ଧ ମଧୁସୂଦନ ଦାସ, ସାର ରାସବିହାରୀ ଘୋଷ, ସାର ହାସାନ୍ ଇମାମ୍, ଡଃ ଡି. ଏନ୍. ମିତ୍ର, ସାର ସୁଲତାନ ଅହମଦ ପ୍ରଭୃତି ମଧ୍ୟ ବହୁବାର ଏହି କୋର୍ଟରେ ଜବାବ ସୁଆଲ କରିଥିଲେ । ସର୍କିଟ କୋର୍ଟରେ ବିଚାର ହୋଇଥିବା କେତେକ ମାମଲା ପ୍ରସିଦ୍ଧି ଲାଭ କରିଥିଲା । ସେଗୁଡ଼ିକ ମଧ୍ୟରେ ଡମପଡ଼ା ପୋଷ୍ୟପୁତ୍ର ଗ୍ରହଣ ନେଇ ବିବାଦ (ଅମରେନ୍ଦ୍ର ମାନସିଂହ ଭ୍ରମରବର ଓ ଅନ୍ୟ ଜଣେ ବନାମ ସନାତନ ସିଂହ ଓ ଅନ୍ୟାନ୍ୟ, ଏ. ଆଇ. ଆର ୧୯୩୩ ପ୍ରିଭି କାଉନସିଲ୍, ୧୫୫), ମଙ୍ଗଳପୁର ମାମଲା (ଭମାକାନ୍ତ ଦାସ, ବୈରାଗଞ୍ଜନ ଭୂର୍ଯ୍ୟ ମହାପାତ୍ର ବନାମ ବିଶ୍ୱମ୍ବର ଦାସ ମହାପାତ୍ର, ଏ.ଆଇ.ଆର ୧୯୨୯ ପାଟନା, ୪୦୧) ଏବଂ ପାଇକପଡ଼ା ମାମଲା (ହେମମୁଖୀ ଦାସୀ ବନାମ ପର୍ଶୁରାମ ବିଧାର ଓ ଅନ୍ୟାନ୍ୟ, ଏ. ଆଇ. ଆର ୧୯୩୩ ପାଟନା, ୭୪) ପ୍ରଭୃତି ଆଇନ୍ କ୍ଷେତ୍ରରେ ବିଶେଷ ଉଲ୍ଲେଖଯୋଗ୍ୟ ସେତେବେଳେ ସୁଦୂର ପାଟନାଠାରେ ହାଇକୋର୍ଟ ଯଦିଓ ରହିଥିଲା, ସର୍କିଟ କୋର୍ଟଠାରେ ଉଚ୍ଚ ପରଂପରା ଗଢ଼ି ଉଠିଥିଲା ଏବଂ ଓଡ଼ିଶାରେ ହାଇକୋର୍ଟ ସ୍ଥାପିତ ହେବାବେଳକୁ ଏକ ସମୃଦ୍ଧ ଓକିଲ ସଂଘଟ ସୃଷ୍ଟି ହୋଇସାରିଥିଲା । ଏଣୁ ପ୍ରବଳ ଉତ୍ସାହ ତଥା ପ୍ରଗାଢ଼ କର୍ତ୍ତବ୍ୟନିଷ୍ଠା ମଧ୍ୟରେ ଏବଂ ପ୍ରଥମ ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀ ବି. କେ. ରାୟଙ୍କ ଦକ୍ଷ ନେତୃତ୍ୱରେ କୋର୍ଟ କାର୍ଯ୍ୟ ଆରମ୍ଭ ହେଲା ଏବଂ କର୍ତ୍ତବ୍ୟ ସଂପାଦନ ପଥରେ ଅଗ୍ରସର ହେଲା ।

ପ୍ରାରମ୍ଭରେ, ଏହି କୋର୍ଟରେ ମାତ୍ର ଚାରିଜଣ ଜଜ ଥିଲେ । ଏହି ଚାରିଜଣ ଜଜ୍‌ଙ୍କୁ ନେଇ କୋର୍ଟ ବହୁବର୍ଷଧରି ଚାଲିଲା । ସାତଜଣ ସ୍ଥାୟୀ ଜଜ୍ ଓ ଜଣେ ଅତିରିକ୍ତ ଜଜ୍ ନିଯୁକ୍ତିପାଇଁ ପରିବେଶ ସୃଷ୍ଟି ହେବା ପର୍ଯ୍ୟନ୍ତ ପ୍ରଥମେ ଜଜ୍ ସଂଖ୍ୟା ୫ ଓ ତା'ପରେ ୬କୁ ବୃଦ୍ଧି ପାଇଥିଲା ।

ସମ୍ବିଧାନ ପ୍ରଣୟନ ପରେ, ଶାସନ ବିଭାଗଠାରୁ ବିଚାର ବିଭାଗ ପୃଥକ ହେବାର ପ୍ରଶ୍ନ ଉଠିଲା । ଏହି ପୃଥକୀକରଣ ନିମନ୍ତେ ଆବଶ୍ୟକ ପରିକଳ୍ପନା ପ୍ରସ୍ତୁତ କରିବାପାଇଁ ଜଷ୍ଟିସ୍ ଆର୍. ଏଲ୍. ନରସିଂହମ ଓ ତତ୍‌କାଳୀନ ରାଜସ୍ୱ ବୋର୍ଡର ଅଧ୍ୟକ୍ଷ ଶ୍ରୀ ଏନ୍. ସେନାପତିଙ୍କୁ ନେଇ ଗୋଟିଏ ଛୋଟିଆ କମିଟି ଗଠିତ ହେଲା ଏବଂ ଜଷ୍ଟିସ ନରସିଂହମ୍‌ଙ୍କର ବିଶେଷ ଆଗ୍ରହ ହେତୁ ପୃଥକୀକରଣ ପରିକଳ୍ପନା ତ୍ୱରାନ୍ୱିତ ହେଲା ଓ ବିଶେଷ ସୁଫଳ ମିଳିଲା ।

ଗଡ଼ଜାତ ରାଜ୍ୟ ମିଶ୍ରଣ ସଙ୍ଗେ ସଙ୍ଗେ ରାଜ୍ୟର ପୁନର୍ଗଠନପରେ ଓଡ଼ିଶା ତେରଗୋଟି ଜିଲ୍ଲାରେ ପରିଣତ ହେଲା । ପ୍ରତ୍ୟେକ ରାଜସ୍ୱ ଜିଲ୍ଲାରେ ଜଣେ ଲେଖାଏଁ ଜିଲ୍ଲା ଜଜ୍ ନରହି, ବିଚାର ବିଭାଗ କ୍ଷେତ୍ରରେ ମିଳିତ ଜିଲ୍ଲା ମାନଙ୍କ ପାଇଁ ଜିଲ୍ଲା ଜଜ୍ ନିଯୁକ୍ତ ହେଲେ । ସପ୍ତମ ଅର୍ଥ କମଶନଙ୍କ ସୁପାରିଶକୁ ଭିତ୍ତିକରି କେନ୍ଦ୍ର ସରକାର ମଞ୍ଜୁର କରିଥିବା ଅର୍ଥରେ ଏହି ବର୍ଷ କେଉଁଝର ଓ କଳାହାଣ୍ଡି ଜିଲ୍ଲାରେ ନୂତନ ଜଜ୍ କୋର୍ଟ ଖୋଲଯାଇଛି । ଏହିଭଳିଭାବେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୩ଗୋଟି ଜିଲ୍ଲାରୁ ୧୨ଟି ଜିଲ୍ଲାରେ ନିଜସ୍ୱ ଜିଲ୍ଲା ଜଜ୍ ଅଛନ୍ତି ଏବଂ ଅବଶିଷ୍ଟ ଫୁଲବାଣୀ ଜିଲ୍ଲାପାଇଁ ଜଣେ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟ ଖୋଲିଦିବା ସକାଶେ ହାଇକୋର୍ଟ ପଦକ୍ଷେପ ନେଇଛନ୍ତି । ନୀତିଗତଭାବେ , ପ୍ରତ୍ୟେକ ସବ୍‌ଡିଭିଜନ ପାଇଁ ସବ୍‌ଅର୍ଡିନେଟ୍ ଜଜ୍‌ଙ୍କ କୋର୍ଟ ପ୍ରତିଷ୍ଠା କରାଯାଇଛି । ବର୍ତ୍ତମାନପାଇଁ ୧୯ ଗୋଟି ନୂତନ କୋର୍ଟ ମଂଜୁର କରାଯାଇଛି । ଆଭ୍ୟନ୍ତରୀଣ ଅଞ୍ଚଳରେ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଏଥିମଧ୍ୟରେ ଅନ୍ତର୍ଭୁକ୍ତ । ଅର୍ଥନୈତିକ ଅନଗ୍ରସର ଜନସାଧାରଣ ବସବାସ କରୁଥିବା ଗ୍ରାମାଞ୍ଚଳରେ ଅଳ୍ପ ଖର୍ଚ୍ଚରେ ଶୀଘ୍ର ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ହାଇକୋର୍ଟ ଓ ରାଜ୍ୟ ସରକାର ଏକ ପରିକଳ୍ପନା ପ୍ରସ୍ତୁତ କରିଛନ୍ତି ଏବଂ ଏହା କାର୍ଯ୍ୟକାରୀ କରିବା ନିମନ୍ତେ ବହୁ ନୂତନ କୋର୍ଟ ବସାଯାଇଛି ।

କୋର୍ଟ ସ୍ଥାପିତ ହେବାର ୪୪ ବର୍ଷ ମଧ୍ୟରେ ଅଦ୍ୟାବଧି ୧୦ ଜଣ ମୁଖ୍ୟ ବିଚାରପତି ହୋଇଛନ୍ତି । ହାଇକୋର୍ଟ ପ୍ରତିଷ୍ଠା ସମୟରେ ଯେଉଁ କ୍ରମରେ ଆସନ ଗ୍ରହଣ କରିଥିଲେ ସେମାନେ ପ୍ରତ୍ୟେକ କାଳକ୍ରମେ ଏହାର ମୁଖ୍ୟ ବିଚାରପତି ରୂପେ ଅଧିଷ୍ଠିତ ହୋଇଛନ୍ତି । ମାନ୍ୟବର ଜଷ୍ଟିସ ବି. ଜଗନ୍ନାଥ ଦାସ ସୁପ୍ରିମ କୋର୍ଟକୁ ପଦୋନ୍ନତି ପାଇଥିଲେ । ମାନ୍ୟବର ଜଷ୍ଟିସ ନରସିଂହମ ଏହି କୋର୍ଟରେ ଦୀର୍ଘ ଆଠବର୍ଷକାଳ ମୁଖ୍ୟ ବିଚାରପତି ରହିବା ପରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇ ଯାଇଥିଲେ । ମାନ୍ୟବର ଜଷ୍ଟିସ ଖଲିଲ ଅହମ୍ମଦ ପାଟନା ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ମୁଖ୍ୟ ବିଚାରପତିରୂପେ ଆସିଥିଲେ । କଲିକତା ଓକିଲସଂଘରୁ ଆସିଥିବା ମାନ୍ୟବର ଜଷ୍ଟିସ ଏସ୍. ବର୍ମନ ମୁଖ୍ୟ ବିଚାରପତି ମାନ୍ୟବର ଜଷ୍ଟିସ୍ ଖଲିଲ ଅହମ୍ମଦଙ୍କ ପରେ ମୁଖ୍ୟ ବିଚାରପତିଙ୍କ ଆସନ ଅଳଂକୃତ କରିଥିଲେ । ଦିଲ୍ଲୀ ହାଇକୋର୍ଟର ମାନ୍ୟବର ଜଷ୍ଟିସ ଶ୍ରୀ ଏସ୍. ଏନ୍. ଶଙ୍କର ମଧ୍ୟ ପ୍ରାୟ ୨ବର୍ଷ ପାଇଁ ଏହାର ମୁଖ୍ୟ ବିଚାରପତି ଥିଲେ ।

ପ୍ରାରମ୍ଭରୁ ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ନେଇ ମକଦ୍ଦମାମାନ ବିଚାର ପାଇଁ ହାଇକୋର୍ଟରେ ଉପସ୍ଥାପିତ ହେବାକୁ ଲାଗିଲା । କୋର୍ଟ ଉପସ୍ଥାପିତ ହେବାର ଏକ ମାସ ମଧ୍ୟରେ ଅର୍ଥାତ୍ ୧୯୪୮ ମସିହା ଅଗଷ୍ଟ ମାସରେ ଓଡ଼ିଶା ଜନସାଧାରଣ ଶୃଙ୍ଖଳା ପରିଚାଳନା ଆଇନ ସଂପୃକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରଶ୍ନର ଫଏସଲା ନିମନ୍ତେ ଆବେଦନ କରାଯାଇଥିଲା । ସରଧାକର ନାଏକ ଓ ଅନ୍ୟ ତିନିଜଣ ବନାମ ରାଜା, ଆଇ. ଏଲ୍. ଆର ୧୯୪୯ କଟକ, ପୃଷ୍ଠା ୧ ମାମଲାରେ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ତିନିଜଣ ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର ବେଞ୍ଚ ଗଠିତ ହୋଇଥିଲା । ଏହି ସ୍ୱତନ୍ତ୍ର ବେଞ୍ଚର ଅଧ୍ୟକ୍ଷତା କରି ମୁଖ୍ୟ ବିଚାରପତି ଯେଉଁ ବିଧିସମ୍ମତ ରାୟ ପ୍ରଦାନ କରିଥିଲେ ତାହା ଏବେବି ବିଚାର କ୍ଷେତ୍ରରେ ଏକ ବଳିଷ୍ଠ ନଜିର ହୋଇ ରହିଛି ଏହାପରେ ଏକ ସ୍ୱୀକାରୋକ୍ତି ମନ୍ତବ୍ୟ ଓ ଫୌଜଦାରୀ ଆଇନ୍‌ର ୧୬୪ ଧାରା କାର୍ଯ୍ୟ ପରିସର ବିଚାର ଲାଗି ଆସିଥିଲା । ବାଲ୍ଲ ମାଝୀ ବନାମ ଓଡ଼ିଶା ରାଜ୍ୟ, ଏ.ଆଇ. ଆର. ୧୯୫୧ ଓଡ଼ିଶା, ପୃଷ୍ଠା ୧୬୮ (ଏଫ.ବି)ର ମାମଲାରେ ଏକ ପୂର୍ଣ୍ଣାଙ୍ଗ ବେଞ୍ଚ ବସିଥିଲା ଓ ଉକ୍ତ ବେଞ୍ଚ ଦକ୍ଷତାର ସହିତ ମାମଲାଟିର ଫଏସଲା କରିଥିଲେ । ୧୯୩୭ ମସିହା ହିନ୍ଦୁ ନାରୀର ସମ୍ପତ୍ତିରେ ଅଧିକାର ଆଇନ୍‌ର ୩ ଧାରାର ବ୍ୟାଖ୍ୟା ସମ୍ପର୍କରେ ପ୍ରଶ୍ନ ରାଧୀ ବେଓ୍ବା ଓ ଅନ୍ୟମାନେ ଏ. ଆଇ. ଆର. ୧୯୫୧ ଓଡ଼ିଶା, ପୃଷ୍ଠା ୩୭୮ ମାମଲାରେ ଉଠିଥିଲା ଏବଂ ତିନିଜଣ ବିଚାରପତିଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ବେଞ୍ଚ ଦକ୍ଷତାର ସହ ଏହି ମାମଲାଟିର ଫଏସଲା କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ବିଚାରପତି ଶ୍ରୀ ବି. କେ. ରାୟଙ୍କ ରାୟ ସବୁଦିନପାଇଁ ପ୍ରଣିଧାନ ଯୋଗ୍ୟ ।

୧୯୫୧ ମସିହା ନଭେମ୍ବର ମାସରେ ଉତ୍କଳ ଟାଇମ୍‌ସ ଓ ପ୍ରଜାତନ୍ତ୍ର ସମ୍ପାଦକ ଓ ପ୍ରକାଶକଙ୍କ ବିରୁଦ୍ଧରେ କୋର୍ଟ ଅବମାନନା ଅଭିଯୋଗ ସମ୍ପର୍କିତ ଏକ ମାମଲା ବିଚାର କରିବାପାଇଁ କୋର୍ଟରେ ପ୍ରାର୍ଥନା କରାଯାଇଥିଲା । ୧୯୨୬ ମସିହା କୋର୍ଟ ଅବମାନନା ଆଇନ୍ ସଂପର୍କିତ ବିଭିନ୍ନ ଦିଗ ବିଚାର ଆଲୋଚନା ଲାଗି ଆସିଥିଲା ।

ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ବସିଥିବା ଡ଼ିଭିଜନ ବେଞ୍ଚ ଉଭୟ ଭାରତୀୟ ଓ ବିଦେଶୀ ନଜିର ମାମଲାଗୁଡ଼ିକୁ ସମୀକ୍ଷା କରିଥିଲେ ଓ କର୍ତ୍ତୃତ୍ୱ ସହକାରେ ଆଇନ୍ ବ୍ୟାଖ୍ୟା କରି ରାୟ ଦେଇଥିଲେ । (ରାଜ୍ୟ ବନାମ ଉତ୍କଳ ଟାଇମ୍‌ସ ଓ ପ୍ରଜାତନ୍ତ୍ରର ସଂପାଦକ ଓ ପ୍ରକାଶକଗଣ, ଏ. ଆଇ.ଆର. ୧୯୫୨ 'ଓଡ଼ିଶା, ୩୧୮) ।

ପରବର୍ତ୍ତୀ ବର୍ଷରେ ନୀତି ନିର୍ଦ୍ଧାରଣ ନିମନ୍ତେ ଏକ ସାମ୍ବିଧାନିକ ପ୍ରଶ୍ନ ଉପସ୍ଥାପିତ ହୋଇଥିଲା । ଓଡ଼ିଶା ବିଧାନ ସଭାର ବାଚସ୍ପତି ବିଧାନ ସଭାର ଜଣେ ସଦସ୍ୟଙ୍କ ଏକ ପ୍ରଶ୍ନକୁ ଅଗ୍ରାହ୍ୟ କରିବା ହେତୁ ଉକ୍ତ ଆପତ୍ତି ଉଠିଥିଲା ' ବାଚସ୍ପତିଙ୍କର ଅଧିକାର ଓ ସମ୍ବିଧାନର ୧୯୪ (୩) ଏବଂ ୨୧୨ (୨) ଧାରାର କାର୍ଯ୍ୟ ପରିସର ଗୋଦାବରୀଶ ମିଶ୍ର ବନାମ ନନ୍ଦକିଶୋର ଦାସ, ଏ. ଆଇ. ଆର. ୧୯୫୩ ଓଡ଼ିଶା, ୩ ସଂପର୍କିତ ମାମଲାରେ ନିର୍ଦ୍ଧାରିତ ହେଲା । ଏହି ମାମଲାଟି ନୂତନ ଧରଣର ଥିଲା କିନ୍ତୁ ମାନ୍ୟବର କୋର୍ଟ ଏହାର ସମାଧାନ ଦକ୍ଷତାର ସହ କରିଥିଲେ ।

୧୯୫୭ ମସିହା ନଭେମ୍ବର ମାସରେ ୧୯୫୬ ମସିହା ହିନ୍ଦୁ ଉତ୍ତରାଧିକାରୀ ଆଇନ୍‌ର ୧୪ ଧାରାର କାର୍ଯ୍ୟ ପରିସରକୁ ନିଷ୍ପତ୍ତି କରିବାଲାଗି କୋର୍ଟକୁ ଆହ୍ୱାନ ଦିଆଯାଇଥିଲା । ଏଥି ନିମନ୍ତେ ବସିଥିବା ଡ଼ିଭିଜନ ବେଞ୍ଚ ପାଟନା ଓ ମଧ୍ୟପ୍ରଦେଶ ହାଇକୋର୍ଟର ନିଷ୍ପତ୍ତିକୁ ଗ୍ରହଣ ନ କରି ଆଇନ୍‌ର ୧୪ ଧାରା ପରିସର ସଂପର୍କରେ ଏକ ସ୍ୱାଧୀନ ମତ ବ୍ୟକ୍ତ କଲେ । (ସଂସିର ପଟେଲିନ୍ ଓ ଅନ୍ୟମାନେ ବନାମ ସତ୍ୟବାଦୀ ନାଇକାଣୀ ଓ ଅନ୍ୟମାନେ, ଏ. ଆଇ. ଆର. ୧୯୫୮ ଓଡ଼ିଶା, ୭୫) । ପରିଶେଷରେ ସୁପ୍ରିମ କୋର୍ଟର ଅନୁମୋଦନ ଲାଭ କଲା ପରେ ଏହି କୋର୍ଟର ଉକ୍ତ ମତ ବହାଳ ରହିଲା ।

ନିତ୍ୟ ରଂଜନ ବହିଦାର ବନାମ ରାଜ୍ୟ ସରକାର, ଏ. ଆଇ. ଆର. ୧୯୬୨ ଓଡ଼ିଶା, ୭୮, ଜଣେ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଅଭିଯୋଗ ଆଗତ ହୋଇଥିବା ଦୃଷ୍ଟିରୁ ସଂପୃକ୍ତ କର୍ମଚାରୀ ଜଣକ ଓକିଲ ନିଯୁକ୍ତ କରିପାରିବେ କି ନାହିଁ । ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହି କୋର୍ଟର ଏକ ଡ଼ିଭିଜନ ବେଞ୍ଚ ଉକ୍ତ ମାମଲାଟିର ବିଚାରକରି ଏ ସଂପର୍କରେ ଆଇନ୍ ଘୋଷଣା କରିଥିଲେ ଯେ ଆଇନ୍‌ସହ ଜଣାଶୁଣା ଜଣେ ଅଫିସର ଅନୁସନ୍ଧାନ କାର୍ଯ୍ୟ କରୁଥିବାରୁ ତଥା ବିଧିବଦ୍ଧ ପଦ୍ଧତି

ଅନୁସରଣ କରୁଥିବାରୁ, ଅପରାଧୀ ସରକାରୀ କର୍ମଚାରୀ ଜଣକ ଜଣେ ଓକିଲଙ୍କ ସାହାଯ୍ୟ ନେବାପାଇଁ ଅଧିକାରୀ ।

୧୯୭୧ ମସିହା ଜାନୁୟାରୀ ୯ ତାରିଖ ସନ୍ଧ୍ୟାରେ ଯେତେବେଳେ କୌଣସି ବିକଳ୍ପ ବ୍ୟବସ୍ଥା କରି ରାଜ୍ୟପାଳ ମିଳିତ ମନ୍ତ୍ରୀମଣ୍ଡଳର ଇସ୍ତଫା ଗ୍ରହଣ କରିନେଲେ, ସେତେବେଳେ ୧୯୭୧ ଜାନୁୟାରୀ ୧୦ ତାରିଖ ଦିନ ଅନୁଷ୍ଠିତ ପଞ୍ଚାୟତ ସମିତି ନିର୍ବାଚନର ବୈଧତା ସଂପର୍କ ବାଦାନୁବାଦ ଉଠିଥିଲା । ଗୋଲକ ବିହାରୀ ବନାମ ଓଡ଼ିଶା ରାଜ୍ୟ, ଏ. ଆଇ. ଆର. ୧୯୭୨ ଓଡ଼ିଶା, ୧ ମାମଲାରେ ଏହି ପ୍ରଶ୍ନ ପରୀକ୍ଷା ହେଲା ଏବଂ କୋର୍ଟ ଏହି ଜଟିଳ ବୈଧାନିକ ପ୍ରଶ୍ନକୁ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ମତପୋଷଣ କରିଥିଲେ ଯେ ଏହି ନିର୍ବାଚନ ବିଧିବଦ୍ଧ ବ୍ୟବସ୍ଥା ଅନୁଯାୟୀ ହୋଇଥିବାରୁ, ଉକ୍ତ ମାମଲାଟି ରାଜ୍ୟପାଳଙ୍କ ଶାସନବର୍ଗ କାର୍ଯ୍ୟପାଳନ ସହ ସଂପୃକ୍ତ ନୁହେଁ । ଏଣୁ, ନିର୍ବାଚନ ଅନୁଷ୍ଠିତ ହୋଇଥିବା ତାରିଖ ଦିନ ମନ୍ତ୍ରୀ ପରିଷଦ କାର୍ଯ୍ୟ କରୁ ନ ଥିବାକୁ ଭିତ୍ତିକରି ଉକ୍ତ ନିର୍ବାଚନ ସଂକ୍ରାନ୍ତରେ ଆପତ୍ତି ଉଠାଯାଇ ନ ପାରେ ।

୮ ଜଣ ଯୁବକ ଓଡ଼ିଶା ବିଧାନ ସଭାକୁ ଅବମାନନା କରିଥିବା ଯୋଗୁ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ସେମାନଙ୍କୁ ହାଜତକୁ ପଠାଯାଇଥିଲା । ସେମାନେ ବନ୍ଦୀ ପ୍ରତ୍ୟକ୍ଷୀକରଣର ଏକ ସମାବେଶପାଇଁ ଦରଖାସ୍ତ କରିଥିଲେ । ଏହି ହାଇକୋର୍ଟ ସୁଶାନ୍ତ କୁମାର ଚନ୍ଦ ବନାମ ଓଡ଼ିଶା ବିଧାନ ସଭାର ବାଚସ୍ପତି ଓ ଅନ୍ୟମାନେ ଏ. ଆଇ. ଆର. ୧୯୭୩ ଓଡ଼ିଶା, ୧୧୧ ମାମଲାରେ ଆଦେଶ ଜାରୀ କରିଥିଲେ ଯେ ସତ୍ରାବସାନ ହେବାପରେ ଅଟକ ରଖିବାପାଇଁ ବିଧାନ ସଭା ହକଦାର ନୁହନ୍ତି ।

ଭିକାରୀ ସାହୁ ବନାମ ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ, ଆଇ. ଏଲ.ଆର. ୧୯୭୫ କଟକ, ୮୪୩ ମାମଲାରେ ଓଡ଼ିଶା ଭୂ-ସଂସ୍କାର ଆଇନ୍ ପ୍ରତି ଆପତ୍ତି ଉଠିଥିଲା । ଏହି କୋର୍ଟ ପୂର୍ବ ମାମଲାଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ଏକ ବାସ୍ତବ ଦୃଷ୍ଟିକୋଣରୁ ସଂପୃକ୍ତ ପ୍ରଶ୍ନଟିର ବିଚାର କରିଥିଲେ ଓ ସେଥି ନିମନ୍ତେ ପ୍ରଣୀତ ବିଧିର ଭାବମୂର୍ତ୍ତିକୁ ବଜାୟ ରଖାଯାଇଥିଲା ।

ଯଦିଓ ଏହି କୋର୍ଟର ଆକାର ଅପେକ୍ଷାକୃତ ଛୋଟ, ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ନିର୍ଦ୍ଧାରଣ ଲାଗି ଏଠାକୁ ଆସିଥାଏ । ଏ ପ୍ରକାରର ଅନେକ ସମସ୍ୟା ଏହି କୋର୍ଟରେ ପ୍ରଥମ ଥର ପାଇଁ ଉଠିଛି । ସୁପ୍ରିମ କୋର୍ଟ ଯେଉଁ ମାର୍ଗଦର୍ଶୀ ନୀତି ସୂଚନା ଦେଇଛନ୍ତି, ଏହି କୋର୍ଟ ତାହାକୁ ଅନୁସରଣ କରିଛନ୍ତି । ନ୍ୟାୟାଧିକରଣଙ୍କ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା:—

(କ) ଏହା ହେଉଛି ସଂଘୀୟ ଶାସନର ନ୍ୟାୟମାନଦଣ୍ଡ ।

(ଖ) ଏହା ମୌଳିକ ଅଧିକାର ଓ ସାମାଜିକ ନ୍ୟାୟର ନୀତି ନିୟମ ମଧ୍ୟରେ ଭାରସାମ୍ୟ ରକ୍ଷା କରେ ।

(ଗ) ଏହା ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ପ୍ରାଧିକାରୀବର୍ଗଙ୍କୁ ଆଇନର ସୀମା ମଧ୍ୟରେ ରଖେ ।

(ଘ) ଏହା ପ୍ରଶାସନୀୟ ନ୍ୟାୟାଧିକରଣଗୁଡ଼ିକୁ ନିୟନ୍ତ୍ରଣ କରେ, ଏବଂ

(ଙ) ଏହା ରାଜ୍ୟ ଓ ଜନସାଧାରଣଙ୍କ ମଧ୍ୟରେ ବାଦାନୁବାଦ ସମାଧାନ କରେ । ଅଦାଲତୀ ସମୀକ୍ଷା ଆଇନ୍ ଧାରାର ଏକ ଆଦର୍ଶବାଦୀ ଅଂଶ । ଏହି କ୍ଷମତା ବ୍ୟତିରେକ ଉକ୍ତ ଗୁରୁଭାର କର୍ତ୍ତବ୍ୟ ସଂପାଦନ କରିବା ଅଦାଲତୀ ପକ୍ଷେ ସମ୍ଭବପର ନୁହେଁ ।

ଏକଦା ରୋସ୍କୋ ପାଉଣ୍ଡ୍ ଦର୍ଶାଇଥିଲେ:—

"ଆଇନ୍ ନିଶ୍ଚୟ ସ୍ଥିର ରହିବା ଆବଶ୍ୟକ ନେବେ ଏହା କେବେ ସ୍ଥାଣୁ ହୋଇ ନପାରେ ।

ଜଷ୍ଟିସ୍ ଫ୍ରାଙ୍କ୍ ଫର୍ଟର ମଧ୍ୟ କହିଥିଲେ:—

"କୌଣସି ବିଚାରାଳୟ ସମୟକୁ ସ୍ଥିର ରଖି ପାରିବେ ନାହିଁ" । ବିଚାରପତି ହୋମସ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ "ଦି କମନ୍ ଲ" ରେ ଲେଖିଛନ୍ତି:—

"ଏହା ସତ୍ୟ ଯେ ଆଇନ୍ ସଦାସର୍ବଦା ସମୀପବର୍ତ୍ତୀ ହୋଇଥାଏ ଏବଂ କଦାପି ସଂଗତିରେ ପହଞ୍ଚ ପାରେ ନାହିଁ; ଏକ ଦିଗରେ ଏହା ଚିରଦିନ ଲାଗି ନୂତନ ନୀତି ନିୟମକୁ ଗ୍ରହଣ କରିଥାଏ ଏବଂ ଅପରପକ୍ଷେ ସଦାବେଳେ ବିରୋଧ ଭାବେ ପୁରାତନକୁ ଧାରଣ କରିଥାଏ ଯାହାକି ଅଦ୍ୟାବଧି ଅନ୍ତର୍ଭୁକ୍ତ ହୋଇନାହିଁ କିମ୍ବା ଆବରଣ ପରିତ୍ୟାଗ କରିପାରିନାହିଁ ।"

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକଳାପରୁ ପ୍ରତୀୟମାନ ହୁଏ ଯେ, ଉକ୍ତ ମହାନ୍ ନୀତି ନିୟମଗୁଡ଼ିକୁ କେବେ ପାଶୋରି ଦିଆଯାଇନାହିଁ । ପବିତ୍ର ଆସନରେ ବସୁଥିବା ପ୍ରତ୍ୟେକ ବିଚାରପତି ପିଏରସ୍ ବନାମ ଡିଲମିଟେର, ୧୮୪୭ (୩) ଏ. ଏମ. ୱାଇ., ୧୮ ମାମଲାରେ ଜଷ୍ଟିସ୍ ବ୍ରୋନସନ, ଯେଉଁ ମତବ୍ୟକ୍ତ କରିଛନ୍ତି, ତାକୁ ଭୁଲି ନାହାନ୍ତି ।

"ଜଣେ ବିଚାରପତି ନିଜେ ଭୁଲ କରି ପାରନ୍ତି ବୋଲି ଜାଣିବା ପାଇଁ ଯଥେଷ୍ଟ ବିଜ୍ଞ ହେବା ଉଚିତ୍ ଏବଂ ସେଥିପାଇଁ ନିଃସ୍ଵାର୍ଥ ଭାବେ ... ସର୍ବଦା ପ୍ରସ୍ତୁତ ହୋଇ ରହିଥିବେ; ସମସ୍ତ ପ୍ରକାର ବିବେଚନାର ଅହଙ୍କାରକୁ ପରିତ୍ୟାଗ କରିବା ପାଇଁ ଅତୀବ ମହାନ୍ ତଥା ସଚ୍ଚୋଟ ହୋଇଥିବେ ଏବଂ ପରିଣତି ଯାହା ହେଲେ ସୁଦ୍ଧା ସତ୍ୟାନୁସରଣ କରୁଥିବେ :

ଏବଂ ନିଜର ଦୋଷ ତ୍ରୁଟିଗୁଡ଼ିକ ସ୍ୱୀକାର କରିବା ପାଇଁ ଯଥେଷ୍ଟ ସାହସୀ ହୋଇଥିବେ ।"

ପ୍ରସଙ୍ଗକ୍ରମେ ଲର୍ଡ ଡେନିଂ ଏମ୍. ଆର. ଧାଵନଙ୍କର "ସୁପ୍ରିମ୍ କୋର୍ଟ ଅଫ ଇଣ୍ଡିଆ" ପୁସ୍ତକର ମୁଖବନ୍ଧରେ ଯେଉଁ ସୂଚନା ଦେଇଥିଲେ ତାହା ମଧ୍ୟ ଉଦ୍ଧୃତ ହେବା ଉଚିତ ।

"ଆଇନ୍ କେବେହେଲେ ନିଶ୍ଚଳ ଅବସ୍ଥାରେ ରହେ ନାହିଁ । ଏହା ଅବିରତ ଗତି କରୁଥାଏ । ଥରେ ଏହା ସ୍ୱୀକୃତ ହେଲେ, ବିଚାରପତିଙ୍କର କର୍ତ୍ତବ୍ୟ ଏକ ଉଚ୍ଚ ସ୍ତରକୁ ଚାଲିଯାଏ । ସମୟର ଆବଶ୍ୟକତାନୁଯାୟୀ ସେବା କରିବା ନିମନ୍ତେ ସେ ବିବେଚନାର ସହ ଆଇନକୁ ଛାଞ୍ଚରେ ପକାଇଥାନ୍ତି । ସାମଗ୍ରିକ ଗଠନ ବିଷୟରେ ଚିନ୍ତା ନ କରି କାମ କରୁଥିବା ଜଣେ ସାଧାରଣ ମିସ୍ତ୍ରୀ ଯେପରି ଇଟା ଉପରେ ଇଟା ଖଞ୍ଜି ଚାଲୁଥାଏ, ବିଚାରପତି ସେଭଳି ଜଣେ ସାଧାରଣ ମିସ୍ତ୍ରୀ ହେବା ଉଚିତ ନୁହେଁ । ସମାଜ ନିମନ୍ତେ ସମଗ୍ର ପ୍ରସାଦଟିର ଗଠନ ବିଷୟରେ ଚିନ୍ତାକରି ସେ ଜଣେ ସ୍ଥପତି ହେବା ଉଚିତ୍ । ଆଇନର ବ୍ୟବସ୍ଥା ହେଉଛି କ୍ଷମତାପନ୍ନ, ସ୍ଥାୟୀ ତଥା ନ୍ୟାୟପର । ଏକ ସଭ୍ୟ ସମାଜ ତାଙ୍କର କାର୍ଯ୍ୟ ଉପରେ ହିଁ ନିର୍ଭର କରିଥାଏ ।

ଏହି କୋର୍ଟ ଅଦ୍ୱିତୀୟ କର୍ତ୍ତୃତ୍ୱର ସହ ଅବିରତ ଭାବେ ସମାଜର ସେବା କରି ଆସୁଛି, ଯାହାର କାର୍ଯ୍ୟକଳାପ ସଂପର୍କରେ କୌଣସି ପ୍ରଶ୍ନର ଆବଶ୍ୟକ ହୁଏ ନାହିଁ ଏବଂ ଏହି କୋର୍ଟରେ ନିଯୁକ୍ତ ପ୍ରତ୍ୟେକ ବିଚାରପତି ତାଙ୍କର କାର୍ଯ୍ୟଭାରର ଦାୟିତ୍ୱକୁ ସ୍ମରଣ ରଖିଥାଆନ୍ତି ଯେ – "ସେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାର ସୁରକ୍ଷା କରିବେ; ସେ ଯଥାବିଧି ଓ ବିଶ୍ୱାସର ସହିତ ଓ ତାଙ୍କର ପରମ ଦକ୍ଷତା, ଜ୍ଞାନ ଓ ନ୍ୟାୟ ବିଚାର ସହିତ ଭୟ କିମ୍ବା ଅନୁଗ୍ରହ, ମମତା କିମ୍ବା ମନ୍ଦ ଅଭିଳାଷ ବିନା ତାଙ୍କ କାର୍ଯ୍ୟାଳୟର କର୍ତ୍ତବ୍ୟ ସଂପାଦନ କରିବେ ଏବଂ ସେ ସମ୍ବିଧାନ ଓ ଆଇନଗୁଡ଼ିକର ସୁରକ୍ଷା କରିବେ ।"

ଯେଉଁମାନେ ଏହି ବ୍ୟବସ୍ଥାର ଛାଞ୍ଚ ମଧ୍ୟରେ ଅଛନ୍ତି ତଥା ଯେଉଁମାନେ ସମାଜର ସମୀକ୍ଷକ, ବିଗତ ଏକ ଶତାବ୍ଦୀରୁ ଅଧିକ ବର୍ଷ ପୂର୍ବେ ଜଷ୍ଟିସ୍ ଷ୍ଟୋରିଙ୍କ ଅନ୍ତେଷ୍ଟିକ୍ରିୟା ବକ୍ତୃତାରେ ଡାନିଏଲ ଓ୍ୱେବଷ୍ଟର ଯାହା କହିଥିଲେ, ତାହାକୁ ସେମାନେ ନିଶ୍ଚୟ ସ୍ମରଣ ରଖିଥିବେ :—

"ମହାଶୟ ! ମଣିଷ ମାତ୍ରେ ହିଁ ନ୍ୟାୟ ପାଇବା ପାଇଁ ବିଶେଷ ଆଗ୍ରହୀ । ଏହି ସୂତ୍ରରେ ହିଁ ସଭ୍ୟ ସମାଜ ଓ ସଭ୍ୟ ଦେଶଗୁଡ଼ିକ ଏକତ୍ର ବନ୍ଧା । ଯେଉଁଠି ନ୍ୟାୟ ଦେବୀଙ୍କ ମନ୍ଦିର ରହିଛି ଏବଂ ତାହା ଯଥାର୍ଥ ଭାବରେ ସମ୍ମାନିତ ହେଉଛି, ସେଇଠି ରହିଛି ସାମାଜିକ ନିରାପତ୍ତା, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ମାନବ ଜାତିର ଉନ୍ନତି ଓ ପ୍ରଗତିର ମୂଳଦୁଆ ଏବଂ ଯେଉଁ ବ୍ୟକ୍ତି ଏହି ଭିତ୍ତିଭୂମି ଉପରେ ଉପଯୋଗିତା ଓ କୃତିତ୍ୱ ସହକାରେ କର୍ମ କରିଯାଏ, ଯେ ଏହାର ମୂଳଭିତ୍ତିକି ନିର୍ମଳ ରଖେ, ଏହାର ସ୍ତମ୍ଭଗୁଡ଼ିକୁ ସୁଦୃଢ଼ କରେ, ନ୍ୟାୟାଳୟର ଅଭ୍ୟନ୍ତରକୁ ( entablatures ) ସୁସଜ୍ଜିତ ରଖେ କିମ୍ବା ଏହାର ମହାନ୍ ଗମ୍ବୁଜକୁ ଆକାଶର ଉଚ୍ଚତର ସ୍ତରକୁ ଉଠାଇ ନିଏ, ତାହାର ସୁନାମ, ସୁଖ୍ୟାତି ଏବଂ ଚରିତ୍ରବତ୍ତା ମାନବ ସମାଜ ଥିବା ପର୍ଯ୍ୟନ୍ତ ଅମର ହୋଇରହେ ।"

ଆସନ୍ତୁ, ଆମେ ସମସ୍ତେ ଆଶାବାଦୀ ହୋଇ ପ୍ରାର୍ଥନା କରିବା ଯେ, ଏହି ମହାନ୍ ଅନୁଷ୍ଠାନ ନିରନ୍ତର ସମାଜର ସେବା କରି ଚାଲୁଥିବ ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିଚାଲିବ । ପ୍ରତ୍ୟେକ ହୃଦୟଙ୍ଗମ କରନ୍ତୁ ଯେ, ଏହି ହାଇକୋର୍ଟ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଏକ ସାମାଜିକ ଅନୁଷ୍ଠାନ ଏବଂ ଧନୀ ଏବଂ ଦରିଦ୍ର ପ୍ରତ୍ୟେକଙ୍କ ଲାଗି ଏହାର ଦ୍ୱାର ସର୍ବଦା ଉନ୍ମୁକ୍ତ । ○○

କଠିନ ପରିଶ୍ରମ, ଅକ୍ଳାନ୍ତ ଉଦ୍ୟମ ବ୍ୟକ୍ତିଗତ ଜୀବନର ସାଫଲ୍ୟ ପାଇଁ ଯେତିକି ଆବଶ୍ୟକ, ଜାତୀୟ ଜୀବନର ସାଫଲ୍ୟ ପାଇଁ ସେତିକି ଆବଶ୍ୟକ । ଭାରତର ସମସ୍ତ ନୀତିଶାସ୍ତ୍ରର ଗୋଟିଏ ଉପଦେଶ—ଯତ୍ନ କର । ପରିଶ୍ରମ କର । ଶୋଇଲେ ପୁଅର ଭାଗ ନାହିଁ, ଶୋଇଥିବା ସିଂହର ମୁହଁରେ ମୃଗ ଆସି ପଶିଯାଏ ନାହିଁ ।

ଜାନକୀ ବଲ୍ଲଭ ପଟ୍ଟନାୟକ

## STATEMENT ABOUT OWNERSHIP AND OTHER PARTICULARS ABOUT THE UTKAL PRASANGA

FORM IV

(*See* Rule 8)

| | | |
|---|---|---|
| 1. Place of Publication | .. | Bhubaneswar |
| 2. Periodicity of its publication | .. | Monthly |
| 3. Printer's name | .. | Shri D. K. Rout, for and on behalf of the Government of Orissa. |
| Nationality | .. | Indian |
| Address | .. | Director of Printing, Stationery and Publication, Orissa, Cuttack, Pin-753010 |
| 4. Publisher's name | .. | Shri M. K. Rao, for and on behalf of the Government of Orissa. |
| Nationality | .. | Indian |
| Address | .. | Director of Information & Public Relations & Joint Secretary to Government of Orissa, Information & Public Relations Department, Bhubaneswar, Pin-751001. |
| 5. Chief Editor's name | .. | Shri S. Champatiray |
| Nationality | .. | Indian |
| Address | .. | Chief Editor, Information & Public Relations Department, Government of Orissa, Bhubaneswar, Pin-751001. |
| 6. Name and address of individuals who own newspaper and partners or shareholders holding more than one per cent of the total capital. | | Government of Orissa. |

I, Shri M. K. Rao, Director of Information & Public Relations & Joint Secretary to Government, Information & Public Relations Department hereby declare that the particulars given above are true to the best of my knowledge and belief.

M. K. RAO
Signature of Publisher

# ମମତା

ଶ୍ରୀ ଚନ୍ଦ୍ରଶେଖର ରଥ

ବର୍ଣ୍ଣ ବିନ୍ୟାସ—ଉଜ୍ଜ୍ୱଳ ଗୋଧୂମ ରଙ୍ଗରେ କାଶତଣ୍ଡୀ ଧଳା ଏବଂ କାଳିମ ରଙ୍ଗର ସଂଯୋଗରେ ଚିତ୍ରଟି ପ୍ରସ୍ତୁତ ହୋଇଛି ।

ରୂପ କଳ୍ପନା—ସ୍ନେହ-କରୁଣା-ବାତ୍ସଲ୍ୟର ଦିବ୍ୟରସରେ ଆପ୍ଲୁତା, ପ୍ରାଚୀନା ମାତୃକାର ଚିତ୍ର । ସମ୍ଭବା ମନୁଷ୍ୟା ମା ପୁରା । ଏ ସ୍ତ୍ରୀଦିଶାଳ ମାନବ ଜାତି ସତେ ବା ତାର ପୁଅ, ଝିଅ, ନାତି, ନାତୁଣୀ, ଅଣନାତି, ପଣନାତିଙ୍କୁ ନେଇ ଅତି ବିସ୍ତୃତ ପରିବ୍ୟାପ୍ତ ପରିବାର । ପରିପୂର୍ଣ୍ଣ ଦୁଗ୍ଧଧାରର ସଫଳ ମାତୃକା ସେମାନଙ୍କୁ ଦେଖି ଉଲ୍ଲସିତ ହେବାର ଚିତ୍ର ।


କେବଳ ମଣିଷହିଁ ସଚେତନ ଭାବରେ ନିଜକୁ ନିଜେ ଉତ୍କ୍ରମଣ କରିବାର ପ୍ରୟାସ କରିଥାଏ । ନିଜକୁ ଅତିକ୍ରମଣ କରିବାର ଅର୍ଥ ସ୍ୱାର୍ଥସୀମାକୁ ଉଲ୍ଲଙ୍ଘନ କରିବା । ଦୟା, କରୁଣା, ମମତାବୋଧରେ ହିଁ ସେ ବିସ୍ତୃତ ହୋଇ ଅପରକୁ ଆପଣାର କରିନିଏ । ଅପର ସ୍ୱଭାବତଃ ସ୍ୱତନ୍ତ୍ର ଏବଂ ବିଚ୍ଛିନ୍ନ । ଏ ପର୍ଯ୍ୟନ୍ତ ଯୁଗାବିଧିବ୍ୟାପୀ ସଂଘର୍ଷ ପରେ ସୁଦ୍ଧା କେହି ହେଲେ ଅପରକୁ ସମ୍ପୂର୍ଣ୍ଣ ରୂପେ ଏବଂ ସ୍ୱାଭାବିକ ଭାବରେ ଆପଣାର କରିପାରି ନାହିଁ । ଧର୍ମ, ଦର୍ଶନ, ସଂସ୍କୃତି ବହୁବିଧ ଉପାୟରେ ଏ ଦୁର୍ଲଙ୍ଘ୍ୟ ବ୍ୟବଧାନକୁ ପାରି ହୋଇଯିବା ପାଇଁ ଆଚରଣ ବିଧି ପ୍ରଣୟନ କରିଯାଇଛନ୍ତି । ସେ ସମସ୍ତଙ୍କୁ ପ୍ରୟୋଗ କରି ଜୀବନରେ ବର୍ତ୍ତି ଶିଖିବା ଏ ପର୍ଯ୍ୟନ୍ତ ସର୍ବତୋଭାବେ ସମ୍ଭବ ହେଇ ନାହିଁ ।

ଗୋଟିଏ ମାତ୍ର ଉପାୟରେ ତାହା ସମ୍ଭବ ହୋଇପାରେ ବୋଲି ଆଶା ହେଉଛି । ଅତି ନିଷ୍କପଟ, ସ୍ୱାଭାବିକ, ପ୍ରାଞ୍ଜଳ ବାତ୍ସଲ୍ୟରେ ଏ ଉତ୍କ୍ରମଣ ଘଟି ଆସିଛି । ଅନ୍ୟ ପର୍ଯ୍ୟାୟର ପ୍ରେମରେ କିଛି ଯୁକ୍ତି, କିଛି ଫନ୍ଦାଫିସାଦି ରହିଯାଏ, କିନ୍ତୁ ନିର୍ମଳ ମାତୃସ୍ନେହର ବିକଳ୍ପ ନାହିଁ । ତାହାହିଁ ସମଗ୍ର ଜୀବଜଗତକୁ ଧାରଣ କରି ଆସିଛି । ଅଦ୍ଭୁତ ସୃଷ୍ଟି-ପ୍ରକ୍ରିୟାରେ ଜୀବନର ଆଦିମନ୍ତ୍ର ଏଇ ସ୍ୱତଃ-ନିସୃତ ଦୁଗ୍ଧଧାର ।

ମଣିଷ ଯେଉଁ ପରିମାଣରେ ନମନୀୟ, କ୍ଷମାଶୀଳ, ସଂବେଦନଶୀଳ, ଦୟାଳୁ ଏବଂ ପ୍ରେମ-ପ୍ରବଣ ହୁଏ, ସେହି ପରିମାଣରେ ତା ଭିତରେ ଲୁଚି ରହିଥିବା ଏଇ ଦୁଗ୍ଧଧାର ଫେନାୟିତ ହୋଇ ତାକୁ କୋମଳ, ସ୍ନିଗ୍ଧ-ମଧୁର କରିଥାଏ ।

ଦେବ-ଦାନବ-ମାନବ—ସଭିଙ୍କୁ ଅକୃପଣ ଲଙ୍ଘନ କରି ଆସିଛି ଏଇ ଦୁଗ୍ଧଧାର ଅନେକ ସମୁଦ୍ରସ୍ନ ଝଡ଼ବର୍ଷା ଏବଂ ରାତ୍ରିର ସଂଘର୍ଷ ପରେ ଫେରି ଆସିଥିବା କ୍ଳାନ୍ତ ପକ୍ଷୀ ପାଇଁ ନିଡ଼ପରି ସେ ଅପେକ୍ଷା କରି ଆସିଛି । ସମସ୍ତ କ୍ଷତକୁ ପ୍ରଲେପ-ଶୀତଳ କରି ଆସିଛି । ସବୁ ଅପରାଧକୁ କ୍ଷମା କରିଛି । ସବୁ ବେଦନାକୁ ଧାରଣ କରିଛି । ସର୍ବସଂହା ଧରିତ୍ରୀ ପରି ସେ ସମସ୍ତଙ୍କର ପାଳନ କର୍ତ୍ରୀ । ସେ ମମତା, ଦୟା, କ୍ଷମା ରୂପିଣୀ ଶାକମ୍ଭରୀ ଜନନୀ । ତାର ଦୃଷ୍ଟିରେ ଆମେ ସମସ୍ତେ ଅହରହ ଅପରାଧ କରୁଥିବା, ସର୍ବଦା ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରି କ୍ଷତ ବିକ୍ଷତ ହେଉଥିବା କଳହ ଯୁଦ୍ଧ ବିଗ୍ରହ କରି ସନ୍ତପ୍ତ ହେଉଥିବା ଗୁଡ଼ିଏ ଅବୋଧ ଶିଶୁ । ସମଗ୍ର ମାନବ ଜାତି ତା'ର ଶିଶୁ ପରିବାର ।

ତାର ଦୁଗ୍ଧଧାର ଆମ ଧମନୀରୁ ସମସ୍ତ ବିଷ ହରଣ କରୁ, ଆମକୁ ସ୍ନିଗ୍ଧ ଦୃଷ୍ଟି ପ୍ରଦାନ କରୁ : ଆମେ ନିଜକୁ ସ୍ୱାଭାବିକ ଅତିକ୍ରମଣ କରି ପରସ୍ପରକୁ ଶିଶୁସୁଲଭ ସରଳତାରେ ଆପଣାର କରିନେଉ; ଆମ ଚେତନାରେ ନୂତନ ସୂର୍ଯ୍ୟୋଦୟ ଘଟୁ ଏବଂ ଭରିଯାଉ ପୃଥିବୀ କେବଳ ଫୁଲ ଏବଂ ଶିଶୁର ହସରେ—ଏହାହିଁ ତ ଆମର ସ୍ୱପ୍ନ । ଏତେକାଳ ଧରି ତାହା ସ୍ୱପ୍ନହିଁ ରହି ଆସିଛି । ଆଉ କେତେକାଳ ସେପରି ରହିଥିବ—ସୁଦୂର, ଅପହଂଚ, ଅବାସ୍ତବ ଧୂମ୍ରରୂପ ହୋଇ ?





# ହିଂସାର ଅଭିବ୍ୟକ୍ତି

ବର୍ଣ୍ଣ ବିନ୍ୟାସ—ଅଗ୍ନେୟ ରକ୍ତବର୍ଣ୍ଣ ସହିତ ଘନକୃଷ୍ଣ କଳାରଙ୍ଗ ଏବଂ ହଳଦିଆ, ଧଳା ରଙ୍ଗ ମିଶି ଚିତ୍ରଟି ପ୍ରସ୍ତୁତ ହୋଇଛି ।

ରୂପ କଳ୍ପନା—ମଣିଷ ଭିତରେ ପ୍ରଚ୍ଛନ୍ନ ଅଧିବାସ କରୁଥିବା ଜନ୍ତୁଟି ସବୁବେଳେ ହିଂସ୍ର, ଆରଣ୍ୟକ ଏବଂ ବଳଶାଳୀ । ଚିତ୍ରରେ ଏଇ ହିଂସ୍ରତାକୁ ପ୍ରକାଶ କରିବାକୁ ଚେଷ୍ଟା କରାଯାଇଛି । ରୂପ ମାଧ୍ୟମ ଗୋଟିଏ ତରୁଣ—ଯାହାର ଆଖି ବାଘ ଆଖି ପରି ହଳଦିଆ, ଯେ କ୍ରୋଧରେ ଗର୍ଜନ କରୁଛି । ଯାହାର ଛୋଟ ନୁଆଣିଆ କପାଳ ନିର୍ବୋଧ ଅହଂକାରର ପ୍ରତୀକ, ମାଂସପେଶୀରେ ପରିବ୍ୟାପ୍ତ ଘନ ଦେଶ, ଅମିତ ଜାନ୍ତବ ଶକ୍ତିର ସୂଚକ । ସମଗ୍ର ରୂପଟି ଅବାଧ୍ୟ, ଅରଣ୍ୟ ଜାନ୍ତବ ହିଂସ୍ରତାର ଚିତ୍ର !

ଆତ୍ମରକ୍ଷା କରିବା ପ୍ରତ୍ୟେକ ପ୍ରାଣୀର ମୌଳିକ ପ୍ରବୃତ୍ତି । ସେଥିପାଇଁ ବଞ୍ଚିବା ଏତେ ସଂଘର୍ଷମୟ ଏବଂ ନିଜକୁ ରକ୍ଷା କରିବା ଅନ୍ୟକୁ ସଂହାର କରିବା ଏପରି ସମ ପର୍ଯ୍ୟାୟଭୁକ୍ତ । ଏ ସଂଘର୍ଷରେ ବଳବାନ ହିଁ ଦୁର୍ବଳକୁ ସଂହାର କରିଥାଏ । ଦୁର୍ବଳର ପ୍ରତିବାଦ ହିଁ ବଳବାନକୁ ବଳପ୍ରୟୋଗ କରିବାକୁ ଆହ୍ୱାନ କରିଥାଏ । ହିଂସ୍ର ଜୀବନର ସାଧାରଣତଃ ହିଂସ୍ର ଏବଂ ଭୟଙ୍କର ମୃତ୍ୟୁରେ ହିଁ ଅବସାନ ଘଟିଥାଏ । ତଥାପି, ଜନ୍ତୁ ପାଇଁ ହିଂସ୍ର ହେବା ଏକ ପ୍ରୟୋଜନ, ପ୍ରକୃତିର ଦୁର୍ଲଙ୍ଘ୍ୟ ପ୍ରଶାସନ ।

କିନ୍ତୁ ମଣିଷପାଇଁ ହିଂସ୍ରତା ଏକ ପୁରାତନ ଅଥଚ ନିଷ୍ପ୍ରୟୋଜନ ଅଭ୍ୟାସ । ସେ ବହୁ ଶତାବ୍ଦୀ କାଳ ଏଇ ହିଂସ୍ର ପଶୁକୁ ଅତିକ୍ରମ କରିବାପାଇଁ ପ୍ରୟାସ କରି ଆସିଛି । କିନ୍ତୁ ସେ କ୍ରମଶଃ ସତ୍ତା ଏ ପର୍ଯ୍ୟନ୍ତ ତା ଚମଡ଼ାତଳେ ଲୁଚି ରହିଛି ଏବଂ ଇଚ୍ଛା ଅନୁସାରେ ତା'ର ଶତା ବିକଶିତ କରି ବାହାରି ଆସୁଛି । ହିଂସ୍ରତା ମଣିଷପାଇଁ ଆତ୍ମରକ୍ଷାର ଆୟୁଧ ନୁହେଁ । ତାହା କେବଳ ଗୋଟାଏ ଅଦ୍ଭୁତ ରକ୍ତ ପିପାସା । ମଣିଷ ହିଁ ହତ୍ୟା କରି ଆନନ୍ଦ ଲାଭ କଲାବୋଲି ଭାବିଥାଏ ଏବଂ ସେଥିପାଇଁ ହତ୍ୟା କରିଥାଏ । ସେ ତା'ର ହିଂସ୍ରତାକୁ ଅନ୍ୟର ସନ୍ତାପ ପାଇଁ ନିଜର ପୌରୁଷ ବୀରତ୍ୱର ପ୍ରଦର୍ଶନ ପାଇଁ ପ୍ରୟୋଗ କରିଥାଏ । ଯାତ୍ରୀବାହୀ ବସ୍‌ଗୁଡ଼ିଏ ଅଗ୍ନିର ମହୋତ୍ସବ ଦେଖିବାକୁ ସେ ପୋଡ଼ିପକାଏ । ନାରୀଟିକୁ ସମ୍ଭୋଗ ନାମରେ ହାଣିପକାଏ ! ହିଂସ୍ର ମଣିଷଟିଏ ହିଂସ୍ର ପଶୁକୁ ପୁଣି ପଶୁତ୍ୱରେ ବଦଳେଇ ଯାଏ !

ମଣିଷ ଏକପ୍ରକାର ମିଶ୍ର ଉପାଦାନର ପ୍ରାଣୀ । ସେ ତା' ଭିତରେ ଥିବା ବିବେକୀ, କ୍ଷମାଶୀଳ, କରୁଣାବନ୍ତ ଦେବ ସତ୍ତା ସହିତ ନିଜକୁ ଅଭିନ୍ନ ବୋଲି ଅନୁଭବ ନ କରିବା ଯାଏଁ ଏ ପଶୁ ସ୍ୱଭାବକୁ ଜୟକରି ପାରିବ ନାହିଁ କିମ୍ବା ଉଦ୍‌ବର୍ତ୍ତନର ଧାରାରେ ଲକ୍ଷ ଲକ୍ଷବର୍ଷ ତାକୁ ବର୍ଜନ କରି ପାରିବ ନାହିଁ ।

ହିଂସ୍ରତା ଜୀବନର ଧର୍ମ ନୁହେଁ । ଏହା ମଣିଷର ଏକ ଦୁଃସ୍ୱପ୍ନପରି ରାତ୍ରିର ସ୍ମୃତି । ଏକ ଗରିଷ୍ଠ ନିର୍ବୋଧତା, ଏକ ଦୁରପନେୟ ଅଭ୍ୟାସ ।

ସାମ୍ବାଦିକ, ଔପନ୍ୟାସିକ ଏବଂ ନିବନ୍ଧକାର,
ଉପାଧ୍ୟକ୍ଷ, ବକ୍ସି ଜଗବନ୍ଧୁ
ମହାବିଦ୍ୟାଳୟ, ଭୁବନେଶ୍ୱର

# ଓଡ଼ିଶା ଦେଶ ମିଶ୍ରଣର ଆଦିପର୍ବ

ଡକ୍‌ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶାର ଯେଉଁ ତିନୋଟି ଜିଲ୍ଲା ୧୯୩୬ ସାଲ ବେଳକୁ ମାନ୍ଦ୍ରାଜ ପ୍ରଦେଶରେ ରହିଥିଲା, ସେ ହେଉଛି ଗଞ୍ଜାମ, କୋରାପୁଟ ଓ ଫୁଲବାଣୀର ଏକ ଅଂଶ । ଓଡ଼ିଆମାନଙ୍କ ଏକତ୍ରୀକରଣ ପାଇଁ ୧୯୦୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଗଞ୍ଜାମରେ ପ୍ରଥମେ ଆଲୋଚନାସଭା ହେଉଥିଲା । କିନ୍ତୁ କଟକରେ, ମଧୁବାବୁ ( ମଧୁସୂଦନ ଦାସ)ଙ୍କ ଉଦ୍ୟମରେ ୧୯୦୩ ସାଲରେ 'ଉତ୍କଳ-ସମ୍ମିଳନୀ'ର ପ୍ରଥମ ଅଧିବେଶନ ପରେ ହିଁ ତାହା ଏକ ଜାତୀୟ ଆନ୍ଦୋଳନରେ ପରିଣତ ହେଲା । ସେଥିରେ ଦକ୍ଷିଣାଞ୍ଚଳର ଓଡ଼ିଆ-ଭାଷୀ-ଅଞ୍ଚଳଗୁଡ଼ିକୁ ମିଶାଇ ଓଡ଼ିଶା ପ୍ରଦେଶ ଗଠନ ଦାବୀ ଦୃଢ଼ କଣ୍ଠରେ ଉପସ୍ଥାପିତ କରାଗଲା । ଏଥିରେ ମାନ୍ଦ୍ରାଜ ସରକାର ତଥା ଆନ୍ଧ୍ରମାନେ ବିଚଳିତ ହେଲେ । ବ୍ରିଟିଶଶାସନରେ ମାନ୍ଦ୍ରାଜ ଗୋଟିଏ ମୁଖ୍ୟ ପ୍ରଦେଶ ହୋଇଥିବାରୁ ସେଠା ସରକାରଙ୍କ ମତାମତ ଉପରେ ଭାରତ ସରକାର ବିଶେଷ ଗୁରୁତ୍ୱ ଦେଉଥିଲେ । ମାନ୍ଦ୍ରାଜ ଗଭର୍ଣ୍ଣର ଲର୍ଡ ଏମ୍ପଥିଲ୍‌ଙ୍କ ସମୟରୁ ଆରମ୍ଭ କରି ବ୍ରହ୍ମପୁରରେ ଆନ୍ଧ୍ରମାନଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦେଖା-ଦେଲା । ସେଥିର ନିରାକରଣ ନିମନ୍ତେ ସ୍ୱର୍ଗୀୟ ଶଶୀଭୂଷଣ ରଥ ଓ ଅନ୍ୟ କେତେକ ନେତୃସ୍ଥାନୀୟ ଓଡ଼ିଆ ତଥା ଗଞ୍ଜାମର ଜମିଦାରମାନେ ମିଳିତ ହୋଇ 'ଆଶା' ପତ୍ରିକା ମାଧ୍ୟମରେ ସେଠାର ଓଡ଼ିଆ-ସ୍ୱାର୍ଥ ରକ୍ଷା କାର୍ଯ୍ୟରେ ଲାଗି-ଥାନ୍ତି । ତଥାପି ପ୍ରବଳ ପରାକ୍ରାନ୍ତ ମାନ୍ଦ୍ରାଜ ସରକାର ତଥା ଆନ୍ଧ୍ରମାନଙ୍କ ସଙ୍ଗେ ଲଢ଼ିବା ତାଙ୍କ ପକ୍ଷେ ସମ୍ଭବ ହେଲାନାହିଁ । ଓଡ଼ିଆଙ୍କ ସଂଖ୍ୟା ୧୯୦୧ ସାଲରୁ ଆରମ୍ଭକରି ତିନୋଟି ଦଶନ୍ଧି ଭିତରେ ବହୁ ପରିମାଣରେ କମି ଆସିଲା । କିନ୍ତୁ ଆନ୍ଧ୍ରମାନଙ୍କ ସଂଖ୍ୟା ସେହି ପରିମାଣରେ ବଢ଼ିଗଲା । ସେତେବେଳେ ମାନ୍ଦ୍ରାଜ ପ୍ରଦେଶସ୍ଥ ଗଞ୍ଜାମ-ଜିଲ୍ଲା ସଙ୍ଗେ ଆଧୁନିକ ଆନ୍ଧ୍ର ପ୍ରଦେଶର ଶିକାକୁଲଂ-ଜିଲ୍ଲା ମିଶିଥାଏ । ଓଡ଼ିଆ ଓ ତେଲୁଗୁ ଭାଷୀଙ୍କ ସଂଖ୍ୟା ମାନ୍ଦ୍ରାଜ ଜନଗଣନା ହିସାବ (Census Records of Madras Presidency) ରେ ନିମ୍ନ ପ୍ରକାରେ ପ୍ରକାଶିତ ହୋଇଛି ।:—

(ଗଞ୍ଜାମ ଜିଲ୍ଲା)

| ସାଲ | | ମୋଟ ଜନସଂଖ୍ୟା | ଓଡ଼ିଆ ଭାଷୀ | ତେଲୁଗୁ ଭାଷୀ |
|---|---|---|---|---|
| ୧୯୦୧ | .. | ୧୨,୮୮,୫୯୪ | ୧୨,୭୪,୯୭୫ | ୩,୪୨,୯୧୦ |
| ୧୯୧୧ | .. | ୧୮,୭୦,୮୨୬ | ୯,୫୮,୬୬୧ | ୮,୩୯,୪୪୯ |
| ୧୯୨୧ | .. | ୧୮,୩୫,୫୬୨ | ୯,୩୧,୬୯୦ | ୮,୪୧,୬୫୫ |

ଉପରୋକ୍ତ ହିସାବରୁ ସ୍ପଷ୍ଟ ପ୍ରମାଣିତ ହୋଇଗଲା ଯେ, ମାନ୍ଦ୍ରାଜର ଜନସୁମାରୀ ବେଳେ ସେଠା ସରକାରଙ୍କ ଇଙ୍ଗିତରେ ହେଉ ବା ଅନ୍ୟ କାରଣରୁ ହେଉ ଓଡ଼ିଆମାନଙ୍କ ଦେଶ-ମିଶ୍ରଣ ଦାବୀ ପରାହତ କରିବାକୁ ଏପରି କାରସାଦି କରାଯାଇଛି । ୧୯୦୧ରେ ଓଡ଼ିଆଙ୍କ ସଂଖ୍ୟା ଯାହାଥିଲା, ୧୦ ବର୍ଷ ପରେ ତାହା ବଢ଼ିବା ତେଣେ ଥାଉ ମୂଳ ସଂଖ୍ୟାରୁ ୩ଲକ୍ଷ ୧୬ ହଜାର କମିଗଲା ; ପୁଣି ଅତି ଆଶ୍ଚର୍ଯ୍ୟଜନକ ଭାବେ ତେଲୁଗୁ ସଂଖ୍ୟା ସେହି ଦଶବର୍ଷ ମଧ୍ୟରେ ୪ ଲକ୍ଷ ୯୭ ହଜାର ବଢ଼ିଗଲା । ଏଥିରେ କେନ୍ଦ୍ରସରକାର ପର୍ଯ୍ୟନ୍ତ ସମସ୍ତେ ତଟସ୍ଥ ଓ ବିସ୍ମିତ ହେଲେ, କିନ୍ତୁ କେହି କିଛି ପ୍ରତିକାର ବାଟ ପାଇଲେ ନାହିଁ । ଓଡ଼ିଆମାନେ ଖାଲି ପତ୍ରିକା ଓ ସଭାସମିତିରେ ଉଦ୍‌ବେଗ ପ୍ରକାଶ କରି ନୀରବ ହେଲେ । ତାଙ୍କ କଥା ବା ଶୁଣୁଛି କିଏ ? ଓଡ଼ିଆଙ୍କ ଆନ୍ଦୋଳନ କିନ୍ତୁ ଦବିଲା ନାହିଁ । ଏଥିର କିଛିକାଳ ପରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ସୃଷ୍ଟି କରିବାକୁ ଯାଇ ଉତ୍କଳମଣି ଗୋପବନ୍ଧୁ ଲେଖିଲେ, "ଗଞ୍ଜାମ ଓ ଜୟପୁର ଓଡ଼ିଆଙ୍କର ଦେଶମିଶ୍ରଣ ବିଷୟରେ ମତ ବୁଝିବା ଲାଗି ଫିଲିପ୍-ଡ଼ଫ୍ ତଦନ୍ତ କଲେ, ଅନୁକୂଳ ରିପୋର୍ଟ ଦେଲେ । ସମସ୍ତେ ବିଗିଡ଼ିଲେ ଏହିଥର ଗଞ୍ଜାମ ଆସିବ । ଏହି ସେପ୍‌ଟେମ୍ବରରେ ମିଶିବ, ନଭେମ୍ବରରେ ଘୋଷଣା ହେବ । ଆଉ ପନ୍ଦର ଦିନରେ ଆସିବ । ସିଡ଼ିଂ ସାହେବ ଯିବା ଆଗରୁ କରିଦେଇ ଯିବେ; ଏଇ ଅଇଲା ଅଇଲ ଏହିପରି ହଟଚମଟିଆ ଲୋକଙ୍କ ହାଡ଼ିଆବୀର ଆସିବା ଭାଷା ଆଶା ମୋହ ମାଧୁରି ଏତେଦିନ ଲାଗିଲା । ଏବେ ସମସ୍ତ ଅଣ୍ଡା । ଯଥା ପୂର୍ବ ତଥା ପରଂ........ଏଣେ, ଯେ ଓଡ଼ିଆର ଭାଷା, ଆଶା, ଶିକ୍ଷା, ସାହିତ୍ୟ, ସଂସ୍କାର, ସାମା-ଜିକତା କ୍ରମେ ଆସି ବିଛିନ୍ନ, ଓଡ଼ିଆ ଅଞ୍ଚଳରୁ ଲୁପ୍ତ ହେଲାଣି । ଓଡ଼ିଆର ଜାତୀୟ ଶକ୍ତିରେ ଏ ଜାତୀୟ ଭାବ ଜାଗୁ, ସର୍ବତ୍ର ଓଡ଼ିଆର ଆଖି ଫିଟି ଓଡ଼ିଆ ଆପଣାର ଘରକୁ ଦେଖୁ, ଦେଶକୁ ଜାଣୁ, ନିଜକୁ ଚିହ୍ନୁ । ଏହା ହେଲେ ସରକାରଙ୍କ ଠାରୁ ଦେଶମିଶ୍ରଣ ଲୋଡ଼ା ହେବନାହିଁ ।"*

୧୯୧୯ ସାଲ ଏପ୍ରିଲ୍ ୧୯ ତାରିଖରେ ଉତ୍କଳ ସମ୍ମିଳନୀର ସଭାପତି ଆସନରୁ ସେ ଯେଉଁ ବାର୍ତ୍ତା ଶୁଣାଇଲେ, ସେଥିରେ ଗୋପବନ୍ଧୁ ଓଡ଼ିଆ ଜାତିକୁ ଆଶ୍ୱାସନା ଦେଇ କହିଥିଲେ—

"........ଭାଇ ! ବହୁ ଦୂରରେ ଏହି ଯେ ନୀଳଚକ୍ର ଉପରେ ଧ୍ୱଜା ଉଡ଼ୁଛି, ତାହାରି ଉପରେ ନଜରକି ପୂରିବାକୁ ହେବ ।

* 'ସମାଜ', ତା ୧୦-୪-୧୯୨୫

"........ବ୍ୟକ୍ତି ବିଶେଷର ତ୍ୟାଗରେ ଜାତୀୟ ଶକ୍ତି ପ୍ରତିଷ୍ଠିତ ହେବ । ଭୟନାହିଁ, ନିରାଶ ନାହିଁ, ମାଭୈ ମାଭୈ ନାଦରେ ଉତ୍କଳ-ଜନନୀ ଆମ୍ଭମାନଙ୍କୁ ଆଶିର୍ବାଦ କରୁଛନ୍ତି । ଓଡ଼ିଆଜାତି ନାନା ବାଧା ବିଘ୍ନ, ବହୁ ଅତ୍ୟାଚାର ମଧ୍ୟରେ ଆଜି ଯେ ବଞ୍ଚିଅଛି, ଏହା ନିରର୍ଥକ ନୁହେଁ ।.............."

ସେ ବର୍ଷ ପଞ୍ଜାବର ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ସାରା ଦେଶରେ ଘୋର ଉତ୍ତେଜନା ସୃଷ୍ଟି କରିଥିଲା । ଭାରତ ସରକାର ସେତିକି ବେଳେ ଶୋଚନୀୟ ଭାବେ ପ୍ରଶାସନିକ ସଙ୍କଟର ସମ୍ମୁଖୀନ ହୋଇଥିଲେ । ଗୋପବନ୍ଧୁଙ୍କ ପରି ନିଷ୍ଠାପର କଂଗ୍ରେସ ନେତାମାନଙ୍କ ଉଦ୍ୟମରେ ମହାତ୍ମା ଗାନ୍ଧୀଙ୍କଠାରୁ ଦରିଦ୍ର ନିଃସହାୟ-ଓଡ଼ିଆ ସହାନୁଭୂତି ଲାଭ କରିଥିବାରୁ ଫିଲିପ୍-ଡ଼ଫ୍-କମିଶନ ନିଯୁକ୍ତ ହେଲା । ମାଦ୍ରାଜ ପ୍ରଦେଶର ଓଡ଼ିଆ-ମାନେ ଓଡ଼ିଶାରେ ମିଶି ରହିବାକୁ ଚାହାନ୍ତି କି ନାହିଁ ଏ କଥା ସେମାନଙ୍କଠାରୁ ସଂଗ୍ରହ କରି ଭାରତ ସରକାରଙ୍କୁ କମିଶନ ଜଣାଇଲେ ଯେ ଓଡ଼ିଶାରେ ରହିବାକୁ ସେମାନେ ଅତ୍ୟନ୍ତ ଉତ୍ସୁକ । ଏହାପରେ ବଡ଼ଲାଟଙ୍କ ଦପ୍ତରରୁ ୧୯୩୧ ସାଲରେ ନିମ୍ନୋକ୍ତ ଆଦେଶନାମା ଜାରିହେଲା :—

" The Government of India with approval of the Secretary of State have decided to appoint a Committee to examine and report on the administrative, financial and other consequences of setting up a separate administration for the Oriya speaking people and to make recommendation regarding its boundaries in the event of separation."*

ସେହି କମିଟିରେ ଚେୟାରମ୍ୟାନ୍ ରୂପେ ଜଣେ ଆଇ. ସି. ଏସ୍ ଅଫିସର ସାର ଏସ୍. ଓଡ଼ୋନେଲ (Sir S. O.' Donnel) ନିଯୁକ୍ତ ହେଲେ । ପୁଣି ଆସାମର ଟି. ଆର. ଫୁକାନ ଏବଂ ବମ୍ବେର ଏଚ. ଏମ୍. ମେହେଟାଙ୍କୁ ସଭ୍ୟ ରୂପେ ସେଥିରେ ଗ୍ରହଣ କରାଗଲା । ବିହାରର ସଚ୍ଚିଦାନନ୍ଦ ସିଂହ ମଧ୍ୟ ଜଣେ ସହାୟକ ରୂପେ ରହିଥିଲେ । କିନ୍ତୁ ଗଞ୍ଜାମର ଗୋପାଳପୁରଠାରେ କମିଟିର ଯେଉଁ ବୈଠକ ବସିଲା, ସେଥିରେ ସେ ଯୋଗ ଦେଇ ନ ଥିଲେ । ଓଡ଼ିଆଙ୍କ ପକ୍ଷରୁ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ରଗଜପତିନାରାୟଣ ଦେବ ଓ ତେଲେଙ୍ଗାଙ୍କ ପକ୍ଷରୁ ସି. ଭି. ଏନ୍ ନରସିଂହ ରାଜୁ କମିଟିର ସହାୟକ ରୂପେ ନିର୍ବାଚିତ ହେଲେ ।

ପାରଳା ମହାରାଜାଙ୍କ ନିର୍ଦ୍ଦେଶ ଅନୁସାରେ ଗଞ୍ଜାମ ଓ କୋରାପୁଟ (ଜୟପୁର)ରେ ଥିବା ପ୍ରତ୍ୟେକ ଅନୁଷ୍ଠାନ ପକ୍ଷରୁ ସ୍ମାରକପତ୍ରମାନ ପ୍ରସ୍ତୁତ ହେଲା । ବହୁ ବିଶିଷ୍ଟ ମୁଖପାତ୍ର ସାକ୍ଷ୍ୟଦେବାକୁ ଆସିଲେ । ମହାରାଜାଙ୍କ ନିଜର ଗୋଟିଏ ଦୋତାଲା କୋଠା ବ୍ରହ୍ମପୁରରେ ଥାଏ । ସେଠାରେ ଆମ ପକ୍ଷରୁ ଗୋଟିଏ ଅଫିସ ରହିଲା । ସୀମା-ନିର୍ଦ୍ଧେଶକ-କମିଟିରେ ସାକ୍ଷ୍ୟ ଦେବାକୁ ଯେଉଁମାନେ ସ୍ମାରକପତ୍ର ପଠାଇଥିଲେ କିମ୍ବା ସାକ୍ଷ୍ୟ ଦେବାକୁ ଆସୁଥିଲେ ପ୍ରଥମେ ତାଙ୍କ ପାଇଁ ରହିବା ସୁବିଧା କରିବା ଆବଶ୍ୟକ । ସେମାନେ କମିଟି ଆଗରେ ଯାହା ଯାହା କହିବେ, ସେଥିରେ ତାଙ୍କୁ ପ୍ରସ୍ତୁତ କରାଇବା ମଧ୍ୟ ଦରକାର। ସେ ଭାରଟି ଆମ କେତେଜଣ କର୍ମୀଙ୍କୁ ଦିଆଗଲା । ବ୍ରହ୍ମପୁରଠାରୁ ଗୋପାଳପୁର ପ୍ରାୟ ୮ । ୯ ମାଇଲ ଯିବା ପାଇଁ ସେତେବେଳେ ସାଧାରଣ ବସ୍-ସର୍ଭିସ୍ ନ ଥାଏ । ତେଣୁ କେତୋଟି ଭଡ଼ା ମୋଟରକାର ଓ ଗୋଟିଏ ବସ୍ ଆମେ ଯୋଗାଡ଼ କରି ଥାଉ । ଏ ସମସ୍ତ ବ୍ୟୟର ଅଧିକାଂଶ ମହାରାଜା ନିଜେ ବହନ କରୁଥିଲେ, ଅବଶିଷ୍ଟ ପାରଳାଖେମୁଣ୍ଡିର ଉତ୍କଳ-ହିତୈଷିଣୀ-ସମାଜ-ପକ୍ଷରୁ ଖର୍ଚ୍ଚ ହେଉଥିଲା ।

ବାଲେଶ୍ୱର (ସୋରୋ)ଠାରୁ ଆସି ପାରଳାଖେମୁଣ୍ଡି ହାଇସ୍କୁଲରେ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ ଜଣେ ସ୍ୱଦେଶପ୍ରେମୀ ନିଷ୍ଠାବାନ୍ କର୍ମୀ-ସ୍ୱର୍ଗୀୟ ହୀରାଲାଲ ବର୍ଦ୍ଧନ, ଆଉମଧ୍ୟ ମହାରାଜାଙ୍କ ପ୍ରାଇଭେଟ୍-ସେକ୍ରେଟେରୀ ସ୍ୱର୍ଗୀୟ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ସଙ୍ଗରେ ମୁଁ ମିଶି ଏ ସମସ୍ତ କାମରେ ଲଗି ଥାଉଁ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ନେତୃଶ୍ରେଣୀୟ ଲୋକେ ଗୋପାଳପୁରରେ ସମବେତ ହୋଇଥାନ୍ତି ଏବଂ ଉତ୍ସୁକ ହୋଇ ଅପେକ୍ଷା କରିଥାନ୍ତି ସୀମା କମିଟିର କାର୍ଯ୍ୟକଳାପ ଅନୁଧ୍ୟାନ କରିବାକୁ । ମହାରାଜାଙ୍କ ଦେବାନ୍ ଅନନ୍ତରାମ ରଥ, ଓକିଲ ଗୋରାଚାନ୍ଦ ପଟ୍ଟନାୟକ ପ୍ରଭୃତି ବୟୋଜ୍ୟେଷ୍ଠ ପୁରୁଖା ଲୋକେ ସମୟେ ସମୟେ ଆସି ଆମ କାର୍ଯ୍ୟରେ ସାହାଯ୍ୟ କରୁଥାନ୍ତି ।

ଆନ୍ଧ୍ରମାନଙ୍କ ପକ୍ଷରୁ ମଧ୍ୟ ସେମାନଙ୍କ ନେତାମାନେ ସମବେତ ହୋଇ ବ୍ରହ୍ମପୁରଠାରେ "ଆନ୍ଧ୍ରଭାଷା-ବିବର୍ଦ୍ଧିନୀ-ସମାଜ" ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ି ଓଡ଼ିଶାରେ ମିଶଣ ବିରୁଦ୍ଧ କାମରେ ଲଗିଥାନ୍ତି । ସେମାନଙ୍କ ଧନ ଓ ଜନବଳ ଆମ ଅପେକ୍ଷା ଯଥେଷ୍ଟ ଅଧିକ । ତଥାପି ଗଞ୍ଜାମରେ ଓଡ଼ିଆ ରାଜା-ଜମିଦାର ସମସ୍ତେ ଆମକୁ ଆନ୍ତରିକ ସାହାଯ୍ୟ ଓ ସହାନୁଭୂତି ଦେଉଥିଲେ । ଏଣୁ ଆନ୍ଧ୍ର ବିପକ୍ଷ କାର୍ଯ୍ୟକଳାପରେ ଆମେ ଆଦୌ ଭୟଭୀତ ନ ଥିଲୁ ।

ଗୋପାଳପୁରଠାରେ ଦୁଇ ଦିନ ମାତ୍ର କମିଟି ପକ୍ଷରୁ ବୈଠକ ବସିଲା । ମୋର ମନେ ଅଛି, ପ୍ରଥମ ଦିନ ବିଭିନ୍ନ ଅନୁଷ୍ଠାନମାନଙ୍କର ସାକ୍ଷ୍ୟ ନିଆଗଲା ଓ ଦ୍ୱିତୀୟ ଦିନ ସରକାରଙ୍କ ପକ୍ଷରୁ ନିଯୁକ୍ତ ଅଫିସରମାନଙ୍କଠାରୁ କମିଟି ସାକ୍ଷ୍ୟ ଗ୍ରହଣ କଲେ ।

ପ୍ରଥମ ଦିନ ଆନ୍ଧ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ଗିଡୁଗୁ ସୀତାପତି ସାକ୍ଷ୍ୟ ଦେବାକୁ ଯାଇ ଦାବୀ କଲେ, "ଅତି ପ୍ରାଚୀନ କାଳରୁ ଏ ଦେଶର ନାମ ଥିଲା 'କଳିଙ୍ଗ' । ଅଶୋକଙ୍କ ଜଉଗଡ଼ ଶିଳା-ଶାସନରୁ ଏହା ପ୍ରମାଣିତ ହୋଇଅଛି । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଗୁପ୍ତ-ବଂଶୀୟ ମହାରାଜା ସମୁଦ୍ରଗୁପ୍ତ ଏ ଅଞ୍ଚଳ ଅଭିଯାନ କରି ଦକ୍ଷିଣରେ କାଞ୍ଚି ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଏ କଥା ଆହ୍ଲାବାଦ ସ୍ତମ୍ଭଲିପିରେ ଖୋଦିତ ହୋଇଅଛି । ସେତେବେଳେ କଳିଙ୍ଗରେ ଦାକ୍ଷିଣାତ୍ୟରୁ ଗଙ୍ଗ ବଂଶୀୟ ରାଜାମାନେ ଆସି ମୁଖଲିଙ୍ଗଠାରୁ ଶାସନ ବିସ୍ତାର କରିଥିଲେ ।

* Resolution No. 12-VI-31, dated the 8th September 1931.

ସୂର୍ଯ୍ୟ-ବଂଶୀୟ ମହାରାଜା କପିଳେନ୍ଦ୍ର ମଧ୍ୟ ଗୋଦାବରୀ ...ରୁ ଆସି ଓଡ଼ିଶା ଆକ୍ରମଣ କଲେ । ତେଲେଙ୍ଗା-ମୁକୁନ୍ଦଦେବ ଜଣେ ଆନ୍ଧ୍ର ବଂଶୀୟରାଜା । ତେଣୁ ଏ ଅଞ୍ଚଳ ପୂର୍ବକାଳରୁ ଆନ୍ଧ୍ରର ଏକ ଅଂଶ ହୋଇ ରହିଛି । ଏବେ ମଧ୍ୟ ତାହା ଆନ୍ଧ୍ରରାଜ୍ୟର ଏକ ଅଂଶ । ସେ ରାଜ୍ୟରୁ ଉତ୍କଳରେ ମିଶାଇବା ଘୋର ଅନ୍ୟାୟ ପୁଣି ଅପ୍ରା-ସଙ୍ଗିକ" ।

ଅପରାହ୍ଣରେ ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ମୁଁ ସାକ୍ଷ୍ୟ ଦେବାକୁ ଗଲି । ଅଧ୍ୟାପକ ସୀତାକାନ୍ତ ପତି କ'ଣ କହିବେ, ସେ କଥା ତାଙ୍କର କେତୋଟି ପୂର୍ବ ପ୍ରକାଶିତ ପ୍ରବନ୍ଧରୁ ମୁଁ ଆଗରୁ ସଂଗ୍ରହ କରିଥାଏ । ଆଉ ମଧ୍ୟ ଐତିହାସିକ ପ୍ରମାଣ ବଳରେ ତାହା କିପରି ଖଣ୍ଡନ କରିବାକୁ ହେବ, ସେ ସମ୍ବନ୍ଧରେ କେତେକ ପୁସ୍ତକରୁ ନଜିର ଠିକ୍ କରିଥାଏ ।

ସୀମା-କମିଟିରେ ପ୍ରଥମରୁ ମୁଁ ବୁଝିପାରିଥିଲି, ଚେୟାରମ୍ୟାନ ଓଡ୍ରେନେଲ୍ ସାହେବ ଓଡ଼ିଆ-ବିରୁଦ୍ଧ-ଭାବ ମନରେ ପୋଷଣ କରି ଅଛନ୍ତି; କିନ୍ତୁ ଅନ୍ୟ ଦୁଇଜଣ ସଭ୍ୟ (ଫୁକାନ ଓ ମେହେଟ୍ଟା) ଓଡ଼ିଆମାନଙ୍କ ପ୍ରତି ସହାନୁଭୂତି-ଶୀଳ ବୋଲି ଜଣା ପଡୁଥିଲେ । ମୁଁ ସାକ୍ଷ୍ୟ ଦେବାକୁ ଯିବାକ୍ଷଣି ପ୍ରଥମେ ଫୁକାନ୍ ମୋତେ ପଚାରିଲେ—"ପ୍ରାଚୀନ କଳିଙ୍ଗ ରାଜ୍ୟଟି ଆନ୍ଧ୍ରର ଏକ ଅଂଶ, ଏକଥା ଆପଣ ସ୍ୱୀକାର କରନ୍ତି କି?" ମୁଁ କହିଲି—"ନା, ତା' କିପରି ସମ୍ଭବ ? କଳିଙ୍ଗ ଏବଂ ଆନ୍ଧ୍ର ଦୁଇଟି ଅଲଗା ଅଲଗା ରାଜ୍ୟ" ! ଏହା ଶୁଣି ଓଡ୍ରେନାଲ୍ ପଚାରିଲେ, "ଐତିହାସିକ ପ୍ରମାଣ ଦେଇ ବୁଝାଇ ପାରିବ?" ମୁଁ କହିଲି, ହଁ ଉଦୟଗିରି ହାତୀଗୁଂଫା ଶିଳାଲେଖ ଅନୁସାରେ କଳିଙ୍ଗର ମହାରାଜା ଖାରବେଳ ଆନ୍ଧ୍ରରାଜା ସାତକର୍ଣ୍ଣୀଙ୍କୁ ପରାସ୍ତକରି ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ପଶ୍ଚିମ ଉପକୂଳରେ ବିଜୟ ଲାଭ କରିଥିଲେ । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଆନ୍ଧ୍ରର ସମ୍ମୃଦ୍ଧି ଚୋଳ ନାମକ ରାଜା ତାଙ୍କ ରାଜ୍ୟର ସୀମା ନିରୂପଣ କରିବାକୁ ଯାଇ ଗୋଟିଏ ଅଭିଲେଖ ନିଜ ରାଜ୍ୟରେ ସ୍ଥାପନ କରିଛନ୍ତି । ତାହା ଭାରତୀ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ( South-Indian Inscription ) ନାମକ ଗ୍ରନ୍ଥରେ ପ୍ରକାଶ ପାଇଛି । ସେହି ଅଭିଲେଖରେ ଯେଉଁ ଶ୍ଳୋକଟି ସଂସ୍କୃତରେ ଲେଖା ଅଛି, ତା' ହେଉଛି—

"ପଶ୍ଚାତ୍ ପୁରସ୍ତାଦପି ଯସ୍ୟ ଦେଶୌ<br>
ଖ୍ୟାତୌ ମହାରାଷ୍ଟ୍ର—କଳିଙ୍ଗ ସଂଜ୍ଞୌ ।<br>
ଅବାଗୁଦକ୍ ପାଣ୍ଡ୍ୟକ—କାନ୍ୟକୁବ୍ଜୌ<br>
ଦେଶଃ ସ ନତ୍ରାସ୍ତି ତୈଲଙ୍ଗ ନାମା" ।।

ଅର୍ଥାତ୍ ଯେଉଁ ଦେଶର ପଶ୍ଚିମରେ ଓ ପୂର୍ବରେ ଯଥାକ୍ରମେ ମହାରାଷ୍ଟ୍ର ଓ କଳିଙ୍ଗ ରାଜ୍ୟ ଅବସ୍ଥିତ; ପୁଣି ଯାର ଦକ୍ଷିଣ ଏବଂ ଉତ୍ତରରେ ପାଣ୍ଡ୍ୟ ଓ କାନ୍ୟକୁବ୍ଜ ବିଦ୍ୟମାନ, ସେହି ମଧ୍ୟବର୍ତ୍ତୀ ଦେଶର ନାମ ହେଉଛି, 'ତୈଲଙ୍ଗ' ଅର୍ଥାତ୍ ତେଲେଙ୍ଗା ଭାଷୀଙ୍କ ରାଜ୍ୟ ।

ଫୁକାନ୍ ସଂସ୍କୃତ ଭାଷା ଜାଣିଥିଲେ । ଇଂରାଜୀରେ ଓଡେନଲ୍‌ଙ୍କୁ ସେଥିର ଅର୍ଥ ପ୍ରାଞ୍ଜଳ କରି ବୁଝାଇ ଦେଲେ ।

ମୁଁ ପୁଣି କହିଲି, "ତୈଲଙ୍ଗ ରାଜ୍ୟଟି କଳିଙ୍ଗ ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ଥିଲା । କିନ୍ତୁ କାଳକ୍ରମେ ତାହା ବାହାମନୀ ରାଜ୍ୟର ଅନ୍ତର୍ଭୁକ୍ତ ହେବା ଫଳରେ ସେଥିର ପତନ ଆରମ୍ଭ ହେଲା । ହାଇଦରାବାଦରୁ ମୁସଲମାନ ଶାସକ (ଗଭର୍ଣ୍ଣର) ଙ୍କ ସାଥିରେ ବହୁ ତୈଲଙ୍ଗ କର୍ମଚାରୀ, ଓକିଲ, ବ୍ୟବସାୟୀ ପ୍ରଭୃତି ଏ ଦେଶରେ ନିଯୁକ୍ତ ହେଲେ । ସ୍ଥାନୀୟ ରାଜା ଓ ଜମିଦାରମାନେ ମଧ୍ୟ ତୈଲଙ୍ଗମାନଙ୍କୁ ନିଜ ନିଜ ଓକିଲ ଓ କର୍ମଚାରୀ ରୂପେ ବରଣ କଲେ । କାରଣ ଆବଶ୍ୟକ ସ୍ଥଳେ ସେମାନେ ଶ୍ରୀକାକୁଲମ୍‌ରେ ଥିବା ଉଚ୍ଚ ରାଜ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବା ସମ୍ଭବ ହେବ । କ୍ରମେ ସେହି ପୁରୁଣା ପ୍ରଥାଟି ଇଂରାଜୀ-ଶାସନ ବେଳେ ଅବ୍ୟାହତ ରହିଲା—ଯେହେତୁ ସରକାରୀ ଦପ୍ତରରେ କାମ କରିବାକୁ ଓଡ଼ିଆମାନେ ଇଂରାଜୀ ପାଠ ସେତେବେଳେ ପଢ଼ିବା ସୁବିଧା ପାଉ ନ ଥିଲେ । କ୍ରମେ ଗଞ୍ଜାମରେ ତେଲେଙ୍ଗାଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ଓଡ଼ିଆମାନେ କ୍ରମେ କ୍ରମେ ଉପକୂଳ ଅଞ୍ଚଳରୁ ଉଠିଯାଇ ପାର୍ବତୀୟ ଗ୍ରାମମାନଙ୍କରେ ବସବାସ କରିବାକୁ ଲାଗିଲେ । ଆନ୍ଧ୍ର ଅଞ୍ଚଳରୁ କୃଷି ଓ ବ୍ୟବସାୟ ସୂତ୍ରରେ ମଧ୍ୟ ବହୁ ସଂଖ୍ୟାରେ ତେଲେଙ୍ଗାମାନେ ଏଠାକୁ ଆସି ସ୍ୱଚ୍ଛଳତା ଲାଭ କଲେ । ତଥାପି ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଆଙ୍କ ପ୍ରାଧାନ୍ୟ କ୍ଷୁଣ୍ଣ ହେଲା ନାହିଁ । ଗଞ୍ଜାମର କବି ଓ ସାହିତ୍ୟିକମାନେ ଏଠା ରାଜା ଓ ଜମିଦାରମାନଙ୍କଠାରୁ ଉତ୍ସାହ ପାଇ ଯେଉଁ ସାହିତ୍ୟ ସୃଷ୍ଟି କରି ଅଛନ୍ତି, ତାହା ଆଜି ଉତ୍କଳ ସାହିତ୍ୟକୁ ପ୍ରାଣବନ୍ତ କରି ରଖିଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳ କୃଷ୍ଣ, ରଘୁନାଥ ପରିଚ୍ଛା, ଗୋପୀନାଥ ନନ୍ଦଙ୍କ ଲେଖନୀରେ ଓଡ଼ିଶାର ଜାତୀୟ ସାହିତ୍ୟ ଉଦ୍‌ଭାସିତ ହୋଇଛି । ଓଡ଼ିଶାର ଶିକ୍ଷା ଓ ସଂସ୍କୃତିକୁ ତାହା ଚିରନ୍ତନ କରି ଗଢ଼ିଛି । ସେହି କବି ଓ ଲେଖକଙ୍କ ତୁଳନାରେ ଆନ୍ଧ୍ରମାନଙ୍କ ପକ୍ଷରୁ ଆନ୍ଧ୍ର ସାହିତ୍ୟ ଓ ସଂସ୍କୃତିକୁ ଗଞ୍ଜାମରେ କି ଅବଦାନ ରହିଛି ? କିଛି ନାହିଁ, ଶୂନ୍ୟ କହିଲେ ଚଳେ !!"

ମୋର ସାକ୍ଷ୍ୟ ଦେବାପରେ 'ଦୈନିକ ଆଶା'ର ସଂପାଦକ ସ୍ୱର୍ଗୀୟ ଶଶୀଭୂଷଣ ରଥ ସାକ୍ଷ୍ୟ ଦେଇ କହିଲେ—"ଆନ୍ଧ୍ରମାନେ ଗଞ୍ଜାମ ଅଞ୍ଚଳରେ ତିନି ଶ୍ରେଣୀରେ ବିଭକ୍ତ । ପ୍ରଥମ ଶ୍ରେଣୀକୁ ଆମେ କହୁ 'ଅଘରିଆ'; କାରଣ ଯେଉଁ-ମାନେ ଦକ୍ଷିଣ ଅଞ୍ଚଳରେ ଥିବା ସେମାନଙ୍କ ଘରଦ୍ୱାର ସବୁ ବିକ୍ରିକରି ଦେଇ ଏ ଜିଲ୍ଲାରେ ଭଡାଘରେ ରହନ୍ତି ଏବଂ ଓକିଲାତି ବା ମାଷ୍ଟର ବା କିରାଣୀ ଇତ୍ୟାଦି କାମ କରି ପରିବାର ପୋଷନ୍ତି । ସେମାନଙ୍କ ନିଜର ହୋଇ କେଉଁଠାରେ ଘର ଖଣ୍ଡିଏ ନାହିଁ । ତେଣୁ ସେମାନେ 'ଅଘରିଆ' । ଦ୍ୱିତୀୟ ଶ୍ରେଣୀଟି ହେଉଛି, 'ଏକଘରିଆ', ଅର୍ଥାତ୍ ଯେଉଁ-ମାନଙ୍କ ପୈତୃକ ଘର ଆନ୍ଧ୍ର ଅଞ୍ଚଳରେ ଅଛି; କିନ୍ତୁ ବ୍ୟବସାୟ ଉଦ୍ଦେଶ୍ୟରେ ଏଠାରେ ଘରଟିଏ ଭଡାରଖି ଚଳୁଛନ୍ତି । ଦରକାର ବେଳେ ସେମାନେ ଏଠାରୁ ଫେରିଯାଇ ତାଙ୍କ ନିଜ ଘରେ ରହିବେ । ତୃତୀୟ ଶ୍ରେଣୀଟି ହେଉଛି; 'ଦୋ—ଘରିଆ'; ଅର୍ଥାତ୍ ଯେଉଁମାନଙ୍କର ପୈତୃକ ଘର ଆନ୍ଧ୍ର ଅଞ୍ଚଳରେ ଅଛି, ପୁଣି ଏଠାକୁ ଆସି ସୁବିଧା ସ୍ଥାନରେ

ଗୋଟିଏ ଗୋଟିଏ ଘର ବନାଇ ଆରାମରେ ରହିଛନ୍ତି । ପଞ୍ଚାମରେ ଆନ୍ଧ୍ର ସମାଜର ସମଗ୍ର ପରିସ୍ଥିତି ଏପରି ତିନୋଟି ଶ୍ରେଣୀକୁ ଆଧାର କରି କ୍ରମ ବର୍ଦ୍ଧିତ ହେଉଛି ।

ଶଶୀଭୂଷଣଙ୍କ ଏହି ଶ୍ରେଣୀ ବିଭାଗ ବାଖ୍ୟାନଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବାସ୍ତବ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଥିଲା । ତାଙ୍କ ପରେ ପାରଳାଖେମୁଣ୍ଡି ମ୍ୟୁନିସିପାଲଟି ଚେୟାରମ୍ୟାନ ରାଓସାହେବ କେ. ଭି. ଅପ୍ପାରାଓ (ଅଦ୍ୟାପି ୯୪ ବର୍ଷୀୟ ବୃଦ୍ଧ ଜୀବିତ) ମହାରାଜାଙ୍କ କଲେଜ ପ୍ରିନସ୍‌ପାଲ ସ୍ୱର୍ଗୀୟ ପିଁ. ଜଗନ୍ନାଥ ସ୍ୱାମୀଙ୍କ ସମେତ ବହୁ ବିଶିଷ୍ଟ ତେଲୁଗୁ ଦୋରା ଓ ନାୟକମାନେ ସାକ୍ଷ୍ୟ ଦେଇଥିଲେ । ସେଥିରୁ ପ୍ରମାଣିତ ହେଲା ଯେ, ସେମାନେ ତେଲେଙ୍ଗା ହୋଇ ସୁଦ୍ଧା ମହାରାଜାଙ୍କ ସଙ୍ଗେ ଓଡ଼ିଶାରେ ରହିବାକୁ ଇଚ୍ଛୁକ । କିନ୍ତୁ କମିଟିର ଚେୟାରମ୍ୟାନ ତାଙ୍କ ରିପୋର୍ଟର ୨୯ ପୃଷ୍ଠାରେ ଲେଖିଗଲେ—

"It would be strange if such evidences were forth—coming from an area owned by a Zamidar who has been protagonist of the Oriya movement''.

କିନ୍ତୁ କମିଟିର ଅନ୍ୟ ଦୁଇଜଣ ଭାରତୀୟ ସଭ୍ୟ ଏହି ଉକ୍ତିର ପ୍ରତିବାଦ କରି ତାଙ୍କର ସ୍ୱତନ୍ତ୍ର ମତ ରିପୋର୍ଟରେ ଦେଇଥିଲେ ।

ମୋର ମନେ ପଡୁଛି, ପାରଳାଖେମୁଣ୍ଡିର ଜଣେ ଆନ୍ଧ୍ର ସଂସ୍କୃତ ପଣ୍ଡିତ ସାକ୍ଷ୍ୟ ଦେବାକୁ ଯାଇ 'ଉତ୍ତର ରାମ ଚରିତ ସଂସ୍କୃତ ନାଟକରୁ ନିମ୍ନ ଶ୍ଳୋକଟି ଆବୃତ୍ତି କରିଥିଲେ :—

"ସ୍ନେହଂ, ଦୟାଂଚ ସୌଖ୍ୟଂଚ ଯଦିବା ଜାନକୀମପି ।
ଆରାଧନାୟ ଲୋକସ୍ୟ ମୁଞ୍ଚତୋ ନାସ୍ତିମେ ବ୍ୟଥା" !!

ଏଥିର ତାତ୍ପର୍ଯ୍ୟ ହେଉଛି, ରାମଚନ୍ଦ୍ର ନିଜ ପ୍ରଜାଙ୍କ ପାଇଁ ସମସ୍ତ ସ୍ନେହ, ଦୟା, ସୁଖ ଓ ସ୍ୱୀୟଭାର୍ଯ୍ୟା ଜାନକୀଙ୍କୁ ତ୍ୟାଗ କଲେ ସୁଦ୍ଧା ମନରେ ବ୍ୟଥା ପାଇ ନ ଥିଲେ । ସେପରି ପାରଳାର ଲୋକେ ତାଙ୍କ ରାଜାଙ୍କ ପାଇଁ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ । କିନ୍ତୁ ଏ କଥା ଚେୟାରମ୍ୟାନ ଓଡେନାଲ୍‌ଙ୍କୁ ସୁହାଇଲା ନାହିଁ । ତେଣୁ ସେ ଉପରୋକ୍ତ ପ୍ରକାରେ ବିସ୍ମୟ ପ୍ରକାଶ କରି ବିରୁଦ୍ଧ ମତ ଦେଇଥିଲେ ।

ଦ୍ୱିତୀୟ ଦିନ ମାନ୍ଦ୍ରାଜରେ ସେନ୍‌ସେସ କମିଶନର ଇଟ୍‌ସ୍ ସାହେବ ଗୋଟିଏ ସୁଦୀର୍ଘ ଆଲୋଚନା କରି ଜଣାଇଲେ ଯେ ପାରଳାଖେମୁଣ୍ଡି ମଂଜୁଷା, ତରଳା, ଚିକିଟି ପ୍ରଭୃତି ଉଞ୍ଚାମର ତାଲୁକାଗୁଡ଼ିକ ସମେତ ଜୟପୁରର କୌଣସି ଅଂଶ ଓଡ଼ିଆମାନେ ଦାବୀ କରି ପାରିବେ ନାହିଁ, ଭାଷା ଦୃଷ୍ଟିରୁ । କାରଣ, ସେଠାରେ ଅଧିକାଂଶ ତେଲୁଗୁ ଭାଷାଭାଷୀ ଏବଂ ଆଦିବାସୀ ଲୋକେହିଁ ବାସ କରନ୍ତି । ଓଡ଼ିଆ ଜାତିମାନଙ୍କ ସମ୍ବନ୍ଧରେ ଚେୟାରମ୍ୟାନ ଆଦୌ ଗୁରୁତ୍ୱ ଦେଇ ନ ଥିଲେ ।

ଗୋପାଳପୁରରେ କାମ ସାରି ସୀମା କମିଟି ଯେତେବେଳେ ମେଦିନୀପୁର ଯାତ୍ରା କଲେ ସେତେବେଳେ ମଧ୍ୟ ମହାରାଜାଙ୍କ ସାଥିରେ ଆମେ କେତେଜଣ କର୍ମୀ ଯାଇଥାଉଁ । ଯଗତୁ ସେଠା ଡାକବଙ୍ଗଳାରେ ଆମେ ରହିବା ପାଇଁ ସ୍ଥାନର ବ୍ୟବସ୍ଥା ହୋଇଥିଲା । ମେଦିନୀପୁର ଓଡ଼ିଆମାନଙ୍କ ପକ୍ଷରୁ ଓଡ଼ିଶାରେ ମିଶ୍ରଣ ପାଇଁ ବିଶେଷ କିଛି ଦାବୀ ଶୁଣାଗଲା ନାହିଁ । ବରଂ ବହୁ ସଂଖ୍ୟାରେ ଓଡ଼ିଆ ସେଠାରେ ବାସ କରୁଥିଲେ ସୁଦ୍ଧା ସେମାନେ ମାତୃଭାଷା ଓଡ଼ିଆ ଭୁଲିଯାଇ ବଙ୍ଗଳାରେ କଥା କହୁଥିଲେ । କଲିକତା ପ୍ରଭୃତି ଯାଗାରେ ଓଡ଼ିଶାର କୁଲି, ପୂଜାରୀ ପ୍ରଭୃତି କାମରେ ଓଡ଼ିଆମାନେ ରହିଥିବାରୁ ସେଠା ଲୋକଙ୍କ ଦ୍ୱାରା ସେମାନେ ଲାଞ୍ଛିତ ହେଉଥିଲେ । ତେଣୁ ଶିକ୍ଷିତ ଓ ମାନ୍ୟଗଣ ଓଡ଼ିଆମାନେ ମଧ୍ୟ ସେ ଅଞ୍ଚଳରେ ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ଲଜ୍ଜାବୋଧ କରୁଥିଲେ । କେବଳ ସେତିକି ନୁହେଁ, ଅଦ୍ୟାପି କେତେକ ଜାତିଙ୍କର ସଞ୍ଜ୍ଞାମଧ୍ୟ ସେଠାରେ ବଦଳି ଯାଇଛି । ମେଦିନୀପୁରର କେତେ ମଧ୍ୟ 'ମହାନ୍ତି' ବଦଳରେ 'ମାଇତି' ବୋଲି ନିଜର ପରିଚୟ ଦିଅନ୍ତି । ସେପରି 'ସାମଲ' ସଞ୍ଜ୍ଞାକୁ 'ସାସମଲ'ରେ ପରିଣତ କରି ଜଣେ ଓଡ଼ିଆ ସେଠାର ନେତୃତ୍ୱ ବହନ କରିଥିଲେ । ଏ ସବୁ ସତ୍ତ୍ୱେ ଜଗନ୍ନାଥ ଦାସଙ୍କ 'ଭାଗବତ' ବଙ୍ଗଳା ଅକ୍ଷରରେ ଛାପା ହୋଇ ଘରେ ଘରେ ପୂଜା ପାଉଥିଲା । ସାସମଲ ନିଜେ ଓଡ଼ିଆ ହୋଇ ମଧ୍ୟ ଓଡ଼ିଶାରେ ମିଶିବା ବିରୁଦ୍ଧରେ ଲୋକଙ୍କୁ ପ୍ରବର୍ତ୍ତାଉଥାନ୍ତି । ତେଣୁ ସେଠା ଲୋକେ ସଂଘବଦ୍ଧ ଭାବେ ଓଡ଼ିଶାରେ ମିଶ୍ରଣ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କଲେ । ଆମେ ଶୁଣିଲୁ, ସାସମଲ କୁଆଡେ ଏକ ସଭାରେ ପ୍ରତିଜ୍ଞାକରି କହିଛନ୍ତି, "ଯଦି ମେଦିନୀପୁର ଓଡ଼ିଶାକୁ ଯାଏ, ତା'ହେଲେ ମୁଁ ନିଜେ ଅଗ୍ନିରେ ଝାସ ଦେବି"। "ଦୁର୍ଦ୍ଧର୍ଷ ଯୁବକମାନେ ସେଠାରେ ବହୁ ଆଗରୁ ସନ୍ତ୍ରାସବାଦ–ନୀତି ଗ୍ରହଣ କରିଥିଲେ । ଏହା ବଙ୍ଗଭଙ୍ଗ—ଆନ୍ଦୋଳନ କାଳରୁ ଦେଖାଦେଇଥିଲା । ଦିନେ ଜଣେ ଯୁବକ ସାଇକେଲ୍‌ରେ ବସି ଆମେ ଥିବା ଡାକବଙ୍ଗଳାର ଫାଟକ ଭିତରକୁ ପଶି ଆସିଲା । ମୋତେ ଗୋଟିଏ ଲଫାପତ୍ର ଦେଇଗଲା । ମହାରାଜାଙ୍କ ଠିକଣା ଥିବାରୁ ଚିଠି ଖଣ୍ଡିକ ନ ଫିଟାଇ ଟେବୁଲ ଉପରେ ମୁଁ ଥୋଇଦେଲି । ସେତେବେଳେ ମହାରାଜା କମିଟି ମିଟିଙ୍ଗରୁ ଫେରି ନ ଥାନ୍ତି । ଘଣ୍ଟାକ ପରେ କୋଠରୀକୁ ଆସି ହସି ହସି ଯୁଗଳ କିଶୋର ପାଣିଗ୍ରାହୀ (ମହାରାଜାଙ୍କ ପ୍ୟାଲେସ ପରିଚାଳକ)ଙ୍କ ହାତକୁ ଚିଠି ଖଣ୍ଡିକ ବଢାଇ ଦେଇ କହିଲେ, "ଏହି ପତ୍ରଟି ଇଂରାଜୀ ଅକ୍ଷରରେ:—

"Know ye o are Raja,
This is called Midnapur.
How do ye dare to harm us ?
Don't ye Know that pady's fate,
who has got his grave here ?''

ପତ୍ରଟି ପଢି ଆମେ ସ୍ତମ୍ଭିତ ହେଲୁ । ଭୟହେଲା, କାଳେ ଏଠାରେ କିଛି ଗଣ୍ଡଗୋଳ କରିବେ । କାରଣ ସନ୍ତ୍ରାସବାଦୀମାନେ ବହୁ ହତ୍ୟାକାଣ୍ଡରେ ଲିପ୍ତ ହୁଅନ୍ତି । ସେଠାର ଜିଲା କଲେକ୍ଟର ପେଡ୍ଡି ସାହେବଙ୍କୁ ଏମାନେ ହତ୍ୟା କରିଥିଲେ । ତେଣୁ ଆମେ ଭୟରେ ମହାରାଜାଙ୍କୁ ଜଣାଇବାକୁ ସ୍ଥିର କଲୁ ଯେ, ସନ୍ଧ୍ୟା ଗାଡ଼ିରେ ଯେପରି ସମସ୍ତେ

ଖଡ଼ଗପୁର ଚାଲିଯାଆନ୍ତି । କିନ୍ତୁ ଏ କଥା ତାଙ୍କୁ ଜଣାଇବା ଆଗରୁ ମହାରାଜା ନିଜେ ସେଠାରେ ଉପସ୍ଥିତ ହୋଇ କହିଲେ, "ତୁମ୍ଭେମାନେ କଣ ସେହି ଶୃଗାଳଗୁଡ଼ାଙ୍କ ରଡ଼ିରେ ଭୟ ପାଉଛ ? ଆମେ ଯଦି ଏମିତି ପଛ ଘୁଂଚୁ ଦେବା ତା'ହେଲେ ଓଡ଼ିଶାର ସମ୍ମାନ ରହିବ ତ ? ଆଜି ତ କାମ ସରିନାହିଁ । କାଲି ମିଟିଙ୍ଗରେ ସନ୍ଧ୍ୟାରେ ଆମର ପ୍ରୋଗ୍ରାମ ହୋଇଛି ଖଡଗପୁର ଯିବାକୁ । " ସେ ଆଉ ମଧ୍ୟ କହିଲେ—"ଏଠାରେ ଓଡ଼ିଆମାନେ ଅବଶ୍ୟ ଦୁର୍ଦ୍ଦଶ କିନ୍ତୁ ସେମାନଙ୍କୁ ଯଦି ଜାତୀୟ ମନ୍ତ୍ରଶିକ୍ଷା ଦିଆଯାଇ ପାରେ, ତେବେ ଆମର ନିଶ୍ଚୟ ଉପକାର ହୁଅନ୍ତା । ସାସମଲଙ୍କ ପରି କଂଗ୍ରେସ କର୍ମୀମାନେ ମହାଭାରତୀୟ ଭାବରେ ଭାସି ଯାଉଛନ୍ତି ! ଭଲକଥା, କିନ୍ତୁ ଜନ୍ମଭୂମିର କଥା, ନିଜ ଜାତିର କଥା ଭୁଲି ଯିବା ଠିକ୍ ନୁହେଁ ; କିନ୍ତୁ ଦିନ ଆସିବ, ଯେତେବେଳେ ସେମାନେ ଘୋର ଅନୁତାପ କରିବେ ..."


ପରଦିନ ଆମେ ସମସ୍ତେ ଖଡ଼ଗପୁର ଯାତ୍ରା କଲୁ । ସେଠା ରେଲବାଇ କଲୋନୀରେ ବହୁ ଓଡ଼ିଆ କାମ କରୁଥାନ୍ତି । ଗଞ୍ଜାମରୁ ଯାଇ ମଧ୍ୟ ବହୁ ସଂଖ୍ୟାରେ ଓଡ଼ିଆମାନେ ସେଠି ରହିଥାନ୍ତି । ସମ୍ବାଦପତ୍ରରୁ ଆମ ଯିବା ପ୍ରୋଗ୍ରାମ୍ ଜାଣିପାରି ମହାରାଜାଙ୍କୁ ଅଭ୍ୟର୍ଥନା ଦେବା ପାଇଁ ପ୍ଲାଟଫର୍ମରେ ଅପେକ୍ଷା କରିଥିଲେ—ହଜାର ହଜାର ଓଡ଼ିଆ । ମହାରାଜଙ୍କ ନିଜର ଗୋଟିଏ ସ୍ୱତନ୍ତ୍ର ସେଲୁନ୍ ଥାଏ । ସେ ଯେତେବେଳେ ଯେଉଁଠାକୁ ଗାଡ଼ିରେ ଯାତ୍ରା କରନ୍ତି, ସେତେବେଳେ ନିର୍ଦ୍ଦିଷ୍ଟ ଗାଡ଼ିରେ ନୌପଡ଼ା ରେଳ ଷ୍ଟେସନଠାରୁ ସେହି ସ୍ୱତନ୍ତ୍ର ସେଲୁନଟି ଯୋଗ କରାଯାଏ । ପୁଣି ଯେଉଁ ଷ୍ଟେସନ୍‌ରେ ସେ ଓହ୍ଲାନ୍ତି ସେଠାରେ ତାହା ଗାଡ଼ିରୁ କଟାଯାଉଥାଏ । ସେଇଥିରେ ଆମେ ଖଡଗପୁର ଗଲୁ । ପ୍ଲାଟ୍‌ଫର୍ମଠାରେ ଓଡ଼ିଆଙ୍କ ପକ୍ଷରୁ ମହାରାଜାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଗଲା । ଟ୍ରେନମାନରେ ସେଲୁନଟି ଉଭପୁର ହୋଇଗଲା । "ଉତ୍କଳ ଜନନୀଙ୍କ ଜୟ" ଶବ୍ଦ ଶୁଣିଆଡ଼ୁ ଉଠୁଥାଏ ।

ସନ୍ଧ୍ୟାରେ ଷ୍ଟେସନ୍ ପାଖ ପଡ଼ିଆରେ ଗୋଟିଏ ବିରାଟ ସଭାର ଆୟୋଜନ ହେଲା ଓଡ଼ିଆଙ୍କ ପକ୍ଷରୁ । ମହାରାଜା ସେଥିରେ ଯେଉଁ ଉତ୍ତେଜନାତ୍ମକ ଭାଷଣ ଦେଇଥିଲେ, ଆଜି ମଧ୍ୟ ତାହା ମୋ ମନରୁ ଲିଭିନାହିଁ । ସେ କହିଥିଲେ:—

"ଭାଇମାନେ ! ଆମେ ସମସ୍ତେ ଉତ୍କଳ ମାତାଙ୍କ ସନ୍ତାନ । ଆମେ ସେଇ ମାତୃଭାଷା ଯୋଗୁଁ ଗୋଟିଏ ସ୍ୱତନ୍ତ୍ର ଜାତି ହୋଇ ରହିଛେ । ଅତୀତରେ ଏହି ଆମରି ଜାତି କେତେ ପ୍ରତିଭା-ବୀରତ୍ୱ ବିସ୍ତାର କରି ନ ଥିଲା ! ମୁସଲମାନ ରାଜତ୍ୱରେ ଯେତେବେଳେ ବଙ୍ଗବାସୀ ନିଃସହାୟ ହୋଇଥିଲେ, କିଏ ତାଙ୍କୁ ଆଶ୍ରୟ ଦେଇଥିଲା ? ଏହି ଓଡ଼ିଆ ଜାତି । ସେହି ବୀର ଓଡ଼ିଆଙ୍କ ରାଜା ଥିଲେ ମୋର ପୂର୍ବପୁରୁଷ ଗଜପତି ନରସିଂହ ଦେବ । ତାଙ୍କରି ମହାନ୍ କୀର୍ତ୍ତି ବହନ କରି କୋଣାର୍କର ସୂର୍ଯ୍ୟମନ୍ଦିର ଆଜି ପୃଥିବୀରେ ବିସ୍ମୟ ସୃଷ୍ଟି କରିଛି । ତାଙ୍କ ପୂର୍ବରୁ ମହାରାଜା ଚୋଡ଼ଗଙ୍ଗ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗର ଅଧୀଶ୍ୱର ହୋଇ ସୁପ୍ରସିଦ୍ଧ ପୁରୀ ମନ୍ଦିର ନିର୍ମାଣ କରିଥିଲେ— ଯାହା ଯୋଗୁଁ ଓଡ଼ିଆ ଜାତି ଆଜି ସର୍ବତ୍ର ପରିଚିତ ଓ ପୂଜିତ । ଶ୍ରୀ ଜଗନ୍ନାଥଙ୍କ କୃପାରୁ ଅଦ୍ୟାପି ଓଡ଼ିଶାରୁ ଗଙ୍ଗରାଜ ଲଭ ଲୁଚି ଯାଇ ନାହିଁ । କିନ୍ତୁ ଓଡ଼ିଶାର ସେହି ବୀରମାନେ ଏବେ କେତେକ ସ୍ଥାନରେ ଆତ୍ମବିସ୍ମୃତ ହୋଇଥିବା ଦେଖାଯାଏ । ଜାତି ପକ୍ଷରେ ଏହା ଶୁଭ ସୂଚନା ନୁହେଁ, ମେଦନୀପୁରର ଓଡ଼ିଆମାନେ ମୋ ପାଖକୁ ରକ୍ତପତ୍ରଟିଏ ପଠାଇ ଭୟଭୀତ କରିବାକୁ ବୃଥା ଚେଷ୍ଟା କରିଥିଲେ..................."

ଦର୍ଶକମାନଙ୍କ ଭିତରୁ ଶୁଭିଲା- "Shame, Shame"

OO



ଯେତେବେଳେ ଅସହ୍ୟ ଗରମ
ଆପଣଙ୍କ ଶକ୍ତି କୁ
ନିଃଶେଷ କରିଦିଏ
ସେତେବେଳେ ନିଅନ୍ତୁ ଗ୍ଲୁକନ-ଡି
ଅନନ୍ତ ଶକ୍ତି ପାଇଁ-
ଠିକ ଆପଣ ଚାହୁଁଥିବା ମାତ୍ରେ ।
Glucon-D
Glucose-D
ଭାରତର ଅସଲି ଗ୍ଲୁକୋଜ ପାଉଡର- ଭିଟାମିନ ଡି ଓ
କ୍ୟାଲସିୟମ ଫସଫେଟ ରେ ଭରପୁର ।



# ଖଣିଜ ସମ୍ପଦର ଭବିଷ୍ୟତ

**ଶ୍ରୀ ବସନ୍ତ କୁମାର ବଶ୍ୱାଳ**
ପୂର୍ତ୍ତ ଓ ଖଣି ରାଷ୍ଟ୍ରମନ୍ତ୍ରୀ

ସଭ୍ୟତାର ପ୍ରାରମ୍ଭରୁ ଖଣିଜସମ୍ପଦ ମାନବ ସମାଜର ସ୍ଥିତି ଓ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ବିଭିନ୍ନ ଦେଶର ଆର୍ଥିକ ସାମର୍ଥ୍ୟ ଖଣିଜ ତଥା ଧାତବ ପଦାର୍ଥଗୁଡ଼ିକର ଉପଯୋଗ ଉପରେହିଁ ବହୁ ପରିମାଣରେ ନିର୍ଭର କରିଥାଏ । ଭୂଗର୍ଭରେ ପ୍ରକୃତିର.ଣୀ ସମପରିମାଣରେ ଖଣିଜ ସମ୍ପଦ ରଖି ନାହିଁ ! ଏଣୁ, କେତେକ ଦେଶରେ ବିଭିନ୍ନ ପ୍ରକାରର ଖଣିଜ ପଦାର୍ଥ ଓ ଖଣିଜ ପଥର ରହିଥିବା ସ୍ଥଳେ ଅନ୍ୟ କେତେକ ଦେଶ ଏତେ ପରିମାଣର ଖଣିଜ ସମ୍ପଦ ପାଇ ପାରି ନାହାନ୍ତି । ଭୂଗର୍ଭରେ ରହିଥିବା ଖଣିଜ ପଦାର୍ଥ ପରିମାଣ ସୀମିତ ଏବଂ ସେସବୁ ସୀମିତ ପରିମାଣରେ ମିଳିଥାଏ । ଏଣୁ, ପ୍ରତ୍ୟେକ ଖଣିଜ ପଦାର୍ଥର ସୁଲଭତା ଆମର ବ୍ୟବହାର ପ୍ରଣାଳୀ ଓ ପରିମାଣ ଉପରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଏହା କୁହାଯାଇପାରେ ଯେ ଯଦି ପୃଥିବୀର ପ୍ରତ୍ୟେକ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଖଣିଜ ପଦାର୍ଥ ବ୍ୟବହାର କରନ୍ତି, ତେବେ ଭୂଗର୍ଭରେ ଥିବା ସୀମିତ ଖଣିଜ ସମ୍ପଦ ବୋଧହୁଏ ଆମର ଜୀବନକାଳ ମଧ୍ୟରେହିଁ ଶେଷ ହୋଇଯିବ ! ତେବେ ଯାହା ହେଉନା କାହିଁକି, ଆଗାମୀ ୫୦ ବର୍ଷ ମଧ୍ୟରେ ଏପରି ଘଟିବାର ସମ୍ଭାବନା କ୍ଷୀଣ ।

ପୃଥିବୀର ଜନସଂଖ୍ୟା ଅତ୍ୟନ୍ତ ଦ୍ରୁତ ହାରରେ ବୃଦ୍ଧି ପାଉଛି । ଅନଗ୍ରସର ଓ ଉନ୍ନତ ଦେଶଗୁଡ଼ିକରେ ଖଣିଜ ସଂପଦର ମୁଣ୍ଡପିଛା ବ୍ୟବହାର ବୃଦ୍ଧି ପାଉଛି । ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଖଣିଜ ସଂପଦର ବ୍ୟବହାର ତାଆରେ ସମତା ପରିଦୃଷ୍ଟ ହେଉନାହିଁ । ଯଦି ଖଣିଜ ସଂପଦର ବ୍ୟବହାର ଏଭଳି ସମାନ୍ତରାଳ ଗତିରେ ସ୍ଥଳେ ଓ ତାହା ନିୟନ୍ତ୍ରିତ ହୋଇ ନ ପାରେ, ତେବେ ସେଭଳି କ୍ଷେତ୍ରରେ ସମଗ୍ର ପୃଥିବୀ ନିକଟ ଭବିଷ୍ୟତରେ ଏକ ସଂକଟମୟ ପରିସ୍ଥିତିର ଅବଶ୍ୟ ସମ୍ମୁଖୀନ ହେବ । ଏଣୁ, ଖଣିଜ ସଂପଦ ପ୍ରଶାସନ କ୍ଷେତ୍ରରେ ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ଉଦ୍‌ବେଗ ସହ ଏଭଳି ଏକ ଗୁରୁତର ପରିସ୍ଥିତି ସଂପର୍କରେ ଚିନ୍ତାକରିବା ଆବଶ୍ୟକ ।

ଆଗାମୀ ବର୍ଷଗୁଡ଼ିକ ମଧ୍ୟରେ ପାରିପାର୍ଶ୍ୱିକ ସୁରକ୍ଷା, ଦୂଷିତକରଣର ପ୍ରତିରୋଧ ଓ ପରିସ୍ଥିତିଗତ ସମତା ରକ୍ଷା ଖଣିଜଭିତ୍ତିକ ଶିଳ୍ପାନୁଷ୍ଠାନର ପ୍ରଗତି କ୍ଷେତ୍ରରେ କେତେକ ବିଘ୍ନ ସୃଷ୍ଟି କରିବ । ଜନସଂଖ୍ୟା, ଖଣି ଓ ଧାତୁଭିତ୍ତିକ ଶିଳ୍ପ କାରଖାନା, ରେଳରାସ୍ତା, ଗ୍ରାମ ଓ ରାଜପଥଗୁଡ଼ିକର ବିଦ୍ୟୁତିକରଣ ଆଦି ବୃଦ୍ଧି ପାଉଥିବା ହେତୁ ଆଗାମୀ କେତେ ବର୍ଷ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବ । ସୌଭାଗ୍ୟର ବିଷୟ ଯେ ଭାରତରେ ବିପୁଳ ପରିମାଣର ବିଦ୍ୟୁତ୍ ଶକ୍ତି ଉତ୍ପାଦକ କୋଇଲା ମହଜୁଦ ହୋଇ ରହିଛି । ଅତଏବ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଦେଶର ବିଦ୍ୟୁତ୍ ଚାହିଦା ପୂରଣ ଲାଗି ଉକ୍ତ କୋଇଲାରୁ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରାଯାଇ ପାରିବ । ନଷ୍ଟଦ୍ରବ୍ୟଗୁଡ଼ିକର ପୁନଃ ଉପଯୋଗ, ସଂରକ୍ଷଣ ଓ ନିମ୍ନମାନ ସଂପନ୍ନ ଖଣିଜ ପଥରଗୁଡ଼ିକର ଉପଯୋଗ ନିମନ୍ତେ ରହିଥିବା ଆବଶ୍ୟକତା ହେଉଛି ଏହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଓ ସେସବୁ ବିଶେଷ ପ୍ରାସଙ୍ଗିକ ବୋଲି ମନେହୁଏ । ଅନ୍ୟ ପକ୍ଷରେ ଖଣିଜ ପଦାର୍ଥର ଅପଚୟ ପରିମାଣ ସର୍ବନିମ୍ନ କରିବା ଓ ଉପଯୋଗ ପରିମାଣ ସର୍ବାଧିକ କରିବା ଆମର ଲକ୍ଷ୍ୟ ହେବା ଉଚିତ । ଏହା ଆମର ଆଭିମୁଖ୍ୟ ହେବା ବାଞ୍ଛନୀୟ ।

ଓଡ଼ିଶାରେ ବିପୁଳ ପରିମାଣର ଖଣିଜ ସଂପଦ ରହିଥିବାରୁ ଆମ ଦେଶର ସମୃଦ୍ଧ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ ବୋଲି ବିବେଚିତ ହୋଇଛି । ସାରା ଦେଶରେ ଯେତେ ପରିମାଣର ଲୁହାପଥର ରହିଛି ତାହାର ଏକ ତୃତୀୟାଂଶ ଲୁହାପଥର ଓଡ଼ିଶାରେ ରହିଛି । ଏହା ବ୍ୟତୀତ ସାରା ଦେଶ ତୁଳନାରେ ଶତକଡ଼ା ୪୦ଭାଗ

ମାଙ୍ଗାନିଜ୍, ଶତକଡ଼ା ୯୦ ଭାଗ କ୍ରୋମାଇଟ ଓ ଅସରନ୍ତି ବକ୍ସାଇଟ, ଡୋଲମାଇଟ୍, କୋଇଲା ଓ ଖଣିଜବାଲୁକା ଆଦି ଓଡ଼ିଶାରେ ହିଁ ରହିଛି । । କିନ୍ତୁ ପ୍ରକୃତପକ୍ଷେ ଦେଶର ଖଣିଜ ପଦାର୍ଥ ଉତ୍ପାଦନର ଶତକଡ଼ା ୫ ଭାଗ ମାତ୍ର ଏ ଦିଗରେ ବୃଦ୍ଧି ପାଇଛି ।

ବିଗତ ୫ ବର୍ଷ ମଧ୍ୟରେ ଖଣିଜ ସଂପଦ ଉତ୍ପାଦନ କ୍ଷେତ୍ରରେ ଆଦୌ ଅଗ୍ରଗତି ଘଟିନାହିଁ । ଲୁହାପଥର ରପ୍ତାନୀର ପରିମାଣ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଇ ଥିବାରୁ ଏପରି ଘଟିଛି । କୋଇଲା ଉତ୍ପାଦନ ଆଶାନୁରୂପକ ନହୋଇଥିବା ଯୋଗୁଁ ନିକେଲ, ଭାନାଡ଼ିୟମ୍ ଓ ବକ୍ସାଇଟ୍ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଖଣିଜସଂପଦ ଓ ଖଣିଜପଥରଗୁଡ଼ିକର ସଦୁପଯୋଗ ଅଦ୍ୟାବଧି ହୋଇପାରିନାହିଁ । ଆମ ରାଜ୍ୟରେ ରହିଥିବା ବିପୁଳ ଖଣିଜସଂପଦଗୁଡ଼ିକର ସଦୁପଯୋଗ ନିମନ୍ତେ କିପରି ଏକ ପ୍ରଣାଳୀ ପ୍ରସ୍ତୁତ କରିବାକୁ ହେବ, ତାହା ହେଉଛି ଆଜି ଆମ ସମସ୍ତଙ୍କର ଧ୍ୟେୟ । ସଂପ୍ରତି ଆମ ରାଜ୍ୟରେ ଶିଳ୍ପ ବିକାଶ ନିମନ୍ତେ ଏକ ଅନୁକୂଳ ବାତାବରଣ ଦେଖା ଦେଇଛି । ଦୈତାରୀଠାରେ ଲୌହ ଓ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଫେରୋକ୍ରୋମ କାରଖାନା, ସ୍ପଞ୍ଜ ଆଇରନ୍, ଆଲୁମିନା ଓ ଆଲୁମିନିୟମ୍ କାରଖାନା, ତାପଜ ବିଦ୍ୟୁତ୍ କେନ୍ଦ୍ର, ରିଫ୍ରାକ୍ଟୋରୀ ଓ ସିମେଣ୍ଟ କାରଖାନାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଆଶା କରାଯାଏ ଯେ ଚଳିତ ଦଶନ୍ଧି ଶେଷ ହେବା ପୂର୍ବରୁ ଖଣିଜ ସଂପଦର ଉତ୍ପାଦନ ଦ୍ୱିଗୁଣିତ ହେବ । ଖଣିଜ ସଂପଦ ଉତ୍ତୋଳନ, ନିମ୍ନମାନ ସଂପନ୍ନ ଖଣିଜ ପଥର, ପତିତ ପଦାର୍ଥଗୁଡ଼ିକର ଉପଯୋଗ, ଧାତୁ ବିଶୋଧନ କାରଖାନାର ନଷ୍ଟ ଦ୍ରବ୍ୟଗୁଡ଼ିକର ପୁନଃ ଉପଯୋଗ ପ୍ରଣାଳୀ ପ୍ରଭୃତି ରାଜ୍ୟର ଖଣିଜ ସଂପଦର ବହୁଳ ବ୍ୟବହାର ସହ ସମଗତିରେ ଆଗେଇବା ଆବଶ୍ୟକ । ଯେଉଁ ସଂସ୍ଥାଗୁଡ଼ିକ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି, ଏ ଦିଗରେ ସେମାନେ ଉଦ୍ୟମ ଓ ଉତ୍ସାହୀ ହେବା ଉଚିତ ।

## ତିର୍ତ୍ତୋଲ ବ୍ଲକ୍‌ରେ ସେତୁ ଓ ଚିକିତ୍ସାଳୟ ଉଦ୍‌ଘାଟନ

ଜନସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଚିକିତ୍ସା, ପୁଷ୍ଟିକର ଖାଦ୍ୟ ଯୋଗାଣ ଏବଂ ଶିକ୍ଷା ଓ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସମେତ ଶିଳ୍ପ ଓ କୃଷି ଆଦି ଅର୍ଥନୈତିକ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରିବା ଦିଗରେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ବୋଲି ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି ।

ସଂପ୍ରତି କଟକ ଜିଲ୍ଲା ତିର୍ତ୍ତୋଲ ବ୍ଲକର [illegible] ଉପରେ ୬୫ ହଜାର ଟଙ୍କା ବ୍ୟୟରେ ନିର୍ମିତ [illegible] ସେତୁ ଉଦ୍‌ଘାଟନକରି ପଣ୍ଡୁଆଠାରେ ଏକ ଜନ[illegible] ଶ୍ରୀ ବିଶ୍ୱାଳ କହିଲେ ଯେ ପଟାମୁଣ୍ଡାଇ ସରଣୀକୁ [illegible] କରିବା ଦିଗରେ ପ୍ରାୟ ୪ଲକ୍ଷ [illegible] ଟଙ୍କା ବ୍ୟୟ କରାଯାଇଛି । ଏହା ନିର୍ମିତ [illegible] ବର୍ଷାଦିନେ ଅଗମ୍ୟ ରହୁଥିବା ପଣ୍ଡୁଆ [illegible] ବହୁ ଗ୍ରାମକୁ ଯାତାୟତରେ ସୁବିଧା ହୋଇଗଲା । [illegible] କାର୍ଯ୍ୟକ୍ରମ ଅନ୍ତର୍ଗତ ବାସଗୃହ ଯୋଗାଣ ଓ [illegible] ଯୋଗାଣ ସଂପର୍କରେ ସୂଚନା ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ କଟକ ଓ ପୁରୀ ଜିଲ୍ଲାରେ [illegible] ପାଇଁ ପ୍ରାୟ ୧୨ ହଜାର ଗୃହ ନିର୍ମିତ ହୋଇଛି । ନାଉଗାଁଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା [illegible] ଏକ ଗୋଦାମ ଘରର ନିର୍ମାଣ କାର୍ଯ୍ୟ [illegible] ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ ।

ପଣ୍ଡୁଆ ଗ୍ରାମରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଣ ଏକ ହୋମିଓପାଥିକ୍ ଚିକିତ୍ସାଳୟ ଉଦ୍‌ଘାଟନକରି ଏହି ସଭାରେ କହିଲେ ଯେ ଗ୍ରାମାଞ୍ଚଳରେ ଚିକିତ୍ସା ଓ ରୋଗ ପ୍ରତିଷେଧକ ବ୍ୟବସ୍ଥା କରିବା ପାଇଁ ସରକାର ବଦ୍ଧପରିକର । ସେହି ଦୃଷ୍ଟିରୁ ସ୍ୱାସ୍ଥ୍ୟ ବିଭାଗର ବ୍ୟୟ ଅଟକଳ ୩୩କୋଟି ଟଙ୍କାରୁ ଚଳିତବର୍ଷ ୪୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଗ୍ରାମାଞ୍ଚଳରେ ୧ ହଜାର ଲୋକଙ୍କ ପାଇଁ ଜଣେ ସ୍ୱାସ୍ଥ୍ୟ ସେବକ ଏବଂ ୫ ହଜାର ଲୋକଙ୍କ ପାଇଁ ଗୋଟିଏ ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲଯାଇ ଜଣେ ଏ. ଏନ୍. ଏମ୍.ଙ୍କୁ ନିଯୁକ୍ତି ଦିଆଯାଉଛି । ଏହା ବ୍ୟତୀତ ପ୍ରତି ୨୦ ହଜାର ଲୋକଙ୍କ ଚିକିତ୍ସା ପାଇଁ ଜଣେ ଲେଖାଏଁ ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ରଖାଯାଇଛି । ପୂର୍ବରୁ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ମାତ୍ର ୧୨ ହଜାର ଟଙ୍କାର ଔଷଧପତ୍ର ଗଚ୍ଛିତ ରହୁଥିବା ସ୍ଥଳେ ବର୍ତ୍ତମାନ ପ୍ରାୟ ୬୦ ହଜାର ଟଙ୍କାର ଔଷଧ ଯୋଗାଇ ଦିଆଯାଉଛି ବୋଲି ଶ୍ରୀ କରଣ ପ୍ରକାଶ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶଚନ୍ଦ୍ର ଜେନା ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଏବଂ ହୋମିଓପାଥିକ ନିର୍ଦ୍ଦେଶକ ଶ୍ରୀ ଈଶ୍ୱରୀ ପ୍ରସାଦ ଦାସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମିଶ୍ରଙ୍କ ସମେତ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଫିସର ଓ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ସର୍ବଶେଷରେ ଶ୍ରୀ ବିଶ୍ୱାଳ ୧୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁରୀ ପତ୍ର ଏବଂ ଶ୍ରୀ କରଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।

# ଓଡ଼ିଶାର ପୁରାତନ ପଥ ଓ ମାନଚିତ୍ର

ଶ୍ରୀ ପ୍ରଭାତ ମୁଖାର୍ଜୀ

ଉତ୍ତର ଭାରତର ତୁର୍କୀ–ଆଫଗାନ ସୁଲତାନମାନେ ଧର୍ମାନ୍ଧ ଥିବାରୁ ହିନ୍ଦୁ ମନ୍ଦିରଗୁଡ଼ିକରେ ପୂଜା, ପର୍ବ ପ୍ରାୟ ବନ୍ଦ ହୋଇ ଯାଇଥିଲା । ଭକ୍ତ ହିନ୍ଦୁମାନେ ହିନ୍ଦୁରାଜ୍ୟ ଓଡ଼ିଶାକୁ ଆସି ଜଗନ୍ନାଥ ଦର୍ଶନ କରୁଥିଲେ । ସେମାନେ ଉତ୍ତର ଭାରତରୁ ବର୍ଦ୍ଧମାନଠାରୁ ଡନ୍ତୁକୋଣା ଦେଇ ଦାନ୍ତନ ଆସୁଥିଲେ । ପଶ୍ଚିମ ବଙ୍ଗର ତୀର୍ଥଯାତ୍ରୀମାନେ ରୂପନାରାୟଣ ନଦୀ କୂଳରେ ଅବସ୍ଥିତ ତମଲୁକଠାରୁ ଦାନ୍ତନ ଯାଉଥିଲେ । ଓଡ଼ିଶା ରାଜ୍ୟ ସେତେବେଳେ ରୂପନାରାୟଣ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନ ସୁଲତାନ ସୁଲେମାନଙ୍କର ବାହିନୀ ଓଡ଼ିଶା ଜୟ କଲେ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଶାରେ ମରାଠା ଶାସନ ପ୍ରତିଷ୍ଠିତ ହେଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ମରାଠାମାନଙ୍କୁ ପରାଜିତ କରି ଓଡ଼ିଶା ଜୟ କଲେ ।

ମୁସଲମାନ ଅମଳରେ ପୁରୀ ପର୍ଯ୍ୟନ୍ତ ବିସ୍ତୃତ ଯାତ୍ରୀପଥର କିଛି ପରିବର୍ତ୍ତନ ହେଲା । ୧୭୬୬ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଗଭର୍ଣ୍ଣର ଲର୍ଡ କ୍ଲାଇଭ ଟମାସ ମଟଙ୍କୁ ହୀରା କିଣିବା ପାଇଁ ସମ୍ବଲପୁର ପଠାଇଲେ । ସେ କଟକ ପର୍ଯ୍ୟନ୍ତ ଯାତ୍ରୀପଥରେ ଆସି ମହାନଦୀର କୂଳ ଧରି ସମ୍ବଲପୁର ଗଲେ । ୧୭୯୦ରେ ଜଣେ ସୈନିକ [illegible] କଟକ ଯାଇଥିଲେ । ମଟ ଏବଂ [illegible] ଭ୍ରମଣ ବୃତ୍ତାନ୍ତରୁ ମୁସଲମାନ ଶାସନ କାଳରେ ଯାତ୍ରୀପଥର ନୂତନ (alignment) ସମ୍ବନ୍ଧରେ [illegible] । ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ସନ୍ନ୍ୟାସ ଗ୍ରହଣ କରି ଜଗନ୍ନାଥ ଦର୍ଶନ କରି ଦକ୍ଷିଣ ଭାରତର ତୀର୍ଥସ୍ଥଳୀ ଦେଖିବାକୁ ବାହାରିଲେ ।

୧ । ତମଲୁକ–ଶ୍ରୀଚୈତନ୍ୟ ତମଲୁକରୁ ଦାନ୍ତନ ଯାଇ ସେଠାରୁ ଜଳେଶ୍ୱର ଗଲେ ।

୨ । ଜଳେଶ୍ୱର–ମଟ୍ ରାସ୍ତା ମେଦିନୀପୁର ଜଳେଶ୍ୱର ଗଲେ । [illegible] ଖ୍ରୀଷ୍ଟାବ୍ଦରେ ବୁକାନନ୍ ନାମରେ ଜଣେ [illegible] କାଶୀଠାରୁ ଜଳେଶ୍ୱର ଯାଇଥିଲେ ।

୩ । ଜଳେଶ୍ୱର–ଜଳେଶ୍ୱର ଶିବଙ୍କ ନାମରେ ଏହି ସ୍ଥାନ ପରିଚିତ ଥିଲା । ଶ୍ରୀଚୈତନ୍ୟ ଜଳେଶ୍ୱର ଶିବଙ୍କୁ ପୂଜା କଲେ । ଏହାର ଦୁଇବର୍ଷ ପରେ ବଙ୍ଗର ସୁଲତାନ ହୁସେନ ଶାହ ଜଳେଶ୍ୱର ଶିବ ମନ୍ଦିର ଧ୍ୱଂସ କଲେ ।

୪ । ଅମର୍ଦା–ଏହି ଗ୍ରାମ ଅଷ୍ଟାଦଶ ଶତାବ୍ଦୀରେ ସମୃଦ୍ଧ ଥିଲା । ମଟ "ଅମର୍ଦା ନଗର"ରେ ଗୋଟିଏ ଦୁର୍ଗ ଦେଖିଥିଲେ ।

୫ । ଜାନପୁର–ବସ୍ତା ରେଳ ଷ୍ଟେସନ ନିକଟରେ । ପ୍ରାଚୀନ ନାମ ନୃସିଂହପୁର । ଏହି ସ୍ଥାନରେ ଚୈତନ୍ୟ ଧର୍ମର ପ୍ରଚାରକ ଶ୍ୟାମାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଚୈତନ୍ୟ ମନ୍ଦିର ଓ ଶ୍ୟାମାନନ୍ଦଙ୍କ ସମାଧି ଅଛି । ସଂସ୍କାର ଅଭାବରେ ସେମାନଙ୍କର ଜୀର୍ଣ୍ଣ ଅବସ୍ଥା ହୋଇଛି । ମଟ୍ ଅମରଦା ରୋଡ ରେଳ ଷ୍ଟେସନ ନିକଟରେ ମୁଲତାନୀ ଗ୍ରାମର ଉଲ୍ଲେଖ କରିଛନ୍ତି । ମୁଲତାନର ଜଣେ ଫକୀର ସେଠାକୁ ଆସି ଗୋଟିଏ ଦରଗାହ ରୋପଣ କରିଥିଲେ । ବସ୍ତା ଗ୍ରାମରେ ମଟ ଓ [illegible] ଅବସ୍ଥାନ କରିଥିଲେ ।

୬ । ସଦାନନ୍ଦପୁର–ଏହି ଗ୍ରାମର ପ୍ରାଚୀନ ନାମ ବଂଶଦା ଥିଲା । ଦ୍ୱିତୀୟ ନରସିଂହଙ୍କର ୧୩୦୩ ଖ୍ରୀଷ୍ଟାବ୍ଦରେ ଉତ୍କୀର୍ଣ୍ଣ ଗୋଟିଏ ତାମ୍ରଲିପିରେ "ବଂଶୋଦ" ନିକଟରେ ଅବସ୍ଥିତ "ରାଜପଥର" ଉଲ୍ଲେଖ ଅଛି ।

୭ । ରାମଚନ୍ଦ୍ରପୁର–ହଳଦୀପଦା ରେଳ ଷ୍ଟେସନ ନିକଟରେ ଅବସ୍ଥିତ । ହିନ୍ଦୁ ରାଜତ୍ୱ କାଳରେ ଯାତ୍ରୀମାନେ ଏଠାରୁ ରେମୁଣା ଯାଉଥିଲେ ।


୮ । ବାଲେଶ୍ୱର–ବଙ୍ଗ ଦେଶର ନବାବମାନେ ସମୁଦ୍ର କୂଳବର୍ତ୍ତୀ ବାଲେଶ୍ୱରରେ ଗୋଟିଏ ବନ୍ଦର ପ୍ରତିଷ୍ଠା କରି ରାମଚନ୍ଦ୍ରପୁରଠାରୁ ନୂଆ ରାସ୍ତା କଲେ । ବାଲେଶ୍ୱରରେ ଇଂରେଜ, ଫରାସୀ ଏବଂ ଡିନାମାରମାନଙ୍କ 'ଫ୍ୟାକ୍ଟରୀ' (ମାଲଗୁଦାମ) ଥିଲା ।

୯ । ରେମୁଣା–ହିନ୍ଦୁ ରାଜତ୍ୱ କାଳରେ ରେମୁଣା ଗୋଟିଏ 'ଦଣ୍ଡପାଟ'ର କର୍ମ କେନ୍ଦ୍ର ଥିଲା । ଶ୍ରୀଚୈତନ୍ୟ ରେମୁଣାରେ ଗୋପୀନାଥ ମନ୍ଦିର ଦର୍ଶନ କରିଥିଲେ ।

୧୦ । ସୋରଗଡ଼–[illegible] ନାମ ଅବୁଗଡ଼ । ଟମାସ ମଟ ଓ [illegible] ସୋରଗଡ଼ ଆସିଲେ । ନୂଆ alignmentରେ ରାସ୍ତା ପଡ଼ିଯାଇ ରେମୁଣା [illegible] ହେଲା । ସୋରଗଡ଼ ପାଖରେ ବେରୁଣିଆ ଗୋଟିଏ ପ୍ରସିଦ୍ଧ ଗ୍ରାମ ଥିଲା । ଜଣେ ମୁସଲମାନ ଫୌଜଦାର ସେଠାରେ ଯାତ୍ରୀମାନଙ୍କର ସୁବିଧା ସକାଶେ ଗୋଟିଏ 'ସେରାଇ' ବସାଇଥିଲେ । [illegible] ଏହା ନିକଟବର୍ତ୍ତୀ ବାହାଙ୍ଗା [illegible] ।

୧୧ । ସୋରୋ—ଶ୍ରୀଚୈତନ୍ୟ ସୋରୋରେ ସିଦ୍ଧେଶ୍ୱର ଶିବ ମନ୍ଦିର ଦର୍ଶନ କଲେ । ବଙ୍ଗର ନବାବମାନଙ୍କର ଶାସନ ସମୟରେ ସୋରୋ ସମୃଦ୍ଧ ଥିଲା । ମଟ୍ ଲେଖିଛନ୍ତି ନବାବ ସୁଜା ଖାଁ କାଂସବାଂଶ ନଦୀ ଉପରେ ପଥରର ସେତୁ ନିର୍ମାଣ କରିଥିଲେ ।

୧୨ । ଭଦ୍ରକ—୧୫୧୬ ଖ୍ରୀଷ୍ଟାବ୍ଦରେ ମୁରାରି ଗୁପ୍ତଙ୍କ ସଂସ୍କୃତ 'ଚୈତନ୍ୟ ଚରିତାମୃତ' କାବ୍ୟ ଅନୁସାରେ ଏହି ସ୍ଥାନର ନାମ 'ଭଦ୍ର' ବା 'ଭଦ୍ରେଶ୍ୱର' ଥିଲା । ଶ୍ରୀଚୈତନ୍ୟ ପୁରୀ ଯିବା ବାଟରେ ଏବଂ ପୁରୀଠାରୁ




Extract from Rennell's Map of 1788. A. D.

ଗୌଡ଼ଦେଶ ଯିବା ସମୟରେ ଏଠାରେ ବିଶ୍ରାମ କରିଥିଲେ । ମୁସଲମାନ ଅମଳରେ ଭଦ୍ରକ ଗୋଟିଏ 'ସରକାର'ର କର୍ମ କେନ୍ଦ୍ର ହେଲା ।

୧୩ । ଧାମନଗର—ମୁସଲମାନ ଅଧ୍ୟୁଷିତ ଏହି ଛୋଟ ସହରର ପ୍ରାଚୀନ ନାମ ଥିଲା 'ଧର୍ମନଗର' ଏଠାରେ ତୀର୍ଥ ଯାତ୍ରୀମାନଙ୍କ ଆହାର ଓ ବାସସ୍ଥାନ ସକାଶେ ହିନ୍ଦୁ 'ସଦାବ୍ରତ' ପ୍ରତିଷ୍ଠାନ ଥିଲା ।

୧୪ । ଗୌରାଙ୍ଗପୁର—ଶ୍ରୀଚୈତନ୍ୟ ଧାମନଗରଠାରୁ ସିଧା ଯାଜପୁର ନ ଯାଇ ବୈତରଣୀ ନଦୀ କୂଳକୁ




ଗଲେ ଏବଂ ପିତୃପୁରୁଷଙ୍କର ଉଦ୍ଦେଶ୍ୟରେ ତର୍ପଣ କଲେ । ତାଙ୍କର ଆଗମନର ସ୍ମୃତିରେ ଏହି ଗ୍ରାମର ନାମ ଗୌରାଙ୍ଗପୁର ରଖାହେଲା ଏବଂ ଗୌରାଙ୍ଗ ମନ୍ଦିର ପ୍ରତିଷ୍ଠିତ ହେଲା ।

୧୫ । ଯାଜପୁର—ଗୌରାଙ୍ଗପୁରଠାରୁ ନୌକାରେ ଚଢ଼ି ଶ୍ରୀଚୈତନ୍ୟ ବରାହନାଥ ଦର୍ଶନ କରି ଯାଜପୁର ଗଲେ । ଏହି ସ୍ଥାନର ପ୍ରାଚୀନ ନାମ 'ଯଜ୍ଞପୁର' ଥିଲା । ସେତେବେଳେ ଯାଜପୁର 'ବ୍ରାହ୍ମଣ ନଗର' ବୋଲି ପ୍ରସିଦ୍ଧ ଥିଲା । ନବାବ ସୁଜା ଖାଁଙ୍କ ପୁତ୍ର ତକୀ ଖାଁ ଯାଜପୁର ସହରର ଉନ୍ନତି ସାଧନ କରିଥିଲେ । ମଟ୍ ତକୀ ଖାଁଙ୍କ ଦ୍ୱାରା ନିର୍ମିତ ମସଜିଦ୍‌ର କାରୁକାର୍ଯ୍ୟର ପ୍ରଶଂସା କରିଥିଲେ ।

୧୬ । ପୁରୁଷୋତ୍ତମପୁର—ଯାଜପୁରଠାରୁ ବାହାରି ଶ୍ରୀଚୈତନ୍ୟ ଅଧୁନାଲୁପ୍ତ ମନ୍ଦାକିନୀ ନଦୀ ପାର ହୋଇ ପୁରୁଷୋତ୍ତମପୁର ଗଲେ । ଏହି ଗ୍ରାମ ବରୁଆଁ-କୁଆଖିଆ ରାସ୍ତା ଉପରେ ଅବସ୍ଥିତ । ସେଠାରୁ ସେ ବିରୂପା ନଦୀ ଅତିକ୍ରମ ଯାଇ ବିରୂପା କୂଳରେ ଅବସ୍ଥିତ ଗୋପୀନାଥ-ପୁରରେ ପହଞ୍ଚିଲେ ।


# Map of the Balasore, Cuttack & Puri districts




୧୭ । ଅରଖପୁର—କିନ୍ତୁ ମୁସଲମାନ ରାଜତ୍ୱ କାଳରେ ପଥର ସାମାନ୍ୟ ପରିବର୍ତ୍ତନ ହେଲ । ମର୍ ମାଡ଼ପୁର-ଠାରୁ ବାହାରି ଖରସୁଆଁ ନଦୀ ପାର ହୋଇ ବରୁଆଁ ପାଇଲେ । ସେତେବେଳେ ବରୁଆଁ ସମୃଦ୍ଧ ଥିଲ । ତା'ପରେ ସେ ଆଉରଙ୍ଗାବାଦ ଦୁର୍ଗ ଦେଖି ଅରଖପୁର ପହଞ୍ଚିଲେ । ଡାକୀ ମଧ୍ୟ ବରୁଆଁ ଠାରୁ ଅରଖପୁର ଗଲେ ।

୧୮ । ଅରଖପୁର—ବଡ଼ଚଣା ପୂର୍ବରେ ସେଙ୍ଗୁଟି କୂଳରେ ଅବସ୍ଥିତ ଏହି ଗ୍ରାମ ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲ ।

୧୯ । ଲେଖନପୁର—ଗୋପୀନାଥପୁରଠାରୁ କିଛି ଦୂରରେ ଅବସ୍ଥିତ । ଲେଖନପୁରରୁ ମୁସଲମାନ ଅମଳରେ ନୂଆ alignment ହେଲ । ଶ୍ରୀଚୈତନ୍ୟ




ଲେଖନପୁରରୁ ବିରୂପା ନଦୀ କୂଳ ଧରି ଚୌଦ୍ୱାର ଗଲେ ଏବଂ ସେଠାରୁ ମହାନଦୀ ଅତିକ୍ରମ କରି କଟକରେ ଉପସ୍ଥିତ ହେଲେ ।

୨୦ । ପଦ୍ମପୁର—ମଟ ଓ ଲେକୀ ବିରୂପା ନଦୀ ପାରି ହୋଇ ଯାଇ ପଦ୍ମପୁର ମହାନଦୀର ଅନିସା ଘାଟକୁ ଗଲେ । ସେଠାରୁ ନୌକାରେ ଚଢି କଟକ ପହଞ୍ଚିଲେ ।

୨୧ । କଟକ—ଶ୍ରୀଚୈତନ୍ୟ ବାରବାଟୀ ଦୁର୍ଗ ମଧ୍ୟରେ ଅବସ୍ଥିତ ସାକ୍ଷୀଗୋପାଳ ମନ୍ଦିର ଦର୍ଶନ କଲେ ।



ମଟ୍ ଓ ଲେକୀଙ୍କ କଟକ ଆସିବା ସମୟରେ ମରାଠା ସୁବାଦାରମାନେ ଗୁନ୍ଦନୀଛକର ଲାଲବାଗରେ ଅବସ୍ଥାନ କରୁଥିଲେ ।

## କଟକ-ପୁରୀ ରାସ୍ତା

୨୨ । ହିନ୍ଦୁ ଅମଳରେ କଟକଠାରୁ ପୁରୀ ଯାତ୍ରୀ ପଥ ଭାର୍ଗବୀ ନଦୀର ପଶ୍ଚିମ କୂଳରେ ଥିଲା । ଏହି ପଥରେ ସତ୍ୟଭାମାପୁର ଓ କମଳପୁର ସମୃଦ୍ଧ ଗ୍ରାମ ଥିଲା । ବାଲିଅନ୍ତାଠାରୁ ଗୋଟିଏ ରାସ୍ତା ଭୁବନେଶ୍ୱର ପର୍ଯ୍ୟନ୍ତ

ଥିଲା । ସେଠାରୁ ରାୟା ଭରା ଆଉ ଗୋଟିଏ ରାସ୍ତା ପୁରୀ ରାସ୍ତା ସହିତ ମଶିଥିଲା । ଶ୍ରୀଚୈତନ୍ୟ ଏହି ପଥ ଦେଇ ଭୁବନେଶ୍ୱରର କୃତ୍ତିବାସ ମନ୍ଦିର ଦର୍ଶନ କରି ପୁରୀ ଯାଇଥିଲେ । କୁଆଖାଇ ସେତୁ ପାଖରେ ପ୍ରାଚୀନ କାଳର ଇଟାରେ ତିଆରି ଗୋଟିଏ ଛୋଟ ସେତୁ ଏବେ ମଧ୍ୟ ଦେଖାଯାଏ । ହିନ୍ଦୁ ରାଜାମାନେ ବିରାଟ ମନ୍ଦିର ସବୁ ନିର୍ମାଣ କରିଥିଲେ । କିନ୍ତୁ ସେତୁ ନିର୍ମାଣରେ ସେମାନେ ପାରଦର୍ଶୀ ନ ଥିଲେ ।

୨୩ । ପିପିଲି–ମୁସଲମାନ ଶାସକମାନେ ଭାର୍ଗବୀ ନଦୀର ପଶ୍ଚିମ କୂଳର ପଥ ତ୍ୟାଗ କରି ବାଲିଅନ୍ତା-ଭୁବନେଶ୍ୱର ରାସ୍ତାକୁ ଭାୟା ପିପିଲି-ଅଠରନଳା ପର୍ଯ୍ୟନ୍ତ ବିସ୍ତୃତ କଲେ । ପିପିଲିରେ ଜଣେ ମୁସଲମାନ ଫୌଜଦାର ରହୁଥିଲେ; ଏହି ରାସ୍ତା ଚନ୍ଦନପୁରଠାରେ ହିନ୍ଦୁ ପଥ ସହିତ ମିଶିଲା ।

୨୪ । ଅଠରନଳା–ଶ୍ରୀଚୈତନ୍ୟ କପୋତେଶ୍ୱର ଶିବ ମନ୍ଦିର ଦର୍ଶନ କଲେ । ଏହା ଜନକଦେଇପୁର ରେଳ ଷ୍ଟେସନ ନିକଟରେ ଅବସ୍ଥିତ । ଅଠରନଳା ଭାର୍ଗବୀର ଗୋଟିଏ ଶାଖା ନଦୀ ଉପରେ ନିର୍ମିତ ।

ଅଠରନଳାରୁ ଶ୍ରୀଚୈତନ୍ୟ ଜଗନ୍ନାଥ ମନ୍ଦିର ଚୂଡ଼ା ଦେଖି ବ୍ୟାକୁଳ ହୋଇ ଜଗନ୍ନାଥ ଦର୍ଶନ କରିବାକୁ ଧାଇଁଲେ । ୧୮୦୬ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ଦ୍ୱେଷୀ ପାଦ୍ରୀ କ୍ଲଡ଼ିଆସ୍ ବୁକାନନ୍ ଏହି ବାଟରେ ପୁରୀ ପହଞ୍ଚିଲେ ।

## ଓଡ଼ିଶା ଉପକୂଳର ପୁରାତନ ମାନଚିତ୍ର

(ଦିଲ୍ଲୀରେ ଜାତୀୟ ଅଭିଲେଖାଗାରରେ ସଂରକ୍ଷିତ)

### ଏଫ୍ ୧୦୧

୧ । ଚୁରିଙ୍ଗା ବାଇଟର ସମୀକ୍ଷା । ଏମ୍ ଟପି ଦ୍ୱାରା ଅଂକିତ ୧୭୮୯ ନଂ ୨୬ । ବାଲେଶ୍ୱର ସଂଲଗ୍ନ ଅଗଭୀର ଉପସାଗର ଚୁରିଙ୍ଗା ବାଇଟ ନାମରେ ପରିଚିତ ଥିଲା ନଂ ୧୭–୧୮ ।

୨ । ଫଲ୍ସ୍ ପଏଣ୍ଟ ବନ୍ଦରର ବର୍ଣ୍ଣନା, ୧୮୪୮ ନଂ ୨୬

### ଏଫ୍ ୧୦୨

୧ । କନିକା ଓ କୁଜଙ୍ଗ ମଧ୍ୟରେ ଅବସ୍ଥିତ ନଦୀଗୁଡ଼ିକର ଗତିପଥର ସମୀକ୍ଷା । ଫଲ୍ସ ପଏଣ୍ଟର ନୌସ୍ୱର୍ଟ ନଂ୨୫ର ବାର୍ଟ ନକ୍ସା ଦ୍ୱାରା ଅଂକିତ ୧୮୦୩–୦୪ ।

### ଏଫ୍ ୧୦୩

୧ । ଓଡ଼ିଶା ଉପକୂଳର କିଛି ଅଂଶ । ଜନ୍ ରିଚି ଦ୍ୱାରା ଅଂକିତ ୧୭୭୮ ନଂ ୨୬ ।

୨ । ପଏଣ୍ଟ ପାଲ ମାଇରାସ୍ ଓ ଓଡ଼ିଶାର ମଧ୍ୟ ଉପକୂଳ ରିଚି ଦ୍ୱାରା ଅଂକିତ ୧୭୭୯ ନଂ ୨୭ ।

୩ । ଓଡ଼ିଶାର ଉପକୂଳ । ପଏଣ୍ଟ ପାଇ ମାଇରାସ-ଠାରୁ ଫଲ୍ସ୍ ପଏଣ୍ଟ ପର୍ଯ୍ୟନ୍ତ ୧୮୦୫ ନଂ ୩ ।

୪ । ଓଡ଼ିଶାର ଉତ୍ତର ଉପକୂଳ ଓ ହୁଗୁଳି ନଦୀର ଅବବାହିକାର ଶ୍ଚର୍ଟ ୧୮୦୪-୦୫ ନଂ ୨୩ ।

୫ । ଓଡ଼ିଶାର ଉପକୂଳରେ ପ୍ରବାହିତ ନଦୀଗୁଡ଼ିକର ଗତିପଥ ୧୮୦୪-୦୫ ନଂ ୨୧-୨୨ ।

୬ । ଓଡ଼ିଶାର ଉପକୂଳର କିଛି ଅଂଶ ଓ ହୁଗୁଳି ନଦୀର ମୁହାଣ ୧୮୦୬ ନଂ ୨୮ ।

୭ । ଜଗନ୍ନାଥ ପ୍ୟାଗୋଡ଼ାଠାରୁ ହୁଗୁଳି ନଦୀ ପର୍ଯ୍ୟନ୍ତ ଉପକୂଳ ୧୮୦୪-୦୫ ନଂ ୨୪ ।

୮ । ଜଗନ୍ନାଥ ପ୍ୟାଗୋଡ଼ାଠାରୁ ପଏଣ୍ଟ ପାଇ-ମାଇରାସ୍ ୧୮୦୪-୦୫ ନଂ ୧୦-୧୨ ।

୯ । ବ୍ଲାକ୍ ପ୍ୟାଗୋଡ଼ାଠାରୁ ଫଲ୍ସ୍ ପଏଣ୍ଟ ପର୍ଯ୍ୟନ୍ତ ଉପକୂଳର ସେଚ୍ ନଂ ୮-୯ ।

୧୦ । ପଏଣ୍ଟ ପାଲମାଇରସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ୧୮୦୩ ନଂ ୪ ।

୧୧ । କନିକା, ପୁସେରା ଏବଂ ବୌଦ୍ଧ-ସିଂହଦ୍ୱାର (?) ନଦୀଗୁଡ଼ିକର ଗତିପଥ ନଂ ୨୫ ।

୧୨ । ପଏଣ୍ଟ ପାଲମାଇରସ୍ ଏବଂ କନିକା ଓ କିଡ୍ରେର୍ସ୍ ନଦୀଗୁଡ଼ିକର ପ୍ଲାନ ୧୮୦୫ ନଂ ୫-୬ ।

୧୩ । ଓଡ଼ିଶାର ଉପକୂଳ ପଏଣ୍ଟ ପାଲମାଇରସ୍ ଠାରୁ ମହାନଦୀର ଦ୍ୱିତୀୟ ମୁହାଣ ପର୍ଯ୍ୟନ୍ତ ନଂ ୭ ।

## ଊନବିଂଶ ଶତାବ୍ଦୀରେ ଓଡ଼ିଶାର ପଥଗୁଡ଼ିକର ମାନଚିତ୍ର (ଜାତୀୟ ଅଭିଲେଖାଗାରରେ ସଂରକ୍ଷିତ)

୧ । ଓଡ଼ିଶାର ପ୍ରଧାନ ପଥଗୁଡ଼ିକ ୧୮୧୦ ନଂ ୨୧-୨୨

୨ । ସୁବର୍ଣ୍ଣରେଖା ନଦୀଠାରୁ ସମ୍ବଲପୁର ପର୍ଯ୍ୟନ୍ତ ପଥ ୧୮୪୩ ନଂ ୩ ।

୩ । ସମ୍ବଲପୁର-ଚକ୍ରଧରପୁର ପଥ ନଂ ୮

୪ । ବାଲେଶ୍ୱରଠାରୁ ପୁନେ ପଥ ନଂ ୨୦

୫ । କଟକଠାରୁ ଟିକରପଡ଼ା ଭାୟା ଅନୁଗୁଳ ୧୮୯୫ ନଂ ୧୯ ।

୬ । ଗଡ଼ଜାତ ରାଜ୍ୟଗୁଡ଼ିକର ପଥ ନଂ ୩

୭ । ପୁରୀ ଜିଲ୍ଲାର ପଥ ୧୮୬୯ ନଂ ୬

୮ । ଓଡ଼ିଶାର ମାନଚିତ୍ର ୧୮୬୯ ନଂ ୭

○○○

# ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ

# ଦ୍ୱାରା ପ୍ରକାଶିତ

ରାଜ୍ୟ ସଂଗ୍ରହାଳୟ ତାଳପତ୍ର ପୋଥି ବିଭାଗରେ ସଂରକ୍ଷିତ ଥିବା ଓଡ଼ିଶାର ପ୍ରାଚୀନ କବି ଓ ପଣ୍ଡିତମାନଙ୍କ ଦ୍ୱାରା ପ୍ରଣୀତ ନିମ୍ନଲିଖିତ କେତୋଟି ଉପାଦେୟ ଗ୍ରନ୍ଥ ସଂପାଦିତ ହୋଇ ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଉଛି ।

| | | |
|---|---|---|
| ୧ । ଶିବ ଲୀଳାମୃତ ମହା କାବ୍ୟମ୍ | .. | ଟ ୯.୦୦ |
| ୨ । ଗଙ୍ଗ ବଂଶାନୁଚରିତମ୍ ଚମ୍ପୂ | .. | ଟ ୧୪.୦୦ |
| ୩ । ଅଦ୍ଭୁତ ସାଗର ଦ୍ୱିତୀୟ ଭାଗ | .. | ଟ ୧୧.୦୦ |
| ୪ । ଅଭିମନ୍ୟୁ ଗ୍ରନ୍ଥାବଳୀ | .. | ଟ ୬୨.୦୦ |
| ୫ । ରସସିନ୍ଧୁ ସୁଲକ୍ଷଣା | .. | ଟ ୧୦.୦୦ |
| ୬ । ସୀତା ବିଳାସ | .. | ଟ ୧୧.୦୦ |
| ୭ । ଅଭିନବ ଗୀତ ଗୋବିନ୍ଦମ୍ | .. | ଟ ୧୧.୦୦ |
| ୮ । କେଳି କଲ୍ଲୋଳିନୀ | .. | ଟ ୧୦.୦୦ |
| ୯ । ବୈଦେହୀଶ ବିଳାସ | .. | ଟ ୯୨.୦୦ |
| ୧୦ । ରୁକ୍ମିଣୀ ପରିଣୟ ମହାକାବ୍ୟମ୍ | .. | ଟ ୬.୦୦ |
| ୧୧ । ଅର୍ଥ ଗୋବିନ୍ଦ | .. | ଟ ୮.୫୦ |
| ୧୨ । ସୁଚିତ୍ର ରାମାୟଣ | .. | ଟ ୯.୩୦ |
| ୧୩ । ସାରଳା ମହାଭାରତ (୧ ସେଟ୍) | .. | ଟ ୬୭.୮୫ |
| ୧୪ । ମଥୁରା ନିକୁଞ୍ଜ ନାଟକମ୍ | .. | ଟ ୯.୦୦ |
| ୧୫ । ଅବ୍‌ଦ ବୃତମ୍ | .. | ଟ ୧୦.୦୦ |
| ୧୬ । ବ୍ରଜରାଜ ଗ୍ରନ୍ଥାବଳୀ | .. | ଟ ୪୧.୦୦ |

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁ ଉପାଦେୟ ପୁସ୍ତକ ପ୍ରତ୍ୟେକ ଜିଲ୍ଲା ପାଠାଗାର, ରାଜ୍ୟ ସଂଗ୍ରହାଳୟ ବିକ୍ରୟ କେନ୍ଦ୍ର ଓ ସୂଚନା ଭବନ ବିକ୍ରୟ କେନ୍ଦ୍ରରେ ବିକ୍ରୟ ପାଇଁ ରକ୍ଷିତ ଅଛି । ଏକ ସଙ୍ଗେ ଟ ୬୦୦.୦୦ ବା ତଦୂର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ କ୍ରୟ କଲେ ଶତକଡ଼ା ୨୦ ଭାଗ ଓ ଟ ୫୦୦୦.୦୦ ରୁ ଅଧିକ ମୂଲ୍ୟର ପୁସ୍ତକ କ୍ରୟ କଲେ ଶତକଡ଼ା ୨୫ ଭାଗ ରିହାତି ମିଳେ ।

**ନିର୍ଦ୍ଦେଶକ**
**ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ**
**ଭୁବନେଶ୍ୱର**

# ହିଉଏନ୍‌ସାଙ୍ଗଙ୍କ ସମୟର ଭାରତବର୍ଷ

ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର

ହିଉ ଏନ ସଙ୍ଗ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ପ୍ରଥମ ପାଦରେ ଭାରତ ଭ୍ରମଣରେ ଆସିଥିଲେ । ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଭାରତବର୍ଷର ଏକ ସାଧାରଣ ବର୍ଣ୍ଣନା ସେ ଦେଇ ଯାଇଛନ୍ତି । ତାହାର ମୁଖ୍ୟ ଅଂଶଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

## ନାମ

ଭାରତର ଅଧିବାସୀମାନେ ଭିନ୍ନ ଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ନାମ ବ୍ୟବହାର କରନ୍ତି କିନ୍ତୁ ସମଗ୍ର ଦେଶର କୌଣସି ଗୋଟାଏ ନାମ ବ୍ୟବହାର କରନ୍ତି ନାହିଁ । ପୁରା କାଳରେ କିଏ ଏ ଦେଶକୁ 'ସିନତୁ' କହିଛନ୍ତି, କିଏ ବା 'ହିଉଏନତାଉ' କହିଛନ୍ତି । ମୋ ମତରେ 'ଇନତୁ' ନିର୍ଭୁଲ ଏବଂ ଭଲ ନାମ । ଆମ ଭାଷାରେ 'ଇନତୁ'ର ଅର୍ଥ ଚନ୍ଦ୍ର । ସୂର୍ଯ୍ୟାସ୍ତ ପରେ ଯେତେବେଳେ ପୃଥିବୀ ଅନ୍ଧକାରରେ ଆଚ୍ଛନ୍ନ ହୋଇଯାଏ, ସେତେବେଳେ ଚନ୍ଦ୍ରାଲୋକହିଁ ଯେପରି ସମସ୍ତ ଜୀବଲୋକର ଆନନ୍ଦକର ହୋଇଥାଏ, ସେହିପରି ଅଜ୍ଞାନାନ୍ଧକାରରେ ମଗ୍ନ ସଂସାରଚକ୍ରର ଘୂର୍ଣ୍ଣମାନ ପ୍ରାଣୀଙ୍କ ପାଇଁ ଏହି ଦେଶର ସାଧୁ ଓ ଜ୍ଞାନୀ ବ୍ୟକ୍ତିମାନେ ଯୁଗେ ଯୁଗେ ଆଲୋକ ବିକୀରଣ କରି ସେମାନଙ୍କୁ ପଥ ଦେଖାଇଛନ୍ତି ।

ଏ ଦେଶର ପରିବାରଗୁଡ଼ିକ ଯେଉଁସବୁ ଜାତିରେ ବିଭକ୍ତ, ତନ୍ମଧ୍ୟରେ ବ୍ରାହ୍ମଣମାନେ ହିଁ ପବିତ୍ରତା ଓ ମହତ୍ୱପାଇଁ ବିଶିଷ୍ଟ । ଏଥିପାଇଁ ସାଧାରଣ ଲୋକେ ଏ ଦେଶକୁ ବ୍ରାହ୍ମଣର ଦେଶ ବୋଲିଥାନ୍ତି ।

## ଦେଶର ପରିସର

ସମଗ୍ର ଦେଶଟିକୁ ସାଧାରଣତଃ ପଞ୍ଚ ଭାରତ କୁହାଯାଏ । ଏହାର ପରିଧି ଅନ୍ଦାଜ ୧୮,୦୦୦ ମାଇଲ । ତିନିଆଡ଼େ ସମୁଦ୍ର । ଉତ୍ତରରେ ହିମାଳୟ । ଉତ୍ତର ଦିଗଟା ଓସାରିଆ, ଦକ୍ଷିଣ ଦିଗ ସଂକୀର୍ଣ୍ଣ । ଆକାରରେ ଅର୍ଦ୍ଧଚନ୍ଦ୍ର ପରି । ଦେଶଟା ଗରମ । ଉତ୍ତର ଭାଗରେ ପର୍ବତମାଳା । ପୂର୍ବରେ ସୁଜଳା ଉପତ୍ୟକା ଆଉ ସମତଳଭୂମି, ପ୍ରଚୁର ଶସ୍ୟ ଓ ଫଳ ଫଳେ । ଦକ୍ଷିଣ ଦେଶ ଅରଣ୍ୟ ସଂକୁଳ । ପଶ୍ଚିମାଂଶ ପ୍ରସ୍ତରାକୀର୍ଣ୍ଣ ଓ ଅନୁର୍ବର ।

(ଏହି ପଞ୍ଚଭାରତର ବ୍ୟାଖ୍ୟା କନିଙ୍ଗହାମ କରିଛନ୍ତି । ଆଜିକାଲି ପ୍ରଚଳିତ ନାମାନୁସାରେ—

ଉତ୍ତର ଭାରତ—ପଞ୍ଜାବ, କାଶ୍ମୀର, ଆଫଗାନିସ୍ଥାନ ।

ପଶ୍ଚିମ ଭାରତ—ସିନ୍ଧୁ, ରାଜସ୍ଥାନର ପଶ୍ଚିମାଂଶ, କଚ୍ଛ, ଗୁଜରାଟ, ନର୍ମଦାର ଦକ୍ଷିଣାଂଶ ସମୁଦ୍ର ପର୍ଯ୍ୟନ୍ତ ।

ମଧ୍ୟ ଭାରତ—ଗାଙ୍ଗେୟ ପ୍ରଦେଶଚୟ, ଥାନେଶ୍ୱରଠାରୁ ଭାଗୀରଥିର ଉତ୍ତରଯାଏ, ଦକ୍ଷିଣରେ ନର୍ମଦା ପର୍ଯ୍ୟନ୍ତ ।

ପୂର୍ବ ଭାରତ—ଆସାମ, ବଂଗପ୍ରଦେଶ (ବାଂଲାଦେଶ ସହିତ) ଏବଂ ଓଡ଼ିଶା (ସମ୍ବଲପୁର ଓ ଗଞ୍ଜାମ ସମେତ) ।

ଦକ୍ଷିଣ ଭାରତ—ଓଡ଼ିଶାର ଦକ୍ଷିଣକୁ ବାକି ଅଞ୍ଚଳ ।)

## ନଗର, ଗୃହ ଇତ୍ୟାଦି

ନଗର ଓ ଗ୍ରାମର ଚାରିପଟେ ଉଚ୍ଚ ଓ ଚଉଡ଼ା ପାଚିରି ଦିଆହୋଇଛି । ରାସ୍ତାଗୁଡ଼ିକ ଅଙ୍କା ବଙ୍କା ଓ ଅପରିଷ୍କାର । ଦୁଇପାର୍ଶ୍ୱର ଦୋକାନଗୁଡ଼ିକରେ ପରିଚ୍ଛୟକ ଚିହ୍ନ ଅଛି । ମାଟି ନରମ ହେବା ଫଳରେ ସହରର ପାଚିରିଗୁଡ଼ିକ ଇଟା ବା ଟାଇଲରେ ତିଆରି । ଗୃହର ଉପର ଓ ତଳ ତାଲରେ ବାରନ୍ଦା ଅଛି । ଏଗୁଡ଼ିକ କାଠ ତିଆରି ଓ ଏହି କାଠ ଉପରେ ଚୂନ ଓ ବାଲି ଲିପାଯାଇଛି । ଛାତଗୁଡ଼ିକ ଖପରର । ଗୃହଗୁଡ଼ିକର ଆକାର ଚୀନ ଦେଶଭଳି । ବାସଗୃହର ଚାରିଆଡ଼େ ଫୁଲ ପୋପଡ଼ା ହୁଏ । କଂସେଇ, କେଉଟ, ନର୍ତ୍ତକ, ଜଲ୍ଲାଦ ଏବଂ ମେହେନ୍ତରମାନେ ସହରବାହାରେ ଛୋଟ ଛୋଟ କାନ୍ଥଘେର ଘରେ ବାସ କରନ୍ତି । ଏମାନେ ସହରକୁ ଯିବା ଆସିବାବେଳେ ରାସ୍ତାର ବାମ ପଟରେ ଚାଲନ୍ତି ।

ସଂଘାରାମଗୁଡ଼ିକ ଆଶ୍ଚର୍ଯ୍ୟ ନିପୁଣତାରେ ତିଆରି । ଚାରିକଡ଼ରେ ତ୍ରିତଳ ସ୍ତମ୍ଭଥାଏ । କଡ଼ିକାଠଗୁଡ଼ିକର ବହିରାଂଶ କାରୁକାର୍ଯ୍ୟମୟ । ଦୁଆର ଓ ଝରକା ରଙ୍ଗ କରା ହୁଏ । ଭିକ୍ଷୁମାନଙ୍କର ବାସଗୃହଗୁଡ଼ିକର ଭିତରେ କାରୁକାର୍ଯ୍ୟ ହୋଇଥାଏ । ଉଚ୍ଚ ଓ ଓସାରିଆ

କକ୍ଷଟି ଠିକ ମଧ୍ୟ ଭାଗରେ । ଘରଗୁଡ଼ିକ ଏକାଧିକ ତଳର ହୋଇପାରେ । ସ୍ତମ୍ଭଗୁଡ଼ିକର ଉଚ୍ଚତା ଓ ଆକାର ନାନା ପ୍ରକାରର । ଏଥିପାଇଁ କୌଣସି ସ୍ଥିର ନିୟମ ନାହିଁ । ଦୁଆରଗୁଡ଼ିକ ପୂର୍ବମୁଖୀ । ରାଜ-ସିଂହାସନ ମଧ୍ୟ ପୂର୍ବ ଆଡ଼କୁ ମୁହଁ କରି ରଖାଯାଏ ।

## ଆସନ ଓ ପରିଚ୍ଛଦ

ଏ ଦେଶ ଲୋକେ ସପ ବା ମସିଣାରେ ବିଶ୍ରାମ କରନ୍ତି । ରାଜପରିବାର ଓ ସଂଭ୍ରାନ୍ତ ବ୍ୟକ୍ତିମାନଙ୍କର ସପଗୁଡ଼ିକ ଅଳଂକୃତ, କିନ୍ତୁ ଆକାରରେ ସବୁ ସମାନ । ରାଜାଙ୍କ ସିଂହାସନ ଖୁବ୍ ଉଚ୍ଚ ଓ ବଡ଼ । ଏଥିରେ ନାନା ରତ୍ନ ଖଚିତ ହୋଇଥାଏ ଏବଂ ସୂକ୍ଷ୍ମ ବସ୍ତ୍ରରେ ଢ଼ଙ୍କା ହୋଇଥାଏ । ସଂଭ୍ରାନ୍ତ ବ୍ୟକ୍ତିମାନେ ରୁଚି ଅନୁସାରେ ଚମତ୍କାର ଓ ଦାମୀ ରଙ୍ଗୀନ ଆସନ ବ୍ୟବହାର କରନ୍ତି ।

ଏ ଦେଶ ଲୋକେ ବସନକୁ କାଟି ବ୍ୟବହାର କରନ୍ତି ନାହିଁ । ଧଳା ପରିଚ୍ଛଦ ପସନ୍ଦ କରନ୍ତି । ପୁରୁଷମାନେ ବସନକୁ ଅଣ୍ଟାରେ ଓ ବାହୁ ମୂଳରେ ଗୁଡ଼େଇ ଦିଅନ୍ତି । ଡାହାଣକାନ୍ଧ ଉନ୍ମୁକ୍ତ ଥାଏ । ନାରୀମାନଙ୍କ ପରିଧେୟ ମାଟି ପର୍ଯ୍ୟନ୍ତ ପଡ଼େ ଏବଂ ସାରା ଦେହ ଆବୃତ ହୋଇଥାଏ । କପାଳ ଉପରକୁ ଗୋଛାଏ କେଶ ବନ୍ଧା ହୋଇଥାଏ ଏବଂ ଅବଶିଷ୍ଟ କେଶ ଖୋଲାଥାଏ । ପୁରୁଷମାନଙ୍କର ନିଶ କାଟିବା ପ୍ରଭୃତି ଅଦଭୂତ ଅଦଭୂତ ପ୍ରଥା ଅଛି । ଏମାନେ ମଥାରେ ପୁଷ୍ପମାଳା ଓ ଗଳାରେ ରତ୍ନହାର ପିନ୍ଧନ୍ତି । ପରିଚ୍ଛଦ ରେଶମ କିମ୍ବା ସୂତାର । ଆଉ ଏକ ପ୍ରକାର ବସ୍ତ୍ର ଅଛି ତାକୁ କ୍ଷୌମ କୁହାଯାଏ । ଛାଗଲୋମରେ ମଧ୍ୟ ପୋଷାକ ହୋଇଥାଏ ।

ଉତ୍ତର ଭାରତରେ ଶୀତ ହୁଏ, ତେଣୁ ଲୋକେ ଦେହରେ ଭିଡ଼ ରହୁଥିବା ପୋଷାକ ବ୍ୟବହାର କରନ୍ତି । ବିଧର୍ମୀମାନଙ୍କର (ହିନ୍ଦୁ, ଜୈନ, ସନ୍ନ୍ୟାସୀ ଇତ୍ୟାଦି) ପରିଚ୍ଛଦ ଓ ପ୍ରସାଧନ ଅନେକ ପ୍ରକାରର । କିଏ ମୟୂରର ପର ପିନ୍ଧେ, କିଏ ବା ସଂପୂର୍ଣ୍ଣ ନଗ୍ନ । କିଏ ପତ୍ର ବା ଛାଲି ବ୍ୟବହାର କରେ । କିଏ କେଶୋତ୍ପାଟନ କରେ, କିଏ ନିଶ କ୍ଷୌର ହୁଏ, କିଏ ବା ଜଟାଧାରୀ । କିଏ ଲାଲ, କିଏ ଧଳା ଲୁଗା ପିନ୍ଧେ ।

ଶ୍ରମଣମାନଙ୍କର କେବଳ ତିନୋଟି ପରିଚ୍ଛଦ, ସଂଘାଟି, ସଂକକ୍ଷିକା ଓ ନିବାସନ । ଆକାରରେ ସଂପ୍ରଦାୟ ଅନୁସାରେ ଅଳ୍ପ ପ୍ରଭେଦ ହୁଏ । ହଳଦିଆ ଓ ଲାଲ ଏହି ଦୁଇ ରଂଗ ବ୍ୟବହାର ହୁଏ । ସାଧାରଣ କ୍ଷତ୍ରିୟ ଓ ବ୍ରାହ୍ମଣମାନେ ପରିଚ୍ଛନ୍ନ ସଭ୍ୟ ପରିଚ୍ଛଦ ପିନ୍ଧନ୍ତି ଏବଂ ସାଦାସିଧା ମିତବ୍ୟୟୀ ହୋଇ ଚଳନ୍ତି । ରାଜା ଏବଂ ମହାମନ୍ତ୍ରୀମାନେ ହାତ ଓ କଂଠରେ ଅଳଙ୍କାର ପିନ୍ଧନ୍ତି, ରତ୍ନଖଚିତ ମୁକୁଟ ପିନ୍ଧନ୍ତି ।

ସ୍ୱର୍ଣ୍ଣାଳଙ୍କାର ବ୍ୟବସାୟୀ ଓ ଅନ୍ୟ ଧନୀ ବଣିକମାନେ ଜଗୁ ପଟ । ଖୁବ୍ କମ୍ ଲୋକ ଓଢ଼ଣା



ବ୍ୟବହାର କରନ୍ତି । ଏମାନଙ୍କର ଦନ୍ତ କଳା ବା ଲାଲ ରଂଗରେ ରଂଜିତ । ଏମାନେ କେଶ ବନ୍ଧନ କରନ୍ତି ଓ କର୍ଣ୍ଣବେଧ କରନ୍ତି । ନାକରେ ମଧ୍ୟ ଅଳଙ୍କାର ପିନ୍ଧନ୍ତି । ଏମାନଙ୍କର ଚକ୍ଷୁ ବଡ଼ ବଡ଼ ।

ଏ ଦେଶର ଲୋକେ ଶାରୀରିକ ପରିଚ୍ଛନ୍ନତା ବିଷୟରେ ଖୁବ୍ ମନଯୋଗୀ । ଖାଇବା ପୂର୍ବରୁ ସମସ୍ତେ ସ୍ନାନ କରନ୍ତି । ଭୁକ୍ତାବଶେଷ ଖାନ୍ତି ନାହିଁ । ମାଟି ବା କାଠର ବାସନରେ ଖାଇଲେ ସେଗୁଡ଼ିକ ଭାଙ୍ଗି ଦିଆଯାଏ । ଖାଇବା ପରେ ଏମାନେ ଦାନ୍ତ ଘଷନ୍ତି ହାତମୁହଁ ଧୁଅନ୍ତି । ଅଇଁଠା ହାତରେ କାହାରିକି ଛୁଅନ୍ତି ନାହିଁ । ଶୌଚ ପରେ ଶରୀରରେ ହଳଦି ଓ ଚନ୍ଦନ ବ୍ୟବହାର କରନ୍ତି ।

ରାଜା ଯେତେବେଳେ ସ୍ନାନ କରନ୍ତି, ବାଦ୍ୟ ସହକାରେ ସ୍ତୋତ୍ରପାଠ ହୋଇଥାଏ । ପୂଜା କରିବା ପୂର୍ବରୁ ସମସ୍ତେ ସ୍ନାନ କରନ୍ତି ।

## ଲିପି, ଭାଷା; ବିଦ୍ୟା, ଗ୍ରନ୍ଥ

ଭାରତର ଲିପି ବ୍ରହ୍ମାଙ୍କର ସୃଷ୍ଟି (ବ୍ରାହ୍ମୀ) । କାଳକ୍ରମେ ଏହି ଲିପି ନାନା ପ୍ରଦେଶରେ ଅଳ୍ପବହୁତେ ଭିନ୍ନ ଭିନ୍ନ ରୂପ ଧରୁଛି । କିନ୍ତୁ ଖୁବ୍ ବେଶୀ ବଦଳି ଯାଇ ନାହିଁ । ମଧ୍ୟ ଭାରତର (ଗାଙ୍ଗେୟ ଉପତ୍ୟକା) ଭାଷା ଅବିକୃତ ହୋଇ ରହିଛି । ଏଠାକାର ଉଚ୍ଚାରଣ ଶ୍ରୁତି-ସୁଖକର, ପରିଷ୍କାର, ଦେବତାଙ୍କର ଏବଂ ସବୁ ମନୁଷ୍ୟର ଅନୁକରଣୀୟ ।

ପ୍ରତ୍ୟେକ ପ୍ରଦେଶରେ ଜଣେ କର୍ମଚାରୀ ଅଛନ୍ତି ଯାହାଙ୍କର କାମ ଘଟଣାସମୂହକୁ ଲିପିବଦ୍ଧ କରିବା । ଏହି ବିବରଣଗୁଡ଼ିକର ନାମ ନୀଳପିଟ ।

ବାଳକମାନଙ୍କୁ ନାନା ବିଦ୍ୟା ଶିକ୍ଷା ଦିଆଯାଏ । ପ୍ରଥମେ ସିଦ୍ଧିବସ୍ତୁ, ତା ପରେ ଶବ୍ଦ ବିଦ୍ୟା (ବ୍ୟାକରଣ), ଶିଳ୍ପସ୍ଥାନ ବିଦ୍ୟା, ଚିକିତ୍ସା ବିଦ୍ୟା, ହେତୁ ବିଦ୍ୟା, ଅଧ୍ୟାତ୍ମ ବିଦ୍ୟା । ବ୍ରାହ୍ମଣମାନେ ଚତୁର୍ବେଦ ପାଠ କରନ୍ତି । ସବୁ ବିଦ୍ୟାରେ ପାରଙ୍ଗମ ନ ହେଲେ କେହି ଶିକ୍ଷକ ହୋଇ ପାରୁ ନ ଥିଲେ । ଏମାନେ ପ୍ରଥମେ ବିଷୟଟି ବୁଝାଇ ଦିଅନ୍ତି, ତା' ପରେ କଠିଣ କଠିଣ ଶବ୍ଦଗୁଡ଼ିକର ଅର୍ଥ କହି ଦିଅନ୍ତି । ସାବଧାନତାର ସହିତ ନିପୁଣଭାବରେ ଛାତ୍ରମାନଙ୍କୁ ଅଗ୍ରସର କରାନ୍ତି । ନିର୍ବୋଧର ବୁଦ୍ଧି ତୀକ୍ଷ୍ଣ କରନ୍ତି । ଧୀରମାନଙ୍କୁ ଉତ୍ସାହ ଦିଅନ୍ତି । ଯେଉଁମାନେ ଅଳ୍ପ ବିଦ୍ୟାରେ ସନ୍ତୁଷ୍ଟ ହୋଇ ମୁନିଯିବାକୁ ଖୋଜନ୍ତି, ସେମାନଙ୍କର ଅଧ୍ୟବସାୟକୁ ଦୃଢ଼ କରିବାକୁ ଚେଷ୍ଟା କରନ୍ତି । ୩୦ ବର୍ଷ ବୟସରେ ଶିକ୍ଷା ସମ୍ପୂର୍ଣ୍ଣ ହୁଏ, ଚରିତ୍ର ଗଠିତ ହୁଏ । ଯେତେବେଳେ ଛାତ୍ରମାନେ କୌଣସି ବୃତ୍ତିରେ ନିଯୁକ୍ତ ହୋଇ ଗୁରୁଙ୍କୁ ପ୍ରତ୍ୟୁପକୃତ କରନ୍ତି ।

କେତେକ ଅଛନ୍ତି ଯେଉଁମାନେ ଶାସ୍ତ୍ରରେ ଗଭୀର ଜ୍ଞାନୀ, ସଂସାର ତ୍ୟାଗୀ, ସରଳଚିତ୍ତ, ଅର୍ଥ ଓ ସାଂସାରିକ ନିନ୍ଦା ସ୍ତୁତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ନିରାସକ୍ତ । ରାଜାମାନେ ଓ ଦେଶର ପ୍ରଧାନ ବ୍ୟକ୍ତିମାନେ ଏମାନଙ୍କୁ ଖୁବ୍ ସମ୍ମାନ ଦେଖାନ୍ତି । କିନ୍ତୁ ରାଜସଭାକୁ ସେମାନେ ଆକୃଷ୍ଟ ହୁଅନ୍ତି ନାହିଁ । ସମ୍ମାନ ବା ଅର୍ଥ ପ୍ରତି ନିସ୍ପୃହ ହୋଇ ନିଜର ସାମାନ୍ୟ ସମ୍ବଳ ଉପରେ ନିର୍ଭରକରି ଉତ୍ସାହ ସହିତ ସେମାନେ ବିଦ୍ୟା ଓ ଜ୍ଞାନର ଅନ୍ୱେଷଣରେ ବ୍ୟାପୃତ ଥାନ୍ତି । ନିଜର ଯଥେଷ୍ଟ ଧନ ଥିଲେ ମଧ୍ୟ ଏମାନେ ନାନାସ୍ଥାନ ଭ୍ରମଣକରି ଭିକ୍ଷା ଦ୍ୱାରା ଜୀବନଯାପନ କରନ୍ତି । ସତ୍ୟାନ୍ୱେଷଣହିଁ ଏମାନଙ୍କର ସମ୍ମାନ, ଦାରିଦ୍ର୍ୟରେ ଏମାନଙ୍କର ଲଜ୍ୟା ନାହିଁ । ପୁଣି ଏଭଳି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ବିଦ୍ୟାର ମୂଲ୍ୟ ଭଲ ଭାବରେ ଜାଣନ୍ତି, ତଥାପି ନିର୍ଲଜ୍ଜ ଭାବରେ କର୍ତ୍ତବ୍ୟରେ ଅବହେଳା କରି ନିଜର ସୁଖ ପାଇଁ ଇତଃସ୍ତତ ବୁଲି ଅର୍ଥ ନଷ୍ଟ କରନ୍ତି । ମହାର୍ଘ୍ୟ ଖାଦ୍ୟ ଓ ପୋଷାକରେ ଏମାନେ ସର୍ବସ୍ୱ ବ୍ୟୟ କରନ୍ତି । ଏମାନଙ୍କର ଅଖ୍ୟାତି ବହୁଦୂର ପର୍ଯ୍ୟନ୍ତ ରଟନା ହୁଏ ।

## ସାମାଜିକ ପ୍ରଥା

ଏ ଦେଶର ସାଧାରଣ ଲୋକ ମଉଜ ମଜ୍‌ଲିସ ପ୍ରିୟ କିନ୍ତୁ ସଚ୍ଚୋଟ । ଟଙ୍କା ପଇସା ସମ୍ବନ୍ଧରେ ବ୍ୟବହାରରେ, ବିଚାରରେ, କାର୍ଯ୍ୟରେ ସାଧୁ ଓ ସତ୍ । ଜୁଆଚ୍ଚୋର ବା ଠକ ବା ବିଶ୍ୱାସଘାତକ ନୁହନ୍ତି । ପରଲୋକକୁ ଏମାନେ ଭାରି ଭୟ କରନ୍ତି । ଏ ଦେଶର ଲୋକଙ୍କ ଆଚାର ବ୍ୟବହାର ନମ୍ର ଓ ସୁମିଷ୍ଟ । ଚୋର ଡ଼କାଏତ୍‌ଙ୍କ ସଂଖ୍ୟା କମ୍ । ଆଇନ୍ ଭଙ୍ଗକାରୀଙ୍କର ବେଶ ଉତ୍ତମ ବିଚାର ହୁଏ ଏବଂ ଅପରାଧୀକୁ କାରାରୁଦ୍ଧ କରାଯାଏ । ବିଶ୍ୱାସଘାତକତା କଲେ ବା ପିତାମାତାଙ୍କୁ କଷ୍ଟ ଦେଲେ ଅପରାଧୀର ହାତ ଗୋଡ଼ ବା ନାକ କାନ କାଟି ଲୋକାଳୟରୁ ବାହାର କରି ଦିଆଯାଏ । ଅନ୍ୟ ଅପରାଧ ପାଇଁ ଅର୍ଥ ଦଣ୍ଡ ଦିଆଯାଏ । ଅପରାଧ ଅନୁସନ୍ଧାନ ବେଳେ ଆସାମୀକୁ କଷ୍ଟ ଦିଆଯାଏ ନାହିଁ । ବିଚାରକ ଯଦି ମନେ କରନ୍ତି ଯେ ଅପରାଧ ପ୍ରମାଣିତ ହୋଇଛି କିନ୍ତୁ ଅପରାଧୀ ଦୋଷ ସ୍ୱୀକାର କରୁ ନାହିଁ, ତା' ହେଲେ ସନ୍ଦେହ ସ୍ଥଳରେ ପାଣି, ନିଆଁ ବା ବିଷ ଦ୍ୱାରା ପରୀକ୍ଷା କରାଯାଏ ।

ଭଦ୍ରତା ପ୍ରକାଶ ଏହି ପ୍ରକାର—ମିଷ୍ଟ ସମ୍ଭାଷଣ, ଅବନତ ମସ୍ତକ ହୋଇ ସମ୍ମାନ ପ୍ରଦର୍ଶନ, ଦୁଇ ହାତ ଉଚ୍ଚକୁ ଟେକି ଅବନତ ମସ୍ତକ ହେବା, ଦୁଇହାତ ଏକତ୍ର କରି ଅବନତ ମସ୍ତକ ହେବା ଗୋଟିଏ ଆଣ୍ଠୁ ବଙ୍କେଇ ଠିଆ ହେବା, ଦୁଇ ଆଣ୍ଠୁରେ ବସିବା ହାତ ଆଉ ଆଣ୍ଠୁ ତଳେ ସ୍ଥାପନ କରିବା, ପଞ୍ଚତନ୍ତ୍ର—ଯଥା—ଦୁଇ କହୁଣୀ, ଦୁଇ ଆଣ୍ଠୁ ଓ କପାଳ ଦ୍ୱାରା ପ୍ରଣାମ ଏବଂ ସାଷ୍ଟାଙ୍ଗ ପ୍ରଣିପାତ । ସବୁଠାରୁ ବେଶୀ ଭକ୍ତି ପ୍ରଦର୍ଶନ ହେଉଛି, ଥରେ ଭୂମିରେ ପ୍ରଣତ ହୋଇ ଆଣ୍ଠେଇ ପଡ଼ି ସ୍ତୁତି କରିବା । ଦୂରରେ ଥିଲେ ମାଟିରେ ପ୍ରଣାମ କଲେ ଚଳେ , ପାଖରେ ଥିଲେ ପଦଚୁମ୍ବନ କରି ଗୋଇଠିରେ ହାତ ଦେବା ରୀତି । ଯାହାକୁ ପ୍ରଣାମ କରାଗଲା ତାଙ୍କର କର୍ତ୍ତବ୍ୟ ମିଷ୍ଟଭାଷଣ ଓ ପ୍ରଣତର ମସ୍ତକ ବା ପିଠିରେ ହାତ ବୁଲେଇବା ଏବଂ ସ୍ନେହ ସହକାରେ ଆଦେଶ ବା ଉପଦେଶ ଦାନ ।

ଭକ୍ତି ପ୍ରଦର୍ଶନ ନିମନ୍ତେ ପ୍ରଣାମ ଛଡ଼ା ଅନେକ ସମୟରେ ଥରେ ବା ତିନି ଥର ପ୍ରଦକ୍ଷିଣ କରାଯାଏ ।

କାହାର ଦେହ ଅସୁସ୍ଥ ହେଲେ ସେ ପ୍ରଥମ ସାତଦିନ ଉପବାସ କରେ । ସେଥିରେ ଭଲ ନ ହେଲେ ଔଷଧ ସେବନ ବିଧି ।

କିଏ ମରିଗଲେ ଆତ୍ମୀୟ ସ୍ୱଜନ ଉଚ୍ଚ ସ୍ୱରରେ ବିଳାପ କରନ୍ତି । କିନ୍ତୁ ଶୋକ ସୂଚକ କୌଣସି ପରିଧାନର ରୀତି ନାହିଁ । ଭିକ୍ଷୁମାନେ ମୃତ ପାଇଁ ବିଳାପ କରିବା ନିଷେଧ ।

## ଶାସନ ରାଜସ୍ୱ

ଶାସନ କାର୍ଯ୍ୟ ନ୍ୟାୟସଙ୍ଗତ ବୋଲି ଶାସକଙ୍କ ଦାବୀର ସଂଖ୍ୟା ଅଳ୍ପ । କାହାରିକି ଯୋରକରି ଖଟେଇ ନିଆ ଯାଏ ନାହିଁ । ରାଜକର ସ୍ୱଳ୍ପ । ପ୍ରତ୍ୟେକେ ନିଜ ନିଜ ସମ୍ପତ୍ତି ଶାନ୍ତିରେ ଭୋଗ କରନ୍ତି । ଯେଉଁମାନେ ରାଜାଙ୍କ ଜମି ଚାଷ କରନ୍ତି ଉତ୍ପନ୍ନ ଦ୍ରବ୍ୟର ଷଷ୍ଠ ଭାଗ ରାଜସ୍ୱ ଦିଅନ୍ତି । ବଣିକମାନେ ନିର୍ବିଘ୍ନରେ ଯିବାଆସିବା କରନ୍ତି । ନଦୀରେ ଓ ରାଜପଥର ସ୍ଥାନେସ୍ଥାନେ ଅଳ୍ପ ଶୁଳ୍କ ଦେବାକୁ ହୁଏ । ପାରିଶ୍ରମିକ ଆଗେ ଧାର୍ଯ୍ୟ କରି ତା' ପରେ ପ୍ରକାଶ୍ୟରେ ଲୋକକୁ ନିଯୁକ୍ତ କରାଯାଏ , ଗୋପନରେ ନୁହେଁ ।

## ବୃକ୍ଷଲତାଦି

ବିଭିନ୍ନ ସ୍ଥାନରେ ଜମିର ଗୁଣାନୁସାରେ ବିଭିନ୍ନ ବୃକ୍ଷଲତା ଉତ୍ପନ୍ନ ହୁଏ, ଯଥା— ଅମ୍ଳ (ତେନ୍ତୁଳି) ଆମ୍ର (ଆମ୍ବ), ମଧୁକ, କୁଳ, କପିତ୍ଥ, ଆମଳକ, ତନ୍ଦୁକ (କେନ୍ଦୁ), ଉଡୁମ୍ବର, ନାରିକେଳ, ପଣସ । ଖଜୁର ମିଳେ ନାହିଁ । ନାସପାତି, ଆଲୁବଖରା ଜାତୀୟ ଫଳ କାଶ୍ମୀରର ପଶ୍ଚିମରେ ମିଳେ । କମଳା ଓ ଡାଳିମ୍ବ ସର୍ବତ୍ର ମିଳେ ।

**ଶସ୍ୟ**—ଧାନ, ଗହମ ପ୍ରଚୁର । ତା'ଛଡ଼ା ଅଦା, ସୋରିଷ, ତରଭୁଜ, କଖାରୁ ହୁଏ । ପିଆଜ, ରସୁଣ ବେଶୀ ଲୋକେ ଖାନ୍ତି ନାହିଁ । କେହି ଖାଇଲେ ତାକୁ ସହର ବାହାରକୁ କାଢ଼ି ଦିଆଯାଏ ।

**ସାଧାରଣ ଲୋକର ଖାଦ୍ୟ**—ଦୁଧ, ଲହୁଣି, ସର, ଚିନି, ମିଶ୍ରି, ପିଠା, ଚୁଡ଼ା । ମାଛ, ମେଣ୍ଢା ବା ଛେଳିର ମାଂସ, ମୃଗ ମାଂସ ତଟକା ବା ଲୁଣ ଦେଇ ରଖି ଦିଆଯାଏ । ଷଣ୍ଢ, ଗଧ, ହାତୀ, ଘୋଡ଼ା, ଘୁଷୁରି, କୁକୁର ବାଘ, ସିଂହ, ମାଙ୍କଡ଼, ପ୍ରଭୃତି ଲୋମଶ ଜନ୍ତୁର ମାଂସ ନିଷିଦ୍ଧ । ଏଗୁଡ଼ିକ ଘୃଣ୍ୟ ଖାଦ୍ୟ ଓ ସହର ବାହାରେ ଯେଉଁମାନେ ରହନ୍ତି, ସେମାନେ ଖାନ୍ତି ।

ମଦ ଅନେକ ପ୍ରକାରର । କ୍ଷତ୍ରିୟମାନେ ଅଙ୍ଗୁର ଓ ଆଖୁ ରସର ମଦ ପାନକରନ୍ତି । ବୈଶ୍ୟମାନେ ଟାଣୁଆ ମଦ ପାନକରନ୍ତି । ଶ୍ରମଣ ଓ ବ୍ରାହ୍ମଣମାନେ ଅଙ୍ଗୁର ବା ଆଖୁର ତଟକା ରସ ପାନକରନ୍ତି ।

ବାସନ ସବୁ ପ୍ରକାରର ମିଳେ । ଦେଶୀ ଭାଷା ମାଟିର । ଲାଲ ରଙ୍ଗର ତାମ୍ର ବାସନ କଦାଚିତ୍ ବ୍ୟବହାର ହୁଏ । ଗୋଟିଏ ଥାଳିରେ ସବୁ ପ୍ରକାର ଖାଦ୍ୟ ଗୋଳେଇ ହାତଦ୍ୱାରା ଖିଆଯାଏ । ସାଧାରଣତଃ ଚାମୁଚ ବା ଚଟୁ ବ୍ୟବହାର ହୁଏ ନାହିଁ । ଚୀନ ଭଳି ଚପଷ୍ଟିକ ନାହିଁ । ଅସୁସ୍ଥ ହେଲେ ଲୋକେ ଚାମୁଚ ବ୍ୟବହାର କରନ୍ତି ।

ସୁନା, ରୁପା, କଂସା, ସ୍ଫଟିକ, ମୁକ୍ତା ଏ ଦେଶରେ ପ୍ରଚୁର ଉତ୍ପନ୍ନ ହୁଏ । ତା' ଛଡ଼ା ଦ୍ୱୀପ ପୁଞ୍ଜରୁ ଜିନିଷ ବଦଳରେ ଜହରତ ସଂଗ୍ରହ କରାଯାଏ । ଦେଶ ମଧ୍ୟରେ ବିକା କିଣା ପାଇଁ ସୁନା, ରୁପାର ମୁଦ୍ରା, କଉଡ଼ି ଓ ଛୋଟ ଛୋଟ ମୁଦ୍ରା ବ୍ୟବହାର ହୁଏ ।

## ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଓଡ଼ିଶା ପ୍ରକୃଷ୍ଟ କ୍ଷେତ୍ର

### ହୋଟେଲ ସଫାରୀ ଇଣ୍ଟରନ୍ୟାସନାଲ୍‌ର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀଙ୍କ ସୂଚନା

ରାଜ୍ୟରେ ବର୍ତ୍ତମାନ ଯେଉଁ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ କରାଯାଉଛି ଏବଂ ଓଡ଼ିଶାକୁ ଆଗେଇନେବା ଦିଗରେ ଯେଉଁସବୁ ଯୋଜନା କରାଯାଉଛି, ସେଥିରେ ସହଯୋଗୀ ହୋଇ ଓଡ଼ିଶାର ଲୋକମାନେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ଭୁବନେଶ୍ୱରର ଦମିଶାଣ ନିକଟରେ ହୋଟେଲ୍ ସଫାରୀ ଇଣ୍ଟରନ୍ୟାସନାଲର ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ପାଞ୍ଚ ତାରକା ହୋଟେଲର ଭିତ୍ତି ସ୍ଥାପନ କରି ମାର୍ଚ୍ଚ ୪ ତାରିଖରେ ମୁଖ୍ୟମନ୍ତ୍ରୀ କହିଲେ ବିଳମ୍ବ ହିଁ ଆମ ପ୍ରଗତିର ଶତ୍ରୁ । ଏଣୁ, କମ୍ ସମୟ ମଧ୍ୟରେ ଆମକୁ ଆମର ଲକ୍ଷ୍ୟ ହାସଲ ନିମନ୍ତେ ଦ୍ରୁତ ବେଗରେ କାମ ସବୁ ଆଗେଇ ନେବାକୁ ହେବ । ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟର ସମ୍ବଳ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶାରେ ୩୦୦ କିଲୋମିଟରର ମନୋରମ ବେଳାଭୂମି ରହିଛି । ଏହା ବ୍ୟତୀତ ସୁନ୍ଦର ପାର୍ବତ୍ୟ ଉପତ୍ୟକା, ବିଭିନ୍ନ ଜାତିର ବନ୍ୟଜନ୍ତୁ, ପ୍ରାଚୀନ ଐତିହାସିକ ସ୍ଥାନ ଏବଂ ବିଖ୍ୟାତ ତୀର୍ଥ ଜଗନ୍ନାଥଙ୍କ ମନ୍ଦିର ପ୍ରଭୃତି ବିଦ୍ୟମାନ । କିନ୍ତୁ, ଓଡ଼ିଶାରେ ପର୍ଯ୍ୟଟକ-ମାନଙ୍କ ପାଇଁ ରହିବା ସ୍ଥାନର ଅଭାବ ପର୍ଯ୍ୟଟନ ଶିଳ୍ପର ବିକାଶ ଦିଗରେ ଏକ ପ୍ରଧାନ ଅନ୍ତରାୟ ରୂପେ ଦେଇଥିଲା । ଏହି ଅନ୍ତରାୟକୁ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ହୋଟେଲ ପ୍ରତିଷ୍ଠା କାର୍ଯ୍ୟକୁ ଶିଳ୍ପ ଶ୍ରେଣୀଭୁକ୍ତ କରାଯାଇଛି ଏବଂ ଏ ବାବଦରେ ଯାହାକିଛି ସାହାଯ୍ୟ ଆବଶ୍ୟକ, ସେ ସବୁ ମଧ୍ୟ ଯୋଗାଇ ଦିଆଯାଉଛି । ଏ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପୁରୀ, କଟକ, ଭୁବନେଶ୍ୱର ଓ ପାରାଦୀପଠାରେ ୧୭ ଟି ଷ୍ଟାର ହୋଟେଲ ସ୍ଥାପନ କରାଯାଉଛି । ଏହା ଫଳରେ ବିଦେଶୀ ପର୍ଯ୍ୟଟକ-ମାନଙ୍କ ସୁବିଧା ପୂରଣ ହେବା ସଙ୍ଗେ ସଙ୍ଗେ ଅଧିକ କର୍ମନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇ ପାରିବ । ବିଦେଶୀ ପର୍ଯ୍ୟଟକମାନଙ୍କ ଆଗମନ ଫଳରେ ଆମ ଦେଶରେ ମଧ୍ୟ ପ୍ରଚୁର ବୈଦେଶିକ ମଦ୍ରା ଅର୍ଜନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ କହିଲେ ଯେ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବହୁ ସଂଖ୍ୟକ ହୋଟେଲ ନିର୍ମିତ ହେବାର ଆବଶ୍ୟକତା ରହିଛି । ବିଶେଷ କରି ବିଦେଶୀ ପର୍ଯ୍ୟଟକମାନଙ୍କ ରୁଚି ପାଇଁ ଅତ୍ୟାଧୁନିକ ହୋଟେଲର ସ୍ଥାପନ ମଧ୍ୟ ଆବଶ୍ୟକ ।

ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଏହି ଉତ୍ସବରେ ସଭାପତିତ୍ୱ କରି କହିଲେ ଯେ ଆମ ରାଜ୍ୟରେ ପ୍ରାକୃତିକ ସଂପଦର ଅଭାବ ନାହିଁ । ସେଗୁଡ଼ିକ ପୂର୍ଣ୍ଣ ବିନିଯୋଗ ହୋଇ ପାରିଲେ, ରାଜ୍ୟରୁ ବେକାରୀ ଓ ଦାରିଦ୍ର୍ୟ ବହୁ ପରିମାଣରେ ଦୂର କରାଯାଇ ପାରିବ ।

ପୂର୍ବରୁ ଇପିକଲ୍‌ର ଅଧ୍ୟକ୍ଷ ଡଃ ହରପ୍ରସନ୍ନ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ କହିଲେ ଯେ ଏହି ହୋଟେଲଟି ଇପିକଲ୍ ଓ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ୍‌ର ମିଳିତ ସହଯୋଗରେ ଏଠାରେ ସ୍ଥାପିତ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ଏଥିରେ ୮୦ ଲକ୍ଷ ଟଙ୍କା ବ୍ୟୟ କରାଯିବ । ହୋଟେଲ ସଫାରୀ ଇଣ୍ଟର-ନ୍ୟାସନାଲ୍‌ର ଉଦ୍ୟୋକ୍ତା ଶ୍ରୀ କୈଳାସ ଚନ୍ଦ୍ର ଦାସ ରାଜ୍ୟ ସରକାର ଏହି ହୋଟେଲ ସ୍ଥାପନ ପାଇଁ ଅତିଶୀଘ୍ର ସହଯୋଗ କରିଥିବାରୁ ତା'ର ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟ-ନାୟକଙ୍କ ସମେତ ବହୁ ସରକାରୀ ଉଦ୍ୟୋଗର କର୍ମକର୍ତ୍ତା ଓ ଭଦ୍ରବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ଉତ୍କଳ ଦିବସର ସ୍ମୃତି ଚାରଣ

ଶ୍ରୀ ସୁରେନ୍ଦ୍ର ମହାନ୍ତି, ଏମ୍. ପି.

ପହିଲା ଅପ୍ରେଲ ଅନ୍ୟମାନଙ୍କ ପାଇଁ ଉପହାସର ଦିବସ ହୋଇ ପାରେ—ମାତ୍ର ଓଡ଼ିଆ ଜାତିର ଇତିହାସରେ ଏହା ଏକ ସ୍ମରଣୀୟ ଦିବସ । ଆଜକୁ ଛତିଶ ବର୍ଷ ତଳେ ୧୯୩୬ ଅପ୍ରେଲ ପହିଲା ଦିନ ଓଡ଼ିଶା ପ୍ରଦେଶ—ବିଖଣ୍ଡିତ ଅବସ୍ଥାରେ ହେଲେ ସୁଦ୍ଧା—ଭାରତର ଏକା ଦଶ ପ୍ରଦେଶ ରୂପେ ୧୯୩୫ ମସିହା ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟରେ ସ୍ୱୀକୃତି ଲାଭ କରିଥିଲା । ଏହା ଥିଲା ଓଡ଼ିଆ ଜାତିର ବହୁ ନିଷ୍ପେଷିତ ଆତ୍ମସତ୍ତାର ଅଭ୍ୟୁଦୟର ମୁହୂର୍ତ୍ତ । ଆଧୁନିକ ଓଡ଼ିଶାର ଇତିହାସରେ ଏହି ଦିବସଟି ତେଣୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

କିନ୍ତୁ ଏହାର ନେପଥ୍ୟରେ ଆମମାନଙ୍କର ପୂର୍ବସୂରୀମାନଙ୍କର କେତେ ଅଶ୍ରୁ, କେତେ ଘର୍ମ, ଶାସନର ଶତ ଉପେକ୍ଷା, ଏପରିକି ଅନ୍ୟମାନଙ୍କର ଅସହଯୋଗ ମଧ୍ୟରେ ଯେତେ ନୀରବ ସଂଗ୍ରାମର ଇତିହାସ ଅମୂର୍ତ୍ତ ହୋଇ ରହିଛି, ତାହା ଆଜି ସ୍ମରଣ କରିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ପୁଣ୍ୟ କର୍ତ୍ତବ୍ୟ ।

## ସାହିତ୍ୟିକଙ୍କ ଅବଦାନ

ତଥ୍ୟ ଦୃଷ୍ଟିରୁ ଅସ୍ୱୀକାର କରିବାର ଉପାୟ ନାହିଁ—ଓଡ଼ିଶା ପ୍ରଦେଶ ଗଠନ କୌଣସି ରାଜନୈତିକ ଦଳ ବା ନେତାର ସୃଷ୍ଟ ନୁହେଁ । ସେମାନେ ନିମିତ୍ତ ମାତ୍ର । ବସ୍ତୁତଃ ଏହା ଓଡ଼ିଆ ସାହିତ୍ୟିକ ଓ ସାମ୍ବାଦିକମାନଙ୍କର ଅବଦାନ । ବିଗତ ଶତାବ୍ଦୀର ଷଷ୍ଠ—ସପ୍ତମ ଦଶକରେ ଯେତେବେଳେ ଓଡ଼ିଆଭାଷା ଓ ସାହିତ୍ୟର ସତ୍ତା ନିଶ୍ଚିହ୍ନ ହେବାକୁ ବସିଥିଲା, ସେତେବେଳେ ଫକୀରମୋହନ, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେର ପ୍ରମୁଖ ସାହିତ୍ୟିକ ପୁଣି ଗୌରୀଶଙ୍କର ଓ ନୀଳମଣି ବିଦ୍ୟାରତ୍ନଙ୍କ ପରି ସାମ୍ବାଦିକ, ଭାଷା ସଂଗ୍ରାମ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନଥିଲେ, ଓଡ଼ିଆ ଭାଷାର ସତ୍ତା ବିଲୁପ୍ତ ହୋଇଥାଆନ୍ତା । ଶିରୋନାସ୍ତି ଶିରୋପୀଡ଼ା ପରି ଭାଷା ସତ୍ତ୍ୱରେ ପ୍ରଦେଶ ଗଠନର ପରିସ୍ଥିତିହିଁ ନ ଥାନ୍ତା ।

ବ୍ୟକ୍ତିର ଜୀବନ ପରି ଜାତିର ଇତିହାସରେ ମଧ୍ୟ ବେଳେ ବେଳେ ଆସେ ମହା ଦୁର୍ଯୋଗପୂର୍ଣ୍ଣ ମୁହୂର୍ତ୍ତ—ଯେତେବେଳେ ତା'ର ଅଣନିଶ୍ୱାସ ବହେ, ନାଭିଶ୍ୱାସ ଉଠେ—କିନ୍ତୁ ସୃଷ୍ଟି ରହସ୍ୟରେ ତାରି ମାଧ୍ୟମରେ ମଧ୍ୟ ପ୍ରଚ୍ଛନ୍ନ ରହିଥାଏ । ନବ ସଂଜୀବନର ରସ । ଓଡ଼ିଆ ଜାତିର ଇତିହାସରେ ସେହିପରି ଏକ ମୁହୂର୍ତ୍ତ ଆସିଥିଲା । ଇଂ ୧୮୬୬ ସାଲ ଲୋମହର୍ଷଣକାରୀ ନଅଙ୍କ ଦୁର୍ଭିକ୍ଷ ମଧ୍ୟରେ ଯେଉଁଥିରେ ଶାସନର ଉଦାସୀନତା ଓ ଉପେକ୍ଷା



ଫଳରେ ଦଶ ଲକ୍ଷ କଙ୍କାଳ ହା-ଅନ୍ନ ହା-ଅନ୍ନ ଚିତ୍କାର କରି ମାଟିରେ ମିଶି ଥିଲେ । କିନ୍ତୁ ଦୁର୍ଭିକ୍ଷର ସେଇ କରାଳ ତାଣ୍ଡବ ମଧ୍ୟରେ ପ୍ରକାଶ ପାଇଥିଲା "ଆଦିନେତା" ରୂପେ ମାନ୍ୟତା ପ୍ରାପ୍ତ ବିଚିତ୍ରାନନ୍ଦଙ୍କର ପ୍ରେରଣା ଓ ଗୌରୀଶଙ୍କରଙ୍କର ସଂପାଦନାରେ ମୂକ, ମୌନ ଓଡ଼ିଶାର

ପ୍ରତିବାଦ ରୂପେ ପ୍ରଥମ ସାପ୍ତାହିକ "ଉତ୍କଳ ଦୀପିକା" । ଏହାର ସ୍ତମ୍ଭରେ ନିଃସ୍ୱନ କଣ୍ଠରେ ପ୍ରକାଶ ପାଇଥିଲା ବିଡ଼ମ୍ବିତ ଓଡ଼ିଆ ଜାତିର ଆଶା ଓ ଅଭିପ୍ସାର ବାଣୀ ।

## ପ୍ରଥମ ପର୍ଯ୍ୟାୟ

ଇଂ ୧୮୬୬ ସାଲରେ ତତ୍କାଳୀନ ସେକ୍ରେଟାରୀ ଅଫ୍-ଷ୍ଟେଟ୍, ସାର ଷ୍ଟାଫୋର୍ଡ ନର୍ଥକୋଟ ସ୍ୱୀକାର କରିବାକୁ ବାଧ୍ୟ ହେଲେ, ଓଡ଼ିଶା ଭାରତର ତତ୍କାଳୀନ ରାଜଧାନୀ କଲିକତାଠାରୁ ଦୂରାନ୍ତରେ ଏକ ଉପାନ୍ତ ବିସ୍ମୃତ ଅଞ୍ଚଳ ରୂପେ ପଡ଼ି ରହି ଥିବାରୁ ଦଶଲକ୍ଷ ମହାପ୍ରାଣୀଙ୍କର ଜୀବନ-ରକ୍ଷା କରି ହେଲା ନାହିଁ । ସାର ଷ୍ଟାଫୋର୍ଡଙ୍କର ମନ୍ତବ୍ୟରେ ଥିଲା ଓଡ଼ିଶା ପ୍ରଦେଶ ଗଠନ ପାଇଁ ପରୋକ୍ଷ ସୂଚନା । ମାତ୍ର ଓଡ଼ିଆ ଭାଷା ରକ୍ଷା ହିଁ ଥିଲା ସେତେବେଳେ ମୁଖ୍ୟ ପ୍ରଶ୍ନ । ଇଂ ୧୮୬୮ ସାଲରେ ଫକୀରମୋହନଙ୍କ ଉଦ୍ୟମରେ ବାଲେଶ୍ୱରରୁ ପ୍ରକାଶିତ 'ବାଲେଶ୍ୱର ସମ୍ବାଦ ବାହିକା' ଓ 'ବୋଧଦାୟିନୀ' ଏବଂ ଇଂ ୧୮୮୯ ସାଲରେ ବାମଣ୍ଡାରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପ୍ରଭୃତିର ସ୍ତମ୍ଭ ଏହି ସଂଗ୍ରାମର ରଣ କ୍ଷେତ୍ରରେ ପରିଣତ ହୋଇଥିଲା ।



ଓଡ଼ିଆ ଭାଷା ରାହୁଗ୍ରାସରୁ ରକ୍ଷା ପାଇବା ପରେ ଉଠିଲା ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଚିନ୍ତା । ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଓ ବିଚିତ୍ରାନନ୍ଦ ପଟ୍ଟନାୟକ ବଙ୍ଗଳାର ତତ୍କାଳୀନ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଗୋଟିଏ ସ୍ମାରକ ପତ୍ର ନିବେଦନ କରିଥିଲେ । ମାତ୍ର ତାହା ଯାଇଥିଲା ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଅଳିଆ କାଗଜ ଟୋକେଇ ଭିତରକୁ । ଏହାପରେ ଇଂ ୧୮୮୨ ସାଲରେ ଘଟେ ଆଉ ଏକ ଉଲ୍ଲେଖଯୋଗ୍ୟ ଘଟଣା । ତତ୍କାଳୀନ ଭାଇସ୍‌ରାୟ ଲର୍ଡ ରିପନ ସେହିବର୍ଷ ପ୍ରବର୍ତ୍ତନ କରନ୍ତି ଭାରତରେ ସ୍ୱାୟତ୍ତ ଶାସନ ପଦ୍ଧତି । ଏହି ପଦ୍ଧତି ଅନୁସାରେ ମ୍ୟୁନିସପାଲଟି ଓ ଲୋକାଲ ବୋର୍ଡ ସବୁ ନିର୍ବାଚନ ଭିତ୍ତିରେ ଗଠିତ ହେବ । ପ୍ରଥମ ଥର ପାଇଁ ଦେଶର ଜନତା ଆସିବେ ସ୍ୱାୟତ୍ତ ଶାସନର ପ୍ରତ୍ୟକ୍ଷ ସଂପର୍କରେ । ଏଥିପାଇଁ ପ୍ରୟୋଜନ ପଡ଼ିଲା ସଂଗଠନ । ଓଡ଼ିଶାର ପ୍ରଥମ ରାଜନୈତିକ ସଂଗଠନ 'ଉତ୍କଳ ସଭା' ହେଲା ଏହାର ଫଳଶ୍ରୁତି । ଇଂ ୧୮୮୨ ସାଲରେ ଏହାର ପ୍ରଥମ ଅଧିବେଶନ ଆହୂତ ହୋଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ କୋଠାରେ । ଜାତୀୟ ଗୌରବ ମଧୁସୂଦନ ଓ ଗୌରୀଶଙ୍କର ସେଦିନ ଥିଲେ ଏହାର ପ୍ରାଣତନ୍ତ୍ରୀ ଓ ପ୍ରେରଣାର ଉତ୍ସ । ଇଂ ୧୮୮୮ ସାଲ ନଭେମ୍ବର ମାସରେ ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ କଲଭିନ୍ ବେଲି ଆସିଥିଲେ ଓଡ଼ିଶା ପରିଦର୍ଶନରେ । ସେହି ଉପଲକ୍ଷରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ 'ଉତ୍କଳ ସଭା' ପକ୍ଷରୁ ମଧ୍ୟ ଅର୍ପିତ ହୋଇଥିଲା ଏକ ସ୍ମାରକ ପତ୍ର । ମାତ୍ର ବଙ୍ଗଳା ଲାଟ ଭବନରେ ଏହା ଅଳିଆ କାଗଜ ଟୋକେଇରେ ଗର୍ଭସ୍ଥିତ କରିଥିଲା ବିନା ଗର୍ଭ ସଞ୍ଚାରକରି ନ ଥିଲା । ଏହି ଉପଲକ୍ଷରେ ବାଙ୍କୀ ପଣ୍ଡିତ ଗୋବିନ୍ଦ ରଥ "ଲାଟ-ଦର୍ଶନ" ଶୀର୍ଷକ ଯେଉଁ ବ୍ୟଙ୍ଗ-କବିତା ରଚନା କରିଥିଲେ, ଓଡ଼ିଆ ସାହିତ୍ୟରେ ତାହା ଯଥାର୍ଥରେ ପ୍ରଥମ ସାଟାୟାରର ମର୍ଯ୍ୟାଦା ଦାବୀ କରେ ।

## ସମ୍ବଲପୁରରୁ ଓଡ଼ିଆ ଭାଷାର ଉଚ୍ଛେଦ

ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆଭାଷାର ଉଚ୍ଛେଦ ସେ ସମୟରେ ଆଉ ଏକ ଉଲ୍ଲେଖନୀୟ ଘଟଣା । ସମ୍ବଲପୁର ସେତେବେଳେ ସେଣ୍ଟ୍ରାଲ ପ୍ରଭିନସେସ୍‌ର ଏକ ଅଜ୍ଞାତ କୋଣରେ ପଡ଼ି ରହିଥିଲା । ହିନ୍ଦିଭାଷୀମାନେ ଦେଖିଲେ ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ରହିଲେ ଭାଇ ବିରାଦରଙ୍କ ପାଇଁ ଅସୁବିଧା । ତେଣୁ ଚିଫ୍ କମିଶନର ସାର ଆଣ୍ଡ୍ରୁ ଫ୍ରେଜରଙ୍କୁ ପ୍ରଭାବିତକରି ରାତାରାତି ସେମାନେ ସମ୍ବଲପୁର କୋର୍ଟ-କଚେରୀରୁ ଏକା କଲମ ଗାରରେ ଓଡ଼ିଆଭାଷା ଉଠାଇ ଦେଲେ । ସମ୍ବଲପୁରର ନିସ୍ପନ୍ଦ ପରିବେଶରେ ଏହା ସେଦିନ ସୂତ୍ରପାତ କରିଥିଲା ପ୍ରବଳ ବିକ୍ଷୋଭ । ଲର୍ଡ କର୍ଜନ ସେତେବେଳେ ଭାରତର ଭାଇସରାୟ । ଜାତୀୟ ଗୌରବ ମଧୁସୂଦନଙ୍କ ପରାମର୍ଶରେ, ସମ୍ବଲପୁରରୁ ଏକ ଶିଷ୍ଟ ମଣ୍ଡଳୀ ଦଳ ବାନ୍ଧି ସିମଳା ଯାଇଥିଲେ, ଲର୍ଡ କର୍ଜନଙ୍କ ହଜୁରରେ ଅନୁଯୋଗ କରିବା ପାଇଁ । ମାତ୍ର ସିମଳା ଭାଇସରାୟ ନିବାସ ଭିତରକୁ ସେମାନେ ପ୍ରବେଶର ଅବକାଶ ସୁଦ୍ଧା ପାଇ ପାରିଲେ ନାହିଁ । ଜାତୀୟ ଗୌରବ ମଧୁସୂଦନ ସେତେବେଳେ ବଙ୍ଗଳା

ଲେଜିସ୍‌ଲେଟିଭ୍ କାଉନସିଲରର ସଦସ୍ୟ । ଭାଇସ୍‌ରାୟ ଲର୍ଡ କର୍ଜନଙ୍କୁ ପ୍ରଭାବିତ କରି ଇଂ ୧୯୦୦ ସାଲରେ ସେ ତାଙ୍କୁ ଆଣନ୍ତି ଓଡ଼ିଶା । ସେହିବର୍ଷ କଲିକତା ସହିତ ମାନ୍ଦ୍ରାଜ ରେଳପଥଦ୍ୱାରା ସଂଯୁକ୍ତ ହୋଇଥିଲା । ରେଳରେ ଆସି ଭାଇସ୍‌ରାୟ ଲର୍ଡ କର୍ଜନ ପ୍ରଥମେ ଓହ୍ଲାଇ ଥିଲେ ଭୁବନେଶ୍ୱରରେ । ମନ୍ଦରମାଳନୀ ଓଡ଼ିଆ ଶିଳ୍ପୀର କୀର୍ତ୍ତି କିରୀଟିନୀ ଭୁବନେଶ୍ୱର, କଳାପ୍ରେମୀ ଲର୍ଡ କର୍ଜନଙ୍କୁ ସେ ଦିନ ଅଭିଭୂତ କରିଦେଇଥିଲା । ଅଭିଭୂତ ପରି ସେ ପଚାରିଥିଲେ, ରୋମାନ୍ ସ୍ଥପତିର ଅମୂର୍ତ୍ତ ସ୍ୱପ୍ନ ଏଠାରେ ସମ୍ଭବ ହୋଇ ପାରିଥିଲା କିପରି ? କାହାନ୍ତି ସେଇ ଶିଳ୍ପୀମାନେ ? ମଧୁସୂଦନ ତିର୍ଯ୍ୟକ କଣ୍ଠରେ ଉତ୍ତର ଦେଇଥିଲେ, ଯେଉଁମାନେ ଏହି ଲିଙ୍ଗରାଜ, ରାଜରାଣୀ ମନ୍ଦିରର ଥିଲେ ସ୍ଥପତି ଓ ଭାସ୍କର, ଆଜି ସେମାନଙ୍କ ବଂଶଧରମାନେ କଂପାନୀ ଶାସନରେ ପଥର ଭାଙ୍ଗି ଦିନକୁ କୌଣସି ଉପାୟରେ ଦୁଇ ପଇସା ରୋଜଗାର କରିବାରେ ବ୍ୟସ୍ତ । କଂପାନୀ ଶାସନରେ ଏହାହିଁ ହୋଇଛି ସେମାନଙ୍କ ଅବସ୍ଥା । ବେଢ଼ି ଉପରେ କୋରଡ଼ାମାଡ଼ ପରି ସମ୍ବଲପୁରରୁ ପୁଣି ଉଠାଇ ଦିଆଗଲା ଓଡ଼ିଆ ଭାଷା । ଭାଇସରାୟ ଲର୍ଡ କର୍ଜନଙ୍କର ସେ ଦିନ ହୃଦ୍‌ବୋଧ ହୋଇଥିଲା ଓଡ଼ିଆଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ବିନା ଓଡ଼ିଶା ସମସ୍ୟାର ଅନ୍ୟ ସମାଧାନ ନାହିଁ ।



ସମ୍ବଲପୁର ବାସୀଙ୍କର ଆନ୍ଦୋଳନ ଓ ଜାତୀୟ ଗୌରବ ମଧୁସୂଦନଙ୍କ ନେତୃତ୍ୱ ଫଳରେ ଇଂ ୧୯୦୩ ସାଲ ଜାନୁୟାରୀ ପହିଲା ଦିନ, ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପୁଣି ପ୍ରଚଳିତ ହେଲା । ସେହିବର୍ଷ ୩ ତାରିଖ ଡିସେମ୍ବର ମାସରେ ଭାରତ ସରକାରଙ୍କ ହୋମ୍ ସେକ୍ରେଟାରୀ ମିଷ୍ଟର ରିସ୍‌ଲେ ପ୍ରକାଶ କରନ୍ତି ଏକ ସର୍କୁଲାର''—''ରିସ୍‌ଲେ ସର୍କୁଲର''—ନାମରେ ଯାହା ଭାରତର ଶାସନ ତାତ୍ତ୍ୱିକ ପୁନର୍ଗଠନର ଇତିହାସରେ ପ୍ରସିଦ୍ଧ । ଏହି ସର୍କୁଲାରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ସର୍ବପ୍ରଥମେ ଏକ ନିଷ୍ପତ୍ତି ସର୍ବୋଚ୍ଚ ସ୍ତରରେ ସେଦିନ ସ୍ୱୀକୃତ ହୋଇଥିଲା । ଏହି ନିଷ୍ପତ୍ତି ଅନୁସାରେ ଇଂ ୧୯୦୫ ସାଲ ଜୁଲାଇ ୧୯ ତାରିଖ ଦିନ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ କରି ଅନ୍ୟ ଓଡ଼ିଶା ଡିଭିଜନ୍ ସହିତ ବଙ୍ଗଳା ପ୍ରେସିଡେନ୍‌ସୀ ଅଧୀନରେ ଅବସ୍ଥାପିତ କରାଗଲା । ମାତ୍ର ଦୁର୍ଭାଗ୍ୟର ବିଷୟ, ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍‌ସୀ ଓଡ଼ିଶାକୁ ଆସିପାରିଲା ନାହିଁ—ମାନ୍ଦ୍ରାଜର ଗଭର୍ଣ୍ଣର ଲର୍ଡ ଆମ୍‌ପଟହିଲଙ୍କର ତୀବ୍ର ବିରୋଧ ଫଳରେ ।

## ଦ୍ୱିତୀୟ ପର୍ଯ୍ୟାୟ

ଏହାପରେ ଇଂ ୧୯୦୭ ସାଲରେ ଭାରତର ଶାସନ ପଦ୍ଧତିର ମୂଲ୍ୟାଙ୍କନପାଇଁ ନିଯୁକ୍ତ ହୋଇଥିଲା ଡିସେଣ୍ଟ୍ରାଲାଇଜେସନ୍ କମିଶନ (Decentralisation Commission) ଏହି କମିଶନ ଭାରତର ତତ୍‌କାଳୀନ ରାଜଧାନୀ କଲିକତାଠାରେ ସାକ୍ଷ୍ୟ ନେଲାବେଳେ ଜାତୀୟ ଗୌରବ ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଶାରୁ ଗୋଟିଏ ପ୍ରତିନିଧିଦଳ ସାକ୍ଷ୍ୟ ଦେଇ ଦାବୀ କରିଥିଲେ ଯେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନହେଲେ ଓଡ଼ିଶାବାସୀଙ୍କ ପାଇଁ ଅନ୍ତତଃ ସ୍ୱାୟତ୍ତ ଶାସନ ଶାସନର କୌଣସି ତାତ୍ପର୍ଯ୍ୟ ରହିବ ନାହିଁ । ଏହି କମିଶନ ସମସ୍ତ ବିଷୟ ବିଭିନ୍ନ ଦୃଷ୍ଟିକୋଣରୁ ପରୀକ୍ଷା କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ପାଇଁ ଜଣେ ଚିଫ୍ କମିଶନରଙ୍କର ନିଯୁକ୍ତି ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲେ, ଓଡ଼ିଶା—ବଙ୍ଗଳା ପ୍ରେସିଡେନ୍‌ସୀର ପରିସର ମଧ୍ୟରେ ଚିଫ୍ କମିଶନର ଶାସିତ ଏକ ଅଞ୍ଚଳ ରୂପେ ରହି ଥାଆନ୍ତା । ମାତ୍ର ଓଡ଼ିଶାବାସୀଙ୍କ ଦୁର୍ଭାଗ୍ୟକୁ "ସେତକ ସୁଦ୍ଧା ହୋଇ ପାରିଲା ନାହିଁ ।


## ଉତ୍କଳ ସମ୍ମିଳନୀ

ଏହାର ଚାରିବର୍ଷ ପୂର୍ବରୁ ଇଂ ୧୯୦୩ ସାଲ ଡିସେମ୍ବର ମାସରେ ଜାତୀୟ ଗୌରବ ମଧୁସୂଦନ ଓଡ଼ିଶାର ଅଭ୍ୟୁଦୟ ଲକ୍ଷ୍ୟରେ ପ୍ରତିଷ୍ଠା କରିସାରିଥିଲେ "ଉତ୍କଳ ସମ୍ମିଳନୀ" । ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଥିଲେ ଏହାର ପ୍ରଥମ ସଭାପତି । ଓଡ଼ିଶାର ପ୍ରଥମ ସାମାଜିକ-ରାଜନୈତିକ ସଂଗଠନ "ଉତ୍କଳ ସଭା" ଏଥିସହିତ କ୍ରମେ ସାମିଲ ହୋଇ ଯାଇଥିଲା । "ଉତ୍କଳ ସମ୍ମିଳନୀ"ର ପ୍ରତିଷ୍ଠା ଦିନୁ ପ୍ରତିବର୍ଷ ସମ୍ମିଳନୀର ବାର୍ଷିକ ଅଧିବେଶନ ମାନଙ୍କରେ ଓଡ଼ିଶାପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ କରି ପ୍ରସ୍ତାବମାନ ଗୃହୀତ ହୋଇ ଆସୁଥିଲା । ମାତ୍ର ବ୍ରିଟିଶ ସରକାର ସେଥିପ୍ରତି ଦୃକ୍‌ପାତ ବା କର୍ଣ୍ଣପାତ କରୁ ନଥିଲେ । ଓଡ଼ିଶାରେ ସେତେବେଳେ ବଙ୍ଗାଳୀ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀ ନଥିଲେ କିମ୍ବା ଓଡ଼ିଆମାନେ ସେମାନଙ୍କ ପ୍ରତିବେଶୀମାନଙ୍କ ପରି ଢୋଲ ପିଟିବା ଶିଖି ନଥିଲେ—

ଅବଶ୍ୟ ହାବେଳୀ ଫୁଟାଇଥିଲେ ପ୍ରଚୁର । ସେଥିରେ ମଧ୍ୟ କିଛିଟା ସୁନାମ ଅର୍ଜନ କରିଥିଲେ । ତେଣୁ ସମ୍ମିଳନୀର ଶୁଖିଲା ପ୍ରସ୍ତାବକୁ ବ୍ରିଟିଶ୍ ସରକାର ପସ୍ୱରତା କାହିଁକି ? ସ୍ମାରକପତ୍ର, ଦରଖାସ୍ତ, ପ୍ରସ୍ତାବର ବା ମୂଲ୍ୟ କ'ଣ ?

## ତୃତୀୟ ପର୍ଯ୍ୟାୟ

ଇଂ ୧୯୧୨ ମସିହା । ଲର୍ଡ ହାର୍ଡିଞ୍ଜ ସେତେବେଳେ ଭାରତର ଭାଇସ୍‌ରାୟ । ସେହି ବର୍ଷ ଭାରତରେ ଘଟେ ଦୁଇଟି ଉଲ୍ଲେଖଯୋଗ୍ୟ ଘଟଣା—ଭାରତର ରାଜଧାନୀ, କଲିକତାରୁ ଅପସାରିତ ହୁଏ ଦିଲ୍ଲୀକୁ ଓ ବଙ୍ଗଳା ପ୍ରେସି-ଡେନ୍‌ସୀକୁ ଭାଙ୍ଗି ଗଠିତ ହୁଏ ହିନ୍ଦିଭାଷୀଙ୍କ ପାଇଁ ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ । ଓଡ଼ିଶାବାସୀ ଆଶା କରିଥିଲେ, ସେହି ଭିତ୍ତିରେ ସେମାନଙ୍କୁ ମଧ୍ୟ ମିଳିଯିବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ମାତ୍ର ସେମାନଙ୍କୁ ବିହାରର କାନିଗଣ୍ଠିରେ ବାନ୍ଧି ରଖାଗଲା । କଟାଘା'ରେ ଲୁଣଛିଟା ପରି ଯୁକ୍ତି ଦିଆଗଲା ବିହାରକୁ ଏହା ଫଳରେ ଗୋଟିଏ ବେଳାଭୂମି ବା "Sea Board" ମିଳିପାରିବ । ସେଦିନଏ ଅବିଗ୍ନର ବିରୁଦ୍ଧରେ କେହିତ ଦୃଢ଼ ପ୍ରତିବାଦ କରିନଥିଲେ କିନ୍ତୁ ଓଡ଼ିଶାର ପରମବନ୍ଧୁ ଲର୍ଡ କର୍ଜନ ବିଲାତର ହାଉସ୍-ଅଫ୍-ଲର୍ଡସରେ ନିଷ୍ଠୁର କଣ୍ଠରେ ପ୍ରତିବାଦ ଜଣାଇଥିଲେ, 'ଓଡ଼ିଆମାନେ ଆନ୍ଦୋଳନ ପ୍ରବଣ' "Non-agitating" ନୁହନ୍ତି ବୋଲି ସେମାନଙ୍କୁ ବ୍ରିଟିଶ୍ ସରକାର ନିର୍ବିଘ୍ନରେ ବଳି ଦେଇପାରିଛନ୍ତି । ବ୍ରିଟିଶ୍ ହୋମ୍-ସେକ୍ରେଟାରୀଙ୍କର ଚିନ୍ତା ବା ଚେତନାରେ ଏହା ମଧ୍ୟ କୌଣସି ରେଖାପାତ କରି ନଥିଲା ।



ଏହାପରେ ଇଂ ୧୯୧୯ ମସିହାରେ ଭାରତ ଶାସନର ମୂଲ୍ୟାଙ୍କନପାଇଁ ନିଯୁକ୍ତ ହେଲା ମଣ୍ଟେଗୁ ଚେମସ୍ ଫୋର୍ଡ କମିଟି । ଏହି କମିଟିର ସୁପାରିଶ ଅନୁସାରେ ଭାରତରେ ପ୍ରବର୍ତ୍ତିତ ହୁଏ, ଡାୟାର୍କି ବା ଦ୍ୱୈତ ଶାସନ—ସ୍ୱାୟତ୍ତ ଶାସନରେ ଆଉଧାପେ । ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ ରିପୋର୍ଟରେ ଓଡ଼ିଶାକୁ ଏକ ସବ୍-ପ୍ରଭିନ୍‌ସ କରିବାପାଇଁ ସୁପାରିଶ କରାଯାଇଥିଲେହେଁ ତା'ର ଶେଷ ନିଷ୍ପତ୍ତି ଛାଡ଼ି ଦିଆଯାଇଥିଲା ବିହାର ଓଡ଼ିଶା ସରକାରଙ୍କ ଉପରେ । ଓଡ଼ିଆଙ୍କ ଭାଗ୍ୟ ପଡ଼ିରହିଲା ପଥର ତଳେ ।

ଦ୍ୱୈତ ଶାସନ କିନ୍ତୁ ଭାରତର ଜାତୀୟ ଆକାଂକ୍ଷାକୁ ପରିତୃପ୍ତ କରିପାରି ନଥିଲା । ବ୍ରିଟିଶ୍ ସରକାର ଚରିତ୍ରରେ ଥିଲା କମିଟି କମିଶନର ସରକାର । ସମସ୍ୟା ଜଟିଳ ହେଲେ ନିଯୁକ୍ତ ହୁଏ ଗୋଟିଏ କମିଶନ । ଏହି ନ୍ୟାୟରେ ଭାରତର ଜାତୀୟ ଆନ୍ଦୋଳନ ପ୍ରଖର ହେବାରୁ ନଭେମ୍ବର ୮ ତାରିଖ ୧୯୨୭ ମସିହାରେ ନିଯୁକ୍ତ ହେଲା ସାଇମନ୍—କମିଶନ । ଏଥିରେ ଥିଲେ ସାତଜଣ ବ୍ରିଟିଶ୍ ଏମ୍. ପି. । କେଜାଣି କାହିଁକି କଂଗ୍ରେସ ଆରମ୍ଭରୁ ହିଁ ସାଇମନ୍ କମିଶନ୍‌ର ନିଯୁକ୍ତିକୁ ବୟକଟ୍ କରିଥିଲା । ବୋଧହୁଏ, ସେମାନଙ୍କ ପ୍ରତ୍ୟାଖ୍ୟାନର ମୂଳ କାରଣ ଥିଲା ଏହି କମିଶନରେ କୌଣସି ଭାରତୀୟ ସଭ୍ୟ ଅନ୍ତର୍ଭୁକ୍ତ ନଥିଲେ । ଉତ୍କଳମଣି ଗୋପବନ୍ଧୁ ସେତେବେଳେ ଭାରତର ଜାତୀୟ ଆନ୍ଦୋଳନର ନେତା । ସେଥିପାଇଁ ବିହାର-ଓଡ଼ିଶା କାଉନ୍‌ସିଲ୍‌ରେ ଥିବା ଓଡ଼ିଶାର ସଭ୍ୟମାନେ ଏହି କମିଶନ ସହିତ କୌଣସି ସଂପର୍କ ରଖି କରିନଥିଲେ । କିନ୍ତୁ ଚିର ଆଶାବାଦୀ ଜାତୀୟ ଗୌରବ ମଧୁସୂଦନ, ବ୍ରଜସୁନ୍ଦର ଦାସ, ଦେବାନ୍ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଓ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ପ୍ରମୁଖ କମିଶନଙ୍କୁ ସ୍ୱାଗତ ଜଣାଇ ଓଡ଼ିଶାର ଉପେକ୍ଷିତ ଦାବୀ ଅତି ବଳିଷ୍ଠଭାବରେ ଉପସ୍ଥାପନ କରିଥିଲେ । ସାଇମନ କମିଶନ ଓଡ଼ିଶାର ଦାବୀର ଯୌକ୍ତିକତା ପ୍ରତି ସ୍ୱୀକୃତି ଜଣାଇ ପ୍ରଥମ ଥର ପାଇଁ ଲିପିବଦ୍ଧ କରିଥିଲେ ।

"The Province of Bihar and Orissa which was constituted in 1912, is the most artificial unit of all Indian Provinces"

ହିନ୍ଦି ଭାଷୀଙ୍କ ପାଇଁ ଯଦି ବିହାର ପ୍ରଦେଶ ହେଲା, ତା' ହେଲେ ଓଡ଼ିଆଭାଷୀଙ୍କୁ ସେହି ସୁଯୋଗରୁ ବଞ୍ଚିତ କରାଗଲା କାହିଁକି ? ଏହାର କୌଣସି ସଦୁତ୍ତର ନଥିଲା । ସେଥିପାଇଁ ସାଇମନ୍ କମିଶନ ଓଡ଼ିଶା ପ୍ରଶ୍ନର ଗଭୀରତର ବିଚାରପାଇଁ ମେଜର ଆଟ୍‌ଲିଙ୍କ ନେତୃତ୍ୱରେ ନିଯୁକ୍ତ କଲେ ଗୋଟିଏ (Sub-Committee) ସବ୍-କମିଟି । ମେଜର ଆଟ୍‌ଲିଙ୍କ ବ୍ୟତୀତ ଏଥିରେ ଅନ୍ୟ ଯେଉଁ ତିନିଜଣ ଭାରତୀୟ ସଭ୍ୟ ଥିଲେ, ସେମାନେ ହେଲେ ଡକ୍ଟର ସୁରାବର୍ଦ୍ଦି, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଦେବାନ୍ ବାହାଦୁର ଲକ୍ଷ୍ମୀଧର ମହାନ୍ତି । ଏହି ଆଟ୍‌ଲି ସବ୍-କମିଟି ଅନ୍ୟ ପ୍ରତିବେଶୀ ରାଜ୍ୟମାନଙ୍କରେ ବିକ୍ଷିପ୍ତ ହୋଇ ପଡ଼ିରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାକୁ ପ୍ରଥମ ଥରପାଇଁ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଗ୍ରହଣ କରିଥିଲେ ।

ଏହାପରେ ଦୃଶ୍ୟପଟ ପରିବର୍ତ୍ତିତ ହୁଏ; ଭାରତରୁ ଲଣ୍ଡନକୁ. ଇଣ୍ଡିଆନ୍—ଷ୍ଟାଚ୍ୟୁଟାରୀ କମିସନ ବା ସାଇମନ୍ କମିସନ୍ ରିପୋର୍ଟର ଆହୃତ ହୁଏ, ପ୍ରଥମ ଗୋଲ ଟେବୁଲ

ସମ୍ମିଳନୀ । ସେତେବେଳକୁ ଜାତୀୟ ଗୌରବ ମଧୁସୂଦନ ବ୍ୟାଧି ଓ ବାର୍ଦ୍ଧକ୍ୟର ଭାରାରେ ଅବନତ, ଅର୍ଥାଭାବରେ ନିପୀଡ଼ିତ, ନିଃସଙ୍ଗ । ଓଡ଼ିଶାର ପ୍ରତିନିଧି ରୂପେ ଗୋଲଟେବୁଲ ସମ୍ମିଳନୀକୁ ଗଲେ ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି–ଭାରତୀୟ ଜମିଦାରମାନଙ୍କର ଅନ୍ୟତମ ପ୍ରତିନିଧି ରୂପେ ।

## ଚତୁର୍ଥ ପର୍ଯ୍ୟାୟ

ଖୋଲ ଟେବୁଲ କନ୍‌ଫରେନ୍‌ସରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ସିଦ୍ଧାନ୍ତର ଅନୁମୋଦନ କରାଯାଇ ତାହାର ସୀମା ସରହଦ ନିରୂପଣ ପାଇଁ ନିଯୁକ୍ତ ହେଲ ଇଂ ୧୯୩୧ ସାଲରେ ସାର୍ ସାମୁଏଲ ଓଡ଼ନେଲ୍‌ଙ୍କ ନେତୃତ୍ୱରେ ଏକ କମିଟି । ଏହାର ଛଅଜଣ ସଭ୍ୟମାନଙ୍କ ମଧ୍ୟରେ ପାରଳାର ଗଜପତି ମହାରାଜା ମଧ୍ୟ ଅନ୍ୟତମ ପ୍ରତିନିଧିରୂପେ ରହିଲେ । ଓଡ଼ନେଲ କମିଟିର ପ୍ରଥମ ବୈଠକ ବସେ ୧୯୩୧ ନଭେମ୍ବର ୭ ତାରିଖରେ ଓ ଏମାନଙ୍କ ରିପୋର୍ଟ ଉପସ୍ଥାପିତ ହୁଏ ୧୯୩୨ ଅପ୍ରେଲ ୧୯ ତାରିଖରେ ।

ଏହି ରିପୋର୍ଟରେ ମେଦନୀପୁର, ମଞ୍ଜୁଷା, ଜଳନ୍ତର, ଏଜେନ୍‌ସୀ, ସିଂହଭୂମ ସଦର, ଦେଓଘର ଓ ଫୁଲଝର ପ୍ରଭୃତି ଖାଣ୍ଟି ଓଡ଼ିଆ ଭାଷୀ ଅଞ୍ଚଳମାନ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସରହଦରୁ ବାଦ ପଡ଼ି ଯାଇଥିଲ । ଓଡ଼ନେଲ କମିଟିର ସୁପାରିଶ ଅନୁସାରେ ଏହାର କ୍ଷେତ୍ରଫଳ ହୋଇଥାନ୍ତା ୩୩ ହଜାର ବର୍ଗମାଇଲ ଓ ଲୋକସଂଖ୍ୟା ହୋଇଥାନ୍ତା ୮ ନିୟୁତ ୨୭ ଲକ୍ଷ ସାତ ହଜାର ।

ଏହା ଯେ ଓଡ଼ିଶାବାସୀଙ୍କୁ ମର୍ମାହତ କରିଥିଲ ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ଇଂ ୧୯୩୨ ସାଲ ଅଗଷ୍ଟ ମାସରେ ଆହୂତ ହେଲ ଉତ୍କଳ–ସମ୍ମିଳନୀ । ଏଥିରେ ଓଡ଼ନେଲ କମିଟିର ତୀବ୍ର ପ୍ରତିବାଦ କରାଯାଇ ପ୍ରସ୍ତାବ ଗ୍ରହଣ କରାଗଲ–ପାରଳା ଗଜପତି ମହାରାଜାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଭାଇସ୍‌ରାୟଙ୍କୁ ସାକ୍ଷାତ କରି ଓଡ଼ିଶାର ପ୍ରତିବାଦ ଜଣାଇବେ ।

ଏଣେ ୧୯୩୨ ସେପ୍‌ଟେମ୍ବର ୨ ତାରିଖ ଦିନ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ରେ ଦେବାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଏକ ପ୍ରସ୍ତାବ ଆଗତ କରେ,

"This Council recommends to Government that they by pleased to move the Government of India to immediate constitute a separate Orissa Province"

ମଧୁପୁରର ରାଜା ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିହାର–ଓଡ଼ିଶା କାଉନ୍‌ସିଲରେ ଏହାହିଁ ପ୍ରଥମ ପ୍ରସ୍ତାବ ।

୧୯୩୨ ନଭେମ୍ବର ମାସରେ ତୃତୀୟ ଗୋଲଟେବୁଲ ସମ୍ମେଳନୀ ଭାରତର ଶାସନ ସଂସ୍କାର ସଂପର୍କରେ ପ୍ରକାଶ କରନ୍ତି । ତୃତୀୟ ଶ୍ୱେତପତ୍ର (white paper) । ଏହି ଶ୍ୱେତପତ୍ରକୁ ଅନୁମୋଦନ ଜଣାଇ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଘୋଷଣା କଲେ ବ୍ରିଟିସ୍ ସରକାରଙ୍କର ଶେଷ ସିଦ୍ଧାନ୍ତ ।



ମାତ୍ର ଇତିହାସର ପରିହାସରେ ଏହି ଶ୍ୱେତପତ୍ର ଓଡ଼ିଆଙ୍କ ପାଇଁ ହେଲ କଟା ଘାରେ ଲୁଣଛିଟା । ଓଡ଼ନେଲ୍ କମିଟି ପ୍ରସ୍ତାବ କରିଥିଲେ ଓଡ଼ିଶା ପାଇଁ ୩୩ ହଜାର ବର୍ଗମାଇଲ ଭୂଖଣ୍ଡ । କିନ୍ତୁ ଏହି ଶ୍ୱେତପତ୍ରରେ ତାହା ସଙ୍କୁଚିତ ହୋଇ ହେଲ ୨୧ ହଜାର ୫୪୫ ବର୍ଗମାଇଲ । ଖାଣ୍ଟି ଓଡ଼ିଆଭୂମି ପାରଳାଖେମଣ୍ଡୀ, ଜୟପୁର ଓ ଜଳନ୍ତର ପ୍ରଭୃତିକୁ ଅତି ନିଷ୍ଠୁର ଭାବରେ ପ୍ରସ୍ତାବିତ ଓଡ଼ିଶାରୁ କାଟି ଦିଆଗଲ । ଇଂରେଜ ଶାସନର କର୍ତ୍ତାମାନେ ବୁଝା କହିଲେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସ୍ୱୀକୃତି ଦେବା ଏକ ମହାଭ୍ରମ ହୋଇଯାଇଛି । ଓଡ଼ିଶାରେ ଏହା ବିରୁଦ୍ଧରେ ଜନମତ ପୁଣି ହୋଇ ଉଠିଲ ପ୍ରଖର ଓ ପ୍ରଚଣ୍ଡ । ଏହାର ପୁନର୍ବିଚାର ପାଇଁ ସେକ୍ରେଟାରୀ–ଅଫ୍–ଷ୍ଟେଟ୍ ନିଯୁକ୍ତ କଲେ ପାଞ୍ଚଜଣ ସଭ୍ୟ ବିଶିଷ୍ଟ ଜଏଣ୍ଟ–ପାର୍ଲାମେଣ୍ଟାରୀ କମିଟି, ଜାତୀୟ ଗୌରବ ମଧୁସୂଦନ ସେତେବେଳକୁ ପ୍ରାୟ ଶେଷଶଯ୍ୟାରେ । ଏହି କମିଟି ଜୟପୁର ଜମିଦାରୀକୁ ପ୍ରସ୍ତାବିତ ଓଡ଼ିଶାକୁ ଫେରାଇଲେ ସିନା, କିନ୍ତୁ ପାରଳା-ଖେମଣ୍ଡୀକୁ ନୁହେଁ । ଏ ପରିସ୍ଥିତିରେ ୧୯୩୪ ମସିହା ଉତ୍କଳ ସମ୍ମିଳନୀ ଅଧିବେଶନର ପ୍ରସ୍ତାବ ଅନୁସାରେ ପାରଳା ମହାରାଜା ପୁଣି ଯାତ୍ରା କଲେ ଲଣ୍ଡନ । ତାଙ୍କର ଦାବୀ ଓ ଅନୁଯୋଗ ଫଳରେ ଜୟପୁର ସାଙ୍ଗକୁ ପାରଳା-ଖେମଣ୍ଡୀର କିଛି ଅଞ୍ଚଳ ଓଡ଼ିଶାରେ ଆସି ମିଶିଲ ।



ପାରଳାର ଗଜପତି ମହାରାଜା ନିଜ ଜମିଦାରୀକୁ ବିଖଣ୍ଡିତ କରିବା ପାଇଁ ସେ ଦିନ ରାଜି ହୋଇ ନ ଥିଲେ, ପାରଳା-ଖେମଣ୍ଡୀ କାଳକାଳ ପାଇଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହି ଯାଇଥାନ୍ତା । ଯାହା ହେଉ ଓଡ଼ନେଲ-କମିଟି ପ୍ରଥମେ ଯେଉଁ ୩୩ ହଜାର ବର୍ଗମାଇଲ୍ ପାଇଁ ପ୍ରସ୍ତାବ ଦେଇଥିଲେ ତାହା ସୁଦ୍ଧା ଏଥିରେ ପୂରା ହେଲା ନାହିଁ । ଏଥିରେ ଓଡ଼ିଶାର କ୍ଷେତ୍ରଫଳ ହେଲା ୩୨ ହଜାର ୬ ଶହ ୯୫ ବର୍ଗମାଇଲ । ଏହିପରି ବହୁ ଟଣାଟଣି ପରେ ୧୯୩୬ ମସିହା ଜାନୁଆରୀ ୨୧ ତାରିଖ ଦିନ ପ୍ରକାଶିତ ହେଲା କନଷ୍ଟିଚ୍ୟୁସନ୍-ଅଫ-ଓଡ଼ିଶା ଅର୍ଡର, ୧୯୩୬, । (Constitution of Orissa Order, 1936) ଏହି ଆଦେଶ ଅନୁସାରେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଗଠିତ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ତାହାହିଁ ଆଧୁନିକ ଓଡ଼ିଶାର ନବଜନ୍ମର ଶୁଭଲଗ୍ନ ।

ଯେଉଁ ଜାତୀୟ ଗୌରବ ମଧୁସୂଦନଙ୍କର ଏକକ ସଂଗ୍ରାମ ଫଳରେ ଓଡ଼ିଶାର ଅଭ୍ୟୁଦୟର ସ୍ୱପ୍ନ ରୂପ ପରିଗ୍ରହ କରିଥିଲା, ସେ ଏହାର ଦୁଇବର୍ଷ ପୂର୍ବରୁ ଇହଲୋକରୁ ବିଦାୟ ନେଇ ସାରିଥିଲେ । ଉତ୍କଳମଣି ତାହାର ଆଠବର୍ଷ ପୂର୍ବରୁ ମଧ୍ୟ ଇହଲୀଳା ସାଙ୍ଗ କରିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ମଧୁସୂଦନ ମନୋନୀତ କରିଥିଲେ, ତାଙ୍କର ଉତ୍ତରାଧିକାରୀ ରୂପେ ଓଡ଼ିଶାର ଅପୂର୍ଣ୍ଣ ସ୍ୱପ୍ନକୁ ପୂର୍ଣ୍ଣ କରିବା ପାଇଁ । ପଣ୍ଡିତ ନୀଳକଣ୍ଠ ମୃତ୍ୟୁ ଯନ୍ତ୍ରଣାର ଶରଶଯ୍ୟାରେ ଶାୟିତ ବୃଦ୍ଧ ମଧୁସୂଦନଙ୍କୁ ପଚାରିଥିଲେ, "ପାରଳା-ଖେମଣ୍ଡୀ, ଜୟପୁର ଓଡ଼ିଶାରେ ମିଶିବତ ?"

ଚିର ଆଶାବାଦୀ ମଧୁସୂଦନ ଉତ୍ତର ଦେଇଥିଲେ ଆସିବ, ଆଜି ନ ହେଲେ କାଲି; କିନ୍ତୁ ମୋତେ ଉତ୍ତର ଦିଅ ନୀଳକଣ୍ଠ, ଏ ଓଡ଼ିଶାର ନବ ନିର୍ମାଣ ପାଇଁ ଯୋଗ୍ୟ ଓଡ଼ିଆମାନେ ଆସିବେତ ? ନୀଳକଣ୍ଠ ଏହାର କି ଉତ୍ତର ଦେଇଥିଲେ ସେଦିନର "ସମାଜ" ସଂଖ୍ୟାରେ ଏହା ପ୍ରକାଶିତ ହୋଇନାହିଁ ।

କାଳର ତରଙ୍ଗରେ ସେହିଦିନ୍ ଓଡ଼ିଶାରେ ବହୁ ନେତୃତ୍ୱର ଅଭ୍ୟୁଦୟ ଓ ଅବସାନ ଘଟିଛି । ବହୁ କୃତବିଦ୍ୟ ଓଡ଼ିଆ ଆସିଛନ୍ତି ଓ ଯାଇଛନ୍ତି । କିନ୍ତୁ ବୃଦ୍ଧ ମଧୁସୂଦନଙ୍କର ଅଶାନ୍ତ ଆତ୍ମା ସେହି ଶେଷପ୍ରଶ୍ନର ଏ-ପର୍ଯ୍ୟନ୍ତ କୌଣସ ନିର୍ଭରଯୋଗ୍ୟ ଉତ୍ତର ପାଇଲାଣିକି ନାହିଁ କିଏ ଜାଣେ ?

ପ୍ରଭାତ ବେଳାରେ ନୂତନ ସୂର୍ଯ୍ୟକୁ ଆମେ ଅଭିନନ୍ଦନ କରୁ । ଅସ୍ତଗାମୀ ସୂର୍ଯ୍ୟର କଥା କେହି କେବେ ଚିନ୍ତା କରନ୍ତି ନାହିଁ । ସେହି ଦୃଷ୍ଟିରୁ ୧୯୩୬, ଅପ୍ରେଲ ପହିଲ ନବ ଉତ୍କଳର ଜନ୍ମ ତାରିଖ । ତାହା ବିଗତ ହୋଇଥିଲେ ମଧ୍ୟ ପ୍ରତି ଅପ୍ରେଲ ପହିଲ ଓଡ଼ିଶା ପାଇଁ ଏକ ନୂତନ ସଙ୍କଳ୍ପ । ନୂତନ ଉଦ୍ୟମ ଓ ନୂତନ ଆଶାର ଦିନ ହୋଇ ରହିବ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଏପ୍ରିଲ ପହିଲାର ସାହିତ୍ୟିକ ପୃଷ୍ଠପଟ

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

ଓଡ଼ିଶାର ଜାତୀୟ ଇତିହାସରେ ଖ୍ରୀଷ୍ଟପୂର୍ବ ୨୬୧, ଖ୍ରୀଷ୍ଟୀୟ ୧୫୬୮, ୧୭୫୧, ୧୮୦୩, ୧୯୦୩ ଓ ୧୯୩୬ ପ୍ରଭୃତି ଗୋଟିଏ ଗୋଟିଏ ସ୍ମରଣୀୟ ଅବ୍ଦ । ବୀର ଓଡ଼ିଆଜାତି ବିରୁଦ୍ଧରେ ଅର୍ଦ୍ଧାଧିକ ଭାରତର ସାମରିକ ଶକ୍ତି ପ୍ରଯୁକ୍ତ ହୋଇଥିଲା ଅଶୋକଙ୍କ ଐତିହାସିକ ନେତୃତ୍ୱରେ । ଭାରତର ବହୁ ରାଜ୍ୟର ମିଳିତ ଶକ୍ତି ବଳରେ ଗୋଟିଏ ମାତ୍ର କଳିଙ୍ଗ ରାଜ୍ୟକୁ ଆକ୍ରମଣ କରି ଅଶୋକ ଏ ଦେଶର ସାମରିକ ଶକ୍ତିକୁ ଧୂଳିସାତ୍ କରିଦେଲେ ସତ, କିନ୍ତୁ "ତରବାରିର ଜୟ" ନୀତିର ପଟପୁରୋଧା ଅଶୋକଙ୍କ ହୃଦୟରେ "ତରବାରିର ପରାଜୟ" ନୀତି ଜାଗ୍ରତ କରି , ସମଗ୍ର ବିଶ୍ୱରେ ମୈତ୍ରୀର ମହାମନ୍ତ୍ର ପ୍ରଚାର କରିବା ପାଇଁ ଏହି ଓଡ଼ିଆ ଜାତି ହିଁ ସମର୍ଥ ହୋଇଥିଲା । ଏହାହିଁ ଖ୍ରୀଷ୍ଟପୂର୍ବ ୨୬୧ ଅବ୍ଦର ସ୍ମରଣୀୟ କଥା । ଅଥଚ ଓଡ଼ିଆ ଜାତିର ଏ ମହାନ୍ ପରାଜୟ ପରେ ମହାମେଘ ବାହନ ଖାରବେଳ ଓଡ଼ିଆ ଜାତିକୁ ସଙ୍ଗଠିତ କରି, ମାତ୍ର ଏକ ଶତାବ୍ଦୀ ପରେ ସମଗ୍ର ଭାରତରେ ଓଡ଼ିଶାର ବୈଜୟନ୍ତୀ ପତାକା ଉଡ଼ାଇ ଦେଇ ଆସିଥିଲେ । ଓଡ଼ିଆ ଜାତିର ଏହି ଗୌରବ ଗାଥା ଏବେ ସମଗ୍ର ଭାରତରେ ଧୀରେ ଧୀରେ ପ୍ରଚାରିତ ହେଉଅଛି ।

ଇତିହାସର ଚକ୍ର ଗଡ଼ି ଚାଲିଲା । ଭୌମକର ବଂଶ, କେଶରୀ ବଂଶ (ସୋମବଂଶ), ଗଙ୍ଗବଂଶ ଏବଂ ସୂର୍ଯ୍ୟବଂଶର କେତେଜଣ ନରପତି ଓଡ଼ିଶାର ସାମରିକ ଶକ୍ତି ବଳରେ ଦିଗ୍‌ବିଜୟୀ ସମରସିଂହ ଭାବରେ ଗୌରବ ଲାଭ କଲେ । ଅନଙ୍ଗ ଭୀମ, ନରସିଂହ, କପିଳେନ୍ଦ୍ର, ପୁରୁଷୋତ୍ତମ ପ୍ରମୁଖ ରଣନିପୁଣ ରାଜାମାନଙ୍କର କୀର୍ତ୍ତିକଳାପ ଏବେ ମଧ୍ୟ କିମ୍ବଦନ୍ତୀ ରୂପେ ଓଡ଼ିଶାର ପୁର ପଲ୍ଲୀରେ ଉଜ୍ଜୀବିତ ରହିଛି । କିନ୍ତୁ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସ୍ୱାଧୀନତା ଲୁପ୍ତ ହୋଇ ଗଲା । ସେହି ସମୟରୁ ୧୭୫୧ ପର୍ଯ୍ୟନ୍ତ ମୋଗଲଶାସନ ଏବଂ ୧୭୫୧ରୁ ୧୮୦୩ ପର୍ଯ୍ୟନ୍ତ ମରହଟ୍ଟା ଶାସନ କାଳରେ ଏ ରାଜ୍ୟର ଜାତୀୟ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା । ୧୮୦୩ରେ ଗୋରା ଶାସକମାନେ ଏ ଦେଶର ଭାଗ୍ୟ ନିୟନ୍ତ୍ରଣ କରିବାଠାରୁ ଧୀରେ ଧୀରେ ଓଡ଼ିଆ ଜାତି ଜାତୀୟ ଚେତନା ଅନୁଭବ କଲା । ତଥାପି, ଓଡ଼ିଶା ଦେଶର ଅଧିବାସୀମାନେ ଚାରିଗୋଟି ପ୍ରତିବେଶୀ ରାଜ୍ୟର ଅଂଶ ବିଶେଷ ହୋଇରହିଲେ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଭାଷାରେ

"ବଡ଼ ହାନିମାନ ଆମ ଘର ଦଶା
ଦେଖିଲେ ଫାଟଇ ବୁକ୍
ଚଉଖଣ୍ଡ ହୋଇ ଓଡ଼ିଶା ଦେଶଲେ
ପଡ଼ି ହୁଏ ଦକ୍ ଦକ୍" ।

ବଙ୍ଗ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ମାଡ୍ରାଜ, ଏ ଭଳି ଚାରୋଟି ପ୍ରଦେଶରେ ଓଡ଼ିଆମାନେ ବିଚ୍ଛିନ୍ନ ହୋଇ ରହିଲେ । ମହାମହିମ ମଧୁବାବୁଙ୍କ ଭାଷାରେ "ଉପେନ୍ଦ୍ର ଭଞ୍ଜ ଭଳି ମୁଣ୍ଡ ଗଞ୍ଜାମରେ ପଡ଼ି ରହିଲା, ଯେଉଁ ଗଞ୍ଜାମ ଓଡ଼ିଶାର ହୃତ୍‌ପିଣ୍ଡ କଟକଠାରୁ ବିଚ୍ଛିନ୍ନ ହୋଇ ରହିଲା ମଧୁବାବୁ ଏବଂ ଉତ୍କଳମଣି ଗୋପବନ୍ଧୁ ତଥା ପାରଳା, ଖଲ୍ଲିକୋଟ ପ୍ରଭୃତିର ସ୍ୱଦେଶ ବତ୍ସଳ ରାଜାମାନେ ଆତ୍ମୋତ୍ସର୍ଗ କରି ନ ଥିଲେ ୧୯୩୬ ଏପ୍ରିଲ ପହିଲା ଦିନ ଆଜିର ଓଡ଼ିଶା ରାଜ୍ୟ ଗଠିତ ହୋଇ ପାରି ନ ଥାନ୍ତା । ଏ ଭଳି ସୁନାମଧନ୍ୟ ଜନନାୟକମାନଙ୍କ ପଛରେ ଓଡ଼ିଶାର ସମସ୍ତ ଅଞ୍ଚଳର ଶତ ଶତ ଯୁବକ, ପ୍ରୌଢ଼, ସମାଜସେବୀ ବୁଦ୍ଧିଜୀବୀ ଏବଂ ଦେଶ ହିତୈଷୀ ବଦ୍ଧପରିକର ହୋଇ "ଦେଶ ମିଶ୍ରଣ ଆନ୍ଦୋଳନ"ର ଦୃଢ଼ତା ସମ୍ପାଦନ କରିଥିଲେ । ଫଳରେ "୧୯୩୬"ରେ ଓଡ଼ିଆମାନେ ଏପ୍ରିଲ ପହିଲା ଦିନ ଏକ ସ୍ୱତନ୍ତ୍ର ପ୍ରଦେଶ ଲାଭ କରିଥିଲେ ।

୧୯୩୬ର ଏପ୍ରିଲ ପହିଲା ବୋଇତର ଉପରି ଭାଗ ସଙ୍ଗେ ତୁଳନୀୟ । ସମୁଦ୍ର ଜଳରେ ଭାସମାନ ବୋଇତକୁ ଯେଉଁମାନେ ଦେଖନ୍ତି, ସେମାନେ ସାଧାରଣତଃ ଜାଣି ପାରନ୍ତି ନାହିଁ ଯେ, ବୋଇତର ବିରାଟ ଅଂଶ ପାଣିରେ ବୁଡ଼ି ରହିଛି ଏବଂ ତାରି ଭିତରେ ବୋଇତ ଚଳାଇବାର ବିଭିନ୍ନ ଯନ୍ତ୍ର ଖଞ୍ଜା ହୋଇ ରହିଛି । ଠିକ୍ ସେହିପରି, ଏପ୍ରିଲ ପହିଲା ଆଜି ହୁଏତ କେବଳ ଗୋଟାଏ ସ୍ମରଣୀୟ ଅବ୍ଦପରି ଅନୁଭୂତ ହେଉଅଛି କିନ୍ତୁ ତାହା ପଛରେ ପ୍ରାୟ ଏକଶତ ବର୍ଷର ଯେଉଁ ସାହିତ୍ୟିକ ଆବେଗ ଏବଂ ଆବେଦନ ରହିଅଛି, ତାହା ସାଧାରଣରେ ଅନୁଭୂତ ହୋଇ ନ ଥାଏ ।

୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଗୋରାମାନଙ୍କ ଦ୍ୱାରା ଅଧିକୃତ ହେବାର ଠିକ୍ ଶହେ ବର୍ଷ ପରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା । ଉତ୍କଳ ସମ୍ମିଳନୀର ଜନ୍ମ ପୂର୍ବରୁ ମଧ୍ୟ ଓଡ଼ିଶାର ସାହିତ୍ୟିକମାନେ ଜାତୀୟ ଚେତନାର ଉଦ୍ରେକ ଲାଗି ପ୍ରବଳ ଚେଷ୍ଟା କରିଥିଲେ । ଏ କ୍ଷେତ୍ରରେ ଅନେକ କବି ଓ ଲେଖକଙ୍କ ନାମ ସ୍ମରଣୀୟ । ୧୯୦୩ ପୂର୍ବରୁ ଏ ଭଳି ଜାତୀୟବାଦୀ କବିମାନଙ୍କର ସଂଖ୍ୟା ଅଳ୍ପ ଥିଲେ ହେଁ ସେମାନଙ୍କର ସ୍ୱଦେଶ ବାତ୍ସଲ୍ୟର ବାର୍ତ୍ତା ଅଧିକନ୍ତୁ ଅଧିକ ଉଦାତ୍ତ କଣ୍ଠରେ ଗାନକରି ଶତାଧିକ କବି ଏହି ଜାତୀୟ ଆନ୍ଦୋଳନ ପ୍ରତି ଅସୀମ ମମତା, ଆନୁଗତ୍ୟ ଏବଂ ଅନୁରାଗ ପ୍ରଦର୍ଶନ କରିଥିଲେ ।

ଏପ୍ରିଲ ପହିଲାର ସ୍ମରଣୋତ୍ସବ ପାଳନବେଳେ କେତୋଟି କଥା ମନେ ରଖିବାକୁ ହେବ, ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଦୃଷ୍ଟିରୁ । ପ୍ରଥମ କଥା, ଓଡ଼ିଶାରେ

ଯୁଗ ଯୁଗ ଧରି ଓଡ଼ିଆତ୍ୱ ବଞ୍ଚି ରହିଛି । ବହୁ ରାଜାଙ୍କର ବିଜୟ ଗୌରବ ଅଭିଲେଖମାନଙ୍କରୁ ଉପଲବ୍ଧି ହୋଇଥାଏ । ସେମାନଙ୍କର ବିରୁଦାବଳୀ ଓଡ଼ିଶାର ସାମରିକ ଶକ୍ତି ବର୍ଣ୍ଣନରେ ଚିର ମୁଖର । ଏ ଭଳି ଭାବରେ ଓଡ଼ିଆତ୍ୱର ଆତ୍ମାଭିମାନ ୧୮୦୩ ପର୍ଯ୍ୟନ୍ତ ଉଚ୍ଚ ସ୍ୱରରେ ବା ନିମ୍ନସ୍ୱରରେ ଶୁଣା ଯାଉଥିଲା । କିନ୍ତୁ ଗୋରାମାନଙ୍କର ଆଗମନ ପରେ ଓଡ଼ିଶାର ଜନ-ଜୀବନରେ ତଥା କଳାମଞ୍ଜୁଳ କାବ୍ୟ କୁଞ୍ଜରେ ମହା ଜାତୀୟ ଚେତନାର ସୁମଧୁର ଧ୍ୱନି ଶ୍ରୁତିଗୋଚର ହେଲା । ପ୍ରଥମଟି ଥିଲା, 'ପେଟ୍ରିଅଟିଜମ୍' ଏବଂ ଦ୍ୱିତୀୟଟି ହେଲା, "ନେସନାଲିଜମ୍" । ଇଂରାଜୀମାନେ ଓଡ଼ିଶା ଅଧିକାର କଲେ ସତ, କିନ୍ତୁ ଶାସନ କ୍ଷେତ୍ରରେ ଓଡ଼ିଆମାନଙ୍କର ହାତ ରହିଲା ନାହିଁ । ବଙ୍ଗଳା ଏବଂ ଆଜିର ଆନ୍ଧ୍ର ଅଞ୍ଚଳର ଶିକ୍ଷିତ ଲୋକେ ଗୋରା ଲୋକଙ୍କର ଅଧିକ ପ୍ରିୟପାତ୍ର ହେଲେ । ଓଡ଼ିଶାର ସାମରିକ ବିଭବ ଲୁଚିଯାଇଥିଲେ ମଧ୍ୟ ଓଡ଼ିଆ ପ୍ରାଣର ଜାତୀୟ ଆବେଗ ପ୍ରକାଶ ପାଇ ଜୟୀ ରାଜଗୁରୁଙ୍କଠାରେ, ବକ୍ସିଜଗବନ୍ଧୁ ବିଦ୍ୟାଧରଙ୍କଠାରେ, ବୀର ସୁରେନ୍ଦ୍ର ସାଏଙ୍କଠାରେ, କୃତ୍ତିବାସ ପାଟଶାଣୀଙ୍କଠାରେ, ଦୋହରା ବିଶୋଇଙ୍କଠାରେ । ଓଡ଼ିଆମାନଙ୍କର ଦୟନୀୟ ଜାତୀୟ ଜୀବନ ମଧ୍ୟରେ ଏ ଭଳି ଅଗ୍ନିକଣା ଲକ୍ଷ୍ୟ କରି ମହାମହିମ ବ୍ରିଟିଶ ସରକାର ଭୟଭୀତ ହୋଇପଡ଼ିଲେ । ହୁଏତ ମନେ କଲେ, ଏବେ ମଧ୍ୟ ଏ ରାଜ୍ୟରେ, ଏ ଜାତିରେ ଅଶୋକଙ୍କ ବେଳର କଳିଙ୍ଗ ଯୋଦ୍ଧାମାନେ ବଞ୍ଚି ରହିଛନ୍ତି, ଖାରବେଳଙ୍କର ଆତ୍ମା ବଞ୍ଚି ରହିଛି, ଅନଙ୍ଗ ଭୀମ, ନରସିଂହ, କପିଳେନ୍ଦ୍ର ଓ ପୁରୁଷୋତ୍ତମଙ୍କ ଆତ୍ମା ବଞ୍ଚି ରହିଛି । ଗୋରାମାନେ ଭାବିଲେ, ଏ ଭଳି ଏକ ବୀର ଜାତିକୁ ଗୋଟିଏ ସ୍ଥାନରେ ରହିବାର ସୁଯୋଗ ମିଳିଲେ ଏମାନେ ବ୍ରିଟିଶ ସରକାରକୁ ଦୋହଲାଇଦେବେ । ଯେଉଁ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏ ନାହିଁ, ହୁଏତ ଏମାନେ ତହିଁରେ ସୂର୍ଯ୍ୟାସ୍ତ ଘଟାଇଦେବେ । ସେଥିପାଇଁ ବହୁ ଚିନ୍ତା କରି ଏ ଦେଶକୁ ଖଣ୍ଡିଖଣ୍ଡ କରିଦେଲେ । ଖଣ୍ଡେ ବଙ୍ଗଳାରେ, ଖଣ୍ଡେ ବିହାରରେ, ଖଣ୍ଡେ ମଧ୍ୟପ୍ରଦେଶରେ ଓ ଖଣ୍ଡେ ମାନ୍ଦ୍ରାଜରେ, ଏହାହିଁ ହେଲା ଓଡ଼ିଶାର ଭୌଗୋଳିକ ସ୍ଥିତି । ଜନ୍ମଭୂମି ସମ୍ବଲପୁର ଆଉ ଓଡ଼ିଶାର ହୋଇ ରହିଲା ନାହିଁ । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ–

"ସ୍ୱକୀୟ ସ୍ୱହସ୍ତେ ଓଡ଼ିଆଙ୍କ ଭାଷା
ରଚିଛି ଓଡ଼ିଆ ଜାତି
ତୁମ ଜନ୍ମ ସ୍ଥାନ ଓଡ଼ିଶାରୁ ଆନ
ଭାବିଲେ ବିଦାରେ ଛାତି" ।

ସେହିପରି, ଯେଉଁ ଗଙ୍ଗାଧର ମେହେର "ଇନ୍ଦୁମତୀ" ଏବଂ "କୀଚକ ବଧ"ର ଲେଖକ ସେ ନ ଥିଲେ ଓଡ଼ିଶାର ଅଧିବାସୀ । ତାଙ୍କ ଜନ୍ମଭୂମି ସମ୍ବଲପୁର ୧୯୦୫ରେ ଓଡ଼ିଶାରେ ସଂଯୁକ୍ତ ହେଲା ଏବଂ ତାହା ପୂର୍ବରୁ ଏ ଦୁଇଟି କାବ୍ୟ ସେ ଲେଖିଥିଲେ । ଏ ଭଳି ଭାବରେ, ଅଙ୍ଗ ବ୍ୟବଚ୍ଛେଦ କରି ଗୋରାମାନେ ଓଡ଼ିଶାର ଜାତୀୟ ଚେତନାର ମହାଦ୍ରୁମ ମୂଳରେ କଠୋର କୁଠାରାଘାତ କରିଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ଖୋରଧାର ଯେଉଁ ପାଇକ ବିଦ୍ରୋହ ହୋଇଥିଲା, ତାହାର ଆକାଶଚୁମ୍ବୀ ଲେଲିହାନ ଶିଖା ଗୋରାମାନଙ୍କୁ ଏ ଭଳି ଆତଙ୍କିତ କରିଦେଇ ଥିଲା ଯେ, ଓଡ଼ିଶାର ଯୁବକମାନଙ୍କୁ ଭାରତୀୟ ସୈନ୍ୟ ବାହିନୀରେ ନ ନେବା ପାଇଁ ସେମାନେ ବିଧିବଦ୍ଧ ଅପପ୍ରୟାସ କରିଥିଲେ ।

ଦ୍ୱିତୀୟ କଥା, ୧୯୦୩ରେ "ଉତ୍କଳ ସମ୍ମିଳନୀ" ଗଠିତ ହେଲା ବେଳେ ଜନନାୟକମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା "ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଏକତ୍ରୀ-କରଣ", ଅର୍ଥାତ୍ ଓଡ଼ିଆ ଯେଉଁମାନଙ୍କର ମାତୃଭାଷା, ସେମାନେ ଏକତ୍ରିତ ହୋଇ ଗୋଟିଏ ରାଜ୍ୟର ଅଙ୍ଗ ରୂପେହିଁ ରହିବେ । ସେହି ସମୟରେ ସ୍ୱତନ୍ତ୍ର ପ୍ରଦେଶ କଥା ଆଦୌ ମୁଖ୍ୟସ୍ଥାନ ଅଧିକାର କରି ନ ଥିଲା । କେହି କେହି କହିଛନ୍ତି, ଏ କଥା ସେତେବେଳେ ଆଦୌ ଚିନ୍ତା କରାଯାଇ ନ ଥିଲା କିନ୍ତୁ ଏ ପ୍ରସଙ୍ଗରେ ଏ କଥା ମଧ୍ୟ କହି ହେବ ଯେ, ଯେଉଁମାନେ ମନର ଗଭୀରତମ ପ୍ରଦେଶରେ, ବଙ୍ଗାଳୀଙ୍କ ଭଳି ଓଡ଼ିଆଙ୍କର ମଧ୍ୟ ଏକ ସ୍ୱତନ୍ତ୍ର ପ୍ରଦେଶ କଥା ଚିନ୍ତା କରିଥିଲେ, ସେମାନେ, ସମସାମୟିକ ପରିସ୍ଥିତି ଦୃଷ୍ଟିରୁ, ତାହାର ସଫଳତାରେ ଆସ୍ଥା ସ୍ଥାପନ ନ କରି ସେହି ଲକ୍ଷ୍ୟ ଲାଭର ସୋପାନ ସ୍ୱରୂପ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ଏକତ୍ରୀ-କରଣ ଦାବୀ ଉପସ୍ଥାପନ କରିଥିଲେ ।

ଓଡ଼ିଆ ଜାତୀୟ ଆନ୍ଦୋଳନ କ୍ଷେତ୍ରରେ ମଧୁବାବୁ, ଗୋପବନ୍ଧୁବାବୁ ପ୍ରଭୃତିଙ୍କ ନାମ ଯଦିଓ ସର୍ବ ପ୍ରଥମେ ଆମର ଦୃଷ୍ଟି ଆକର୍ଷଣ କରିଥାଏ, ତଥାପି ସାହିତ୍ୟ ମାଧ୍ୟମରେ ଜାତୀୟ ଚେତନା ଜାଗ୍ରତ କରିବାକୁ ଯେଉଁ ସାହିତ୍ୟରଥୀମାନେ ଚେଷ୍ଟା କରିଥିଲେ, ସେମାନଙ୍କୁ ଆଦୌ ବିସ୍ମୃତି ଗର୍ଭରେ ନିକ୍ଷେପ କରାଯାଇ ନ ପାରେ । ସେମାନଙ୍କ ରଚନା ଓଡ଼ିଶାର ଲକ୍ଷ ଲକ୍ଷ ପାଠକଙ୍କୁ କେବଳ ଉଦ୍‌ବୋଧନ ଦେଇନାହିଁ, ଦେଇଛି ଉତ୍ସାହ, ଉଦ୍ଦୀପନା ଏବଂ ଉନ୍ମାଦନା । ରାଧାନାଥ, ମଧୁ-ସୂଦନ, ଫକୀରମୋହନ, ନନ୍ଦକିଶୋର, ଗଙ୍ଗାଧର, କୁନ୍ତଳା କୁମାରୀ, ଗୋବିନ୍ଦ ରଥ, ଗୋପବନ୍ଧୁ, ପଦ୍ମଚରଣ, କୃଷ୍ଣ ମୋହନ, ବାଞ୍ଛାନିଧି, ଦୟାନିଧି, ନୀଳକଣ୍ଠ, ଗୋଦାବରୀଶ, ଲକ୍ଷ୍ମୀକାନ୍ତ, ମହାପାତ୍ର ଗୋଦାବରୀଶ, ବୀର କିଶୋର ପ୍ରମୁଖ କବିମାନେ ନାନାଭଙ୍ଗୀରେ ଓ ନାନା କୌଶଳରେ ଓଡ଼ିଶାର ପାଠକମାନଙ୍କୁ ଉଦ୍‌ବୋଧିତ କରିଥିଲେ । ନିଜର ପ୍ରାଣୋପମ ଅଥଚ କର୍ମ ବିମୁଖ ପୁତ୍ରକୁ ଶାସନ କରିବାକୁ ଯାଇ ପିତା ଯେତେବେଳେ ତାକୁ ପ୍ରହାର କଲେ, ସେତେବେଳେ ପୁତ୍ରର ପ୍ରାଣନାଶ କିମ୍ବା ଶରୀର ପୀଡ଼ା ହିଁ ପିତାର ଲକ୍ଷ୍ୟ ନ ଥାଏ । ଏକ ପକ୍ଷରେ ଦୁଷ୍ଟ ଦୁର୍ବୃତ୍ତ ପୁତ୍ରକୁ ପିତା ବେତ୍ରାଘାତ କରୁଥାଏ ସତ, କିନ୍ତୁ ଅପର ପକ୍ଷରେ, ଦୁଷ୍ଟ ପୁତ୍ର କିପରି ସତପୁତ୍ର ହେବ, ଏହି ଚିନ୍ତାର ସ୍ରୋତଧାରା ତାର ବିଗଳିତ ହେଉଥାଏ । ଠିକ୍ ସେହିପରି ଭାବରେ,

ଉତ୍ତର ସୀମାନ୍ତ ପ୍ରହରୀ ଫକୀର ମୋହନ ସେନାପତି ଓଡ଼ିଆ ଯୁବକମାନଙ୍କର ନିର୍ବେଦ, ନିରୁତ୍ସାହ ଭାବ ଲକ୍ଷ୍ୟକରି, ପିତୃ ସୁଲଭ ଉଦାର ହୃଦୟରେ ସେମାନଙ୍କୁ ଶୁଣାଇଥିଲେ —

"ଶୁଣ ହେ ଉତ୍କଳବାସୀ ଯୁବକେ
କି ବୋଲୁ ଅଛନ୍ତି ତୁମ୍ଭଙ୍କୁ ଲୋକେ,

ଓଡ଼ିଆ ଅଧମ ଜାତି ଭାରତେ
ବହୁତ ଗଣା ସେ ମାନ ମହତ୍ତ୍ୱେ ।

ଓଡ଼ିଆ ଜାତିର ନାହିଁ ସାହସ
ଶତ୍ରୁ ନାହିଁ କିହେ ଏ ଅପଯଶ ?

କିପାଇଁ ରଟିଛି ଏହି ଅଖ୍ୟାତି,
କିପାଇଁ ଲୋକଙ୍କ ଏ ଭୁଲ ଭ୍ରାନ୍ତି ?

କିଛି ହେଲେ ମୂଳ ଥିବ କଥାରେ,
"ନିଆଁ ନ ଥିଲେ କି ଧୂଆଁ ବାହାରେ ?"

କରି ପାରୁ ନାହଁ ଜୀବନ ବ୍ରତ
ଅରଜିବା ପାଇଁ ମାନ ମହତ୍ତ୍ୱ ।

କୋଣପଶା ହୋଇ ରହିଛ ଘରେ,
ବିଦେଶେ ନ ଯାଅ ଜୀବନ ଡ଼ରେ ।

ଭାରତେ ବିଖ୍ୟାତ ଥିଲେ ଯେ ଜାତି,
ନୁହଁ କିହେ ତୁମ୍ଭେ ତାହାଙ୍କ ନତି ।

କେଉଁ ମନ୍ତ୍ର ପଢ଼ି ସେ ବୀରମାନେ,
ଥିଲେ ସୁବିଖ୍ୟାତ ଐଶର୍ଯ୍ୟେ ମାନେ ?

ତୁମ୍ଭେମାନେ ସେହି ମନ୍ତ୍ର ପାଶୋରି,
ରହିଅଛ ଘରେ ଅଧମ ପରି ?

ନାହିଁ କିଛି ହାତେ ନାହିଁ ସହାୟ,
ନ ଥାଉ, ନାହିଁ କି ବୁଦ୍ଧି ଉପାୟ ?

ସେଥିପାଇଁ ସେ ନିଜେତ ବିରାଟ ସାହିତ୍ୟ ଉଦ୍ୟାନ ସୃଷ୍ଟି କରିଗଲେ, ତହିଁ ସଙ୍ଗେ ସଙ୍ଗେ ସେ ମାତୃଭାଷା ପ୍ରତି ଅନୁରକ୍ତ ହେବା ପାଇଁ ଜାତିଭାଇଙ୍କୁ ଆହ୍ୱାନ ଦେଇଥିଲେ । ଓଡ଼ିଆ ଜାତିକୁ ସେ ମାତୃଭାଷାର ସେବା ମନ୍ତ୍ରରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ' ତାଙ୍କ ମତରେ —

"ଭାଷାହିଁ ଜୀବନୀ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର" ।

ରାଧାନାଥ ରାୟ ଜନ୍ମ ହୋଇଥିଲେ ବାଲେଶ୍ୱର ଜିଲ୍ଲାରେ, ଫକୀରମୋହନଙ୍କ ପରି ସେତେବେଳେ କଲିକତା ଥିଲା ଭାରତର ଶାସନ ଓ ସଭ୍ୟତାର ମହାପୀଠ । ରାଧାନାଥ ପ୍ରଥମେ ବଙ୍ଗଳାରେ ଲେଖୁଥିଲେ ମଧ୍ୟ, ଉକ୍ତ ସାହିତ୍ୟ ପ୍ରେମୀ ବଙ୍ଗୀୟ ପଣ୍ଡିତ ପ୍ରବର ଭୂଦେବ ମୁଖୋପାଧ୍ୟାୟଙ୍କଠାରୁ ପ୍ରେରଣା ଲାଭ କରିବା ପରେ ଉତ୍କଳ ଭାରତୀଙ୍କର ଏକନିଷ୍ଠ ସେବକ ହୋଇ ଯାଇଥିଲେ । ସର୍ବସମ୍ପଦଶାଳୀ ଓଡ଼ିଶାର ଅଧୋଗତି ଅବଲୋକନ କରି ବିଦଗ୍ଧ ପ୍ରାଣରେ ସେ ଗାଇଥିଲେ —

"ଦେବି ! ବୀଣାପାଣି ! କେଉଁ ପାପଫଳେ
କରୁଣା ତୋହର ଊଣା ଏ ଉତ୍କଳେ ।

ତୋ କୃପା ବିହୁନେ ଉତ୍କଳ ମାତର
ନାମେ ଖ୍ୟାତିଗ୍ରନ୍ଥେ ପଡ଼ିନାହିଁ ଭାର ।"

ତାଙ୍କର ପ୍ରିୟଶିଷ୍ୟ ଓ ସହକର୍ମୀ ତଥା ସାହିତ୍ୟିକ ସମଧର୍ମୀ ମଧୁସୂଦନ ରାଓ ମଧ୍ୟ "ଉତ୍କଳ ଜନନୀ ପ୍ରତି" ଶୀର୍ଷକ କବିତା ଲେଖି ଖେଦ ଖଣ୍ଡିତ ହୃଦୟରେ ଗାଇଥିଲେ —

"କୋଟିଏ ସନ୍ତାନ ମାଗୋ ଧରିଅଛୁ କୋଳେ
ଗୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲି ଡ଼ୋଳେ ।

× × ×

ନାହିଁ ପ୍ରାଣ ନାହିଁ ଗତି ଦଗ୍ଧମନ୍ତ୍ର ସରି
ଜାହିକି ମା ଏ ଦୁର୍ଗତି କହ ଗୋ ସୁମରି ।"

ପଲ୍ଲୀପ୍ରାଣ ନନ୍ଦକିଶୋର ଓଡ଼ିଶାର ଗୌରବଗାନ କରି ଜନ୍ମଭୂମି ଉତ୍କଳର ବନ୍ଦନା ପ୍ରସଙ୍ଗରେ ଗାଇଥିଲେ—

"ମହିମା ବାରିଧି ଅତୁଳ ସଂପଦ
ଅଧୀଶ୍ୱର ଆହେ ବ୍ରିଟିଶ ରାଜ

ଲୁଣଗଣ୍ଡା ପାଇଁ କରିଦେଲ ମନୀ
କହିବାକୁ ମତେ ମାଡୁଛି ଲାଜ ।

ପାଠପଢ଼ି ଗାସ କାଟନ୍ତି ଓଡ଼ିଆ
ବିଦେଶୀ ପାଆନ୍ତି ଉଚ୍ଚ ଚାକିରୀ

ଚାକିରୀ ନ ପାଇ ନିରନ୍ନ ଓଡ଼ିଆ
ବିକଳେ କାନ୍ଦନ୍ତି ଓଡ଼ିଆ ନାରୀ ।

ଓଡ଼ିଆଙ୍କ ପାଇଁ ଓଡ଼ିଶା ପ୍ରଦେଶ
ପ୍ରବର୍ତ୍ତିତ ହେବ ଏ ନ୍ୟାୟନୀତି

ଗାଇବ ଉତ୍କଳ ଯାବତ ଚନ୍ଦ୍ରାର୍କେ
ବ୍ରିଟିଶ ରାଜାଙ୍କ ନ୍ୟାୟ କୀରତି" ।

ଏହି କବିମାନଙ୍କ ପୂର୍ବରୁ ଦୁର୍ଦ୍ଦାନ୍ତ ପଣ୍ଡିତ ଏବଂ ବରେଣ୍ୟ ଦେଶବାସୀ, କର୍ମବୀର ଗୋବିନ୍ଦ ରଥ ୧୮୮୫ରେ ଲେଖିଥିଲେ—

"ସ୍ୱଜାତି ଉନ୍ନତି ଚିନ୍ତି ଦିନରାତି
ସାଧନେ ହୁଅ ତତ୍ପର

ସ୍ୱଦେଶ ଗୌରବ କରି ଅନୁଭବ
ଜନମ ସାର୍ଥକ କର ।

ଓଡ଼ିଶା ମୋହର ମର୍ତ୍ତ୍ୟ ସ୍ୱର୍ଗପର
ନ ଭଣର ମୁହିଁ ଆନ ।

× × × ×

ଓଡ଼ିଶା ଭାବନା ଉନ୍ନତି କାମନା
ହୁଏ ମୋର ନିରନ୍ତର ।

× × × ×

ବାଜୁ ବୀର ବାଜା ଉଡୁଥାଉ ଧ୍ୱଜା
ଚିରକାଳ ଉତ୍କଳର ।"

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଓଡ଼ିଆ ଜାତିକୁ ଉଦ୍‌ବୋଧନର ମହାମନ୍ତ୍ରରେ ଅଭିମନ୍ତ୍ରିତ କରିବାକୁ ଚେଷ୍ଟା କରିଥିଲେ । ଏବେ ମଧ୍ୟ ମଧୁବାବୁଙ୍କର ମନ୍ଦବାଣୀ କୋଟି କୋଟି ଓଡ଼ିଆଙ୍କ ଅନ୍ତରରେ ପ୍ରତିଧ୍ୱନିତ ହୁଏ–

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁଟୁ କେବେଦିନେ

ପୂର୍ବ ଗୌରବ ପୂର୍ବ ସାହସ
ପଡ଼ିବକି କେବେ ମନେ ।

ଜନନୀରଦେଖା ପାଇବାରେ ଇଚ୍ଛା
ଯଦି ହୋଇଥାଏ ମନେ

ଉତ୍କଳର ମାଟି ଆଲିଙ୍ଗନ କରି
ତା ଧୂଳି ଲେପ ବଦନେ ।

କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
'ଜନନୀ' 'ଜନନୀ' ଡାକ,

ତୃଷାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ" ।

ଉତ୍କଳମଣି ଗୋପବନ୍ଧୁ ଜନ୍ମ ଭୂମି ଓଡ଼ିଶାର ଦୈନ୍ୟଦର୍ଶନରେ ଅଶ୍ରୁପାତ କରି ଲେଖିଛନ୍ତି–

"ଉତ୍କଳ ମାତାର ଅତୀତ ଯଶ
ବିପୁଳ ବିଭବ ବଳ ସାହସ ।

ସୁମରିଣ ଫାଟିଯାଏ ହୃଦୟ
ଦେଖି ଅବସ୍ଥାରେ ଏ ବିପର୍ଯ୍ୟୟ

ରକ୍ତ ମାଂସ ଦେହ ଧରି ଯେ
ଅଧୀର ଆତୁର କିଏସେ ନ ହେବ
ଦେଖିମାତା ଏତେ ସରି ଯେ ।"

ସେଥିପାଇଁ ଜନ୍ମଭୂମି ଉତ୍କଳ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି–

"ଉତ୍କଳ-ତନୟେ, ଦିଅ ନବ ବଳ,
ଉତ୍କଳ-ପାଦପେ ରସମୟ ଫଳ,
ଉତ୍କଳ-ସରିତେ ପବିତ୍ର ଜୀବନ,
ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ-ଆକାଶେ ନବ ଯଶଃ ରବି,
ଉତ୍କଳ-ପ୍ରକୃତି ଧରୁ ନବ ଛବି" ।

ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରବୀଣ ସହକର୍ମୀ ପଣ୍ଡିତ ନୀଳକଣ୍ଠ ଦାସ ଉଦ୍‌ବୋଧନ ଦେଇ ଓଡ଼ିଆ ଜାତିକୁ ଶୁଣାଇଥିଲେ–

"ଉତ୍କଳ ତବ କ୍ଷେତ୍ର-ଗରବ
ଜ୍ଞାନ-କର୍ମ-ସାଧନା,

ଉତ୍କଳ ତବ ଜନ୍ମଭୂମି,
ଉତ୍କଳ ତବ ବାସନା ।

ଉତ୍କଳ ସୁତ! କାହିଁକି ତବ
ଦୈନ୍ୟ-ବିଷମ-ବେଦନା ?

ସ୍ୱପ୍ନଶୟନ ଜାଗ୍ରତ କର
ଉତ୍କଳମୟ ଭାବନା ।

କୋଟି-କଣ୍ଠ-ମିଳିତ-ତାନ
ବିଶ୍ୱ-ବିଜୟ-ଘୋଷଣା,

ପୁଣ୍ୟ ବିପୁଳ ଜାତି ମହତ
ଜୀବନ କର ଧାରଣା ।

ଭୂତ ବର୍ତ୍ତମାନ ଭବିଷ୍ୟ
ଉତ୍କଳ ତବ ସାନ୍ତ୍ୱନା,

ଉତ୍କଳ ତବ ମୁକ୍ତିର ପଥ,
ଶକ୍ତିର ଶୁଭ ଚେତନା ।"

କବି କୃଷ୍ଣମୋହନ ସମତାଳରେ ଜନ୍ମଭୂମି ଉତ୍କଳର ଗୌରବ ଗାନ କରି ଲେଖିଛନ୍ତି–

"ଆଜି ସାଗରେ ଭୂଧରେ ପ୍ରାନ୍ତରେ ଅମ୍ବରେ
ଶୁଭୁ ଉତ୍କଳର ଜୟ–ଗୀତି ॥
ଯାଉଛି ଅତୀତ ଛିଡ଼ିନାହିଁ ବୀଣା
ଦବିନାହିଁ ତାନ ହେଲେ ହେଁ ପ୍ରାଚୀନା,
ନବଜାଗରଣେ ନବ ଗୁଞ୍ଜରଣେ
ଉଠୁ ସେ ତନ୍ତ୍ରୀରେ ନବ ଗୀତି ।"

ଖୋର୍ଦ୍ଧା ଅଞ୍ଚଳରୁ କୃଷ୍ଣମୋହନଙ୍କର ଏହି ଉତ୍ସାହ ବାଣୀ ଚତୁର୍ଦ୍ଦିଗରେ ଖେଳି ଯିବାବେଳେ, ସମ୍ବଲପୁର ଅଞ୍ଚଳର ମର୍ମବେଦନା ଫୁଟାଇବାକୁ ଯାଇ ଗଙ୍ଗାଧର ଏବଂ ଦୟାନିଧି ମିଶ୍ର ପଶ୍ଚିମ ସୀମାନ୍ତ ପ୍ରହରୀ ରୂପେ ଉଦ୍‌ବୋଧନ ଦେଇ ଗାଇଥିଲେ–

"ମାତୃଭୂମି ମାତୃ– ଭାଷାରେ ମମତା
ଯା ହୃଦେ ଜନମି ନାହିଁ,

ତାକୁ ଯଦି ଗୁଣୀ—            ଗଣରେ ଗଣିବା
ଅଜ୍ଞାନେ ରହିବେ କାହିଁ ।

ସେଥିପାଇଁ ନିଜର ଏହି ଉକ୍ତିକୁ ସଂପ୍ରସାରିତ କରିବାକୁ ଯାଇ ଗଙ୍ଗାଧର ମେହେର ପୁଣି କହିଛନ୍ତି—

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ଭାଇ ଭାଇ ମଧ୍ୟରେ କଳହ ନକରି ସମବେତ ଉଦ୍ୟମରେ ମାତୃଭାଷାର ମାନ ଉନ୍ନତ କରିବାକୁ ସେ ଦେଇଥିଲେ ଆହ୍ୱାନ । ତାଙ୍କରି ଭାଷାରେ ଉତ୍କଳ ଜନନୀ ତଥା ଉତ୍କଳ ଭାରତୀ ନିଜ ସନ୍ତାନମାନଙ୍କୁ କହୁଛନ୍ତି—

"ଭାଇ ଭାଇ ମଧ୍ୟେ ନକର କଳହ
ତୁମ୍ଭ କଳହେ ମୁଁ ହେବି ଦୂଷିତ
ରତନ ସଂଗ୍ରହେ            ହୁଅ ଯତ୍ନ ପୁର
ରତ୍ନ ଗୁଚ୍ଛି ମୋତେ କର ଭୂଷିତ" ।

ସେହି ସମ୍ବଲପୁରର ଜନ ମାନସକୁ ଉଦ୍ଭାସିତ କରିବାକୁ ଯାଇ ଦୟାନିଧି ବାବୁ ଲେଖିଥିଲେ—

"ସେ ଦେଶ ମୋହର ଜନ୍ମଭୂମି
ପୁଣ୍ୟ ପୀୟୁଷ ଦାୟିନୀ
ସ୍ୱର୍ଗ ସୁଷମା            ମଣ୍ଡିଛି ଯାର
କାନ୍ତି ନର୍ମ ଶୋଭିନୀ" ।

ବାଲେଶ୍ୱର ଅଞ୍ଚଳର ଉତ୍କଳୀୟ ଚେତନା ପ୍ରକାଶ କରି ଜାତୀୟ କବି ବାଞ୍ଛାନିଧି ମହାନ୍ତି ଗାଇଥିଲେ—

"ହେ ମା ଉତ୍କଳ ଜୟମା ବନ୍ଦେ
ବନ୍ଦେ ଜନନି ଗୋ ପଦାରବିନ୍ଦେ । (ଘୋଷା)
ଗିରିବର ମଣ୍ଡିତ—            ରୁଚିର ଶରୀରା
ତାଳ-ତମାଳ—            ସୁଶୋଭିତ-ତୀରା
କଳକଳ-ନାଦ-ନିନାଦିତ-ତଟିନୀ—
ପୂତ-ସଲିଳା ମାଗୋ ପ୍ରବାହିତ ମନ୍ଦେ" ।

୮ ଏଥି ସହିତ ସମତାଳ ଦେଇ ମଧୁମୟ ଛନ୍ଦରେ ଗାଇ ଉଠିଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ—

"ବନ୍ଦେ ଉତ୍କଳ ଜନନି ।
ଚାରୁ ହାସମୟି ଚାରୁଭାଷମୟି ଜନନି, ଜନନି, ଜନନି ॥
୭ ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତା-ତୀରା,
ଶୁଭ୍ର ତଟିନୀକୂଳ-ଶୀକର-ସମୀରା
ଜନନି, ଜନନି, ଜନନି" ।

ଦୁର୍ବଳ ଓଡ଼ିଆ ମାନଙ୍କୁ ସବଳ ରୂପେ ଠିଆ ହେବା ପାଇଁ ଗୋଦାବରୀଶ ମହାପାତ୍ର ତାଙ୍କର 'ଉଠକଙ୍କାଳ' କବିତାରେ ଆହ୍ୱାନ ଦେଇଥିଲେ । ଆଉ କାଳବିଳମ୍ବ ନକରି ଅତିଶୀଘ୍ର ବୀରତ୍ୱ ପୂର୍ଣ୍ଣ ହୃଦୟରେ ଜାତିକୁ ସଂଗଠିତ କରିବା ପାଇଁ ସେ ଗାଇଥିଲେ—

"ବେଳନାହିଁ ବେଳନାହିଁ କଙ୍କାଳ ଟେକ ଚଞ୍ଚଳ ମଥା
ବିଦାରି ଉପଳ ନିର୍ମଳ ତବ ପଞ୍ଜରୁ ଉଠୁ ବ୍ୟଥା
ବାଜି ଉଠୁ ବାରେ ମରଣ ବିଜୟୀ ବଂଶୀ ସେ କୁହୁତାନେ
ଧ୍ୱନିତ କଟାକ୍ଷ କଂପାଇ ଯୌବନ-କୁତୁହଳେ"

ଏପରି ଭାବରେ ବହୁ ସୁନାମଧନ୍ୟ କବିଙ୍କର କବିତାବଳୀ ଜାତୀୟ ଚେତନାର ଜାଗରଣ ଲାଗି ସହାୟକ ହୋଇଥିଲା । ପାରଳାଖେମୁଣ୍ଡିରେ ଦକ୍ଷିଣ ସୀମାନ୍ତ ପ୍ରହରୀ ରୂପେ ପଣ୍ଡିତ ଗୋପୀନାଥ ନନ୍ଦ ଏବଂ ଗବେଷକ ଶ୍ୟାମସୁନ୍ଦର ରାଜଗୁରୁ ଆବିର୍ଭୂତ ହୋଇ, ଓଡ଼ିଆ ଭାଷା ଏବଂ ଓଡ଼ିଆ ଛନ୍ଦର ଗବେଷଣା କ୍ଷେତ୍ରରେ ପ୍ରଶଂସନୀୟ ପାଣ୍ଡିତ୍ୟ ପ୍ରଦର୍ଶନ କରିଯାଇଥିଲେ ।

କେବଳ କବିତା କ୍ଷେତ୍ରରେ ନୁହେଁ, ପ୍ରବନ୍ଧଠାରୁ ଆରମ୍ଭକରି ନାଟକ ଉପନ୍ୟାସ ପ୍ରଭୃତି ବିଭାଗରେ ମଧ୍ୟ ୧୯୩୬ର ଏପ୍ରିଲ ପହିଲା ପୂର୍ବରୁ ଗୌରବମୟ ଜାତୀୟବାଦୀ ପରଂପରା ପ୍ରତିଷ୍ଠିତ ହୋଇ ଯାଇଥିଲା । ଜାତୀୟବାଦୀ ରାଧାନାଥ ଏକ ସମୟରେ ଉଗ୍ର ଜାତୀୟବାଦୀ ସତ୍ୟବାଦୀ ଗୋଷ୍ଠୀର ଶରବ୍ୟ ହୋଇଥିଲେ । ଓଡ଼ିଆ ସାହିତ୍ୟର ଶତାଧିକ କୃତି ମଧ୍ୟରେ ଯେଉଁ ଜାତୀୟବାଦ ପ୍ରସ୍ଫୁରିତ ହୋଇ ଭାରତୀୟ କଂଗ୍ରେସର "ଭାଷାଭିତ୍ତିକ–ପ୍ରଦେଶ ଗଠନକୁ" ପରୋକ୍ଷରେ ରୂପଦାନ କରିବାକୁ ସମର୍ଥ ହୋଇଥିଲା, ଆଲୋଚନା କଲେ, ତାହାର ବହୁମୁଖୀ ପରିପ୍ରକାଶ ଏକ ମହାଗ୍ରନ୍ଥରେ ପରିଣତ ହେବ । ୯

ଏହି କ୍ଷୁଦ୍ର ଆଲୋଚନା ଶେଷକରିବା ପୂର୍ବରୁ ଆଉ ଗୋଟିଏ କଥା ସୂଚାଇ ଦେବା ଦରକାର ମନେ ହୁଏ । ତାହା ହେଉଛି, ଜାତୀୟବାଦୀ ଓଡ଼ିଆ କବିମାନଙ୍କର ଉଭୟ ମୁଖୀ ଅଭିମୁଖ୍ୟ । ଯେଉଁ କବି ମାନେ ମାତୃଭୂମି ଉତ୍କଳର ଗୌରବ ଗାନ କରି ଓଡ଼ିଆ ଜାତିର ସଙ୍ଗଠନ ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି, ସେହିମାନେ ସମସ୍ୱରରେ ଏବଂ ସମତାଳରେ ସମଗ୍ର ଭାରତର ରାଜନୈତିକ ମୁକ୍ତି, ଅର୍ଥନୈତିକ ଅଗ୍ରଗତି ଏବଂ ସାଂସ୍କୃତିକ ଜାଗୃତି କାମନା କରିଛନ୍ତି । ଭାରତମାତା ଏବଂ ଉତ୍କଳମାତା ଏ ଉଭୟ ଜନନୀ ସମ ଭକ୍ତିରେ ବନ୍ଦିତା ହୋଇଛନ୍ତି । ଏ କ୍ଷେତ୍ରରେ କବିବର ରାଧାନାଥଙ୍କର ଗୋଟିଏ ମାତ୍ର ବାକ୍ୟ ଉଦ୍ଧାର କଲେ ଯଥେଷ୍ଟ ହେବ— ୧୦

"ଭାରତମେକା ଗତିର ସ୍ମାକଂ
ନାପରାସ୍ତି ଭୁବିନାମ"

ଏହାର ଅର୍ଥ, "ହେ ଓଡ଼ିଶାର ଭାଇ ଭଉଣୀ, ତୁମେ ଓଡ଼ିଶାର ଉନ୍ନତି ପାଇଁ ଗଭୀର ଦୃଷ୍ଟି ଦିଅ କିନ୍ତୁ ସବୁବେଳେ ମନେ ରଖିଥିବ, ଭାରତଭୂମି ହେଉଛି ଆମ୍ଭମାନଙ୍କର ଏକମାତ୍ର ଗତିମୁକ୍ତିର ସ୍ଥଳ । ଓଡ଼ିଶାର କବି ଓ ଲେଖକମାନେ ଗୋରା ଶାସନ କାଳରେ ଜାତୀୟତା ଏବଂ ମହାଜାତୀୟତାର ବାର୍ତ୍ତା ପ୍ରଚାର କରି ଭାରତର ଐତିହ୍ୟସଂସ୍କୃତି ଓ ପ୍ରଗତି କ୍ଷେତ୍ରରେ ବରେଣ୍ୟ ଉଦାରତା ଦେଖାଇ ଆସିଛନ୍ତି । ଏ ଉଦାରତା ସେମାନଙ୍କୁ କାଳ କାଳ ଧରି ଅମର କରି ରଖିବ ।

# ନୂତନ ଓଡ଼ିଶା

ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

ଓଡ଼ିଶାର ଇତିହାସ ଯେ, ଅତ୍ୟନ୍ତ ଗୌରବୋଜ୍ଜ୍ୱଳ ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଏଇ ଦେଶରେ ବିରାଟ ବଡ଼ ଦେଉଳ ତିଆରି କରାଯାଇ ଜଗନ୍ନାଥଙ୍କୁ ଅଧିଷ୍ଠିତ କରାଯାଇଛି । ମନ୍ଦିର ତୋଳିବାଟା ଯେତେ ବଡ଼କଥା ନୁହେଁ ସେତେ ବଡ଼ ମନ୍ଦିର ତୋଳିବା ଅନ୍ତର୍ନିହିତ ଚେତନା । ଏହି ବିଗ୍ରହ ଯେ ଜାତି ନିର୍ବିଶେଷରେ ପୂଜା ପାଇବେ ଓ ଏଠି ବ୍ରାହ୍ମଣ ଚଣ୍ଡାଳ ସମସ୍ତ ଭେଦାଭେଦ ଭୁଲି ପ୍ରସାଦ ସେବନ କରିବେ ଏହା ଇତିହାସର ସେହି ସମୟରେ ଏକ ସାମ୍ୟବାଦୀ ଚେତନା । ଆମର ଗଜପତି ଠାକୁର ରାଜା ଯେ ହାତରେ ସମାର୍ଜ୍ଜନୀ ଧରି ରଥ ଉପର ମାର୍ଜ୍ଜନା କରିବେ ତାହା ମଧ୍ୟ ସେହି ଚେତନାର ସୂଚନା ଦିଏ ।

କୋଣାର୍କର ସୂର୍ଯ୍ୟମନ୍ଦିର ଅନ୍ୟ ଏକ ପ୍ରାଚୀନ କୀର୍ତ୍ତି । କୋଣାର୍କରେ ପରିପାର୍ଶ୍ୱର ସୂର୍ଯ୍ୟ ବିଗ୍ରହମାନଙ୍କର ଅପୂର୍ବ ପରିକଳ୍ପନା ଓ ଅଳସକନ୍ୟାମାନଙ୍କର ଶିଳ୍ପନୈପୁଣ୍ୟ ଭାରତରେ କାହିଁକି ସମଗ୍ର ପୃଥିବୀରେ ବିଦିତ ।

ସ୍ଥାପତ୍ୟ ଶିଳ୍ପକୁ ବାଦ୍ ଦେଲେ ମଧ୍ୟ କୁହାଯାଏ ଓଡ଼ିଶା ବାଣିଜ୍ୟ କ୍ଷେତ୍ରରେ ଯଥେଷ୍ଟ ପ୍ରତିଷ୍ଠା ଲାଭ କରିଥିଲା । ଏଠିକାର ସାଧବମାନେ ଝଡ଼ଝଞ୍ଜା ଓ ଆୟ ଅନ୍ଧକାର ଆଦି ନେଇ ବିପଦ ସଂକୁଳ ସମୁଦ୍ର ଭିତରେ ପୋତ ମେଲିଦେଇ ଦୂର ଦ୍ୱୀପାନ୍ତରର ଜାଭା, ବୋର୍ଣ୍ଣିଓ ଓ ସୁମାତ୍ରା ଆଦି ଦ୍ୱୀପପୁଞ୍ଜ ସହିତ ବାଣିଜ୍ୟରତ ଥିଲେ ଏବଂ ସେହି ଜରିଆରେ ସେମାନେ ବିଦେଶର ବିପୁଳ ଧନ ସଂପତ୍ତି ଓଡ଼ିଶାକୁ ଆଣି ଓଡ଼ିଶାକୁ ଧନାଢ୍ୟ କରିଥିଲେ ।

ସେହିପରି ସାମନ୍ତ ଚନ୍ଦ୍ରଶେଖର ଖଣ୍ଡପଡ଼ା ପରି ଏକ ଦରିଦ୍ର ପଲ୍ଲୀରେ ଜନ୍ମ ଗ୍ରହଣ କରି କୌଣସି ଯନ୍ତ୍ରର ସାହାଯ୍ୟ ନ ନେଇ ଜ୍ୟୋତିର୍ବିଦ୍ୟା ଗବେଷଣା କରି ତତ୍‌କାଳିକ ଜ୍ୟୋତିର୍ବିଦମାନଙ୍କୁ ଚମତ୍କୃତ କରିଥିଲେ । 'ସିଦ୍ଧାନ୍ତ ଦର୍ପଣ' ସେ କୃତିର ସଙ୍କେତ ବହନ କରେ ।

ସାହିତ୍ୟ କ୍ଷେତ୍ରରେ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଅଭିମନ୍ୟୁ, ଦୀନକୃଷ୍ଣ ଆଦି ବହୁ କବି ଉତ୍କଳ ଭାରତୀର ଭଣ୍ଡାର ସମୃଦ୍ଧ କରି ଯାଇଛନ୍ତି । ସେମାନଙ୍କ ଦ୍ୱାରା ରଚିତ କାବ୍ୟ କବିତା ଓଡ଼ିଶାର ଲୋକମୁଖରେ ବହୁଳ ପ୍ରଚଳିତ ଏବଂ ଆଦୃତ ହେବାରୁ ଜଣାଯାଏ ଯେ ସେହି ସମୟରେ ଯେତେବେଳେ ଓଡ଼ିଆ ଭାଷାରେ ପୁସ୍ତକ ଅଭିଧାନର ପ୍ରଚୁର ଅଭାବ ସେତେବେଳେ କତିପୟ ସଂସ୍କୃତ ଗ୍ରନ୍ଥକୁ ସହାୟ କରି କିପରି ଏ ରସପୂର୍ଣ୍ଣ ରଚନାମାନ ଲେଖିପାରିଲେ । ଅନୁଭୂତି ଗଭୀର ଭାବରେ ସ୍ମୃତିଚାରଣ କଲେ ଓଡ଼ିଶାର ଆଉ ବହୁ କୀର୍ତ୍ତି ଓ ଓଡ଼ିଶାର ଆଉ ଅନେକ ମହାପୁରୁଷ ସ୍ମରଣକୁ ଆସି ପାରନ୍ତି ।

ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଆ ଭାଷା ଏକ ଗଭୀର ସଂକଟ ମଧ୍ୟ ଦେଇ ଗତି କରୁଥିଲା । ସେ ସଂକଟ ପ୍ରତି ଆଧୁନିକ ଯୁବକମାନେ ଅବଧାନ ହେବା ସମ୍ଭବ ନୁହେଁ ଯଦି ସେମାନେ ତାତ୍‌କାଳିକ ଇତିହାସ ଅଧ୍ୟୟନ ନ କରନ୍ତି । ପ୍ରକାଶ୍ୟରେ ଘୋଷଣା କରାଯାଇଥିଲା ଯେ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ । ତେଣୁ ତାକୁ ଏକ ଭାଷାର ସ୍ୱତନ୍ତ୍ର ମର୍ଯ୍ୟାଦା ନ ଦିଆଗଲେ ଚଳିବ! ସେହି ସମୟର ଓଡ଼ିଶା ନେତା, ସାହିତ୍ୟିକ ଓ ସାମ୍ବାଦିକମାନଙ୍କର ଅଶେଷ କଷ୍ଟ ସାଧନ ଦ୍ୱାରା ହିଁ ଏ ଭାଷାର ଏକ ବିରାଟ ବିପତ୍ତି ଖଣ୍ଡିତ ହେଲା ଓ ଓଡ଼ିଆ ଭାଷା ପୁଣି ଥରେ ସ୍ୱାଭାବିକ ଭାବରେ ନିଃଶ୍ୱାସ ପ୍ରଶ୍ୱାସ ଗ୍ରହଣ କରି ସୁସ୍ଥ ହେବାକୁ ଲାଗିଲା ।

ପ୍ରାଦେଶିକତା ଦୋଷରେ ଦୁଷ୍ଟ ପ୍ରାନ୍ତୀୟ ପ୍ରଦେଶମାନଙ୍କର ନିର୍ମମ ଆକ୍ରମଣରୁ ଯେଉଁମାନେ ସଂପୂର୍ଣ୍ଣ ନିଃସ୍ୱାର୍ଥପର ଭାବରେ ଘୋର ଦାରିଦ୍ର୍ୟ ଭିତର ଦେଇ ସେଦିନ ଜାଗ୍ରତ ପ୍ରହରୀ ଭଳି ଓଡ଼ିଆ ଭାଷାକୁ ରକ୍ଷା କରିଥିଲେ ସେମାନେ ଆଜି ପ୍ରତ୍ୟେକ ଓଡ଼ିଶାବାସୀର ପ୍ରାତଃସ୍ମରଣୀୟ । କାରଣ ତା' ନ ହୋଇଥିଲେ ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତିଗତ ଭାବରେ ଗ୍ରହଣ କରାଯିବା ପରେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ଭବ ହୋଇନଥାନ୍ତା । ସ୍ୱତନ୍ତ୍ର ପ୍ରଦେଶ ଅର୍ଥ ପ୍ରାନ୍ତୀୟ ସୀମାରେ ସୀମାରେଖାର ସୂଚନା ଦେବା ନୁହେଁ ବା ମାନଚିତ୍ରରେ କେବଳ ରେଖାଙ୍କନ ନୁହେଁ । ସ୍ୱତନ୍ତ୍ର ପ୍ରଦେଶ ଅର୍ଥ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତି ପାଇଁ ଏକ ସ୍ୱୀକୃତି । ସେହି ଜରିଆରେ ଓଡ଼ିଶା ସେକ୍ରେଟେରୀଏଟ୍‌ର ଚିଫ୍ ସେକ୍ରେଟେରୀ, ସେହି ଜରିଆରେ ଓଡ଼ିଶା ବିଧାନ ସଭାରେ ମୁଖ୍ୟମନ୍ତ୍ରୀ ଓ ସେହି ଜରିଆରେ ଓଡ଼ିଶା ନ୍ୟାୟାଳୟର ମୁଖ୍ୟ ବିଚାରପତି ।

ଆଶା କରାଯାଇଥିଲା ଯେ ଯେଉଁ ଭାଷାହେତୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରତିଷ୍ଠା ଲାଭ କଲା ସେହି ଭାଷାର ଉନ୍ନତି ପାଇଁ ଓଡ଼ିଶାର ଶିକ୍ଷିତ ବ୍ୟକ୍ତି, କବି, ଲେଖକ ଓ ପଣ୍ଡିତମାନେ ଯଥେଷ୍ଟ ସଜାଗ । କିନ୍ତୁ ଦେଖାଗଲା ତା ପରିବର୍ତ୍ତେ ଓଡ଼ିଆ ଭାଷାକୁ ଚରମ ଅବହେଳା ଭିତର ଦେଇ ଗତି କରିବାକୁ ପଡ଼ିଲା । ଓଡ଼ିଶା ଓ ଓଡ଼ିଆମାନଙ୍କ ବିଷୟରେ ଆଲୋଚନା ହେଲାବେଳେ ଆମେ ଆମର ଅତୀତର ଗୌରବୋଜ୍ଜ୍ୱଳ ପରଂପରାର ଦୁହାଇ ଦେଇ ଏକ ଆତ୍ମସନ୍ତୁଷ୍ଟ ଜାତି ଭାବରେ ଅହିଫେନଗ୍ରସ୍ତ ବ୍ୟକ୍ତି ପରି ଏକ କୃତ୍ରିମ ଉଲ୍ଲାସ ଅନୁଭବ କଲୁ । କାଳ କୋଣାର୍କକୁ କବଳିତ କଲା; ଏବଂ ଆମେ ସବୁ ତଥାକଥିତ ସୁଯୋଗ୍ୟ ଦାୟାଦ ତାକୁ ରକ୍ଷା କରିବାକୁ ଅସମର୍ଥ ହେଲୁ । ନୌବାଣିଜ୍ୟ ଲୁପ୍ତ ହେଲା । ଅତୀତର ସ୍ମାରକୀ ଭାବରେ ବାଲିଯାତ୍ରା ପଡ଼ିଆ ଗଡ଼ିଗଡ଼ିଆ ଘାଟରେ କାଗଜ ଡଙ୍ଗା ଭସାଇ ପରମ ସନ୍ତୋଷ ଲାଭ କଲୁ । ଆମେ ଯେ ଦିନେ ଏକ ନୌବାବାହୀ ଜାତି ଥିଲୁ ତା'ର ପ୍ରମାଣ ପୁରୀର ତେଲେଙ୍ଗାପେଣ୍ଠରେ, ଅସ୍ତରଙ୍ଗରେ ବା ପାରାଦ୍ୱୀପ ବନ୍ଦରରେ ମଧ୍ୟ ଦେଖିବାକୁ ମିଳିଲା ନାହିଁ ।

କୋଣାର୍କର ଶିଳ୍ପକଳା କଙ୍କାଳ ସାକ୍ଷ୍ୟ ରହିଲା ପୁରୀର ପଥୁରିଆ ସାହିର ସଂକୀର୍ଣ୍ଣ ଗଳି ଭିତରେ । ପ୍ରାୟ ଏକ

ଶତାବ୍ଦୀ ବିଗତ ହୋଇଥିଲେ ମଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ପରେ ଓଡ଼ିଶାରେ ଜ୍ୟୋତିର୍ବିଦ୍ୟାର ଗବେଷଣା ପ୍ରାୟ ଲୁପ୍ତ ହେଲା । ମୁଦ୍ରାଯନ୍ତ୍ରଜନିତ ବିପ୍ଲବ ଓଡ଼ିଶାକୁ ନ ଆସିଥିଲେ ଆମେ ବୋଧହୁଏ ଦୀନକୃଷ୍ଣ, ଗୋପାଳକୃଷ୍ଣ ଅଭିମନ୍ୟୁ ଆଦି ପ୍ରାଚୀନ କବିଙ୍କର କୃତି ବିସ୍ମରଣ ହୋଇସାରିଥାନ୍ତୁ । ତାହାର ଶେଷ ସନ୍ତକ ବୋଧହୁଏ ରହିଥାନ୍ତା କତିପୟ ଦାଣ୍ଡକାଠିଆବାଲା ଓ ପାଲଗାୟକମାନଙ୍କର ଦୟନୀୟ ଉଚ୍ଚାରଣରେ । ଏହି ଅବକ୍ଷୟର ଏକ ପ୍ରଧାନ ହେତୁ ହେଲା, ଓଡ଼ିଶାର ଅତୀତର ଗୌରବକୁ ଅଯଥା ଅତିରଞ୍ଜିତ କରି ଆତ୍ମସନ୍ତୁଷ୍ଟି ଲାଭ କରିବା ।

ନିକଟ ଅତୀତରେ ପଶ୍ଚିମ ବଙ୍ଗର କଳା ସାହିତ୍ୟ, ଶିଳ୍ପ, ସଂସ୍କୃତି ଓ ଓଡ଼ିଶାର ସେହି ସେହି ବିଭାଗମାନ ଭାରତବର୍ଷର ଅନ୍ୟ ସମସ୍ତ ପ୍ରଦେଶ ତୁଳନାରେ ଯଥେଷ୍ଟ ଉଚ୍ଚସ୍ଥାନର ଅଧିକାରୀ ଥିଲା । କିନ୍ତୁ ମାତ୍ର ଗତ କୋଡ଼ିଏ ପଚିଶ ବର୍ଷ ଭିତରେ ଭାରତର ଅନ୍ୟାନ୍ୟ ବହୁ ଭାଷାଭାଷୀ ପ୍ରଦେଶ ଓଡ଼ିଆ ଭାଷାର କୃତିକୁ ବଳିଯିବାକୁ ବସିଲେଣି ଏପରି ତୁଳନାତ୍ମକ ବିବରଣୀ ଦେଲାବେଳେ ବ୍ୟକ୍ତିବିଶେଷ ବା ପତ୍ରପତ୍ରିକାବିଶେଷ କଥା କୁହାଯାଉନାହିଁ,କୁହାଯାଉଛି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଭିତରେ ଗୋଟିଏ ଜାତିର ସାମଗ୍ରିକ ସୃଷ୍ଟିର ଏକ ହାରାହାରି ହିସାବ ।

ଶିଳ୍ପ କ୍ଷେତ୍ରରେ ସାଧାରଣ ନାଗରିକର ଜୀବନର ମାନ ବିଷୟରେ, କୃଷିକ୍ଷେତ୍ରରେ ଏବଂ ଏହିପରି ବହୁ କ୍ଷେତ୍ରରେ ଓଡ଼ିଶାର ଅନଗ୍ରସରତା କଥା ଆଲୋଚନା କରାଯାଉନାହିଁ । ଏକଥା ସ୍ୱୀକାର କରିବାକୁ ହେବ ଯେ ଗୋଟାଏ ଜାତି ଯେ କୌଣସି ଦିଗରେ ଅଗ୍ରସର ହେବାକୁ ହେଲେ ବହୁଳ ଶିକ୍ଷାର ପ୍ରସାର ଏକାନ୍ତ ପ୍ରୟୋଜନ ଓ ସେ ଶିକ୍ଷାର ପ୍ରସାର ନିଜର ଭାଷା ମାଧ୍ୟମରେ । ପଡ଼ୋଶୀ ରାଜ୍ୟମାନଙ୍କରେ ସେମାନଙ୍କର ନିଜସ୍ୱ ଭାଷାରେ ଓ ଇଂରାଜୀରେ ଯେତେ ଦୈନିକ ସମ୍ବାଦପତ୍ର ଓ ସାହିତ୍ୟିକ ପତ୍ରପତ୍ରିକା ପ୍ରକାଶପାଏ ତା'ର ପରିସଂଖ୍ୟାନ ନେଲେ ଓଡ଼ିଶାବାସୀଙ୍କୁ ଲଜ୍ଜିତ ହେବାକୁ ପଡ଼େ । ଏହାର କାରଣ ନୁହେଁ ଯେ ଓଡ଼ିଶା ଅପେକ୍ଷା ସେମାନେ ଅଧିକ ବିତ୍ତଶାଳୀ ହୋଇଥିବାରୁ ସେମାନେ ବହୁଳ ପରିମାଣରେ ସମ୍ବାଦପତ୍ର, ପତ୍ରପତ୍ରିକା ଓ ଶିଶୁ ପତ୍ରିକା ପ୍ରକାଶ କରି ପାରୁଛନ୍ତି । ଏ ଯୁକ୍ତି ଯେତିକି ଅବାନ୍ତର ସେତିକି ଅବାସ୍ତବ ।

ଓଡ଼ିଶାର ପାଠକ, ପ୍ରକାଶକ ଓ ଲେଖକମାନେ ଏକ ପଙ୍କିଳ ବୃତ୍ତର କକ୍ଷକୁ ବାରମ୍ବାର ପ୍ରଦକ୍ଷିଣ କରୁଛନ୍ତି । ପାଠକ ସମ୍ବାଦପତ୍ର ଓ ପତ୍ରପତ୍ରିକାକୁ ନିଜର ପାରିବାରିକ ଖର୍ଚ୍ଚ କ୍ଷେତ୍ରରେ ସର୍ବକନିଷ୍ଠ ସ୍ଥାନ ଦିଏ । ପ୍ରକାଶକ କହେ ଯେଉଁ ପୁସ୍ତକ ବା ପତ୍ରପତ୍ରିକାର କାଟତି ନାହିଁ ତାକୁ ଅଯଥା ଛାପି ନିଜକୁ ଅଧିକ ଭାରାକ୍ରାନ୍ତ କରିବି କାହିଁକି ? ଲେଖକର ଚିନ୍ତାଧାରା ହେଲା ଯେ ଯଦି ତା'ର ସୃଷ୍ଟି ବନ୍ଧୁ ଲେଖକମାନଙ୍କର ବୃତ୍ତି ବାହାରକୁ ଯାଇ ଅଗଣିତ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ନ ପାରିଲା ତାହାହେଲେ ସେ ବା କାହିଁକି ଲେଖିବ! ଲେଖକ ନିଜର ଆତ୍ମସନ୍ତୁଷ୍ଟି ପାଇଁ ଲେଖେ ଏହା ଏକ ଘୋର ଭ୍ରମାତ୍ମକ ଯୁକ୍ତି । ଲେଖକ ଲେଖେ, ତାର ନିଜର ଭାବଧାରାରେ ପାଠକକୁ ଆକ୍ରାନ୍ତ କରିବା ପାଇଁ । ପାଠକ ନଥିବା ଲେଖକର ସୃଷ୍ଟି ଘୋର ଅରଣ୍ୟରେ ସଙ୍ଗୀତର ଆସର କରିବା ସମାନ ।

ଏହା ଭିନ୍ନ ପ୍ରାଥମିକ ଶିକ୍ଷାସ୍ତରରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ଏକ ଗୌଣ ସ୍ଥାନ ଦିଆଯାଉଥିବା ପରି ମନେହୁଏ । ବହୁ ଶିକ୍ଷିତ ବ୍ୟକ୍ତି ମନେକରନ୍ତି ଇଂରାଜୀରେ କଥାବାର୍ତ୍ତା କଲେ ବା ଚିଠି ଲେଖିଲେ ସେ ତାଙ୍କର ଶିକ୍ଷାର ପରାକାଷ୍ଠା ପ୍ରତିପାଦିତ କରିପାରିବେ । ସ୍ମରଣ ରଖିବା ଉଚିତ୍ ଯେ ଓଡ଼ିଆ ଓ ଇଂରାଜୀ ଦୁଇଟି ଭାଷା ମାତ୍ର; ସେମାନେ ପରସ୍ପର ବିରୋଧୀ ନୁହନ୍ତି । ଲକ୍ଷ୍ୟ କଲେ ଦେଖାଯିବ ଯେଉଁ ଛାତ୍ର ବା ବ୍ୟକ୍ତିବିଶେଷମାନଙ୍କର ଗୋଟିଏ ଭାଷାରେ ଭଲ ବ୍ୟୁତ୍ପତ୍ତି ଅଛି ଅନ୍ୟ ଭାଷାଟିରେ ମଧ୍ୟ ସେ ସମକକ୍ଷ ବ୍ୟୁତ୍ପତ୍ତି ଲାଭ କରିଛି । ତେଣୁ ନିଜ ମାତୃଭାଷାକୁ ପ୍ରାଧାନ୍ୟ ଦେଲେ କେହି ଇଂରାଜୀରେ ଦୁର୍ବଳ ହୋଇଯିବ ବା ସେହି ଭାଷା ମାଧ୍ୟମରେ ମିଳୁଥିବା ବିଶ୍ୱ ସାହିତ୍ୟସୁଧା ପାନ କରିବାରୁ ବଞ୍ଚିତ ହେବ ଏପରି ମନେ କରିବା ଠିକ୍ ନୁହେଁ ।

ଭାରତବର୍ଷ ବହୁ ବିଭିନ୍ନ ଜାତିର ଏକ ସୌଷ୍ଠବମୟ ସମ୍ମିଶ୍ରଣ । ସେହି ସମ୍ମିଶ୍ରଣ ସେତିକି ସୁନ୍ଦର ହୁଏ ଯେତେବେଳେ ପ୍ରତ୍ୟେକଟି ଫୁଲ ତା'ର ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରି ଫୁଟିଥାଏ । ତେଣୁ ଏକ ସର୍ବଭାରତୀୟ ପରିପ୍ରେକ୍ଷୀରେ ଯେ କୌଣସି ଜାତି ବା ଭାଷା ତା'ର ନିଜସ୍ୱ ସ୍ୱାତନ୍ତ୍ର୍ୟ ବଜାୟ ରଖିବା ଅତ୍ୟନ୍ତ ଜରୁରୀ ।

ଓଡ଼ିଶାର ଖାଦ୍ୟ, ବସନଭୂଷଣ, ଗୃହିଚଳନ ସବୁଥିରେ ଦିନେ ହୁଏତ ଏକ ସ୍ୱାତନ୍ତ୍ର୍ୟ ଥିଲା ଏବଂ ସେ ସ୍ୱାତନ୍ତ୍ର୍ୟ ଥିଲା ଏକ ଭଦ୍ର ଅତିଥିପରାୟଣ ଜାତିର ଏକ ଅହଂଶୂନ୍ୟ ସ୍ୱାତନ୍ତ୍ର୍ୟ ।

ଓଡ଼ିଶାର ଅସଂଖ୍ୟ ପଲ୍ଲୀ ଗ୍ରାମ ଭିତରେ ହୁଏତ ସେ ସ୍ୱାତନ୍ତ୍ର୍ୟର କିଛି ଅବଶିଷ୍ଟ ଏବେ ବି ଦେଖିବାକୁ ମିଳିବ । କିନ୍ତୁ ଓଡ଼ିଶାର ସହର ବଜାରରେ ଶିକ୍ଷାଯିବ କ୍ଷେତ୍ରମାନଙ୍କରେ ସେ ସ୍ୱାତନ୍ତ୍ର୍ୟ ସଂପୂର୍ଣ୍ଣ ବିଲୁପ୍ତ । ସେହି ସ୍ଥାନମାନଙ୍କରେ ଭାଷା ବିକୃତ ଓ ରୁଚି ଅମାର୍ଜିତ, ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଅନୁକରଣ କରିକରି ଆମେ ଅନ୍ୟର ଖାଦ୍ୟ ଅନ୍ୟର ସାଜସଜ୍ଜା ଓ ଅନ୍ୟର ଚାଲିଚଳଣ ସହିତ ଏତେ ଅଭ୍ୟସ୍ତ ହୋଇଗଲୁଣି ଯେ ମନେହୁଏ ଏହାହିଁ ଯେପରି ଆମର ସଂସ୍କୃତି । ଏହି ଧାରାକୁ ଅତି ସଜାଗ ଭାବେ ବ୍ୟାହତ କରିବା ଚେଷ୍ଟା ନ କଲେ ଏ ଭାଷା ଓ ଜାତିର ସଂସ୍କୃତି ନିକଟ ଭବିଷ୍ୟତରେ ଏକ ମିଶ୍ର ସଂସ୍କୃତି ବା ଅପସଂସ୍କୃତିରେ ପରିଣତ ହୋଇଯିବାର ଆଶଙ୍କା ରହିଛି । ସେତେବେଳେ ପୁରୀ ଦେଉଳ, କୋଣାର୍କ ଦେଉଳ, କାଠଯୋଡ଼ି ବନ୍ଧର ନିର୍ମାତାମାନଙ୍କର ନାଆଁ ଜାଣିବାକୁ ହେଲେ ରାଜ୍ୟ ଅଭିଲେଖାଗାରରେ ସନ୍ଧାନ ନେବାକୁ ପଡ଼ିବ । ଚଂପୂ ଚଉତିଶାର ଲେଖକମାନଙ୍କର ନାଆଁ ଜାଣିବାକୁ ହେଲେ ଜ୍ଞାନମଣ୍ଡଳର ଆଶ୍ରୟ ନେବାକୁ ହେବ ।

ଆମର ପ୍ରଦେଶ ବା ଆମର ଭାଷା ଉପରେ ଯେ ପ୍ରାନ୍ତୀୟ ପ୍ରଦେଶର ପ୍ରଭାବ ଓ ଆନ୍ତର୍ଜାତିକ ଚିନ୍ତାଧାରା ଓ ଘଟଣାବଳୀର ପ୍ରଭାବ ଯେ ପଡ଼ିବ ଏଥିରେ ସନ୍ଦେହ ନାହିଁ । ସେପରି ପ୍ରଭାବ ଗୋଟାଏ ଜାତି ପକ୍ଷରେ ଅନୁକୂଳ ଓ ସ୍ୱାଗତଯୋଗ୍ୟ । କିନ୍ତୁ ତା'ର ଅର୍ଥ ନୁହେଁ ବିଭିନ୍ନ ସଂସ୍କୃତିର ନବଗୁଞ୍ଜର ଭିତରେ ନିଜକୁ ଶ୍ୱାସରୁଦ୍ଧକରି ଏକ ଦୟନୀୟ ଜୀବନଯାପନ କରିବା । OOOO

# WE SHINE IN THE GLORY OF OUR FORESTS

The glory that is Orissa, had emerged from the depths of the mighty forests. And so did we, in the year 1962 as the nation's first ever public sector Forest Corporation. Since then, our rise in the State's sky of prosperity has been meteoratic. Like the growth of a tiny seed to a lofty tree, the Corporation from a humble beginning in 1962-63 with sale turn over of a paltry Rs. 16 lakhs has now assumed enormous proportions generating a sale turn over exceeding Rs. 40 crores. This will cross Rs.50 crores next year. We now operate at a production level of 2,30,00m3 of timber, 3,45,000m3 fuelwood and market 4,00,000 quintals of Beedi leaves. Our annual contribution to the exchequer in shape of royalty along is over Rs. 20 crores. We supply 4 lakh sleepers to the Railways valued at Rs. 7 crores and timbers to Coalfields, Ordinance Factories, DGS & D, Port Trusts and a multiplicity of Industries every year. We have embarked upon a massive plantation project covering 14,000 hectares of cashew and a programme for establishing many forest based Industries. In the process, We have carved out a distinct mark in the Socio-economic development of the State and the Nation as a whole.

But that is not the whole story

We derive our strength from the Adivasis and backward classes who inhabit our forests. In execution of our task we provide employment to over 2 lakh persons. The bulk of them are these denizens of the forests. Our motto is to protect and develop the total Forest Eco-system, of which they are an integarl part.

Our bondage with them is indivisible inseparable.

For details, please contact :

**THE ORISSA FOREST CORPORATION LTD.**

(A GOVERNMENT OF ORISSA UNDERTAKING)

**SATYANAGAR, BHUBANESWAR-7**

**ORISSA**


Telegram : **FORESTCORP** Telex : **0675-240** Telephone : **51086** / **51269** } **PABX**



ମୁଖ୍ୟ ମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ
ପୂର୍ତ୍ତ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବି
ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଫି
ଆଲୋଚନାରତ କେନ୍ଦ୍ର ତଥ୍ୟ ଓ ବେ

କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଶ୍ରୀ ବସନ୍ତ ସାଠେଙ୍କ ଦ୍ୱାରା ଭୁବନେଶ୍ୱର ସୂଚନା ଭବନଠାରେ ନୃତ୍ୟଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କୁ ୧୦ ହଜାର ଟଙ୍କାର ଚେକ ପ୍ରଦାନ ।





କେନ୍ଦ୍ର ତଥ୍ୟ ମନ୍ତ୍ରୀଙ୍କ କୋଣାର୍କ ମନ୍ଦିର ପରିଦର୍ଶନ




କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଶ୍ରୀ ସାଠେ ରାଜଧାନୀରେ ଟେଲିଭିଜନ କେନ୍ଦ୍ର ନିମନ୍ତେ ନିରୂପିତ ସ୍ଥାନ ପରିଦର୍ଶନ କରୁଛନ୍ତି ।









ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ରାଜ୍ୟର ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଫିସରଙ୍କ ସହ ଯୋଜନା କମିଶନ ସଦସ୍ୟ ଶ୍ରୀ ମହମ୍ମଦ ଫଜେଲ୍‌ଙ୍କର ଯୋଜନା ଅନ୍ତର୍ଗତ ପରିକଳ୍ପନାଗୁଡ଼ିକର ଅଗ୍ରଗତି ସଂପର୍କରେ ଆଲୋଚନା ।



ଘୁମୁରା ନାଚ–କଳାହାଣ୍ଡି

କନ୍ଧ ନାଚ–ଫୁଲବାଣୀ





କୋୟା ନାଚ—କୋରାପୁଟ

ଡାଲଖାଇ ନାଚ—ସମ୍ବଲପୁର



# ଓଡ଼ିଶାରେ ନଡ଼ିଆ ଚାଷ



**ଶ୍ରୀ ବାସୁଦେବ ମହାପାତ୍ର**
କୃଷି ଓ ସମବାୟ ମନ୍ତ୍ରୀ

ଓଡ଼ିଶାର ଘରେ ଘରେ 'ନଡ଼ିଆ' ଖୁବ୍ ଜଣାଶୁଣା । କେତେକ ବିଶେଷ ଅବସରରେ ଏହା ଯେ କେବଳ ବ୍ୟବହୃତ ହୁଏ, ତା'ନୁହେଁ ପରନ୍ତୁ ନଡ଼ିଆ ଓ ନଡ଼ିଆ ଗଛର ବିଭିନ୍ନ ଅଂଶ ଘରୋଇ କାର୍ଯ୍ୟରେ ବିଶେଷ ବ୍ୟବହୃତ ହୋଇଥାଏ । ନଡ଼ିଆ ଚାଷ ନିମନ୍ତେ ହାରାହାରି ୨୭ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପର ଜଳବାୟୁ ଆବଶ୍ୟକ । ନଡ଼ିଆ ଚାଷ ପାଇଁ ଅନୁକୂଳ କୃଷିଭିତ୍ତିକ ଜଳବାୟୁ ଥିବା ଦୃଷ୍ଟିରୁ ରାଜ୍ୟର ପ୍ରାୟ ୫୦୦ କିଲୋମିଟରରୁ ଦୀର୍ଘ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ନଡ଼ିଆ ଚାରା ରୋପଣ ପାଇଁ ଉପଯୁକ୍ତ ହୋଇଛି । ରାଜ୍ୟରେ ଫଳଚାଷ କରାଯାଉଥିବା ମୋଟ ୧,୪୯,୯୦୮ ହେକ୍ଟର ଜମି ମଧ୍ୟରୁ ୧୬,୭୭୧ ହେକ୍ଟର ଜମିରେ ନଡ଼ିଆ ଚାଷ କରାଯାଇଛି । ଏଥିରୁ ବାର୍ଷିକ ପ୍ରାୟ ୭୩ ନିୟୁତ ଟନ୍ ନଡ଼ିଆ ଉତ୍ପାଦିତ ହୋଇଥାଏ । ନଡ଼ିଆ ଗଛ ବଢ଼ିବା ନିମନ୍ତେ ଅତ୍ୟନ୍ତ ଅନୁକୂଳ ଜଳବାୟୁ ଦୃଷ୍ଟିରୁ ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଚାରୋଟି ଜିଲ୍ଲା ଯଥା: କଟକ, ପୁରୀ, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ ସବୁଠାରୁ ବେଶୀ ନଡ଼ିଆ ଗଛ ଦେଖିବାକୁ ମିଳେ । ଜିଲ୍ଲାଓ୍ୟାରୀ ନଡ଼ିଆ ଚାଷ ଅଞ୍ଚଳ ଓ ତାହାର ଉତ୍ପାଦନ ସଂପର୍କରେ ନିମ୍ନରେ ହିସାବ ଦର୍ଶାଯାଉଛି ।

| ଜିଲ୍ଲାର ନାମ | | ଅଞ୍ଚଳ (ହେକ୍ଟର) | ଉତ୍ପାଦନ |
|---|---|---|---|
| ବାଲେଶ୍ୱର | .. | ୧,୯୦୦ | ୫,୯୪୦ |
| ବଲାଙ୍ଗିର | .. | ୨୫୬ | ୫୧୦ |
| କଟକ | .. | ୪,୩୩୧ | ୧୭,୩୨୪ |
| ଢେଙ୍କାନାଳ | .. | ୪୭୦ | ୧,୬୪୫ |
| ଗଞ୍ଜାମ | .. | ୨,୦୧୩ | ୬,୦୩୯ |
| କଳାହାଣ୍ଡି | .. | ୧୩୦ | ୨୬୦ |
| କେନ୍ଦୁଝର | .. | ୧୫୦ | ୩୧୦ |
| କୋରାପୁଟ | .. | ୨୦୦ | ୫୨୫ |
| ମୟୂରଭଞ୍ଜ | .. | ୨୫୦ | ୮୨୫ |
| ଫୁଲବାଣୀ | .. | ୧୮୦ | ୨୬୦ |
| ପୁରୀ | .. | ୬,୫୬୧ | ୩୯,୪୨୬ |
| ସମ୍ବଲପୁର | .. | ୧୨୦ | ୩୨୪ |
| ସୁନ୍ଦରଗଡ଼ | .. | ୧୦୦ | ୨୨୬ |
| | | ୧୬,୬୭୧ | ୭୨,୯୧୪ |

ସାଧାରଣତଃ ବାସଗୃହ ସଂଲଗ୍ନ ଜମିର ଚତୁର୍ଦ୍ଦିଗରେ ନଡ଼ିଆ ଚାରା ରୋପଣ କରାଯାଇଥାଏ । ଯେଉଁ ଜମିଗୁଡ଼ିକ କି ବନ୍ୟା ଜଳରେ ବୁଡ଼ି ଯିବାର ଆଶଙ୍କା ନ ଥାଏ । ସଂପ୍ରତି ସର୍ଭେରୁ ଜଣାଯାଉଛି ଯେ ଅନ୍ୟାନ୍ୟ ଅଂଚଳ ଅର୍ଥାତ୍ ଧାନ ବିଲର ହିଡ଼, କେନାଲ ବନ୍ଧ ତଥା ଗଡ଼ାଣିଆ ଅଂଚଳରେ ମଧ୍ୟ ନଡ଼ିଆ ଚାଷ କରାଯାଇପାରେ । ଏହା ଫଳରେ ରାଜ୍ୟରେ ନଡ଼ିଆ ଚାଷର ସଂପ୍ରସାରଣ ନିମନ୍ତେ ବିପୁଳ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ ହୋଇଛି ।

ଆମ ରାଜ୍ୟରେ ବହୁ ପରିମାଣର ସରକାରୀ ପତିତ ଜମି ରହିଛି । ହିସାବରୁ ଜଣାଯାଉଛି ଯେ ନଡ଼ିଆ ଚାରା ରୋପଣ ନିମନ୍ତେ ଉପଯୁକ୍ତ ବୋଲି ବିବେଚିତ ୧,୬୦,୦୦୦ ହେକ୍ଟର ବେସରକାରୀ ଜମି ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏଭଳି ପ୍ରାୟ ୩୦ ହଜାର ହେକ୍ଟର ପଡ଼ିଆ ଜମି ତଥା ପତିତ ଜମିରେ ନଡ଼ିଆ ଚାଷ କରାଯାଇ ପାରିବ । ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ପ୍ରବଳ ନ ଥିବା ଅଂଚଳରେ ୧୦,୦୦୦ ହେକ୍ଟର ବେସରକାରୀ ଜମିରେ ନଡ଼ିଆ ଚାଷ କରାଯାଇପାରିବ । ତେଣୁ ଏହିଭଳି ଭାବେ ୨ ଲକ୍ଷ ହେକ୍ଟର ଜମିରେ ନଡ଼ିଆ ଚାରା ରୋପଣ ପାଇଁ ସୁବିଧା ସୁଯୋଗ ରହିଛି ।

ପ୍ରାୟ ଏକ ଦଶନ୍ଧି ପୂର୍ବେ କେନାଲ ବନ୍ଧର ଅଳ୍ପ କିଛି କିଲୋମିଟର ଦୂରତା ମଧ୍ୟରେ ନଡ଼ିଆ ଗଛ ଚାରା

ରୋପଣ କରି ଏକ ଛୋଟ ଧରଣର ପରୀକ୍ଷା କରାଯାଇ ଥିଲା । ଫଳରେ କେବଳ ଯେ ଗଛଗୁଡ଼ିକ ଖୁବ୍ ଭଲ ଭାବରେ ବଢ଼ିଥିଲ ତା ନୁହେଁ ବରଂ ଗଛରେ ଖୁବ୍ ଶୀଘ୍ର ଫଳ ଧରିଥିଲା । ଗଛ ଲଗାଇବାର ୫/୬ ବର୍ଷରେ ଅଧିକାଂଶ ଗଛରେ ଫଳ ଧରିଥିଲା । ଏହି ଅଭିଜ୍ଞତାକୁ ଭିତିକରି ଏକ ବଡ଼ ଧରଣର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ।

ରାଜ୍ୟରେ ମୋଟ ୧୦,୨୪୮ କିଲୋମିଟର ଦୈର୍ଘ୍ୟ କେନାଲ ବନ୍ଧ ରହିଛି । ତନ୍ମଧ୍ୟରୁ ଶତକଡ଼ା ୮୦ ଭାଗ ଅଂଚଳରେ ନଡ଼ିଆ ଚାଷ କରାଯାଇ ପାରିବ । କେନାଲ ବନ୍ଧର ପ୍ରସ୍ଥକୁ ବିଚାର କରି ପ୍ରତ୍ୟେକ ଗଛ ମଧ୍ୟରେ ୬'୫ ମିଟର ବ୍ୟବଧାନ ରଖି ଗୋଟିଏ ଧାଡ଼ି କିମ୍ବା ଦୁଇଟି ଧାଡ଼ିରେ ଚାରା ରୋପଣ କରାଯାଇ ପାରିବ । କେନାଲ ବନ୍ଧଗୁଡ଼ିକରେ ନିଶ୍ଚିତ ଭାବେ ୩୫ ଲକ୍ଷ ନଡ଼ିଆ ଚାରା ଗଛ ଲଗା ଯାଇ ପାରିବ । କିନ୍ତୁ ଏଥି ମଧ୍ୟରୁ ମାତ୍ର ୦'୬୭ ଲକ୍ଷ ଚାରା ଲଗାଯାଇଛି । ତିନି ବର୍ଷ ମଧ୍ୟରେ ୩'୬ ଲକ୍ଷ ଚାରା ରୋପଣ କରିବା ନିମନ୍ତେ କେନ୍ଦ୍ରୀୟ ନଡ଼ିଆ ବୋର୍ଡର ଏକ ପରିକଳ୍ପନା ଅନୁଯାୟୀ ପ୍ରସ୍ତାବ ରହିଛି ।

ଏହା ବ୍ୟତୀତ, ବନ୍ୟା ପ୍ରତିରୋଧକ ବନ୍ଧ, ବଡ଼ ବଡ଼ ଜଳନାଳୀ, ରାସ୍ତାର ଦୁଇପାର୍ଶ୍ୱ ଓ ଧାନ ବିଲର ହିଡ଼ ପ୍ରଭୃତିରେ ନଡ଼ିଆ ଚାରା ରୋପଣ କରାଗଲେ ଏହା ବିଶେଷ ଫଳପ୍ରଦ ହେବ ବୋଲି ସରକାର ଅନୁଧ୍ୟାନ କରିଛନ୍ତି । ଏହାଦ୍ୱାରା ସମୁଦାୟ ପ୍ରାୟ ୩୦ ଲକ୍ଷ ନଡ଼ିଆ ଚାରା ଲଗାଯାଇ ପାରିବ । ଏଣୁ, ନଡ଼ିଆ ଚାରା ରୋପଣର ସମ୍ଭାବନା ଉଜ୍ଜ୍ୱଳପୂର୍ଣ୍ଣ ବୋଲି ସହଜରେ ପ୍ରତୀୟମାନ ହୁଏ ।

ବାସଗୃହ ନିକଟରେ ଓ ବାଡ଼ିବଗିଚାରେ ଲଗାଇବା ପାଇଁ ନଡ଼ିଆ ବିଶେଷ ଭାବେ ଆଦୃତ । ପ୍ରକୃତ ପକ୍ଷେ, ବର୍ତ୍ତମାନ ଲଗିଥିବା ଅଧିକାଂଶ ନଡ଼ିଆ ଗଛ ବାସଗୃହ ନିକଟରେ ଅବସ୍ଥିତ । ସଂପ୍ରତି ଗୋଟିଏ ହରିଜନ ପରିବାରର ବାଡ଼ିବଗିଚାରେ ୫ଟି ନଡ଼ିଆ ଗଛ ଲଗାଇବା ନିମନ୍ତେ ଏକ ପରିକଳ୍ପନା ହାତକୁ ନିଆଯାଇଛି । ଆଗାମୀ ବର୍ଷାଋତୁ ସୁଦ୍ଧା ପ୍ରାୟ ୧'୮ ଲକ୍ଷ ନଡ଼ିଆ ଗଛ ଲଗାଇବା ପାଇଁ ଏକ କାର୍ଯ୍ୟକ୍ରମ ରହିଛି । ଆଶା କରାଯାଏ ଯେ ଏହିଗଛଗୁଡ଼ିକ ଯେତେବେଳେ ସଂପୂର୍ଣ୍ଣ ଫଳନ୍ତି ଅବସ୍ଥାରେ ପହଞ୍ଚିବ, ସେତେବେଳେ ଭଲ ପରିବାରଟି ଏଥିରୁ ବାର୍ଷିକ ପ୍ରାୟ ୫୦୦ ଟଙ୍କା ଆୟ କରିପାରିବ, ଯାହାକି ପ୍ରକୃତରେ ବୃଦ୍ଧି ପାଇପାରିବ ।

ନଡ଼ିଆ ଗଛରେ ଚଢ଼ି ନଡ଼ିଆ ତୋଳିବା ହେଉଛି ଏକ ବିଶେଷ ଦକ୍ଷତା । ଏହା ସାଧାରଣତଃ ହରିଜନ ତଥା ଭୂମିହୀନ ଲୋକେ କରିଥାନ୍ତି । ଅଧିକ ସଂଖ୍ୟକ ନଡ଼ିଆ ଗଛ ଲଗାଇବା ଫଳରେ ଏହି ଶ୍ରେଣୀର ଲୋକେ ଭବିଷ୍ୟତରେ ବେଶ୍ ଆୟ ପାଇବେ । ଏ ବାବଦରେ ପ୍ରତ୍ୟେକ ଗଛକୁ ବର୍ଷକୁ ୧୦ ଟଙ୍କା ହିସାବ ହେକ୍ଟର ପିଛା ପ୍ରାୟ ୨,୦୦୦ ଟଙ୍କା ମିଳିବ ।

ପଇଡ଼ ଓ ନଡ଼ିଆଗୁଡ଼ିକ ଛଡ଼ିବା, ଶଗଡ଼ରେ ବୋହିନେବା ଓ ବଜାରରେ ବିକ୍ରି କରିବା ନିମନ୍ତେ ବହୁଲୋକ କାମ ପାଇଥାନ୍ତି । ବହୁ ସଂଖ୍ୟକ ନଡ଼ିଆ ଗଛ ଲଗାଯିବା ଦ୍ୱାରା



ଏହାକୁ କେନ୍ଦ୍ରକରି ଦଉଡ଼ି ତିଆରି, ଶେଯ ଓ ଗଦି ଗାଲିଚା, ଖେଳଣା ପ୍ରଭୃତି ବିଭିନ୍ନ ଶିଳ୍ପ ବୃଦ୍ଧି ପାଇବ ।

ସରକାରୀ କାର୍ଯ୍ୟକ୍ରମ ଅନୁଯାୟୀ, ସରକାରୀ ପତିତ ଜମି ଓ କେନାଲ ବନ୍ଧରେ ଲଗାଯାଇଥିବା ଗଛଗୁଡ଼ିକୁ ଭୂମିହୀନ ଓ କ୍ଷୁଦ୍ର ଚାଷୀଙ୍କୁ ପଟ୍ଟା ଦିଆଯିବ । ଏହାଦ୍ୱାରା ପ୍ରତ୍ୟେକ ପରିବାରକୁ ବର୍ଷକୁ ୧,୦୦୦ ଟଙ୍କା ଆୟ ଯୋଗାଇ ଦିଆଯିବ ।

ଗୁଣାତ୍ମକ ମଞ୍ଜି ନଡ଼ିଆ ନ ମିଳିବା ହେଉଛି ନଡ଼ିଆ ଚାଷ ସଂପ୍ରସାରଣ କ୍ଷେତ୍ରରେ ବଡ଼ ଧରଣର ଅସୁବିଧା । ଏଥିସହ ଦୁଇଟି ପ୍ରକ୍ରିୟା ସଂଶ୍ଳିଷ୍ଟ । ପ୍ରଥମଟି ହେଉଛି ଗୋଟିଏ ଭଲ ଧରଣର ମଞ୍ଜି ନଡ଼ିଆ ପାଇବା ଓ ଅନ୍ୟଟି ଆବଶ୍ୟକ ମୁତାବକ ଚାରା ଉତାରିବା । ଫଳୋଦ୍ୟାନ ନିର୍ଦ୍ଦେଶାଳୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବହୁପରିମାଣରେ ନଡ଼ିଆ ଫଳୁଥିବା କେତେକ ଅଞ୍ଚଳ ସର୍ଭେ କରିଛନ୍ତି ଏବଂ ଭଲ ଧରଣର ମଞ୍ଜି ନଡ଼ିଆ ପାଇବା ନିମନ୍ତେ ବହୁ ସଂଖ୍ୟକ ମଞ୍ଜି ଉପଯୋଗୀ ନଡ଼ିଆ ଗଛ ଚିହ୍ନଟ କରିଛନ୍ତି । ଏହି ମଞ୍ଜିଗଛଗୁଡ଼ିକ ଚିହ୍ନଟ କରିବା ଦିଗରେ ଯେଉଁ ପଦ୍ଧତି ନିର୍ଦ୍ଦିଷ୍ଟହୋଇଛି, ତାହା ହେଲ ଆବଶ୍ୟକ ମୁତାବକ ବଡ଼ ଧରଣର ୮୦ଟି ନଡ଼ିଆ ରୋଟି ଗଛଟି ବର୍ଷକୁ ମିଳିପାରିବ । ମା' ନଡ଼ିଆ ଗଛରୁ ଏଭଳି ମଞ୍ଜି ନଡ଼ିଆ ସିଧାସଳଖ ତୋଳି, ସେଗୁଡ଼ିକୁ ନର୍ସରୀ ପାଇଁ ସଂଗ୍ରହ କରି ରଖିବା ସକାଶେ ଉପଯୁକ୍ତ ତାଲିମପ୍ରାପ୍ତ ଲୋକଙ୍କୁ ନିଯୁକ୍ତ କରାଯାଇଛି । ଏଥିପାଇଁ ଗଛର ମାଲିକଙ୍କୁ ଅଧିକ ମୂଲ୍ୟ ମଧ୍ୟ ଦିଆଯାଇଛି । ସରକାରଙ୍କର ଯେଉଁ ଫଳନ୍ତି ନଡ଼ିଆ ଗଛଗୁଡ଼ିକ ରହିଛି, ତହିଁରୁ ମଞ୍ଜି ଉପଯୋଗୀ ନଡ଼ିଆ ସଂଗ୍ରହ କରିବା ସକାଶେ ମଞ୍ଜି ଗଛଗୁଡ଼ିକ ମଧ୍ୟ ଚିହ୍ନଟ କରାଯାଇଛି ।

ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ଚାରା ଉତାରିବା ପାଇଁ ଫଳୋଦ୍ୟାନ ନିର୍ଦ୍ଦେଶାଳୟ ଅଧୀନରେ ସରକାରଙ୍କର ୨୮ଟି ନଡ଼ିଆ ନର୍ସରୀ ରହିଛି । ନଡ଼ିଆ ଚାରାର ସ୍ଥାନୀୟ ସୁବିଧାକୁ

ଦୃଷ୍ଟିରେ ରଖି ଏହି ନର୍ସରୀଗୁଡ଼ିକ ରାଜ୍ୟସାରା ରହିଛି । ଚଳିତ ବର୍ଷ ୮ଲକ୍ଷ ମଞ୍ଜି ନଡ଼ିଆ ସଂଗ୍ରହ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଓ ଏହି ଲକ୍ଷ୍ୟ ହାସଲ ହୋଇଛି । ଚାରା ଉତାରିବା ନିମନ୍ତେ ଉକ୍ତ ମଞ୍ଜି ନଡ଼ିଆଗୁଡ଼ିକୁ ନର୍ସରୀ ଗୁଡ଼ିକରେ ଡାଡ଼ ପକାଯାଇଛି । ଚାରା ହେବା ପରେ ସରକାରୀ କାର୍ଯ୍ୟକ୍ରମ ଅନୁଯାୟୀ ଏହାକୁ ରୋପଣ କରାଯିବ ।

ସାଧାରଣ ଡେଙ୍ଗା ନଡ଼ିଆ ଗଛ ବ୍ୟତୀତ, ଏକପ୍ରକାର ବାମନ ଜାତୀୟ ନଡ଼ିଆ ଉଦ୍ଭାବନ କରାଯାଇଛି । ଡେଙ୍ଗା ଓ ବାମନ ଜାତୀୟ ନଡ଼ିଆଗୁଡ଼ିକୁ ଦୋମିଶା କରିବା ଫଳରେ ମିଳୁଥିବା ମଞ୍ଜି ନଡ଼ିଆକୁ ଗଛ କରିବା ଦ୍ୱାରା ଅଧିକ ନଡ଼ିଆ ଉତ୍ପାଦନ ହେଉଛି । ଏହା କେବଳ ଦୋମିଶା ଶକ୍ତି ଯୋଗୁଁ ହେଉଛି । ଚାରା ସଂପ୍ରସାରଣ ନିମନ୍ତେ ବହୁ ସଂଖ୍ୟକ ଦୋମିଶା ମଞ୍ଜି ନଡ଼ିଆ ଉତ୍ପାଦନ ପାଇଁ ଉଦ୍ୟମ କରାଯାଉଛି । ମୂଳ ଦୋମିଶା ମଞ୍ଜି ନଡ଼ିଆ ଉପାଦାନ ପାଇବା ନିମନ୍ତେ କୋଣାର୍କଠାରେ ଏକ ନର୍ସରୀ ତଥା ଚାରା ଉତାରିବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବାମନ ଜାତୀୟ ମୂଳ ନଡ଼ିଆ ଗଛର ସଂଖ୍ୟା ଯଥେଷ୍ଟ ହୋଇ ନ ଥିବା ଯୋଗୁଁ ବାମନ ନଡ଼ିଆର ପୋଲେନ୍ ଗ୍ରେନ୍‌ସ୍ ସଂଗ୍ରହ କରିବା ଦିଗରେ କେନ୍ଦ୍ରୀୟ ଶସ୍ୟ ରୋପଣ ଗବେଷଣା ସଂସ୍ଥା ସହିତ ବ୍ୟବସ୍ଥା ହୋଇଛି । ଦୋମିଶା ମଞ୍ଜି ଉତ୍ପାଦନ ନିମନ୍ତେ ବିଭିନ୍ନ ସରକାରୀ ଫାର୍ମରେ ଡେଙ୍ଗା ଓ ବାମନ ଗଛ ମଧ୍ୟରେ କୃତ୍ରିମ ଉପାୟରେ ଦୋମିଶା କରାଯାଉଛି ।

ପରୀକ୍ଷାର ଫଳାଫଳରୁ ଜଣାଯାଉଛି ଯେ ବୈଜ୍ଞାନିକ ପଦ୍ଧତି ଫଳରେ ଗଛଗୁଡ଼ିକର ଉପାଦିକା ଶକ୍ତି ବୃଦ୍ଧି ପାଇ ପାରିବ । ଏପରିକି ଉତ୍ପାଦନ ପୂର୍ବାପେକ୍ଷା ଦୁଇଗୁଣ ହୋଇ-ପାରେ । ବର୍ତ୍ତମାନ ମିଳିଥିବା ପରିସଂଖ୍ୟାନରୁ ଜଣାଯାଉଛି ଯେ ବର୍ଷକୁ ଗୋଟିଏ ଗଛରୁ ମଞ୍ଜି ନଡ଼ିଆ ହାରାହାରି ୨୫ଟି ମିଳୁଥିବା ସ୍ଥଳେ ବୈଜ୍ଞାନିକ ପଦ୍ଧତି ଅନୁସୃତ ହେଉଥିବା ଗଛଗୁଡ଼ିକରୁ ହାରାହାରି ୬୦ରୁ ୮୦ ପର୍ଯ୍ୟନ୍ତ ମଞ୍ଜି ନଡ଼ିଆ ମିଳିପାରୁଛି । ଠିକ୍ ସମୟରେ ତଥା ଯଥେଷ୍ଟ ପରିମାଣରେ ସାରଦେବା, ଗଛ ମଧ୍ୟରେ ଉପଯୁକ୍ତ ବ୍ୟବଧାନ ରଖିବା ଫଳବଗିଚାକୁ ସ୍ୱଚ୍ଛ କରିବା ସଙ୍ଗେ ସଙ୍ଗେ ରୋଗପୋକ ଦାଉରୁ ଗଛଗୁଡ଼ିକୁ ରକ୍ଷା କରିବା ଦିଗରେ ଯତ୍ନବାନ ହେଲେ ଉତ୍ପାଦନ ଆଶାନୁରୂପ ବୃଦ୍ଧି ପାଇବ । ଏ ସମସ୍ତ ଫଳା-ଫଳକୁ 'ପ୍ରଦର୍ଶନ' କରିବା ପାଇଁ ବହୁସଂଖ୍ୟକ ନଡ଼ିଆ ଗଛ ଥିବା ଅଞ୍ଚଳରେ ଅନେକ ଗୁଡ଼ିଏ 'ପ୍ରଦର୍ଶନ' ସକାଶେ ଯୋଜନା କରାଯାଇଛି । ଚଳିତ ବର୍ଷ ଏଭଳି ୧୨୦ଟି 'ପ୍ରଦର୍ଶନ' ନିମନ୍ତେ ବ୍ୟବସ୍ଥା ରହିଛି ।

ସାକ୍ଷୀଗୋପାଳରେ ନଡ଼ିଆ ସଂଗ୍ରହ କେନ୍ଦ୍ର ରହିଛି । ସେଠାରେ ବିଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାରର ନଡ଼ିଆ ସଂଗ୍ରହ କରାଯାଇ ସେଗୁଡ଼ିକର ଗୁଣ ଦେଖାଯାଇଥାଏ । ବିଭିନ୍ନ ସ୍ଥାନର ନଡ଼ିଆ ସମେତ ସ୍ଥାନୀୟ ନଡ଼ିଆ ଉପରେ ବିଭିନ୍ନ ଦିଗରୁ ପରୀକ୍ଷା କରାଯାଇଥାଏ ।

କଳାମୁଣ୍ଡିଆ ସଁବାଳୁଆ ନଡ଼ିଆ ଗଛ ପ୍ରତି ଭୟଙ୍କର ବିପଦ । ଔଷଧ ଦେଇକରି ସେମାନଙ୍କୁ ଦମନ କରିବା ବିଶେଷ କଷ୍ଟସାଧ୍ୟ ବୋଲି ଜଣାଯାଉଛି । ତେଣୁ, ପରାଙ୍ଗ-ପୁଷ୍ଟ କୀଟପତଙ୍ଗ ଜନ୍ମାଇବା ନିମନ୍ତେ ଗୋଟିଏ ଜୀବବିଜ୍ଞାନ ଗବେଷଣାଗାର ପ୍ରତିଷ୍ଠା କରାଯାଉଛି । ଯେତେବେଳେ ଉକ୍ତ କଳାମୁଣ୍ଡିଆ ସଁବାଳୁଆ ଆକ୍ରମଣ କରୁଥିବା ସମ୍ବାଦ ମିଳିବ, ସେତେବେଳେ ଏହି ପରାଙ୍ଗପୁଷ୍ଟ କୀଟଗୁଡ଼ିକୁ ଗଛରେ ଛାଡ଼ିଦିଆଯିବ । ଏହି ପରାଙ୍ଗପୁଷ୍ଟ କୀଟଗୁଡ଼ିକ ନଡ଼ିଆ ଗଛରେ ଚଢ଼ି ମାରାତ୍ମକ କଳାମୁଣ୍ଡିଆ ସଁବାଳୁଆ ଗୁଡ଼ିକୁ ଧ୍ୱଂସ କରିଦେବେ । ଏହି କାର୍ଯ୍ୟକ୍ରମଟି ବିଶେଷ ସଫଳତା ହାସଲ କରିଥିବାରୁ ଭବିଷ୍ୟତରେ ଉକ୍ତ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରିବା ପାଇଁ ପ୍ରସ୍ତାବ ରହିଛି ।

ଏହିସବୁ କାର୍ଯ୍ୟ ପରିଚାଳନା ପାଇଁ ଫଳୋଦ୍ୟାନ ନିର୍ଦ୍ଦେ-ଶାଳୟର ସଂପ୍ରସାରଣ କର୍ମଚାରୀଙ୍କ ଜରିଆରେ ବୈଷୟିକ ତତ୍ତ୍ୱାବଧାନର ସୁବିଧା ଦିଆଯାଉଛି ।



# ମଇଁଷି ପାଳନ

ଡକ୍ଟର ବିଭୂତି ଭୂଷଣ ରଥ

ଆମ ଭାରତବର୍ଷରେ ବର୍ତ୍ତମାନ ପ୍ରାୟ ୧୮ କୋଟି ଗୋରୁଗାଈ ଓ ମୋଟେ ସାଢ଼େ ୫ କୋଟି ମଇଁଷି ଅଛନ୍ତି । ଅଥଚ ଭାରତରେ ବାର୍ଷିକ ମୋଟ ଯେଉଁ ୨.୮୬ କୋଟି ଟନ୍ ଦୁଧ ମିଳୁଛି ସେଥିରୁ ଶତକଡ଼ା ପ୍ରାୟ ୫୩ ଭାଗ ମଇଁଷି ଦୁଧ ଓ ପ୍ରାୟ ୪୬ ଭାଗ ଗାଈ ଦୁଧ । ଅବଶିଷ୍ଟ ଛେଳି ଦୁଧ । ଆମ ଦେଶରେ ହରିଆନା, ପଞ୍ଜାବ ଓ ଉତ୍ତର ପ୍ରଦେଶ ଆଦି ପ୍ରଦେଶରେ ଯେଉଁଠି ଲୋକେ ହାରାହାରି ଦିନକୁ ୩୬୦ ଗ୍ରାମ ଦୁଧ ଖାଆନ୍ତି, ସେଠାରେ ମଇଁଷି ଦୁଧ ହିଁ ଦୁଧରେ ଗଣାଯାଏ । ଉତ୍ତର ପ୍ରଦେଶରେ ୨୬୧ ଲକ୍ଷ ଗାଈ ବର୍ଷକୁ ମାତ୍ର ୧୦ ଲକ୍ଷ ଟନ୍ ଦୁଧ ଦେଉଛନ୍ତି ଅଥଚ ମାତ୍ର ୧୧୪ ଲକ୍ଷ ମଇଁଷି ୩୨ ଲକ୍ଷ ଟନ ଦୁଧ ଦେଉଥିଲେ । ମଇଁଷିମାନେ କେବଳ ବେଶୀ ଦୁଧ ଦିଅନ୍ତି ନାହିଁ, ତାଙ୍କ ଦୁଧରେ ଲହୁଣୀ ଅଂଶ ମଧ୍ୟ ଗାଈଙ୍କ ଦୁଧ ଅପେକ୍ଷା ବେଶୀ । ଗାଈ ଦୁଧରେ ଲହୁଣୀ ଅଂଶ ଶତକଡ଼ା ୪.୬ ସ୍ଥଳେ ମଇଁଷି ଦୁଧରେ ତାହା ଶତକଡ଼ା ୭.୦୫ । ତା'ଛଡ଼ା ଗାଈ ଦୁଧରେ ପାଣି ଅଂଶ ଶତକଡ଼ା ୮୭.୫ ସ୍ଥଳେ ମଇଁଷି ଦୁଧରେ ତାହା ମାତ୍ର ୮୩.୫ । ତେଣୁ ମଇଁଷି ଦୁଧ ଗାଈ ଦୁଧଠାରୁ ବହଳିଆ । ଏହି ବହଳିଆ ଗୁଣ ଯୋଗୁଁ ମଇଁଷି ଦୁଧରେ କିଛି ପାଣି ମିଶାଇ ବିକି ଦେଲେ ମଧ୍ୟ ତାହା ଗାଈ ଦୁଧ ପରି ଚାଲିଯାଏ । ମଇଁଷି ଦୁଧର ଲହୁଣୀ ଅଂଶ ଓ ବହଳିଆ ଯୋଗୁଁ ଗାଈ ଦୁଧ ଠାରୁ ତାର ବେଶୀ ଆଦର । ତେଣୁ ଆଜି କାଲି ଚାଷୀମାନେ ବ୍ୟାଙ୍କ ଆଦିରୁ ଟଙ୍କା ଆଣି ମଇଁଷି ପାଳନ କଲେଣି ।

## ଭାରତୀୟ ମଇଁଷି ପୃଥିବୀରେ ଉତ୍କୃଷ୍ଟ

ଦୁଧିଆଳୀ ମଇଁଷିମାନେ କେବଳ ଭାରତ, ମଧ୍ୟ-ପ୍ରାଚ୍ୟ ଓ ଦକ୍ଷିଣ ପୂର୍ବ ଏସିଆରେ ଦେଖା ଯାଆନ୍ତି । ପୃଥିବୀରେ ଯେଉଁ ୧୨.୪ କୋଟି ମଇଁଷି ଅଛନ୍ତି ସେଥିରୁ ଭାରତରେ ଅଛନ୍ତି କେବଳ ୫.୪୨ କୋଟି ବା ଅଧାରୁ କମ୍ । ପୁଣି ସମୁଦାୟ ପୃଥିବୀରେ ବାର୍ଷିକ ଯେଉଁ ୨ କୋଟି ଟନ୍ ମଇଁଷି ଦୁଧ ମିଳେ ସେଥିରୁ ଭାରତରେ ମିଳେ ପ୍ରାୟ ୧.୨ କୋଟି ଟନ୍ ବା ଅଧାରୁ ବେଶୀ । ହରିଆନା ରାଜ୍ୟରେ ମିଳୁଥିବା ମୁରା ଜାତୀୟ ମଇଁଷି ଦୁଧ ଦେବାରେ ପୃଥିବୀ ପ୍ରସିଦ୍ଧ । ଏ ମଇଁଷିମାନେ ଖୁବ୍ କଳା ଓ ଓଜନଦାର । ଛୋଟ ଓ ଚଉଡ଼ା ଶିଙ୍ଗ ଦୁଇଟି ମୋଡ଼ି ହୋଇ ରହିଥାଏ । ମଇଁଷିମାନଙ୍କ ଓଜନ ପ୍ରାୟ ୫୦୦ କେ.ଜି. ଓ ପଣ୍ଡାଙ୍କର ଓଜନ ପ୍ରାୟ ୭୦୦ କେ.ଜି. । ଏତେ ବିରାଟ ଜନ୍ତୁ ହେଲେ ମଧ୍ୟ ସେମାନେ ଭାରି ଶାନ୍ତ ଶିଷ୍ଟ, ନାତ ମାରନ୍ତି ନାହିଁ କି ମୁଣ୍ଡ ମଧ୍ୟ ହଲନ୍ତି ନାହିଁ । ଗୋଟିଏ ଗୋଟିଏ ମଇଁଷି ଦୁଧ ଦେଇ ଥିଲେ ଦିନକୁ ୨୦ କେ.ଜି. ଯାଏ ଦୁଧ ଦିଅନ୍ତି । ହାଲୁକା ମୁଣ୍ଡ, ଛୋଟ ଶିଙ୍ଗ, ଚଉଡ଼ା ପିଠି, ବିରାଟ ପେଟ ଓ ଟୋକେଇ ପରି ପହ୍ନା ବିଶିଷ୍ଟ ଏ ଜନ୍ତୁଟି ଗୁଣ୍ଠୁଣୀ ହାତୀ ପରି ଧୀରେ ଧୀରେ ଚାଲୁଥିଲାବେଳେ ଦେଖିଲେ ମନରେ ବେଶ୍ ଆନନ୍ଦ ଆସେ ।

## ମୁରା ମଇଁଷି କେଉଁଠୁ ମିଳିବେ

ମୁରା ମଇଁଷିର ଭିଟାମାଟି ହରିଆନା ରାଜ୍ୟ । ମାତ୍ର ଏହାର ଉପକାରିତା ଯୋଗୁଁ ଭାରତର ସବୁ ବଡ଼ ବଡ଼ ଫାର୍ମରେ ଏମାନଙ୍କୁ ପାଳନ ଓ ପ୍ରଜନନ କରାଯାଉଛି । ଆମ ଓଡ଼ିଶାର ସବୁ ସରକାରୀ ଫାର୍ମରେ ମୁରା ମଇଁଷି ଅଛନ୍ତି । ଆନ୍ଧ୍ର ପ୍ରଦେଶର କୁରନୁଲ, ଗୁଣ୍ଟୁର, ଓ୍ୱାଲ୍ଟିୟର ଓ ପଶ୍ଚିମବଙ୍ଗର ହରିଂଘାଟାଠାରୁ ଓଡ଼ିଶାର ଚାଷୀମାନେ ଯାଇ ଏ ଜାତୀୟ ମଇଁଷି କିଣି ଆଣୁଛନ୍ତି । ଯେଉଁମାନେ ସମବାୟ ସମିତିମାନ ଗଢ଼ି ବ୍ୟାଙ୍କରୁ ଟଙ୍କା ଋଣ ଆଣୁଛନ୍ତି, ସେମାନେ ହରିଆନା ଓ ଦିଲ୍ଲୀ ଯାଇ ମୁରା ମଇଁଷିମାନ ଆଣୁଛନ୍ତି । ସେଠାରେ ଦିନକୁ ୧୦ । ୧୨ କେ.ଜି. ଦୁଧ ଦେଇ ମଇଁଷି ୪ ହଜାର ଟଙ୍କାରେ ମିଳୁଛନ୍ତି ।

## ମଇଁଷି ପାଳନରେ ବିଶେଷ ଧ୍ୟାନ ଦିଆଯିବା ବିଷୟ ।

ମଇଁଷିମାନେ ପାଣିରେ ବୁଡ଼ି ରହିବାକୁ ସୁଖ ପାଆନ୍ତି । ପାଖରେ ଯୋର, ନଈ ବା ପୋଖରୀ ନ ଥିଲେ ଦିନକୁ ୨ । ୩ ଥର ପାଣି ଢାଳି ଗାଧୋଇ ଦେଲେ ହେବ । ଅର୍ଥାତ୍ ଗାଈଙ୍କ ଅପେକ୍ଷା ମଇଁଷି ପାଳନ ପାଇଁ ପ୍ରଚୁର ପାଣି ଜରୁରୀ ।

ମଇଁଷିମାନେ ଶରତ ଓ ଗ୍ରୀଷ୍ମ ଋତୁରେ ସାଧାରଣତଃ ଗରମ ହୁଅନ୍ତି । ଗାଈଙ୍କ ପରି ବର୍ଷସାରା ଗରମ ଲକ୍ଷଣ ଦେଖାନ୍ତି ନାହିଁ । ତା'ଛଡ଼ା ଗାଈଙ୍କ ପରି ମଇଁଷିଙ୍କର ଗରମ ହେବା ଲକ୍ଷଣ ହଠାତ୍ ଜାଣି ହୁଏ ନାହିଁ । ତେଣୁ ଗ୍ରୀଷ୍ମ ଓ ଶରତ ଋତୁ ଦୁଇ ମାସରେ ମଇଁଷି ଗରମ ହେଲା କି ନାହିଁ ଦେଖିବାକୁ ହେବ । ଗରମ ଲକ୍ଷଣ ଧରି ନ ପାରିଲେ ପୁଣି ୬ ମାସ ଗଡ଼ିଯିବ ଓ ମଇଁଷି ଦୁଧ ଛାଡ଼ି ଗଲେ ବେଶୀ ଦିନ ପଡ଼ିଆ ରହିଯିବ ।

ଗୋରୁଙ୍କ ବାଛୁରୀ ଅପେକ୍ଷା ମଇଁଷି ବାଛୁରୀମାନେ ବେଶୀ ସଂଖ୍ୟାରେ ମରନ୍ତି । ହିସାବରୁ ଜଣା ଯାଉଛି ଯେ, ଜନ୍ମ ହେବାଠାରୁ ମାସକ ମଧ୍ୟରେ ଶତକଡ଼ା ୧୫ ରୁ ୧୮ ଭାଗ ଓ ଜନ୍ମଠାରୁ ୬ ମାସ ମଧ୍ୟରେ ହାରାହାରି ୨୫ ଭାଗ ମଇଁଷି ବାଛୁରୀ ମରି ଯାଆନ୍ତି । ଜନ୍ମ ପୂର୍ବରୁ ମଇଁଷି ବାଛୁରୀ ପେଟରେ କେଞ୍ଚୁଆ ଜନ୍ମି ଯୋଗୁଁ ଓ ଶରୀରକୁ ସହି ମା' ଠାରୁ ଦୁଧ ନ ମିଳୁଥିବାରୁ ମଇଁଷି ବାଛୁରୀ ବହୁ ସଂଖ୍ୟାରେ ମରନ୍ତି ।

ମଇଁଷିମାନେ ଘାସ, ଗଛରୁ କଅଁଳ ପତ୍ର, ଭୂଷି ଓ

ବୋଡ଼ି ଖାଇବାକୁ ପସନ୍ଦ କରନ୍ତି । ଏଡ଼େ ବିରାଟ ଜନ୍ତୁକୁ ମଧ୍ୟ ଦାନା ଖୁଆଇ ପୋଷି ହେବ ନାହିଁ । ତେଣୁ ମଇଁଷିଙ୍କ ପାଇଁ ନଈ କଣିଆ, ପଠା, ବଣ ଜଙ୍ଗଲ ଲୋଡ଼ା । ସ୍ଥିର ପାଣି ଥିବା ଯୋଉମାନଙ୍କର ଦଳ ଓ ସବସବିଆ ଜାଗାରେ ଥିବା ଘାସକୁ ଛାଡ଼ିବା ଅନୁଚିତ । କାରଣ ତା ଯୋଗୁଁ କଲିଜା କୃମି ରୋଗ ହୁଏ । ମୋଟରେ ଦାନା ଉପରେ ନିର୍ଭର ନ କରି ମଇଁଷିଙ୍କ ପାଇଁ ପ୍ରଚୁର ଘାସ ଚରା ଓ ଡାଳପତ୍ର ବ୍ୟବସ୍ଥା କରିବା ଉଚିତ ।

## ମଇଁଷି ବାଛୁରୀଙ୍କ ଯତ୍ନ

ବଡ଼ ବଡ଼ ମଇଁଷି କିଣିବା ବହୁ ଖର୍ଚ୍ଚାନ୍ତ କଥା । ତେଣୁ ଜନ୍ମୁଥିବା ବାଛୁରୀମାନଙ୍କୁ ପାଳି ପୋଷି ବଡ଼ କରିବା ଜରୁରୀ । ଜନ୍ମର ପ୍ରଥମ ୭ ଦିନ ମଧ୍ୟରେ କେତୋଟି ଔଷଧ ଓ ପଥି ଜଗି ଦେଲେ ବାଛୁରୀମାନେ ମରିବେ ନାହିଁ । ଜନ୍ମଦିନ – ୨ ଲିଟର କଷଦୁଧ ଓ ୨ ଗ୍ରାମର ଅରିଓମାଇସିନ୍ ଔଷଧ, ଦ୍ୱିତୀୟ ଦିନ – ୨ ଲିଟର କଷଦୁଧ ଓ ୧ ସି. ସି. ଭିଟାବ୍ଲେଣ୍ଡ । ତୃତୀୟ ଦିନ – ୨ ଲିଟର କଷ ଦୁଧ ଓ ୨ ଗ୍ରାମର ପିପରାଜିନ ଆଡିପେଟ ଔଷଧ, ଚତୁର୍ଥଦିନ – ୨ ଲିଟର କଷଦୁଧ ଓ ଗୋଟିଏ ଷ୍ଟ୍ରେପ୍ଟୋନାସିନ୍ ବଟିକା । ସପ୍ତମ ଦିନ ତୃତୀୟ ଦିନ ପରି ।

ଏ ସବୁ ଔଷଧ ଦେଲେ ମଇଁଷି ବାଛୁରୀଙ୍କର ଅନ୍ଧାର କଣା ହୁଏ ନାହିଁ । କେଞ୍ଚୁଆ କୃମି ଓ ନାଳରକ୍ତ ଝାଡ଼ା ହୁଏ ନାହିଁ କିମ୍ବା ଛେରି ହୁଏ ନାହିଁ । ତା'ଛଡ଼ା ବାଛୁରୀଙ୍କ ଖାଦ୍ୟରେ ଦୈନିକ ମିନରାଲ ମିକ୍ସଚର, ଓ ସପ୍ତାହରେ ଥରେ ରୋଭିମିକ୍ସ ତେଲ ଖୁଆଇଲେ ସେମାନେ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା ପାଇବେ ।

## ମଇଁଷିଙ୍କ ଗୁହାଳ ବ୍ୟବସ୍ଥା

ମଇଁଷିମାନେ ଖୋଲା ଜାଗାରେ ରହିବାକୁ ବେଶୀ ସୁଖ ପାଆନ୍ତି । ଗୋଟିଏ ଦୁଇଟି ମଇଁଷି ରଖିଲେ ପ୍ରତ୍ୟେକ ପାଇଁ ୬୦ ବର୍ଗଫୁଟର ଘର ଦରକାର । ରାତି ଓ ବର୍ଷା କାକରରେ ଘରେ ବାନ୍ଧି, ଅବଶିଷ୍ଟ ସମୟରେ ବାହାରେ ଚରି ବୁଲିବାକୁ ଛାଡ଼ିଦେଲେ ଚଳିବ । ମାତ୍ର ୧୦ । ୧୨ଟା ରଖି ଫାର୍ମ କଲେ ପ୍ରତ୍ୟେକ ପାଇଁ ୩୦ ବର୍ଗଫୁଟର ଉପରେ ଛପର ଥିବା ଘର ଓ ତାକୁ ଲଗି ୧୦୦ ବର୍ଗ ଫୁଟର ପାଚେରୀ ଘେରା ଅଟେଇ ବା ବୁଲିବା ଜାଗା ଦରକାର । ଏମାନଙ୍କୁ ଘରେ ବାନ୍ଧି ଚରାଘାସ ଖୋଇବାକୁ ଦିଆଯାଏ । ବାଛୁରୀଙ୍କ ପାଇଁ ଏହାର ଅଧାପରିମାଣ ଜାଗା ଦରକାର ।

## ମଇଁଷିଙ୍କ ପ୍ରଜନନ ବ୍ୟବସ୍ଥା

ମୁରା ଜାତୀୟ ମଇଁଷିମାନେ ପ୍ରାୟ ୩ ବର୍ଷ ବୟସରେ ପ୍ରଥମ ଗରମ ଆସନ୍ତି । ସାଧାରଣତଃ ଶରତ ଓ ଗ୍ରୀଷ୍ମ ଋତୁରେ ଗରମ ହେବାର ଦେଖାଯାଏ । ଫଳ ନ ଗଲେ ପୁଣି ୨୨ । ୨୩ ଦିନରେ ଆଉ ଥରେ ଗରମ ହୁଅନ୍ତି । ଏମାନେ ଥରେ ଗରମ ହେଲେ ଗରମ ଲକ୍ଷଣ ୨୪ ରୁ ୩୦ ଘଣ୍ଟା ମଧ୍ୟରେ ଫଳ ଗଲେ ମଇଁଷି ଫଳ ରଖେ । ଥରେ ଫଳ ରଖିଲେ ମଇଁଷି ପ୍ରାୟ ସାଢ଼େ ଦଶ ମାସରେ ବାଛୁରୀ ଜନ୍ମ କରନ୍ତି । ଦୁଧ ଦେଉଥିବା ବେଳେ ଭଲ ଖାଇବା ପିଇବାକୁ ମିଳୁଥିଲେ ଜନ୍ମ କରିବାର ୬ମାସ ପରେ ମଇଁଷି ପୁଣି ଗରମ ହୁଏ । ତା ନ ହେଲେ ଥରେ ଜନ୍ମ କରିବାର ବର୍ଷକ ପରେ ସେ ମଇଁଷି ଆଉ ଥରେ ଗରମ ହୋଇ ଫଳ ଯିବ । ମାତ୍ର ସେ କେବଳ ବର୍ଷକ ପାଇଁ ଦୁଧ ଦେଉ ଥିବାରୁ, ଦୁଧ ଛାଡ଼ି ଯିବାର ପୁଣି ବର୍ଷକ ପରେ ଯାଇ ବାଛୁରୀ ପକାଇବ । ଛାଡ଼ି ଯିବା ସମୟ ବେଶୀ ହୋଇଗଲେ ମଇଁଷି ରଖିବାରେ ଖୁବ୍ ତ୍ରୁଟି ହୋଇଯିବ । ତେଣୁ ମଇଁଷିଙ୍କ ଗରମ ହେବା ସମୟ, ତାଙ୍କର ପ୍ରଜନନ ବ୍ୟବସ୍ଥା ଅତି ଜରୁରୀ ।

ମଇଁଷିଙ୍କ ପ୍ରଜନନ ପାଇଁ କୃତ୍ରିମ ପ୍ରଜନନ ବ୍ୟବସ୍ଥା ସବୁଆଡ଼େ ମିଳୁନାହିଁ । ତେଣୁ ପ୍ରଜନନ ପାଇଁ ପଣ୍ଡା ବା ପୋଢ଼ ବ୍ୟବସ୍ଥା କରିବାକୁ ହେବ ।

## ମଇଁଷିଙ୍କ ଦାନା ଓ ଚରାର ବ୍ୟବସ୍ଥା

ମଇଁଷିପରି ବଡ଼ ବଡ଼ ଜନ୍ତୁଙ୍କୁ ଦାନା ଖୋଇ ପୋଷି ହେବ ନାହିଁ । ବହୁ ପରିମାଣର ଘାସ, କଅଁଳିଆ ପତ୍ର ବା ଡ଼ାଳି ଜାତୀୟ ଗଛର ଶୁଖିଲା ପତ୍ର ଉପରେ ନିର୍ଭର କରିବାକୁ ପଡ଼ିବ । ଏଠାରେ ୪୫୦ କେ. ଜି. ଓଜନର ଗୋଟିଏ ମୁରା ଜାତୀୟ ମଇଁଷିର ଚରା ଓ ଦାନାର ତାଲିକା ଦିଆ ଯାଉଛି । ଗାଈ ବା ମଇଁଷିଙ୍କୁ ଖୋଇବା ବିଷୟରେ ଗୋଟିଏ ମୁଖ୍ୟ କଥା ମନେ ରଖିବାକୁ ହେବ ଯେ, ଦୈନିକ ପ୍ରଥମ ୬ କେ.ଜି. ଦୁଧ ପର୍ଯ୍ୟନ୍ତ କେବଳ ଘାସ ଓ ପାଳ ଉପରେ ନିର୍ଭର କରିବାକୁ ହେବ । ତା'ଠାରୁ ଅଧିକ ହେଲେ ପ୍ରତି ଅଢ଼େଇ କେ. ଜି. ଅଧିକା ଦୁଧ ପାଇଁ ଗାଈକୁ ଓ ପ୍ରତି ୨ କେ. ଜି. ଅଧିକା ଦୁଧ ପାଇଁ ମଇଁଷିକୁ ମାତ୍ର ଏକ କେ. ଜି. ମିଶ୍ରିତ ଦାନା ଦିଆଯିବ । ତେଣୁ ମିଶ୍ରିତ ଦାନାକୁ ଦୁଧ ପରିମାଣ ଅନୁଯାୟୀ ଦେବାକୁ ଛାଡ଼ି, ଘାସ ଓ ପାଳର ତାଲିକା ଦିଆଯାଉଛି ।

| | ଶୀତଦିନ | ଖରାଦିନ | ବର୍ଷାଦିନ |
|---|---|---|---|
| ଘାସ ବା ପତ୍ର | ୨୦ କେ.ଜି . | ୨୦କେ.ଜି. | ୫୦କେ.ଜି. |
| ଖଣି ଘାସ .. | ୧୦କେ.ଜି. | ୧୦ କେ. ଜି. | .. |
| ଶୁଖିଲା ଘାସ ବା ଭୁଷି | ୪ କେ.ଜି. | ୩ କେ.ଜି. | .. |

ଆମ ରାଜ୍ୟରେ ଖଣିଘାସ ଲୋକପ୍ରିୟ ହୋଇନାହିଁ । ତେଣୁ ମଇଁଷି ପିଛା ୩୫ କେ.ଜି. ଘାସ ଓ ୧୦ କେ.ଜି. ନଡ଼ା ବା ପାଳକାଟି ତାକୁ ପାଣିରେ ବତୁରାଇ ତା ସାଙ୍ଗରେ ସାମାନ୍ୟ ପିଡ଼ିଆ ମିଶାଇ ଖାଇବାକୁ ଦେବା ଉଚିତ । ୬କେ.ଜି. ପର୍ଯ୍ୟନ୍ତ ଦୁଧ ଦେଉଥିଲେ କେବଳ ଏଇଥିରେ ଚଳିବ ।

**ମଇଁଷି ଗର୍ଭବତୀ ଥିଲେ ଶେଷ ଦିମାସ ପାଇଁ ଦିନକୁ ଏକ କେ.ଜି. ମିଶ୍ରିତ ଦାନା ଓ ୬ କେ.ଜି.ରୁ ଅଧିକ** ଦୁଧ ଦେଉଥିଲେ ପ୍ରତି ଅଧିକ ଦୁଇ କେ. ଜି. ପାଇଁ

ଏକ କେ. ଜି. ମିଶ୍ରିତ ଦାନା ଦିଆଯିବ ।

ଘାସ ବା ପତ୍ର ୨୦ କେ. ଜ.ରେ ୧୦ କେ. ଜ. ସାଧାରଣ ଘାସ ଓ ୧୦ କେ. ଜି. ଛୁଇଁ ଜାତୀୟ ଘାସ ହେବା କଥା । ଯଦି ଡ଼ାଲି ବା ଛୁଇଁ ଜାତୀୟ ଘାସ ନ ମିଳିବ ତେବେ ତା ଅଭାବରେ ଏକ କେ. ଜି. ମିଶ୍ରିତ ଦାନା ଦିଆଯିବ ।

ମିଶ୍ରିତ ଦାନାର ତାଲିକା — ପ୍ରତି ୧୦୦ କେଜି ଦାନା ପାଇଁ ।

ତାଲିକା-୧

| | |
|---|---|
| ଅଟା (ଗହମ ବା ଯଅ) | ୨୫ କେ.ଜି. |
| ଡ଼ାଲି ଚୂନା (ବୁଟ, ବିରି ବା କୋଳଥ) | ୨୫ କେ.ଜି. |
| ବାଦାମ ପିଡିଆ | ୨୦ କେ.ଜି. |
| ଶ୍ରେକଡ଼ | ୨୦ କେ.ଜି. |
| ଡ଼ାଲି ଚୋପା | ୧୦ କେ.ଜି. |

ତାଲିକା-୨

| | |
|---|---|
| ଅଟା (ଗହମ ବା ଯଅ) | ୪୦ କେ.ଜି. |
| ଡ଼ାଲି ଚୂନା (ବୁଟ, ବିରି ବା କୋଳଥ) | ୧୦ କେ.ଜି. |
| ବାଦାମ ପିଡିଆ | ୩୦ କେ.ଜି. |
| ଶ୍ରେକଡ଼ | ୨୦ କେ.ଜି. |

ତାଲିକା - ୩

| | |
|---|---|
| ମକାଅଙ୍କୁ ଚୂନା | ୨୦ କେ.ଜି. |
| ବାଦାମ ପିଡିଆ | ୩୦ କେ.ଜି. |
| ଡ଼ାଲି ଚୂର୍ଣ୍ଣ | ୨୫ କେ.ଜି. |
| କାଣ୍ଡିଆ କୁଣ୍ଡା | ୨୫ କେ.ଜି. |

ତାଲିକା - ୪

| | |
|---|---|
| ନଡ଼ିଆ ପିଡିଆ | ୩୦ କେ.ଜି |
| ବାଦାମ ପିଡିଆ | ୨୦ କେ.ଜି. |
| କାଣ୍ଡିଆ କୁଣ୍ଡା | ୪୦ କେ.ଜି. |
| କପା ମଞ୍ଜି | ୧୦ କେ.ଜି. |

ଏ ପ୍ରତ୍ୟେକ ତାଲିକା ସହ ଏକ କେ.ଜି. ପର୍ଯ୍ୟନ୍ତ ମିନରାଲ ମିକ୍ସ୍‌ଚର ମିଶାଇବାକୁ ହେବ । ତାଲିକାରେ ଦିଆଯାଇଥିବା ଜିନିଷ ନ ମିଳିଲେ ମନଇଚ୍ଛା ଗୋଟିକ ପାଇଁ ଆଉ ଗୋଟିଏ ଜିନିଷ କମ୍ ବେଶୀ କରିଦେବା ଖୁବ୍ ଦୋଷାବହ । ଜିନିଷର ଦରଦାମ ଓ ବଜାରରେ ମିଳୁଥିବା ଶସ୍ତା ଜିନିଷକୁ ନେଇ ନିକଟସ୍ଥ ପଶୁ ଡାକ୍ତରଙ୍କ ସହ ପରାମର୍ଶ କରି ଦାନା ତିଆରି କରାଯିବା ଉଚିତ ।

ଯେଉଁମାନେ ବ୍ୟାଙ୍କରୁ ଋଣ ନେଇ ଓ ସମବାୟ ସମିତି ଗଢି ମଇଁଷି ରଖୁଛନ୍ତି, ତାଙ୍କ ପାଇଁ ସରକାରଙ୍କ ତରଫରୁ "ସୁରଭୀ" ମାର୍କା ଗାଈ-ମଇଁଷି ଦାନା ମିଳୁଛି । ତାହା ବେଶ୍ ଉପକାରୀ । ମାତ୍ର ତା'ସହିତ ଆଉ କିଛି ଜିନିଷ ମିଶାଇବା ଠିକ୍ ନୁହେଁ ।

## ମଇଁଷିଙ୍କ ପାଇଁ ଘାସ ଚାଷ

ଯେଉଁଠି ଜଙ୍ଗଲ ବା ପଡ଼ିଆ ଭୂଇଁ ବା ନଈ କଣ୍ଠିଆ ନାହିଁ ସେଠାରେ ଗାଈ ମଇଁଷି ରଖିଲେ ଘାସ ଚାଷ କରିବା ନହାତି ଜରୁରୀ । ଜର୍ସି ଗାଈ ବା ମୁରା ମଇଁଷି ରଖି ଦେଖାଯାଇଛି ଯେ ଏକରକର ୪ ଭାଗ ବା ଛଅ ଗୁଣ ଜମିରେ ଘାସ ଚାଷ କରି ଗାଈ ମଇଁଷିଙ୍କୁ ଖୋଇଲେ ସେତିକି ଜମିରୁ ବର୍ଷକୁ ଅତି କମ୍‌ରେ ୩ ହଜାର ଟଙ୍କା ଲାଭ ମିଳିବ । ଆମ ଓଡ଼ିଶାରେ ସେତିକି ଜମିରୁ କୌଣସି ଫସଲରୁ ଏତେ ଲାଭ ମିଳି ପାରିବ ନାହିଁ ।

ଏକ ଏକର ଜମିରୁ ବାର୍ଷିକ ମିଳୁଥିବା ଘାସର ପରିମାଣ—

| | | |
|---|---|---|
| ବର୍ଷସାରା | ହାଇବ୍ରିଡ୍ ନେପିୟର ବା ପାରା । | ୬୦୦ କୁଇଣ୍ଟାଲ |
| ବର୍ଷାଦିନେ | ଝୁଡ଼ଙ୍ଗ | ୧୦୦ କୁଇଣ୍ଟାଲ |
| ଶୀତଦିନେ | ବରସିମ୍ | ୨୦୦ କୁଇଣ୍ଟାଲ |

ଗାଈ ବା ମଇଁଷିଙ୍କୁ ଘାସ ଖାଇବାକୁ ଦେଲବେଳେ ଅଧା ଘାସ ଓ ଅଧା ଛୁଇଁ ଜାତୀୟ ଘାସ ଦେବା ଉଚିତ । ନେପିୟର ବା ପାରା ବାରମାସୀ ଫସଲ । ଝୁଡ଼ଙ୍ଗ ଖରା ଓ ବର୍ଷା ଦିନିଆ ଓ ବରସିମ୍ ଶୀତ ଦିନିଆ । ତେଣୁ ଖରା ଓ ବର୍ଷା ଦିନେ ମଇଁଷି ପିଛା ଦୈନିକ ୫୦ କେଜି ଘାସରୁ ୨୫ କେଜି ପାରା ବା ନେପିୟର ଓ ୨୫ କେଜି ଝୁଡ଼ଙ୍ଗ ଦିଆଯିବ । ସେଇପରି ଶୀତଦିନେ ପାରା ବା ନେପିୟର ୨୫ କେଜି ଓ ବରସିମ୍ ୨୫ କେଜି ଦିଆଯିବା ଉଚିତ ।

ଏପରି ଘାସ ଚାଷ କଲେ କୁଇଣ୍ଟାଲ ପିଛା ଖର୍ଚ୍ଚ ହାରାହାରି ଟ୭୯ ଓ କିଣିଲେ ଟ୧୨୯ରୁ ଅଧିକ ହେବ ନାହିଁ । ତେଣୁ ଘାସ କିଣି ଖୋଇଲେ ମଧ୍ୟ ମଇଁଷି ପିଛା ଟ୬୯ ଖର୍ଚ୍ଚ ହେବ, ମାତ୍ର ୬ ଲିଟର ମଇଁଷି ଦୁଧର ଦାମ ଟ୧୫୯ରୁ କମ୍ ନୁହେଁ ।

## ମଇଁଷିଙ୍କର ରୋଗ ନିରାକରଣ

ମଇଁଷିମାନଙ୍କର କେତୋଟି ସାଧାରଣ ରୋଗ ଅଛି, ଯାହାର ଅତି ଉପାଦେୟ ପ୍ରତିଷେଧକ ଟୀକା ଓ ଚିକିତ୍ସା ପାଇଁ ଔଷଧ ଅଛି । ନିକଟବର୍ତ୍ତୀ ପଶୁ ଡାକ୍ତରଙ୍କ ସହ ପରାମର୍ଶ କଲେ ସେ ବାବଦ ପଇସା ଖର୍ଚ୍ଚ ବ୍ୟର୍ଥ ଯିବ ନାହିଁ ।

ରିଣ୍ଡରପେଷ୍ଟ ବା ଗୋବସନ୍ତ, ଆନ୍ଥ୍ରାକ୍ସ୍ ବା ପିଲ୍ହାଜର, ହାମରେଜିକ୍ ସେପ୍‌ଟେସିମିଆ ବା ଗଳାଫୁଲା ତଥା ବ୍ଲାକ୍‌କ୍ୱାର୍ଟର ବା ବଜରବଳିଆ ଅତି ମାରାତ୍ମକ ରୋଗ । ଏଥିପାଇଁ ମାଗଣାରେ ପ୍ରତିଷେଧକ ଟୀକା ଦିଆଯାଏ। ଡାକ୍ତରଙ୍କୁ ଡକାଇ ବା ଡାକ୍ତରଖାନାକୁ ମଇଁଷି ନେଇ ଏ ଟୀକା ଦେଲେ ଏ ମାରାତ୍ମକ ରୋଗ କବଳରୁ ମଇଁଷିକୁ ରକ୍ଷା କରାଯାଇ ପାରିବ ।

ଅନହରା, ଜନ୍ମ କରିବାର ଠିକ୍ ପରେ ପରେ ହେଉଥିବା ମିଲ୍କ ଫିବର ବା ଦୁଧଜର ପାଇଁ ଅତି ଉପାଦେୟ ଔଷଧ ଅଛି । ଗୁଡ଼ାଏ ଖାଇଦେଲେ ପେଟ ଫମ୍ପା ବା ଅଜୀର୍ଣ୍ଣ ଝାଡ଼ା ହୁଏ । ତା'ପାଇଁ ମଧ୍ୟ ବଢ଼ିଆ ଔଷଧ ଅଛି । ମଇଁଷିଙ୍କର କେଞ୍ଚୁଆ କୃମି ଓ କଲିଜା କୃମି ମଧ୍ୟ ଦୁଇଟି ମାରାତ୍ମକ ରୋଗ । ଏଥିପାଇଁ ଭଲ ଔଷଧ ମଧ୍ୟ ଅଛି । ମାତ୍ର ସନ୍ତସନ୍ତିଆ ଜାଗା ବା ସ୍ଥିର ପାଣି ଥିବା ପୋଖରୀ ବା ଯୋର ଯେଉଁଠି ଗେଣ୍ଡା ଦେଖାଯାଆନ୍ତି ସେଠାକୁ ମଇଁଷିକୁ ଚରିବାକୁ ନଛାଡ଼ିଲେ କଲିଜା କୃମି ରୋଗ ହୁଏ ନାହିଁ ।

## ମଇଁଷି ଓ ଦୁଧର ବନ୍ଦୀବସ୍ତ

ସମବାୟ ସମିତି ମାଧ୍ୟମରେ ମଇଁଷି ବାଛୁରୀ, ଛଡ଼ା ଓ ଦୁଧ ବିକିବା ସବୁଠାରୁ ଅଧିକ ଲାଭଦାୟକ । ଛଡ଼ା ଓ ବାଛୁରୀମାନଙ୍କର ଜାତକ ଯେଉଁଥିରେ ଜନ୍ମ ତାରିଖ, ମା ଓ ବୁଢ଼ୀମାମାନେ ଦେଉଥିବା ଦୁଧର ପରିମାଣ ଲେଖାଯାଏ, ତାହା ଦେଖାଇ ବିକିଲେ ବେଶୀ ଦାମ୍ ମିଳେ । ତା'ଛଡ଼ା ରୋଗ ଆଦି ସଂପର୍କରେ ପଶୁ ଡ଼ାକ୍ତରଙ୍କଠାରୁ ସାର୍ଟିଫିକେଟ୍ ସହ ବିକିଲେ ମଧ୍ୟ ଅଧିକ ଦାମ୍ ମିଳେ । ଏହା କେବଳ ସମବାୟ ସମିତି ଜରିଆରେ କଲେ ସୁବିଧା ହୁଏ ।

ସମବାୟ ସମିତି ଯେଉଁ ଦୁଧ କିଣେ ତାହା ଦୁଧରେ ଥିବା ଲହୁଣୀ ଓ ଦୁଧର ଘନତା ଯୋଗୁଁ ବେଶୀ, କମ୍ ପଇସା ଦେଇ କିଣେ । ମଇଁଷି ଦୁଧ ଗାଢ଼ ଓ ଲହୁଣୀ ପରିମାଣ ବହୁତ ଯୋଗୁଁ ଦୁଧର ଦାମ୍ ବେଶୀ ମିଳିବା କଥା । ଗାଉଁଲି ବ୍ୟବସାୟୀଙ୍କୁ ବିକିଲେ ସେପରି ପଇସା ମିଳେ ନାହିଁ । ତା'ଛଡ଼ା ଗାଉଁଲି ବ୍ୟବସାୟୀମାନେ ଦୁଧ ମାପରେ ମଧ୍ୟ ଠକନ୍ତି । ତେଣୁ ଦୁଧରୁ ଲାଭ ପାଇବାକୁ ହେଲେ ସମବାୟ ସମିତି ଗଢ଼ି ତା'ଜରିଆରେ ଦୁଧ ବିକିବା ଉଚିତ ।

କେବଳ ବ୍ୟାଙ୍କମାନଙ୍କରୁ ଋଣ ନେଇ କାହିଁକି, ଆଜିକାଲି ଗାଁମାନଙ୍କରେ ଗୋପାଳମାନେ ମଧ୍ୟ ଜାତିଆ ମୁରା ମଇଁଷି ପାଳିଲେଣି । କେହି କେହି ମୁରା ପଣ୍ଡା ବା ଷଂଢ଼ ଲଗାଇ ଦେଶୀ ମଇଁଷିଙ୍କ ଠାରୁ ବାଛୁରୀ ଉତାରିଲେଣି । ତେଣୁ ବୈଜ୍ଞାନିକ ପଦ୍ଧତିରେ ମଇଁଷି ପାଳି ଜାଣିଲେ ମଇଁଷିଠାରୁ ଯଥେଷ୍ଟ ଲାଭ ମିଳିବ । ○○


# ଶ୍ୟାମଳା

ଓଡ଼ିଶା କୃଷୀଭାଇଙ୍କ ନିଜ ସମବାୟ କାରଖାନାରେ ତିଆରି ଅତୁଳନୀୟ ମିଶ୍ରିତ ଦାନାଦାର ସାର ଉଭୟ ବୁଣା ଓ ରୁଆ ଧାନରେ ପ୍ରୟୋଗ କରି ଧାନ ଫସଲକୁ ଅମଳ ବଢ଼ାନ୍ତୁ ।

※ ଏକର ପ୍ରତି ଅଧିକ ଅମଳକ୍ଷମ ଧାନରେ ୧୦୦ କେଜି ଶେଷଓଡ଼ କାଦୁଅରେ ଦିଅନ୍ତୁ

※ ଦେଶୀ ବା ଉନ୍ନତ ଧାନ ବେଉଷଣ ବେଳେ—ଏକର ପ୍ରତି ୫୦ କେଜି ପ୍ରୟୋଗ କରନ୍ତୁ

ପରବର୍ତ୍ତୀ ଅବସ୍ଥାରେ ୟୁରିଆ, ଆମୋନିଅମ ସଲଫେଟ କିମ୍ବା ସି. ଏ. ଏନ୍. ଆବଶ୍ୟକତା ଅନୁସାରେ ଦିଅନ୍ତୁ ।

*ଆପଣଙ୍କ ସେବାରେ :*

ଓଡ଼ିଶା ରାଜ୍ୟ ବାଣିଜ୍ୟ ସମବାୟ ସଂଘ ଲିଃ :
ଭୁବନେଶ୍ୱର-୭୫୧୦୦୭

# ସଂଯୋଜିତ ଶିଶୁ ଉନ୍ନୟନ ଯୋଜନା

ଶ୍ରୀମତୀ ଲବଣ୍ୟ ରେଖା ମିଶ୍ର

୧୯୭୧ ମସିହା ଜନଗଣନା ଅନୁସାରେ ଭାରତବର୍ଷରେ ୧୪ ବର୍ଷରୁ କମ୍ ୨୨୮ ନିୟୁତ ଶିଶୁ ଥିଲେ । ତନ୍ମଧ୍ୟରୁ ୧୧୫ ନିୟୁତ ଶିଶୁଙ୍କ ବୟସ ୬ବର୍ଷରୁ କମ୍ ଥିଲା । ପ୍ରତ୍ୟେକ ମନୁଷ୍ୟର ବାଲ୍ୟାବସ୍ଥାରୁ ଶାରୀରିକ, ମାନସିକ ଓ ସାମାଜିକ ଅବସ୍ଥାର ବିକାଶ ଘଟିଥାଏ ଏଣୁ ବିଭିନ୍ନ ପ୍ରକାର ଅନୁସନ୍ଧାନରୁ ଜଣାଯାଇଛି ଯେ ଶିଶୁ, ଗର୍ଭବତୀ ନାରୀ, ପ୍ରସୂତୀମାନଙ୍କ ନିକଟରେ ପୁଷ୍ଟିକର ଖାଦ୍ୟ ଅଭାବ ଜନିତ ରୋଗ ବହୁଳଭାବରେ ପରିଲକ୍ଷିତ ହୋଇଛି । ଏସବୁ ସାଧାରଣତଃ ସହରତଳି ଅନୁନ୍ନତ ଅଂଚଳ ଏବଂ ଗାଆଁ ଗହଳିମାନଙ୍କରେ ଦେଖାଯାଏ । ଶିଶୁମାନଙ୍କ ମଧ୍ୟରେ ଜୀବନିକା 'ଜି' ଅଭାବ ଜନିତ ରୋଗ ପରିଲକ୍ଷିତ ହୋଇଥାଏ । ଏସବୁ କାରଣରୁ ସେମାନେ ଯତ୍ନ ଏବଂ ପ୍ରତିଷେଧକ ଅଭାବରେ ମୃତ୍ୟୁ ମୁଖରେ ପଡ଼ନ୍ତି । ଶିଶୁମାନଙ୍କ ଅବସ୍ଥାର ଉନ୍ନତି ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ବିଶେଷ ଦୃଷ୍ଟି ଦିଆଯାଇନଥିଲା କିନ୍ତୁ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ସଂଯୋଜିତ ଶିଶୁବିକାଶ ଯୋଜନାକୁ କାର୍ଯ୍ୟକାରୀ କରିବାଦ୍ୱାରା ୬ ବର୍ଷରୁ କମ୍ ବୟସର ଶିଶୁମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ପୁଷ୍ଟିସାଧନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉକ୍ତ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ଶିଶୁର ସମୂହ ବିକାଶ ସାଧନ କରିବା ଏବଂ ସମଗ୍ର ମାନବ ଜାତିର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରିବା ଯଥା:— (କ) ୬ ବର୍ଷରୁ କମ୍ ବୟସ ଶିଶୁମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟର ଉନ୍ନତି (ଖ) ମାନସିକ, ଶାରୀରିକ ଓ ସାମାଜିକ ଉନ୍ନତିର ମୂଳଦୁଆ ସ୍ଥାପନ କରିବା (ଗ) ମୃତ୍ୟୁହାର କମାଇଦେବା ସଙ୍ଗେ ସଙ୍ଗେ ଖାଦ୍ୟାଭାବ ଜନିତ ରୋଗର ଦୂରୀକରଣ କରିବା ଏବଂ ପ୍ରାକ୍ ବିଦ୍ୟାଳୟରେ ଶିକ୍ଷାଦାନ ଦେବା (ଘ) ଏଥିପାଇଁ ଆଇନଗୁଡ଼ିକ ବିଧିବଦ୍ଧଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଓ ବିଭାଗଗୁଡ଼ିକ ମଧ୍ୟରେ ସହଯୋଗ ସ୍ଥାପନ କରି ଶିଶୁ ଉନ୍ନୟନରେ ସାହାଯ୍ୟ କରିବା (ଙ) ଶିଶୁମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସାଧନ ନିମିତ୍ତ ମା' ମାନଙ୍କୁ କାର୍ଯ୍ୟକ୍ଷମ କରାଇବା ।

ଉପରଲିଖିତ ଉଦ୍ଦେଶ୍ୟଗୁଡ଼ିକ ସାଧନ କରିବା ନିମିତ୍ତ ସଂଯୋଜିତ ଶିଶୁ ବିକାଶ ଯୋଜନାରେ ୬ବର୍ଷରୁ କମ୍ ବୟସର ଶିଶୁ ଗର୍ଭବତୀ ଓ ପ୍ରସୂତୀମାନଙ୍କ ପାଇଁ ବିହିତ ବ୍ୟବସ୍ଥା କରାଯାଇଛି ।

(କ) ପରିପୂରକ ପୁଷ୍ଟିକର ଖାଦ୍ୟ

(ଖ) ପ୍ରତିଷେଧକ ଟୀକା

(ଗ) ସ୍ୱାସ୍ଥ୍ୟ ପରୀକ୍ଷା

(ଘ) ସ୍ୱାସ୍ଥ୍ୟ ଏବଂ ପୁଷ୍ଟିଶିକ୍ଷା

(ଙ) ପ୍ରାରମ୍ଭିକ ଶିକ୍ଷା

(ଚ) ମହିଳାମାନଙ୍କପାଇଁ ଆନୁଷ୍ଠାନିକ ଶିକ୍ଷା

ସମାଜର ଦୁର୍ବଳ, ଦରିଦ୍ର ତଥା ରୋଗାକ୍ରାନ୍ତ ଶିଶୁ ଯେଉଁମାନଙ୍କର ବୟସ ୬ବର୍ଷରୁ କମ୍ ସେମାନଙ୍କୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଇବା ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ଏହି ଖାଦ୍ୟ ଦୈନିକ ୮୦ ଗ୍ରାମ ଚାଉଳ ଏବଂ ୪୦ଗ୍ରାମ ଡ଼ାଲି ଜଣପିଛା ହିସାବରେ ଯୋଗାଇ ଦିଆଯାଉଛି । ଅଙ୍ଗନୱାଡ଼ି କେନ୍ଦ୍ରର ସାହାଯ୍ୟକାରିଣୀଙ୍କ ଦ୍ୱାରା ଉକ୍ତ ଖାଦ୍ୟ ରନ୍ଧନ କରାଯାଇ ଉତ୍ତମ ରୂପେ ବଣ୍ଟନ କରାଯାଉଛି ।

ଗର୍ଭବତୀ, ପ୍ରସୂତୀ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ଦେଇ ବିଭିନ୍ନ ପ୍ରକାରର ପ୍ରତିଷେଧକ ଟୀକା ଦିଆଯାଇଥାଏ ଏବଂ ୬ ବର୍ଷରୁ କମ୍ ଶିଶୁଙ୍କୁ ବି. ସି. ଜି., ଡି. ପି. ଟି., ଟି. ବି. ଓ ପୋଲିଓ ଇତ୍ୟାଦି ଦିଆଯାଏ । ଏହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରଧାନ କାର୍ଯ୍ୟ ।

ପୁଷ୍ଟିହୀନ ରୋଗାକ୍ରାନ୍ତ ଶିଶୁଙ୍କୁ ଅଙ୍ଗନୱାଡ଼ି କର୍ମୀ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡରେ ନିର୍ଦ୍ଧାରିତ କରି ସେମାନଙ୍କର ବିଶେଷ ଯତ୍ନ ନେଇଥାଏ ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ପରିବର୍ତ୍ତନ ଆଣିବା ପାଇଁ ସ୍ୱତନ୍ତ୍ର ଭାବରେ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ । ପ୍ରତ୍ୟେକ ଶିଶୁଙ୍କ ପାଇଁ ଗୋଟିଏ ଲେଖାଏଁ ହେଲ୍‌ଥ କାର୍ଡ ରହିଅଛି ଏବଂ ଉକ୍ତ କାର୍ଡ ତିନି ମାସରେ ଥରେ ଲେଖାଏ ଶିଶୁର ଓଜନ ଅନୁଯାୟୀ ପୂରଣ କରା ଯାଇଥାଏ ।

ଖେଳ ମାଧ୍ୟମରେ ଶିଶୁମାନଙ୍କର ଶାରୀରିକ, ମାନସିକ ଅବସ୍ଥାର ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ଉନ୍ନତ ଖେଳଣା କରିଆରେ ସେମାନଙ୍କର ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା କରା ଯାଉଅଛି । ଉକ୍ତ ଶିକ୍ଷା କେବଳ ପୁସ୍ତକଗତ ଶିକ୍ଷା ନୁହେଁ ଏହା ବାସ୍ତବ ଶିକ୍ଷା ଯେଉଁଥିରେ ଶିଶୁର ଆଗ୍ରହ, ବ୍ୟବହାର, ପାରିପାର୍ଶ୍ୱିକ ଅବସ୍ଥାର ବୃଦ୍ଧିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ

ଭବିଷ୍ୟତର ପଥ ପ୍ରଦର୍ଶକ ହୋଇଥାଏ । ଛଅବର୍ଷ ପୂରଣ ହେଲ ପରେ ଶିଶୁକୁ ବିଦ୍ୟାଳୟକୁ ପଠାଯାଇଥାଏ ।

ସାଧାରଣତଃ ୧,୦୦୦ ଲୋକ ସଂଖ୍ୟା ବିଶିଷ୍ଟ ଗ୍ରାମରେ ଗୋଟିଏ କେନ୍ଦ୍ର ପ୍ରତିଷ୍ଠିତ ହୁଏ ଏବଂ ପ୍ରତ୍ୟେକ କେନ୍ଦ୍ରରେ ଜଣେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଆନ୍ତି । ଏହି ଅଙ୍ଗନୱାଡ଼ି ଗ୍ରାମର ଲୋକସଂଖ୍ୟା ଭିତ୍ତିରେ କମ୍ ବେଶୀ ଅନୁପାତରେ ନିଯୁକ୍ତି କରାଯାଇଥାଏ । ଆପାତତଃ ଏହି ଅଙ୍ଗନୱାଡ଼ି କର୍ମୀମାନେ ଶିଶୁ ଉନ୍ନୟନ ଯୋଜନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି, ଉକ୍ତ କର୍ମୀ ଭାବରେ ବିଶେଷତଃ ଗାଁ ଗହଳିର ମାଟ୍ରିକ୍ କିମ୍ବା ତା'ଠାରୁ କମ୍ ପଢ଼ିଥିବା ଝିଅମାନଙ୍କୁ ୪ ମାସ ତାଲିମ୍ ଦେବା ପରେ କେନ୍ଦ୍ରରେ ନିଯୁକ୍ତି କରାଯାଇଥାଏ, ବର୍ତ୍ତମାନ ଓଡ଼ିଶାରେ ୧,୫୦୦ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଛନ୍ତି ଏବଂ ଭବିଷ୍ୟତରେ ଆହୁରି ୨,୦୦୦ କର୍ମୀ ତାଲିମ ପାଇବା ପାଇଁ ଭାରତ ସରକାର ବ୍ୟବସ୍ଥା କରିଛନ୍ତି । ଯଦି ସେମାନେ ମାଟ୍ରିକୁଲେଟ୍ ହୋଇଥାନ୍ତି ତେବେ ମାସିକ ୧୭୫ ଟଙ୍କା ଏବଂ ତା ଠାରୁ କମ୍ ହୋଇଥିଲେ ମାସିକ ୧୨୫ ଟଙ୍କା ପାରିଶ୍ରମିକ ପାଇଥାନ୍ତି । ଏତଦ୍ ବ୍ୟତୀତ ସେମାନେ ଯଦି ମହିଳାମାନଙ୍କ ସ୍ୱାକ୍ଷରତା କାର୍ଯ୍ୟକୁ ପରିଚାଳନା କରନ୍ତି ତେବେ ମାସକୁ ୫୦ ଟଙ୍କା ଅଧିକ ପାରିଶ୍ରମିକ ଦିଆଯାଏ, ଏବଂ ଜଣେ ସାହାଯ୍ୟକାରିଣୀ ମାସକୁ ଟ୫୦ଙ୍କା ପାରିଶ୍ରମିକରେ ସେହି ଅଙ୍ଗନୱାଡ଼ି କେନ୍ଦ୍ରରେ ନିଯୁକ୍ତି ପାଇଥାନ୍ତି ।

ଶିଶୁ ଉନ୍ନୟନ ଯୋଜନାର ଦାୟିତ୍ୱରେ ଜଣେ ମହିଳାଙ୍କୁ ଅଫିସର ପଦରେ ନିଯୁକ୍ତ କରାଯାଇଅଛି ଏବଂ ବ୍ଲକ ଉନ୍ନୟନ ଅଫିସର ବ୍ଲକରେ ଅନ୍ୟାନ୍ୟ ଯୋଜନାପରି ଉକ୍ତ ଯୋଜନାରେ ତାଙ୍କର ସଂପୂର୍ଣ୍ଣ ସହଯୋଗ ଥାଏ । ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟକୁ ମୁଖ୍ୟ ସେବିକାମାନେ ତଦାରଖ କରନ୍ତି, ଏବଂ ମୁଖ୍ୟ ସେବିକାମାନଙ୍କ କାର୍ଯ୍ୟକୁ ଶିଶୁ ବିକାଶ ଯୋଜନା ଅଧିକାରୀ ତଦାରଖ କରନ୍ତି । ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ, ମା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଜଣେ ସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ ଅଫିସର), ସ୍ୱାସ୍ଥ୍ୟ ପରିଦର୍ଶିକା, ସାହାଯ୍ୟକାରୀ ଶୁଶ୍ରୂଷାକାରିଣୀ ଧାତ୍ରୀ, ୫,୦୦୦ ଲୋକ ସଂଖ୍ୟା ବିଶିଷ୍ଟ ଗ୍ରାମରେ ରହିବାର ବ୍ୟବସ୍ଥା କରାଯାଇଅଛି ।

ଗାଁ ଗହଳିର ସର୍ବାଙ୍ଗୀନ ଉନ୍ନତି ମହିଳା ଓ ଶିଶୁମାନଙ୍କ ଉପରେହିଁ ନିର୍ଭର କରେ । ସନ୍ତାନର ପ୍ରଥମ ଶିକ୍ଷା ମା ଠାରୁ ଆରମ୍ଭ ହୋଇଥାଏ । ପୁଣି ଆଜିର ଶିଶୁ କାଲି ହୁଏ ଦେଶର ନାଗରିକ, ଜନନାୟକ ଓ ପରିଚାଳକ । ତେଣୁ, ସମ୍ବିଧାନ ମହିଳାମାନଙ୍କୁ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନ ଅଧିକାର ଦେଇଅଛି । ବାସ୍ତବରେ ମହିଳାମାନେ ଅଳ୍ପ ବହୁତେ ଅନେକ କାରଣ ବଶତଃ ସେମାନଙ୍କ ଅଧିକାରରେ ସୁଯୋଗ ନେଇ ନାହାନ୍ତି । ମହିଳାମାନଙ୍କର ଉନ୍ନତି ପାଇଁ ଆମ କାର୍ଯ୍ୟକ୍ରମର ପ୍ରକୃତ ଲକ୍ଷ୍ୟ ହେଲା ଜାତୀୟ କାର୍ଯ୍ୟକ୍ରମରେ ସେମାନଙ୍କର ସଂପୂର୍ଣ୍ଣ ବିନିଯୋଗ । ଆମ ମହିଳାମାନଙ୍କ ମଧ୍ୟରେ ଯଦି ଅଧିକାଂଶ ନିରକ୍ଷର ଓ ଅଜ୍ଞ ରହନ୍ତି, ଏ ଲକ୍ଷ୍ୟ ପୂରଣ ହେବା କଷ୍ଟକର ହେବ । ତେଣୁ, ଦେଶର ମୁଖ୍ୟ ଅନୁଚିନ୍ତା ବର୍ତ୍ତମାନ ମହିଳାମାନଙ୍କର ନିରକ୍ଷରତା ଦୂରୀକରଣ ଏବଂ କେତେକ ଅଭ୍ୟାସଗତ ପରିବର୍ତ୍ତନ ।

ଯଦିଓ ଗତ ଦୁଇ ଦଶନ୍ଧି ମଧ୍ୟରେ ସାକ୍ଷର ବୟସଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଅଛି, ନିରକ୍ଷରତା ମଧ୍ୟ ସେହି ପରିମାଣରେ ବଢ଼ିଅଛି । ୧୯୭୧ ମସିହାରେ ୫୪୮'୩୦ କୋଟି ଲୋକ ସଂଖ୍ୟା ମଧ୍ୟରେ ୨୬୪ କୋଟି ମହିଳା ଅଛନ୍ତି । ଜାତୀୟ ସାକ୍ଷରତା ସ୍ତରରେ ହାରାହାରି ୨୯'୪୯ ସାକ୍ଷର ନାରୀମାନଙ୍କ ମଧ୍ୟରେ ୧୮'୭୦% ସାକ୍ଷର ଅଛନ୍ତି, ଗ୍ରାମାଞ୍ଚଳରେ ବାସ କରୁଥିବା ସାକ୍ଷରତା ଅତି ଶୋଚନୀୟ ଭାବେ ୧୨'୯୦ %କୁ କମି ଆସିଅଛି । ଏହି ସାକ୍ଷରତା ହାର ବିଭିନ୍ନ ରାଜ୍ୟରେ ଭିନ୍ନ ହୁଏ । କେରଳ ୫୪'୩୧% ଓ ବିହାର ୮'୭୨% ବର୍ତ୍ତମାନ ଓଡ଼ିଶାରେ ସାକ୍ଷରତା ୧୩% ।

୧୯୭୫ ମସିହାରେ ଆନ୍ତର୍ଜାତୀୟ ମହିଳା ସମ୍ବତ୍ସର ପାଳନ ପାଇଁ ଏହି ଯୋଜନା ମାଧ୍ୟମରେ ସାକ୍ଷରତା କାର୍ଯ୍ୟକ୍ରମର ବିଶେଷ ଗୁରୁତ୍ୱ ଥିଲା । ଆନ୍ତର୍ଜାତୀୟ ମହିଳା ସମ୍ବତ୍ସର ପାଇଁ ଜାତୀୟ କମିଟି ବୈଠକ ୧୦-୧୨-୧୯୭୪ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧିତ୍ୱରେ ବସିଥିଲା । ସର୍ବ ସମ୍ମତି କ୍ରମେ ସ୍ଥିରୀକୃତ ହୋଇଥିଲା ଯେ ମହିଳାମାନଙ୍କ ନିରକ୍ଷରତା ଦୂରକରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯିବ, ଏବଂ ଏହା ଯଦି ନହୁଏ ସେମାନଙ୍କୁ ଜାତୀୟ ଜୀବନରେ ଅନ୍ତର୍ଭୁକ୍ତ କରିବା ସମ୍ଭବ ହେବନାହିଁ । ମହିଳାମାନଙ୍କ ପାଇଁ ଅଣଆନୁଷ୍ଠାନିକ ସାକ୍ଷରତା ଯୋଜନାର ଲକ୍ଷ୍ୟ ହେଲା ।

୧ । ନିରକ୍ଷର ମହିଳାମାନଙ୍କୁ ଆନୁଷ୍ଠାନିକ ସାକ୍ଷର ଶ୍ରେଣୀମାଧ୍ୟମରେ ସାକ୍ଷରତାର ଦକ୍ଷତା ଯୋଗାଇବା ଏବଂ ଗୋଷ୍ଠୀଉନ୍ନୟନ କାର୍ଯ୍ୟକ୍ରମରେ ଭାଗ ନେବାରେ ସହାୟକ ହେବା ।

୨ । ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରାଇବା ଏବଂ ପୁଷ୍ଟିକର ଓ ସୁଷମ ଖାଦ୍ୟର ପ୍ରାଧାନ୍ୟ ସଂପର୍କରେ ଅବହିତ କରାଇବା ।

୩ । ଗୃହପରିଚାଳନା, ଶିଶୁଯତ୍ନର ଆବଶ୍ୟକ ତାଲିମ ଦେବା ।

୪ । ମହିଳାମାନଙ୍କ ମଧ୍ୟରେ ଏହା ଉଦ୍ଦେଶ୍ୟମୂଳକ ପରିବର୍ତ୍ତନ ଆଣେ, ଏବଂ ସେମାନଙ୍କୁ ଦେଶର ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା ପାଇଁ ସାହାଯ୍ୟ କରେ ।

୫ । ଗ୍ରାମ ମହିଳାମାନଙ୍କ ବୃତ୍ତିଗତ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଯେଉଁ ଅଞ୍ଚଳ-

ରେ ଯେପରି କଞ୍ଚାମାଲ ମିଳେ ଏହାକୁ ଭିତ୍ତିକରି ଗ୍ରାମ ମହିଳାଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାଦ୍ୱାରା ସେମାନଙ୍କ ଦକ୍ଷତା ବଢାଇବା ଏ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ସଂସ୍ଥାରେ ନିରକ୍ଷର ମହିଳାଙ୍କୁ ବିଶେଷତଃ ୧୫ରୁ ୪୫ ବର୍ଷ ବୟସାମାନଙ୍କୁ ଅଣଆନୁଷ୍ଠାନିକ ଶିକ୍ଷାଦେବା ପାଇଁ କାର୍ଯ୍ୟକ୍ରମ ରହିଛି । ୧୫ ରୁ ୪୫ ବର୍ଷ ମହିଳାଙ୍କ ସଂଖ୍ୟା ୧୧୫ ନିୟୁତ ବୋଲି ଗଣନାରୁ ଜଣା ପଡିଛି । ସେମାନଙ୍କ ଭିତରୁ ୯୩ ନିୟୁତ ଗ୍ରାମାଞ୍ଚଳରେ ବାସ କରନ୍ତି । ଯଦିବା ସବୁ ମହିଳାଙ୍କ ପାଇଁ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ ତେବେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ବାସକରୁଥିବା ମହିଳାମାନଙ୍କୁ ଏହାର ସୁଯୋଗ ଦିଆଯାଉଅଛି ।

୩୦ ଜଣ ଗ୍ରାମ୍ୟ ମହିଳାଙ୍କୁ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଣଆନୁଷ୍ଠାନିକ ସାକ୍ଷରତା ଯୋଜନାର ଏକ ମୌଳିକ କାର୍ଯ୍ୟକ୍ରମ । ଯଦି ଏହାଠାରୁ ଅଳ୍ପ ସଂଖ୍ୟାରେ ମହିଳାମାନେ ଭାଗ ନେବାକୁ ଚାହାଁନ୍ତି ତେବେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁହୁଏ । କେନ୍ଦ୍ରସ୍ତରରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁପେ ପରିଚାଳନା ପାଇଁ ଏକ ସାହାଯ୍ୟକାରୀ ବୈଠକ ରଖାଯାଉଛି । ସେହିପରି ରାଜ୍ୟସ୍ତରରେ, ଜିଲ୍ଲା-ସ୍ତରରେ, ବ୍ଲକସ୍ତରରେ ଏବଂ ଗ୍ରାମସ୍ତରରେ ଏହି ବୈଠକ କାର୍ଯ୍ୟକାରୀ ହେଉଛି ।

ସଂଯୋଜିତ ଶିଶୁ ଉନ୍ନୟନ ଯୋଜନା ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଦେଗା ବ୍ଲକରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଥିଲା । ଏହିପରି ୩୩ ଗୋଟି ପରୀକ୍ଷାମୂଳକ ଯୋଜନା ସାରା ଭାରତରେ ଆରମ୍ଭ ହୋଇଥିଲା । ଏହି ଯୋଜନାଟି ବିଭିନ୍ନ ରାଜ୍ୟରେ ସାଫଲ୍ୟ-ମଣ୍ଡିତ ହୋଇଥିବାରୁ ଭାରତ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ୧,୦୦୦ ଟି ବ୍ଲକରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଓଡିଶାରେ ୧୯୮୧-୮୨ ମସିହାରେ ୧୭ଟି ଶିଶୁ ଉନ୍ନୟନ ଯୋଜନା ୧୩ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ଆସନ୍ତା ଦୁଇବର୍ଷ ଭିତରେ ଆହୁରି ୨୪ ଟି ବ୍ଲକରେ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାର ଅନୁମୋଦନ କରିଛନ୍ତି । ଏହି ଯୋଜନା ଓଡିଶାରେ ମୁଖ୍ୟତଃ ଆଦିବାସୀ ବହୁଳ ଅଞ୍ଚଳରେ କାର୍ଯ୍ୟକାରୀ ହେଉଅଛି । ୬ଷ୍ଠ ଯୋଜନାରେ ୪୦ଟି ବ୍ଲକକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବା ପାଇଁ ସିଦ୍ଧାନ୍ତ ହୋଇଛି । ପ୍ରତ୍ୟେକ ପ୍ରୋଜେକ୍ଟ ପାଇଁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ କରାଯିବାର ଅଟକଳ କରାଯାଉ-ଅଛି । ଏହି ଯୋଜନା ଗ୍ରାମଗୋଷ୍ଠୀ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଦ୍ୱାରା ପରିଚାଳିତ ହେଉଛି ।

ଶିଶୁକୁ ଅପମୃତ୍ୟୁରୁ ରକ୍ଷାକରି ତା'ର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଏବଂ ସୁସ୍ଥସବଳ ସମାଜ ଗଠନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଏହି ଯୋଜନାକୁ ଅଭିବୃଦ୍ଧି କରିବାରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଗ୍ରାମଗୋଷ୍ଠୀ ଏବଂ ଶିକ୍ଷା ବିଭାଗର ଗୁରୁ ଦାୟିତ୍ୱ ରହିଅଛି । ସର୍ବୋପରି ଗ୍ରାମବାସୀଙ୍କର ସାହାଯ୍ୟ ଓ ସହଯୋଗ ଏଥି ପାଇଁ ଏକାନ୍ତ ପ୍ରୟୋଜନ ।


ସୁନ୍ଦରଗଡ଼ ଜିଲ୍ଲା ସବ୍‌ଦେଗା ବ୍ଲକର ଅଙ୍ଗନୱାଡ଼ି କେନ୍ଦ୍ର

# ଗାଁ ପରି ଗାଁ – କେଁଣ୍ଟସରା

ଶ୍ରୀ ଫଣୀଭୂଷଣ ଦାସ

କେଁଣ୍ଟସରା–କେନ୍ଦୁଝର ଜିଲ୍ଲାର ଗୋଟିଏ ଗ୍ରାମ । ଏହି ଗ୍ରାମରେ ଦୁଇଶହ ଏକୋଇଶ ପରିବାର ବାସ କରନ୍ତି । ଭାରତର ଅନ୍ୟାନ୍ୟ ଗ୍ରାମପରି କେଁଣ୍ଟସରା ମଧ୍ୟ ଗୋଟିଏ ସମସ୍ୟାବହୁଳ ଗ୍ରାମ । ଗ୍ରାମ ସମସ୍ୟା କହିଲେ କ'ଣ ବଝାଏ ? ଅନେକ ଭାବନ୍ତି, ଗ୍ରାମ୍ୟ ରାସ୍ତା, ବିଦ୍ୟୁତକରଣ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଏହି ଧରଣର କାର୍ଯ୍ୟ ହୋଇଗଲେ ସମସ୍ୟାର ସମାଧାନ ହୋଇଯିବ । କିନ୍ତୁ ଏହିପରି ଅନେକ ଗ୍ରାମ ରହିଛି, ଯେଉଁଠାରେ କି ଏସବୁର ସମାଧାନ ସତ୍ତ୍ୱେ ଗ୍ରାମଗୁଡ଼ିକ ବି ଅନୁନ୍ନତ ଅବସ୍ଥାରେ ରହିଛି ।

ଉନ୍ନୟନର ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି ପ୍ରାକୃତିକ ଓ ଅନ୍ୟଟି ହେଉଛି ଗ୍ରାମବାସୀଙ୍କର ମନୋବୃତ୍ତି । ଯଦି ଗ୍ରାମର ସମସ୍ତ ରକମର ପ୍ରାକୃତିକ ଉନ୍ନୟନ ସତ୍ତ୍ୱେ ଗ୍ରାମବାସୀମାନଙ୍କର ମନୋଭାବ ଦୁର୍ବଳ ରହିଛି ତା'ହେଲେ ସେ ଗ୍ରାମକୁ ଉନ୍ନତ କୁହାଯାଇ ପାରିବ ନାହିଁ । ଗୋଟିଏ କୁଆଙ୍ଗ ଗ୍ରାମ ପରିଦର୍ଶନ କରାଯାଇଥିବା ସମୟରେ ଲୋକଙ୍କୁ ପଚାରିଲି ଯେ ସେମାନେ ଗ୍ରାମଲାଗି ସରକାରଙ୍କ ପାଖରୁ କଣ ସାହାଯ୍ୟ ଆଶା କରନ୍ତି ?

ଉତ୍ତରରେ ସେମାନେ କହିଥିଲେ ଯେ ତାଙ୍କର ଗ୍ରାମ ପାଇଁ ସରକାରଙ୍କ ତରଫରୁ ଗୋଟିଏ ହଣ୍ଡା ଦରକାର । ଏଥିରୁ ଜଣାପଡ଼େ ତାଙ୍କର ପ୍ରଥମ ଚିନ୍ତା ହେଉଛି ଗ୍ରାମକୁ ଆସୁଥିବା ଅତିଥିମାନଙ୍କର ଉତ୍ତମ ଚର୍ଚ୍ଚା । ଅତିଥି ସତ୍କାର କରିବାପାଇଁ ହଣ୍ଡାଟିଏ ଦରକାର । ଅନ୍ୟ ଉନ୍ନତ ଗ୍ରାମ ତୁଳନାରେ ଏହି ଗ୍ରାମଟିରେ ଉନ୍ନୟନମୂଳକ କାର୍ଯ୍ୟ ବେଶୀ ହୋଇ ନ ଥିଲେ ମଧ୍ୟ ଲୋକଙ୍କର ମନୋଭାବହିଁ ଗ୍ରାମଟିକୁ ଉନ୍ନତକରି ଗଢ଼ି ତୋଳିଛି ।

ଆଜିର ଜାତୀୟ ଚିତ୍ରପଟରେ ଗ୍ରାମ ଏବଂ ସହର ଭିତରେ ଦ୍ୱନ୍ଦ ଚାଲିଛି । ସହରଗୁଡ଼ିକରେ ଯେଉଁ ଜଟିଳ ସମସ୍ୟାମାନ ଦେଖାଯାଉଛି ତାର ପ୍ରଭାବ ଗ୍ରାମଗୁଡ଼ିକ ଉପରେ ପଡୁଛି । ଗ୍ରାମଗୁଡ଼ିକରୁ ଲୋକମାନେ ସହରାଭିମୁଖୀ ହେଉଥିବାରୁ ସହରଗୁଡ଼ିକର ସମସ୍ୟା ଜଟିଳରୁ ଜଟିଳତର ହେଉଛି । ସାରା ପୃଥିବୀର ଅଭିଜ୍ଞତାରୁ ଜଣାଯାଉଛି ଯେ ଯେଉଁଠି ଅଳ୍ପ ଜାଗାରେ ବେଶୀ ଲୋକ ରହିଛନ୍ତି ସେଇଠି ମାନବ ସଙ୍ଗଠନ ଧୀରେ ଧୀରେ ଲୁଣ୍ଠିତ ପଡୁଛି । ଆମ ଦେଶରେ ଏବେ ମାନବ ସଙ୍ଗଠନ ଗୁଡ଼ିକୁ ସୁଷମ ରୂପେ ସହର ଏବଂ ଗ୍ରାମ ମଧ୍ୟରେ ବଣ୍ଟନ କରିବାର ସମୟ ଆସି ଅଛି । ଗ୍ରାମର ଯୁବକମାନଙ୍କୁ କର୍ମ ପନ୍ଥା ଯୋଗାଇଦେଇ ସେମାନଙ୍କୁ ଗ୍ରାମରେ ଅଟକାଇ ରଖିବା ଉଚିତ । ନଚେତ୍ ସେମାନେ ହତାଶ ହୋଇ ସହର ଅଭିମୁଖୀ ହେବେ । ଏହାଦ୍ୱାରା ଉଭୟ ସହର ଏବଂ ଗ୍ରାମର ସ୍ୱାସ୍ଥ୍ୟର ଅଧୋଗତି ହେବ ।

ଏହି ଭାବଧାରା ନେଇ କେଂପସରା ଗ୍ରାମ ଉନ୍ନୟନର ଚିନ୍ତା ଆରମ୍ଭ ହୋଇଥିଲା । ଅକ୍ଟୋବର ଦୁଇ ୧୯୮୧ ମହାତ୍ମାଗାନ୍ଧୀଙ୍କ ଜନ୍ମଦିନରେ ଏହି ଗ୍ରାମଟିରେ ଗୋଟିଏ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀଙ୍କ ଆବଶ୍ୟକତା ବିଷୟରକୁ ନିଆଯାଇଥିଲା । ଅନ୍ୟ ଗ୍ରାମପରି ଗ୍ରାମବାସୀମାନେ କହିଲେ ତାଙ୍କର ରାସ୍ତା, ବିଦ୍ୟୁତକରଣ, ପୋଲ ଇତ୍ୟାଦି ଦରକାର । ତାଙ୍କୁ କୁହାଯାଇଥିଲା ଯେ ଏଗୁଡ଼ିକ କିଛି ବଡ଼ କଥା ନୁହେଁ । ଯଦି ସେମାନେ ନିଜକୁ ନିଜେ ସାହାଯ୍ୟ କରି ପାରିବେ ତା'ହେଲେ ତାଙ୍କର ସର୍ବବିଧ ଉନ୍ନତି ହୋଇପାରିବ । ନିଜକୁ ନିଜେ ସାହାଯ୍ୟ କରିବା ଅର୍ଥ ହେଲା–ଗ୍ରାମର ଯୁବକମାନେ ପ୍ରତିଜ୍ଞା କରିବେ ଯେ, ସେମାନେ ଗ୍ରାମରେ ନିଜର ଜୀବିକା ନିର୍ବାହର ପନ୍ଥା ବାହାର କରିବେ । ପ୍ରତ୍ୟେକ ଲୋକ ତାର ପଡ଼ୋଶୀର ମଙ୍ଗଳ କାମନା କରିବେ । ଗ୍ରାମର ଅକ୍ଷମ ଲୋକମାନଙ୍କୁ ସକ୍ଷମ ଲୋକମାନେ ସାହାଯ୍ୟ କରିବେ ଏବଂ ଗ୍ରାମରେ ଯେତେ ରକମର ଉନ୍ନୟନ କାର୍ଯ୍ୟ ହେବ ସେଥିରେ ସମସ୍ତେ ସକ୍ରିୟ ସହଯୋଗ କରିବେ । ଏତଦ୍‌ବ୍ୟତୀତ ଯୁବକମାନେ ପ୍ରତିଜ୍ଞା କରିବା ଦରକାର ଯେ, ସେମାନେ ସମାଜ ଉପରେ ବୋଝ ହେବେ ନାହିଁ । ପରଜୀବୀ ଅଭିମୁଖୀ ନ ହୋଇ ନିଜଗୋଡ଼ରେ ଠିଆ ହୋଇ ଗ୍ରାମର ଉନ୍ନତି କରିବେ । ସମାଜଠାରୁ ସେମାନେ ଯାହା ଉପକାର ଚାହିଁବେ ସେତିକି କିମ୍ବା ତା'ଠାରୁ ବେଶୀ ସମାଜକୁ ପ୍ରତିଦାନ ରୂପେ ଫେରାଇଦେବେ ଏବଂ ନିଜର କର୍ତ୍ତବ୍ୟ ଆନ୍ତରିକତା ଓ ସାଧୁତାସହ ସଂପାଦନ କରିବାପରେ ନିଜର ଦାବୀ ସାବ୍ୟସ୍ତପାଇଁ ଚିନ୍ତା କରିବେ । ଆଲୋଚନାପରେ ଗ୍ରାମବାସୀମାନେ ଏ ନୂତନ ଚିନ୍ତାଧାରା ଗ୍ରହଣ କରିବା ଆଗରୁ ଗତାନୁଗତିକ ପ୍ରଶ୍ନମାନ କରିଥିଲେ । ସେମାନଙ୍କୁ ବୁଝାଇ ଦିଆଯାଇଥିଲା ଯେ କୌଣସି ନୂତନ ଚିନ୍ତାଧାରା ଯେତେବେଳେ ପ୍ରଥମେ ପରିପ୍ରକାଶ ହୁଏ ବା ତାକୁ କାର୍ଯ୍ୟରେ ରୂପାୟିତ କରିବାକୁ ପ୍ରଚେଷ୍ଟା କରାଯାଏ, ସେତେବେଳେ ତାହା ସର୍ବସାଧାରଣଙ୍କର ଗ୍ରହଣୀୟ ହୁଏ ନାହିଁ । ଅପରନ୍ତୁ ତାକୁ କାର୍ଯ୍ୟକାରୀ କରିବା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଏ । ଅନେକ ଅହେତୁକି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡବ ବୋଲି ଯୁକ୍ତି କରାଯାଇଥାଏ । ସେଥିପାଇଁ କୌଣସି ଏକ ନୂତନ ଚିନ୍ତାଧାରାକୁ ରୂପାୟିତ କରିବା ପାଇଁ ସବୁସମୟରେ କେବଳ ମୁଷ୍ଟିମେୟ ବ୍ୟକ୍ତି ଆଗଭର ହୋଇଥାନ୍ତି । ଉଦାହରଣ ସ୍ୱରୂପ, ବାପୁଜୀ ଯେତେବେଳେ ଅହିଂସା

ଆନ୍ଦୋଳନର ଭାବଧାରାର ସୂତ୍ରପାତ କଲେ, ସେତେବେଳେ ଭାରତର ଅଧିକାଂଶ ଲୋକ ତାଙ୍କୁ ଅଟ୍ଟହାସ୍ୟରେ ଉଡ଼ାଇ ଦେଇଥିଲେ । କିନ୍ତୁ ମୁଷ୍ଟିମେୟ ବ୍ୟକ୍ତିଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଅହିଂସା ଭାବଧାରା କେବଳ ଯେ ଭାରତର ସ୍ୱାଧୀନତା ଆଣି ଦେଇପାରିଥିଲା ତାହା ନୁହେଁ; ବର୍ତ୍ତମାନ ପୃଥିବୀରେ ସର୍ବଶ୍ରେଷ୍ଠ ଭାବଧାରା ରୂପେ ପ୍ରସିଦ୍ଧି ଲାଭ କରିଛି । କଥାବାର୍ତ୍ତାପରେ ଗ୍ରାମବାସୀଙ୍କ ମନରେ ବିପୁଳ ଉନ୍ମାଦନା ଆସଥିଲା । ବିଶେଷତଃ ଯୁବସମାଜ ଏହି ନୂତନ ତତ୍ତ୍ୱାଧାରା ଗ୍ରହଣ କରିବା ପାଇଁ ଆଗେଇ ଆସିଥିଲେ । ସଙ୍ଗେ ସଙ୍ଗେ ଗ୍ରାମର ସର୍ବାଙ୍ଗୀନ ଉନ୍ନତିଲାଗି ଏହି ନୂତନ ଚିନ୍ତାଧାରାରେ କର୍ମପନ୍ଥା ନିର୍ଦ୍ଧାରଣ କରାଗଲା ।

ସର୍ବ ପ୍ରଥମେ ଯୁବକ ଏବଂ ଗ୍ରାମବାସୀଙ୍କୁ ତାଙ୍କର ଗତାନୁଗତିକ ମନୋଭାବ ବଦଳାଇବା ପାଇଁ ପ୍ରେରଣା ଦିଆଯାଇଥିଲା । ସବୁ ପରିବାର ନିଜର ସ୍ୱାର୍ଥକୁ ପଛରେ ପକାଇ ପଡ଼ୋଶୀକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । ଗ୍ରାମର ସକ୍ଷମ ଲୋକମାନେ ଦୁସ୍ଥ ଏବଂ ଅକ୍ଷମ ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ ଏବଂ ସେ ଦିଗରେ କାର୍ଯ୍ୟ ଆରମ୍ଭ କଲେ । ଯୁବକମାନଙ୍କର ପ୍ରତିଜ୍ଞା ଅନୁସାରେ ସେମାନେ ଚାକିରୀ ପଛରେ ନ ଗୋଡ଼ାଇ ନିଜ ଚେଷ୍ଟାରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ସକ୍ରୀୟ ସହଯୋଗରେ ନିଜ ଗୋଡରେ ଏଇ ଅଳ୍ପ ସମୟମଧ୍ୟରେ ଠିଆହୋଇ ପାରିଛନ୍ତି । ଲୋକମାନଙ୍କର ମନୋଭାବର ଏପରି ପରିବର୍ତ୍ତନର ସୁଯୋଗ ନେଇ ଗ୍ରାମର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମଥର ପାଇଁ ଗୋଟିଏ ପରିବା ଉତ୍ପାଦନ ଓ ବିକ୍ରୟ ସହଯୋଗ ସମିତି ଗଠନ କରାଯାଇ ଗ୍ରାମର ସମସ୍ତ ପରିବା ଉତ୍ପାଦନକାରୀଙ୍କର ଅର୍ଥନୈତିକ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି । ପରିବା ଉତ୍ପାଦନକାରୀଙ୍କ ଜମିରେ ଥିବା ସେଚକୂପମାନଙ୍କୁ ବିଦ୍ୟୁତ ସଂଯୋଗ କରାଯିବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଇତି ମଧ୍ୟରେ ତିନୋଟି ସେଚକୂପର ବିଦ୍ୟୁତ୍‌କରଣ କରାଯାଇ ଜଳସେଚନର ସୁବିଧା ପ୍ରଦାନ କରାଯାଇସାରିଲାଣି । କୃଷି ବିଶେଷଜ୍ଞମାନେ ଦୈନନ୍ଦିନ ପରିଦର୍ଶନ କରି ଅଧିକ କୃଷି ଉତ୍ପାଦନ ପାଇଁ ବୈଷୟିକ ପରାମର୍ଶ ଗ୍ରାମବାସୀମାନଙ୍କୁ ଦେଉଛନ୍ତି । ଗ୍ରାମର ସମସ୍ତ ବେକାର ଯୁବକମାନଙ୍କୁ ଜି. ଓ. ସି. ( Grass root occupation Cell ) ମାଧ୍ୟମରେ ଆତ୍ମ ନିର୍ଭରଶୀଳ କରି ଦିଆଗଲାଣି । ତା ଫଳରେ ଯୁବକମାନଙ୍କର ମନୋଭାବର ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଫଳତଃ ବର୍ତ୍ତମାନର ଉଚ୍ଛୃଙ୍ଖଳ ଓ ହତାଶ ଯୁବ ସମାଜପାଇଁ ସେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଆଦର୍ଶ ତଥା ଅନୁକରଣୀୟ ରୂପେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି ।

ଏହା ମଧ୍ୟରେ ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ୍, ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନଳକୂପ ଇତ୍ୟାଦି ସୁବିଧା ସୁଯୋଗମାନ ଯୋଗାଇ ଦିଆଗଲାଣି । ତତ୍ ସଙ୍ଗେ ସଙ୍ଗେ ଜଳସେଚନର ସୁବିଧାପାଇଁ ଗ୍ରାମରେ ଥିବା ରାଜବନ୍ଧର ସର୍ବାଙ୍ଗୀନ ଉନ୍ନତି ହାତକୁ ନିଆଗଲାଣି । ଗ୍ରାମର ଯୁବକ ସଂଘ ଓ ମହିଳା ସମିତିକୁ ରେଜେଷ୍ଟ୍ରିଭୁକ୍ତ କରାଯାଇ ମହିଳାମାନଙ୍କ ପାଇଁ ଗୋଟିଏ ସିଲେଇ ତାଲିମ-କେନ୍ଦ୍ର କାର୍ଯ୍ୟକାରୀ କରାଗଲାଣି । ପ୍ରୌଢ଼ ଶିକ୍ଷା କେନ୍ଦ୍ର ମଧ୍ୟ ଏହି ଗ୍ରାମରେ କାର୍ଯ୍ୟ କରୁଛି ।

ଏ ସବୁ ସରକାରୀ ସାହାଯ୍ୟ ସତ୍ତ୍ୱେ ସମାଜ ପାଇଁ ମାନବିକତାର ମୂଲ୍ୟବୋଧ ଗ୍ରାମବାସୀଙ୍କ ମନରେ ସଂସ୍କାର କରିବା ଲାଗି ଜିଲ୍ଲା ପ୍ରଶାସନର ଉଦ୍ୟମ ଅବ୍ୟାହତ ରହିଛି । ଏହା ନିରାଟ ସତ୍ୟ ଯେ, ଯେ କୌଣସି ଅର୍ଥନୈତିକ ପରିକଳ୍ପନା ଫଳବତୀ ହେବାକୁ ହେଲେ ଗ୍ରାମର ସାମାଜିକ ସୌହାର୍ଦ୍ଦ୍ୟ ଏବଂ ସଂହତି ଉପରେ ହିଁ ଏହା ପ୍ରତିଷ୍ଠିତ ହେବା ଦରକାର । ଏହି ଚିନ୍ତାଧାରାରେ ଗ୍ରାମର ଉନ୍ନୟନ କାମ ଆଗେଇ ଚାଲିଛି । ଗ୍ରାମବାସୀଙ୍କର ପୂର୍ଣ୍ଣ ସହଯୋଗରେ ଏହି ଉଜ୍ଜଳ ତାରକା ଦିନେ ଧ୍ରୁବତାରା ଭଳି ଆଲୋକ ବିଚ୍ଛୁରିତ କରିବ । ଦୃଢ଼ ଆଶା ଓ ବିଶ୍ୱାସ ଯେ ଏହି ଗ୍ରାମଟି ଗୋଟିଏ ଅନୁକରଣୀୟ ଗ୍ରାମ ହୋଇ ଗଢ଼ିଉଠିବ ।

ଜିଲ୍ଲାପାଳ, କେନ୍ଦୁଝର

> ଅସ୍ପୃଶ୍ୟତା ହିନ୍ଦୁ ସମାଜର ଏକ ବ୍ୟାଧି । ବ୍ୟାଧି ସାମାନ୍ୟ ହେଲେ ମଧ୍ୟ ଶରୀରର କ୍ଷତିକାରକ । ଅସ୍ପୃଶ୍ୟତା ବ୍ୟାଧି ଥିବା ଯୋଗୁଁ ହିନ୍ଦୁ ସମାଜ ବା ଭାରତୀୟ ସମାଜର ସୁସ୍ଥ ବିକାଶ ହୋଇ ପାରୁନାହିଁ । × × × ବିଜ୍ଞାନର ଆଲୋକରେ ଦୀପ୍ତ କୌଣସି ଆଧୁନିକ ସମାଜ ଏହାକୁ ପ୍ରଶ୍ରୟ ଦେଇ ନ ପାରେ ।
>
> ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଶାରେ କ୍ରମକ୍ଷୟିଷ୍ଣୁ ଜନଜାତି

ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର

ଭାରତର ଜନସଂଖ୍ୟା ଯେଉଁଭଳି ଦ୍ରୁତ ଗତିରେ ବୃଦ୍ଧି ପାଉଛି, ସେଥିରେ ଗୋଟିଏ ଭୁଲ ଧାରଣା ରହିଥିବା ସ୍ୱାଭାବିକ । ଭାରତର ସମସ୍ତ ପ୍ରାନ୍ତରେ, ରାଜ୍ୟରେ ବା ଜିଲ୍ଲାରେ ଏହି ଜନସଂଖ୍ୟା ବୃଦ୍ଧି ସମାନ ଭାବରେ ହେଉନାହିଁ । ସେହିଭଳି ଭାରତରେ ଯେଉଁ ବିଭିନ୍ନ ଜାତି, ଉପଜାତି, ଜନଜାତି ବା ଆଦିବାସୀ ଅଛନ୍ତି, ସେମାନଙ୍କ ଜନସଂଖ୍ୟା ମଧ୍ୟ ସମାନ ଭାବରେ ବୃଦ୍ଧି ପାଉନାହିଁ । ଆମ ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ଭାରତ ସ୍ୱାଧୀନତା ପରେ ଜନଗଣନା ସଂସ୍ଥା ଆଉ ବିଭିନ୍ନ ଜାତିର ଜନସଂଖ୍ୟା ପୃଥକଭାବେ ଗଣନା କରୁନାହାନ୍ତି । କିନ୍ତୁ ତଫସିଲ୍‌ଭୁକ୍ତ ଆଦିବାସୀ ଜନଜାତି ଏବଂ ତଫସିଲଭୁକ୍ତ ହିନ୍ଦୁଜାତିମାନଙ୍କର ଜନସଂଖ୍ୟା ପ୍ରତ୍ୟେକ ଜନଗଣନା ବେଳେ ନିଶ୍ଚିତ ହୋଇଥାଏ । ତଥାପି ଓଡ଼ିଶାଭଳି କେତୋଟି ରାଜ୍ୟରେ ୧୯୫୧ ଜନଗଣନାରେ ତଫସିଲଭୁକ୍ତ ପ୍ରତ୍ୟେକ ଜନଜାତି ବା ତଫସିଲଭୁକ୍ତ ପ୍ରତ୍ୟେକ ଜାତି ବିଷୟରେ ପୃଥକ୍ ଜନସୁମାରି ହୋଇନାହିଁ । ତେଣୁ ତଫସିଲଭୁକ୍ତ କେଉଁ ଜନଜାତି ବା ଜାତି ୧୯୫୧ ରୁ ୧୯୭୧ ମଧ୍ୟରେ ଜନସଂଖ୍ୟାରେ ବା ଜନବୃଦ୍ଧି ଅନୁପାତରେ କିଭଳି ଅଗ୍ରସର ହୋଇଛନ୍ତି, ତାହା କହିବା ଦୁରୂହ । ସୌଭାଗ୍ୟକ୍ରମେ ଭିନ୍ନ ଭିନ୍ନ ତଫସିଲଭୁକ୍ତ ଜାତି ଏବଂ ଜନଜାତିଙ୍କ ବିଷୟରେ ପୃଥକ୍ ଜନସୁମାରି ୧୯୬୧ ଏବଂ ୧୯୭୧ ଜନଗଣନାରୁ ମିଳୁଅଛି । ଆଜି ଏହି ଅବସରରେ କ୍ରମେ ଲୋପ ପାଇଯାଉଥିବା ଭାରତର ବିଶେଷତଃ ଓଡ଼ିଶାର ଆଦିବାସୀ ଜନଜାତିଙ୍କ ବିଷୟରେ କିଛି ତଥ୍ୟ ବିଗ୍ଭର କରାଯାଉ ।

ଭାରତରେ ତଫସିଲଭୁକ୍ତ ଆଦିବାସୀ ଜନଜାତିଙ୍କ ଜନସଂଖ୍ୟା ସମଗ୍ର ଦେଶର ଜନସଂଖ୍ୟାର ମାତ୍ର ଶତକଡ଼ା ୭ ଭାଗରୁ ସାମାନ୍ୟ କମ୍ । ୧୯୬୧–୭୧ ଦଶକରେ ସେମାନଙ୍କର ଜନସଂଖ୍ୟା ସର୍ବଭାରତୀୟ ଜନସଂଖ୍ୟାର ଅନୁପାତରେ ପ୍ରାୟ ଅପରିବର୍ତ୍ତିତ ରହିଛି । କିନ୍ତୁ ଆମ ଓଡ଼ିଶାରେ ସେହି ଦଶବର୍ଷ ମଧ୍ୟରେ ତଫସିଲଭୁକ୍ତ ଜନଜାତିଙ୍କ ସମୁଦାୟ ଜନସଂଖ୍ୟା ଶତକଡ଼ା ୨୪ ଦଶମିକ୍ ୧ରୁ ୨୩ ଦଶମିକ୍ ୧କୁ କମି ଯାଇଛି । ତେଣୁ ସ୍ଥୂଳ ଭାବରେ ବିଗ୍ଭର କଲେମଧ୍ୟ ସେମାନଙ୍କ ବୃଦ୍ଧିହାର କମି ଯାଇଛି । ଏହାର ପ୍ରମାଣ ହେଲା ଯେ, ସମଗ୍ର ଭାରତରେ ୧୯୬୧–୭୧ ଦଶକରେ ତଫସିଲଭୁକ୍ତ ଜନଜାତିଙ୍କ ଜନବୃଦ୍ଧି ହାର ପ୍ରାୟ ଶତକଡ଼ା ୨୬ ଥିବା ସ୍ଥଳେ, ଓଡ଼ିଶାର ତଫସିଲଭୁକ୍ତ ଜନଜାତିମାନେ ମାତ୍ର ଶତକଡ଼ା ୨୦ ହାରରେ ବୃଦ୍ଧିପାଇଛନ୍ତି । ଆହୁରିମଧ୍ୟ ସମଗ୍ର ଓଡ଼ିଶାର ଜନସଂଖ୍ୟାର ଅଭିବୃଦ୍ଧି ଏହି ଦଶକରେ ଶତକଡ଼ା ୨୫ ହାରରେ ହୋଇଥିଲେ ହେଁ, ତଫସିଲ୍‌ଭୁକ୍ତ ଜନଜାତିମାନେ ମାତ୍ର ଶତକଡ଼ା ୨୦ ହାରରେ ବୃଦ୍ଧି ପାଉଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ସାଧାରଣ ଭାବରେ ଆଦିବାସୀ ଜନଜାତିଙ୍କର ଜନବୃଦ୍ଧି ଶକ୍ତି ହ୍ରାସ ପାଉଛି ।

ଭାରତରେ କେତେକ ଅଞ୍ଚଳରେ ତଫସିଲଭୁକ୍ତ ଆଦିବାସୀ ଜନଜାତିମାନେ ଜନସଂଖ୍ୟା ତଥା ଆନୁପାତିକ ଜନ ବୃଦ୍ଧିରେ ଅଗ୍ରସର ହେଉଥିବା ସ୍ଥଳେ ଅନ୍ୟ କେତେକ ଜନଜାତି କ୍ରମଶଃ ଲୋପ ପାଇଯାଉଛନ୍ତି । ସାଧାରଣତଃ ଯେଉଁ ଜନଜାତିମାନେ ବଣ ଜଙ୍ଗଲରେ ଶୀକାର କରି ବନଜାତ ଖାଦ୍ୟ ପଦାର୍ଥ ସଂଗ୍ରହକରି ଜୀବନ ଧାରଣ କରନ୍ତି, ସେମାନଙ୍କର ଜନସଂଖ୍ୟାର ବୃଦ୍ଧିହାର ପ୍ରାୟ ନିରବଚ୍ଛିନ୍ନଭାବେ ହ୍ରାସ ପାଇଯାଉଛନ୍ତି । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ଭାରତର ପୂର୍ବ ଭାଗରେ ଥିବା ଆଣ୍ଡାମାନ ଦ୍ୱୀପପୁଞ୍ଜର ପ୍ରଧାନ ଦ୍ୱୀପର ଆଦିମ ଅଧିବାସୀମାନେ ପ୍ରାୟ ନିଶ୍ଚିହ୍ନ ହୋଇ ଗଲେଣି । ୧୯୬୧ ଜନଗଣନାରେ ସେମାନେ ଥିଲେ ମାତ୍ର ୧୯ଜଣ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣକର କାର୍ଯ୍ୟପନ୍ଥା ଫଳରେ ସେହିସଂଖ୍ୟା ୧୯୭ ରେ ମାତ୍ର ୨୪କୁ ବୃଦ୍ଧି ପାଇଛି । ସେହିଭଳି କ୍ରମଶଃ ଲୋପ ପାଇଯାଉଥିବା ତାମିଲନାଡୁର ନୀଳଗିରି ପର୍ବତବାସୀ ଟୋଡ଼ା ଜନଜାତିଙ୍କ ଜନବୃଦ୍ଧି ହାରରେ ଏବେ ନିକଟ ଅତୀତରେ ସାମାନ୍ୟ ଉନ୍ନତି ଘଟିଛି । ଆଦିବାସୀ ଜନଜାତିଙ୍କର ଜନସଂଖ୍ୟା ହ୍ରାସ ପାଇବାର ଅନେକ କାରଣ ଥାଇପାରେ । ସଭ୍ୟତାର ସଂସର୍ଶରେ ଆସି ସେମାନେ ଯେଉଁ ନୂଆ ନୂଆ ବ୍ୟାଧି ବିଶେଷତଃ ବସନ୍ତ, ହଇଜା, ମେହ, ଉପଦଂଶ ଆଦି ଧାତୁ ରୋଗ କବଳରେ ପଡ଼ନ୍ତି,, ସେଥିଯୋଗୁ ସେମାନେ ବହୁ ସଂଖ୍ୟାରେ ମୃତ୍ୟୁ ବରଣ କରିଥାଆନ୍ତି । ଜୀବନ ଧାରଣର ସମ୍ବଳ ବା ଆଧାର ଗୁଡ଼ିକ ଯେତେବେଳେ ସୀମିତ ବା ପଥରୁଦ୍ଧ ହୋଇଯାଏ, ସେହି କାରଣରୁ ମଧ୍ୟ ଜନସଂଖ୍ୟା ହ୍ରାସ ପାଇଥାଏ । କେତେକ କ୍ଷେତ୍ରରେ ପ୍ରାଚୀନ ଭାରତରେ ବା ଅଧୁନାତନ ଭାରତରେ ହେଉ, କେତେକ ବିଭବଶାଳୀ

ବା କ୍ଷମତା ସମ୍ପନ୍ନ ଜନଜାତିମାନେ ନିଜନିଜକୁ କୌଣସି ଏକ ହିନ୍ଦୁଜାତି ସହିତ ସମତୁଲ୍ୟକରି ନିଜର ପ୍ରାଚୀନ ଜନଜାତି ସଂପର୍କ ଛିନ୍ନ କରିଥାଆନ୍ତି । ଏହିଭାବରେ କେତେକ ଆଦିବାସୀ ଜନଜାତି କାଳକ୍ରମେ ହିନ୍ଦୁ ସମାଜର ଅଙ୍ଗୀଭୂତ ହୋଇଯାଇଥିଲେ ଏବଂ ଏବେ ମଧ୍ୟ ହୋଇ ଯାଉଅଛନ୍ତି । ତାହାଫଳରେ ତାଙ୍କର ଜନଜାତି ହିସାବରେ ଜନସଂଖ୍ୟା ନିଶ୍ଚୟ ହ୍ରାସ ପାଇବ । ଜନଗଣନାକାରୀମାନେ ମଧ୍ୟ ଜ୍ଞାତ ସାରରେ ବା ଅଜ୍ଞାନରେ, ତଫସିଲଭୁକ୍ତ ଜନଜାତିଙ୍କ ନାମ, ଧର୍ମ ବା ଭାଷା ଇତ୍ୟାଦି ବିଷୟରେ କେତେକ କ୍ଷେତ୍ରରେ ଭ୍ରମାତ୍ମକ ତଥ୍ୟ ଲିପିବଦ୍ଧ କରିଥାଆନ୍ତି । ଆପଣମାନେ ଜାଣନ୍ତି ଯେ, ଓଡ଼ିଶାରେ ୬୨ଟି ତଫସିଲଭୁକ୍ତ ଜନଜାତି ବା ଆଦିବାସୀ ଜାତି ଅଛନ୍ତି । ଏଥିରୁ କେତେକ ଜନଜାତି ପ୍ରଦେଶର ସୀମାନ୍ତ ଅଞ୍ଚଳରେ ଅତି ଅଳ୍ପ ସଂଖ୍ୟାରେ ବସବାସ କରିଥାଆନ୍ତି—ଯଥା ବାଗତା, ବାଇଗା, ବନ୍ଦାରା, ଚେଞ୍ଚୁ, ଢଲୁଆ ଇତ୍ୟାଦି ପ୍ରତିବେଶୀ ମଧ୍ୟପ୍ରଦେଶ କିମ୍ବା ଆନ୍ଧ୍ର ପ୍ରଦେଶରେ ବହୁସଂଖ୍ୟାରେ ବସବାସ କରିଥାନ୍ତି କିନ୍ତୁ ଅନିୟମିତ ଓ ସାମୟିକଭାବେ ଓଡ଼ିଶା ପ୍ରଦେଶକୁ ବାସାନ୍ତର ହୋଇ ଚାଲିଆସନ୍ତି । ୧୯୬୧–୭୧ ଦଶକରେ ଏହି ବାଗତାମାନଙ୍କର ଶତକଡ଼ା ୮୩, ଚେଞ୍ଚୁମାନଙ୍କର ଶତକଡ଼ା ୮୫, ଜାତା ମାନଙ୍କର ଶତକଡ଼ା ୨୬, କୋଲ୍ ମାନଙ୍କର ଶତକଡ଼ା ୯୮, କୋଣ୍ଡାଦୋରାମାନଙ୍କର ଶତକଡ଼ା ୪୪, କୋରା ମାନଙ୍କର ଶତକଡ଼ା ୪୫, ପାରେଙ୍ଗାମାନଙ୍କର ଶତକଡ଼ା ୫୫, ପେଣ୍ଟିଆମାନଙ୍କର ଶତକଡ଼ା ୩୫ ଏବଂ ଥାରୁଆମାନଙ୍କର ଶତକଡ଼ା ୫ ଜନସଂଖ୍ୟା ହ୍ରାସ ପାଇଛି । ସେଇପରି ବିରହୋରଙ୍କ ଜନସଂଖ୍ୟା ଶତକଡ଼ା ୬୪, ଏବଂ ମାଙ୍କଡ଼ି ଜନଜାତିଙ୍କ ସଂଖ୍ୟା ଶତକଡ଼ା ୪୭ ହ୍ରାସ ପାଇଛି । କିନ୍ତୁ ଲକ୍ଷ କରିବାର କଥା ଏହି ଯେ, ବିହାରରେ ଯେଉଁମାନଙ୍କୁ ବିରହୋର୍ କୁହାଯାଏ ସେମାନେ ଓଡ଼ିଶାରେ ତିନିଗୋଟି ଜନଜାତି ହିସାବରେ ପରିଗଣିତ ହୋଇଥାନ୍ତି । ବିରହୋର, ମାଙ୍କଡ଼ ଏବଂ ମାଙ୍କିଡ଼ିଆ ଏମାନେ ସମସ୍ତେ ହେଲେ ଗୋଟିଏ ସମାଜର, ଗୋଟିଏ ସଂସ୍କୃତିର ଏବଂ ଗୋଟିଏ ଜନ ଜାତିର ଲୋକ । ତେଣୁ ବିରହୋର ଓ ମାଙ୍କିଡ଼ିଙ୍କ ସଂଖ୍ୟା ହ୍ରାସ ପାଇଥିବା ସ୍ଥଳେ ତଫସିଲଭୁକ୍ତ ମାଙ୍କିଡ଼ିଆମାନଙ୍କର ଜନସଂଖ୍ୟା ୪ଗୁଣରୁ ବେଶୀ ବୃଦ୍ଧି ପାଇଛି ସେହି ଦଶ ବର୍ଷରେ । ଏହିଭଳି ଭ୍ରମ ପ୍ରମାଦ ସରକାରୀ ତଫସିଲରେ ଆହୁରି କେତେକ କ୍ଷେତ୍ରରେ ରହିଛି । ତଫସିଲଭୁକ୍ତ ୧୧ଟି ଜନଜାତିଙ୍କ ଜନସଂଖ୍ୟା ୧୯୬୧ ତୁଳନାରେ ଅଭୂତପୂର୍ବଭାବେ ହ୍ରାସ ପାଇଛି । ଏହା ବ୍ୟତୀତ ଅନ୍ୟ ୨୫ଟି ତଫସିଲଭୁକ୍ତ ଜନଜାତି ଓଡ଼ିଶାର ସାଧାରଣ ଲୋକଙ୍କ ତୁଳନାରେ ଅନେକ କମ୍ ମାତ୍ରାରେ ବୃଦ୍ଧି ପାଇଛନ୍ତି । ଓଡ଼ିଶାର ସାଧାରଣ ଜନବୃଦ୍ଧିହାର ଶତକଡ଼ା ୨୫ ହୋଇଥିବା ସ୍ଥଳେ ସେହି ଦଶବର୍ଷରେ, ଓଡ଼ିଶାର ସଂଖ୍ୟା ଗରିଷ୍ଠ କନ୍ଧ ଜନଜାତି ମାତ୍ର ଶତକଡ଼ା ୬ ହାରରେ ବୃଦ୍ଧିପାଇଛନ୍ତି । ସେହିଭଳି ଅନ୍ୟତମ ସଂଖ୍ୟାଧିକ ଜନଜାତି ଗଣ୍ଡମାନେ ମାତ୍ର ଶତକଡ଼ା ୧୨ ହାରରେ ବୃଦ୍ଧି ପାଇଅଛନ୍ତି । ପ୍ରସିଦ୍ଧ ସାନ୍ତାଳ ଓ ଶବରା ,ଜନଜାତିମାନେ ମାତ୍ର ଶତକଡ଼ା ୧୦ ହାରରେ ଜନବୃଦ୍ଧି କରିଛନ୍ତି । ଶତକଡ଼ା ୧୦ ବା ତହିଁରୁ କମ ବୃଦ୍ଧିପାଇଥିବା ଜନଜାତିଙ୍କ ସଂଖ୍ୟା ହେଲା ୧୦ ଏବଂ ସେମାନେ ହେଲେ ସୁବିଖ୍ୟାତ କନ୍ଧ, ସମ୍ବଲପୁରର ବିନ୍ଝାଲ, କୋରାପୁଟର ଡିଡ଼ାୟୀ, ଖଦଡା, କୋୟା, ପଶ୍ଚିମ ଓଡ଼ିଶାର ମିର୍ଦ୍ଧା, ଉତ୍ତର ଓଡ଼ିଶାର ମୁଣ୍ଡା, ମୁଣ୍ଡାରୀ ଏବଂ ସାନ୍ତାଳ ଏବଂ ଗଞ୍ଜାମ କୋରାପୁଟର ସଉରା ସମେତ ଓଡ଼ିଶାରେ ପରିବ୍ୟାପ୍ତ ସହରା ବା ସଅର ।

ଆମମାନଙ୍କର ଆଶା ଓ ବିଶ୍ୱାସ ଯେ ଓଡ଼ିଶା ସରକାରଙ୍କର ଜନକଲ୍ୟାଣକର ନୀତି ଓ କାର୍ଯ୍ୟପନ୍ଥାଫଳରେ ଏତେ ଅଧିକ ସଂଖ୍ୟାରେ ଲୋପ ପାଇ ଯାଉଥିବା ଆଦିବାସୀ ଜନଜାତିଙ୍କର ସମୃଦ୍ଧି ହେବା ସଙ୍ଗେ ସଙ୍ଗେ ତାଙ୍କ ଜନସଂଖ୍ୟା ସମସ୍ୟାର ସମାଧାନ ଅବିଳମ୍ବେ ହୋଇପାରିବ ।

ପ୍ରଫେସର, ନୃତତ୍ତ୍ୱ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ ।

କୌଣସି ଦେଶର ଶିଳ୍ପ ସମୃଦ୍ଧି ସେ ଦେଶର ଲୁଗାକଳ, କାଗଜକଳ ବା ସ୍ପଞ୍ଜକଳ ଦ୍ୱାରା ମପାଯାଏ ନାହିଁ । ସେ ଦେଶରେ କି କି ଭାରି ଶିଳ୍ପ ଅଛି, ଦେଶର ଆବଶ୍ୟକତାକୁ ଚାହିଁ କଳ-କାରଖାନାମାନ ସେସବୁ ଶିଳ୍ପଦ୍ୱାରା ନିର୍ମିତ ହୋଇ ପାରିବ କି ନାହିଁ, ତାହାହିଁ ସେ ଦେଶର ଶିଳ୍ପୀକରଣ ବା ଶିଳ୍ପ ସମୃଦ୍ଧିର ମାପକାଠି ହୁଏ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# "ମୋ ଜୀବନ ପଛେ ନର୍କେ ପଡ଼ିଥାଉ"

**ଶ୍ରୀ ଶତ୍ରୁଘ୍ନ ନାଥ**

ଜାତି ଭେଦ, ପୂଜାବିଧି, ଧନୀ-ଦରିଦ୍ର ପାର୍ଥକ୍ୟ, କହିମା, ଆଭିଜାତ୍ୟ ଆଦି ଉପରେ ପ୍ରତିଷ୍ଠିତ ସମାଜର ପରିବର୍ତ୍ତନ ପାଇଁ ଊନବିଂଶ ଶତାବ୍ଦୀରେ ଯେଉଁ ସବୁ ଆନ୍ଦୋଳନ ହୋଇଛି ତନ୍ମଧ୍ୟରେ ମହିମାଧର୍ମ ଆନ୍ଦୋଳନ ଅନ୍ୟତମ । ଏହା ଏକ ଆୟୁଧ, ବରଂ ଏ ସବୁ ଭେଦ ଓ ସଂକୀର୍ଣ୍ଣତାର ଉତ୍କଟତା ମହିମା ସ୍ୱାମୀଙ୍କ ଆବିର୍ଭାବ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି । ଜ୍ଞାନ ପ୍ରଧାନ ଭକ୍ତିର ଜ୍ଞାନ ଖଡ୍ଗ ଦ୍ୱାରା ସବୁ ଭେଦକୁ ସତ୍ୟ ଯୁଗ ପ୍ରବର୍ତ୍ତକ ମହିମା ଗୋସାଇଁ କାଟି ପକାଇଛନ୍ତି । ସ୍ୱାମୀଙ୍କ ଆଜ୍ଞାକୁ ଶିରରେ ବହି ଭୀମଭକ୍ତ ତାଙ୍କ ଅନୁକମ୍ପାରେ ବିପ୍ଳବୀ କବି ଭୀମ ହୋଇଛନ୍ତି । ଭଣିତା ସଂପର୍କୀୟ ଆଲୋଚନାରେ "ହୀନ, ପାମର, କୀଟ, ଜୀବଛାର" ଭୀମ କାହିଁକି କବିକୁଳ ଚନ୍ଦ୍ର ଓ କବିକୁଳ ବୀରବର ବୋଲି ନିଜକୁ ଭଣିଥିଲେ ଏହି ବିସ୍ମୟ ବର୍ତ୍ତମାନ ଦୂରୀଭୂତ ହୁଏ । କାରଣ ପ୍ରଭୁ ତାଙ୍କୁ କେବଳ ଜ୍ଞାନ ନେତ୍ର ଦେଇ ନଥିଲେ । ତାଙ୍କ ଅପାର କରୁଣାରୁ ସେ ଜ୍ଞାନ ଖଡ୍ଗ ପାଇଥିଲେ । ସେ ପାପଭାର ଛେଦି ପକାଇବାକୁ ଦୃଢ଼ ସଂକଳ୍ପ କରିଥିଲେ । "ପତିତ ଚଣ୍ଡାଳରେ ସମସରି" ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ । "ଛତିଶ ପାଟକ ଜାତି ଏ ଧର୍ମରେ ପଶିଛନ୍ତି", "ନ ପୁଛିଲେ ଜାତି ଗୋତ୍ର ଧରି ନିରିବେଦ ପଥ" । ସେ ମଧ୍ୟ ଲେଖିଛନ୍ତି; "କିବା ନୀଚ ଉଚ୍ଚ ଦୂର ସର୍ବ କରି ସମାଶ୍ରୁର ?"

*　　　　*　　　　*

"ଅଲେଖ ପୁର ଭୁବନ
　　　ନାହିଁ ତହିଁ ବଡ଼ ସାନ
ସମାନରେ ଦୟା ଦୃଷ୍ଟି ସର୍ବ ଜୀବରେ ।"

ସେ ପୁଣି ଗୁରୁ ସ୍ୱାମୀଙ୍କର ଆଜ୍ଞାବହ ହୋଇ ଜଣାଇଛନ୍ତି, "ସଦ୍‌ଗୁରୁ ଧର୍ମ ଏହି କାହାକୁ ମନା ନୁହଇ" ଓ "ଏକାଜଣଙ୍କର ନୁହନ୍ତି ଠାକୁର ଅଛି ସବୁରି ଭାଗ" । ଏହାଛଡ଼ା ପୂଜା ପଦ୍ଧତିରେ ପରିବର୍ତ୍ତନ କରି "ଏକ ବ୍ରହ୍ମ, ଦ୍ୱିତୀୟ ନାସ୍ତି"ର ପ୍ରତିଷ୍ଠା କରା ଯାଇଛି । ସେ ଲେଖିଛନ୍ତି :

"ବାହାରେ ଭ୍ରମି ନ ମର
　　　ଆତ୍ମାର କର ଗୋଚର
ମନେ ମନେ ସାଧ ନିରନ୍ତରେ ହେ ।"

ସଂଯମ ଓ ଇନ୍ଦ୍ରିୟ ନିଗ୍ରହର ବିରଳ ଦୃଷ୍ଟାନ୍ତ ହୋଇଛି ଭକ୍ତମାନଙ୍କ ଜୀବନ, ବିଶେଷ କରି ସନ୍ନ୍ୟାସୀମାନଙ୍କ ଜୀବନ ।

ରାକ୍ଷସ ପ୍ରବୃତ୍ତିର ପ୍ରଭାବରେ ଆଜି ସମାଜରେ ମୂଲ୍ୟବୋଧର ଘୋର ଅବକ୍ଷୟ ଘଟୁଛି । ସେତିକି ନୁହେଁ, ଅନ୍ୟାୟ, ଅନାଚାର ଓ ଅତ୍ୟାଚାର ମୁଣ୍ଡଟେକୁଛି । ପ୍ରାୟ ଦୁଇ ଶହ ବର୍ଷ ପୂର୍ବରୁ ସେ କହିଛନ୍ତି "ବହିନପାଟେ ପିଣ୍ଡ, ଜଳଟା ମାଟି ପରି" "ଜଗତକୁ ପ୍ରଭୁ ନାମ ହେଲାଣି ବିଷ ।" ତେଣୁ ସତ୍ୟ ଯୁଗ ସଂସାରକୁ "ବିହନ" ହେବା ପାଇଁ ଭକ୍ତମାନଙ୍କୁ ଆହ୍ୱାନ ଦେଇଛନ୍ତି । ଗୃହୀକୁଳ "ଅବଧୂତ ଘର ଗୃହକରି" "ଏକାକ୍ଷର ଖମ୍ବ" ପୋତି ଘରକୁ ସାଇତି ରଖିବେ । ପ୍ରଭୁ "ଛାଡ଼ିଛନ୍ତି ଧର୍ମନାବ" ସେ ଅତି ଆତୁର ହୋଇ ଜଣାଣ କରିଛନ୍ତି—

"କାହିଁ ପଳାଇବି ନ ଦିଶେ ପଥ,
ଯେହ୍ନେ ବ୍ୟାଘ୍ରର ବନ୍ଦୀ ବୃଷଭତ ।"
ଓ "ମହାଜାଲେ ପଡ଼ି ମୀନ ଯେମନ୍ତ
ତେସନେ ମୁଁ ହେଉଅଛି ଆରତ ।"

ଏଥିରୁ ରକ୍ଷା କରିବେ "ସିନ୍ଧୁ ପ୍ରାୟ ବ୍ରହ୍ମ ଅକଳିତ ।" ସାଗର ସହିତ ତୁଳନା କରି ବ୍ରହ୍ମସାଗର, ମହିମା ସାଗର, ସତ୍ୟାଦି ସାଗରବାନା ଇତ୍ୟାଦି ବ୍ୟବହାର କରାଯାଇଛି । ସାଗରର ନିରନ୍ତ୍ରତା ଓ ସର୍ବବ୍ୟାପକତା ପରି ବ୍ରହ୍ମ ମହିମା ବିରାଜିତ । ଏହା ସତ୍ୟ ଓ ସନାତନ । ସୃଷ୍ଟି ଜଗତ ଏଥିରୁ ସମ୍ଭୂତ । ଧର୍ମ ସାହିତ୍ୟରେ ଏହିଭାବ ଉପରେ ଗୁରୁତ୍ୱ ଦିଆ ଯାଇଛି । ଭୀମଭୋଇ ଏତିକିରେ ସନ୍ତୁଷ୍ଟ ନ ହୋଇ ଲେଖିଛନ୍ତି "ଅନହତ ବିହାରୀ, ଆବୋରିଛି କାୟେ, ଜଳେ କୁମ୍ଭପ୍ରାୟେ ଭିତର ବାହାରେ ପୂରି ।" ଓଡ଼ିଆ ଭାଷାରେ ନିର୍ଗୁଣ ସାହିତ୍ୟର ନବ ଉଦ୍‌ଘାଟନ ଭୀମ ଭୋଇ କରିଛନ୍ତି । ଏହାର ପୂର୍ବବର୍ତ୍ତୀ ପ୍ରକାଶ କେବଳ ଆଭାସ ସ୍ୱରୂପ ଆଦିକବି ଶାରଳାଙ୍କ ଠାରୁ ଆରମ୍ଭ କରି ବିଶେଷତଃ ପଞ୍ଚସଖା ଯୁଗରେ ଏହି ପରମ୍ପରାର ପରିଚୟ ମିଳେ । ଏ ସବୁ ଏକ ଆଗାମୀ ଯୁଗର ସଙ୍କେତ । ଯୁଗର ସୃଷ୍ଟି ସ୍ତମ୍ଭ ହେଉଛନ୍ତି ମହିମା ସ୍ୱାମୀ ଓ ତାଙ୍କ ନିର୍ଦ୍ଦେଶରେ ଆବିର୍ଭୂତ ଭୀମଭୋଇ ।

ଭଜନ ଶେଷରେ ଭଣିତା ପାରଂପରିକ ଭଜନର ଅଙ୍ଗ । ଆଧୁନିକ ଭଜନରେ ଏହା ସର୍ବତ୍ର ନ ଥାଏ । ଭୀମ ଭୋଇଙ୍କ ଭଜନରେ ବୈଶିଷ୍ଟ୍ୟ ଥିଲେ ହେଁ ସେ ଏହି ପାରଂପରିକତାରୁ ବାଦ ଯାଇ ନାହାନ୍ତି । ଶେଷ ପଦ ବା ଏହାର ଶେଷ ଧାଡ଼ିରେ ଭଣିତା ଥିବ "ଭଣେ ଭୀମଭୋଇ ମୂର୍ଖ, ମୋଠାରୁ ସଂସାରେ ନାହିଁ ଅଧମ" । "ସେ ନିଜକୁ ଭୀମ ଅରକ୍ଷିତ, ଭୀମ ହୀନ ଭକ୍ତ, ଭୀମ ହୀନ ଭୋଇ, ଭୀମ ହୀନ ଦାସ, ଭୀମ ସେନ ଭୋଇ, ଭୀମ ଭୋଇ ହୀନ ପାମର, ପାମର ମୂଢ଼, ଭୀମ କନ୍ଧ, ମୂରୁଖ କାବୁ ଇତ୍ୟାଦି ଅଭିହିତ କରିଛନ୍ତି । ସେ ହେଉଛନ୍ତି ଗୁରୁ ମହିମା ସ୍ୱାମୀଙ୍କର ପ୍ରଥମ ଗୃହସ୍ଥ ଭକ୍ତ । ତେଣୁ ସେ ନିଜକୁ ଦୀନହୀନ ବୋଲି ମନେ କରିଛନ୍ତି । ଏହି ଦୈନ୍ୟ ନିଜ ଅସ୍ତିତ୍ୱର ଅସ୍ୱୀକାର ନୁହେଁ, ବରଂ "ଜଳେ କୁମ୍ଭ ପ୍ରାୟ" ଅଭେଦତ୍ୱର ନିଦର୍ଶନ ।

ଭୀମ ଭୋଇଙ୍କ ଭଜନଗୁଡ଼ିକୁ ଅଧ୍ୟୟନ କଲେ କେତୋଟି ଆଧ୍ୟାତ୍ମିକ ପରିଭାଷା ବାରି ହୋଇ ପଡ଼େ । ସେଗୁଡ଼ିକ ଅମଡ଼ା ଅପୋଡ଼ା ଭୂଇଁ, ଶୂନ୍ୟ ଆସନ, ନିଗମ ଭୁବନ, ଅବନା ମଣ୍ଡଳ, ଅବନା ମନ୍ଦିର, ଅମନପୁର, ଦୁର୍ଗମ ଦୀକ୍ଷା, ନିର୍ବେଦ ଧର୍ମ, ନିଷ୍କାମ ଯୋଗ, ଅର୍ଗଳି କବାଟ, ଶୂନ୍ୟ ଗୁପତ ଭାଣ୍ଡ, ଅନାମିକା ପଦ, ଅନାମ ଡାକ୍ରି, ଅମନ ଦାଣ୍ଡ, ନିଗମ ପଦ, ଅଶ୍ରୁତି ଅମୃତ ଦ୍ୱାର, ଅବାଇ ମଣ୍ଡଳ, ଅମନ ମନ୍ଦିର, ବ୍ରହ୍ମଅଙ୍ଗ, ଅସାଧନ ମାର୍ଗ, ଠୂଳ ଶୂନ୍ୟ, ଅନାହତ ଧ୍ୱନି । ଭୀମ "ବ୍ରହ୍ମଟି ମହିମା" ବୋଲି ଲେଖିଛନ୍ତି । ବସ୍ତୁତଃ ସେ କୌଣସି ପ୍ରାର୍ଥକ୍ୟ କରି ନାହାନ୍ତି । ଏକାର୍ଥରେ ଉଭୟ ଶବ୍ଦ ବ୍ୟବହାର କରି ଅରୂପ ବ୍ରହ୍ମ ମହିମାରେ ରୂପ ନେବାର ପ୍ରମାଣ ଦେଇଛନ୍ତି ।

ବ୍ରହ୍ମ ମହିମା ଅଲେଖ ଭଜନରେ ଭଜନୀୟ । ମହିମା ଧର୍ମରେ ଗ୍ରହଣୀୟ ଯେ କୌଣସି ଭଜନରେ ଅନ୍ୟଥା ଆଚରଣ କରାଯାଇ ନାହିଁ । ଓଡ଼ିଆ ସାହିତ୍ୟରେ ଏହା ବସ୍ତୁତଃ ଅନନ୍ୟ ସାଧାରଣ । ଧର୍ମ ଓ ଦର୍ଶନରେ ବ୍ରହ୍ମ ଦୀକ୍ଷାର ମାନ ବହନ କରି ମହିମା ଧର୍ମ ଓ ଦର୍ଶନ ଅଦ୍ୱିତୀୟ ହୋଇଅଛି । ଆଜିଯାଏଁ ଏହି ପରଂପରା ଓଡ଼ିଆ ସାହିତ୍ୟରେ ସୁଦୃଢ଼ ହେବା ସଙ୍ଗେ ସଙ୍ଗେ ଏହାକୁ ସମୃଦ୍ଧ କରିଅଛି ।

ବ୍ରହ୍ମ ସାଧନାରେ ସଂସାରର ଯାବତୀୟ ଦୁର୍ଯାତନା, ଦୁଃଖ, କ୍ଳେଶ ସ୍ୱ-ଅଙ୍ଗରେ ଗ୍ରହଣ କରିବାକୁ ହେବ । ଉତ୍ପୀଡ଼ନର ଶରବ୍ୟ ନିଜେ ହେବାକୁ ପଡ଼ିବ । ଧର୍ମ ରାଜ୍ୟରେ ମହିମା ମହାପ୍ରଭୁ ମହିମା ସ୍ୱାମୀଙ୍କର ଏହି ଦୃଷ୍ଟାନ୍ତର ପଟାନ୍ତର ବିରଳ । ଭୀମ ଭୋଇଙ୍କ ଭାଷାରେ "ଅପୂର୍ବ ମହିମା ନାମ ନିଷ୍କାମ ଅଟଇ ଧର୍ମ ।" ସେ ମହିମା "ଛପନ କୋଟି ଜୀବକୁ ପଡ଼ିଭାତ ଖଣ୍ଡେ, ଆପଣ ଭୁଞ୍ଜିଲ ବେଳେ ଦୋଷ ହୋନ୍ତି ବାସୀ ପେଜେ" । ସେତିକି ନୁହେଁ


"ଅଲେଖ ମହିମା ସ୍ୱାମୀ ବିଜେ ସଂସାରେ
କ୍ଳେଶ ପାଉଛନ୍ତି ଭକ୍ତଙ୍କ ନିମନ୍ତରେ ।"

ଆଉରି ମଧ୍ୟ "ସେ ପ୍ରଭୁ ମହିମା ହିଁ ଦୁଃଖ କଷଣ ସହି ଜଗତ ଉଦ୍ଧାର ନିମନ୍ତେ ଏତେ ଅବସ୍ଥା ପାଇ ।"

ଶୁଣ ଶୁଣି ଶୁଣି ଭୀମ ଭୋଇଙ୍କ ହୃଦୟ ପୋଡ଼ି ଯାଉଥିବାର ମର୍ମସ୍ପର୍ଶୀ ବର୍ଣ୍ଣନା ଆମେ ଦେଖିବାକୁ ପାଉ । ତାଙ୍କ ପ୍ରଭୁ ଯେପରି ଜଗତର ଯନ୍ତ୍ରଣାରେ ନିଜେ ଦଗ୍ଧ ହେବା ପାଇଁ ଆକୁଳ ଭୀମ ସେହିପରି ମାନବ ଜାତିର ସବୁ ଦୁର୍ଦ୍ଦଶା ନିଜ ଦେହରେ ସହ୍ୟ କରିବାପାଇଁ ପ୍ରସ୍ତୁତ । ତେଣୁ ସେ ଗାଉଛନ୍ତି :


"ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

ବାସ୍ତବିକ, ଭୀମଙ୍କ ମହନୀୟତାର ପଟାନ୍ତର ବିଶ୍ୱ ସାହିତ୍ୟରେ ନାହିଁ ।




କଟକ ଜିଲ୍ଲା ରଘୁନାଥପୁରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପାଇକା ବ୍ରିଜ୍ ଉଦ୍‌ଘାଟନ କରୁଛନ୍ତି

ମୁଖ୍ୟମନ୍ତ୍ରୀ ଶ୍ରୀ




ରାଜଭବନଠାରେ ଅନୁଷ୍ଠିତ କୁଷ୍ଠରୋଗୀ-
ମାନଙ୍କ ଥଇଥାନ କାର୍ଯ୍ୟକ୍ରମର ଉଦ୍‌ଘାଟନ
ସ୍ଥିତିରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ
ଶୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ
ରାଷ୍ଟ୍ରମନ୍ତ୍ରୀ ।






ରାୟଗଡ଼ାଠାରେ ସାହୁ ଗ୍ୟାସ୍ ଲିମିଟେ
ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟମ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।





ପାଳଙ୍କ ରେଙ୍ଗାଲି ବନ୍ଧ ପରିଦର୍ଶନ ।



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ
୨୦-ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ
ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା ।




ଉତ୍କର୍ଷ କଳାର ଦେଶ - ଉତ୍କଳରେ....







ମୋ ଦେଶର କୋଟି କାରିଗର କୁଳ
କୋଣାର୍କ ବଂଶଧର
କଳା, ସୂତା, ମାଟି କାଠ ପଥରରେ
ରଚି କଳା ଉତ୍କଳ
ମୋହୁ ଜଗତର ମନ
ମୁଁ କିବା ମୋ ଜାତି ହୋଇପାରୁ କେବେ
ହୀନ ଦୀନ ପରିଚୟ ?






ପୁରୀ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।



ସମବାୟ ସମିତି ନିବନ୍ଧକ କାର୍ଯ୍ୟା
କର୍ମଚାରୀଙ୍କ ବାର୍ଷିକୋତ୍ସବରେ ଅ
ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନା
ଉଦ୍‌ବୋଧନ ।



କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକରେ ରାଜ୍ୟପାଳ
ଶ୍ରୀ ସି. ଏମ୍. ପୁନାଚ୍ଚ ପୋଲିଓ ଇଞ୍ଜେକ୍ସନ
ଦେବା ଉଦ୍‌ଘାଟନ କରୁଛନ୍ତି ।



କୋରାଇ ବ୍ଲକ ଅନ୍ତର୍ଗତ
ଯୁବକ ସଂଘର ବାର୍ଷିକ
ଖାଦ୍ୟ ଓ ଯୋଗାଣ
ଶ୍ରୀ ଭଜମନ ବେହେରା ।

# ଜିଲା ପରିକ୍ରମା :

## ଖୋର୍ଦ୍ଧା ସବଡିଭିଜନରେ ଗରିବଙ୍କ ଉନ୍ନତି ପାଇଁ ଯୋଜନା

ଶ୍ରୀ ନରେନ୍ଦ୍ର କୁମାର ମିଶ୍ର

ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳପରି ଖୋର୍ଦ୍ଧା ସବ୍‌ଡିଭିଜନରେ ଗରିବଲୋକମାନଙ୍କ ଆର୍ଥିକ ଉନ୍ନତିପାଇଁ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ୧୯୧୪ ବର୍ଗ କିଲୋମିଟରର ଆୟତନବିଶିଷ୍ଟ ଏହି ସବ୍‌ଡିଭିଜନରେ ଛଅଗୋଟି ପଞ୍ଚାୟତ ସମିତି ଓ ୭୭ଟି ଗ୍ରାମ ପଞ୍ଚାୟତ ଅଛି । ନିକଟରେ ହୋଇଥିବା ଜନଗଣନା ଅନୁଯାୟୀ ଏହାର ଲୋକସଂଖ୍ୟା ଆପାତତଃ ୫,୬୩,୯୩୪ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଗାଁ ଗହଳରେ ବାସ କରନ୍ତି ଓ ସେମାନେ ଗରିବ ଶ୍ରେଣୀର ଲୋକ । ଏହିମାନଙ୍କର ବିକାଶ ଉପରେ ସମୁହ ବିକାଶ ନିର୍ଭର କରୁଛି ।

ବିଗତ ଅଠରମାସ ମଧ୍ୟରେ ଗରିବଲୋକମାନଙ୍କର ଉନ୍ନତିପାଇଁ ସର୍ବବିଧ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି । ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କର ଅର୍ଥନୈତିକ ଉତ୍ଥାନପାଇଁ ସରକାର ଏକ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ସବ୍‌ଡିଭିଜନରେ ଏ ପର୍ଯ୍ୟନ୍ତ ୧୮୭୫ଟି ପରିବାରଙ୍କୁ ଉତ୍ଥାନ କରାଯାଇ ସାରିଲଣି । ଏମାନଙ୍କ ମଧ୍ୟରେ ୩୨୫ଟି ଆଦିବାସୀ, ୪୫୭ଟି ହରିଜନ ଓ ଅନ୍ୟାନ୍ୟ ଶ୍ରେଣୀର ୧୦୯୩ଟି ପରିବାର ଅନ୍ତର୍ଭୁକ୍ତ । କୃଷିଭିତ୍ତିକ କାର୍ଯ୍ୟକ୍ରମ ଅନୁଯାୟୀ ୧୮୧୦ ଏକର କାଜୁବାଦାମ ଗଛ ୬୦ ଏକର ବାର୍ଷିକ ଫସଲ ଓ ୬୦୨୦ ନଡ଼ିଆଗଛଦ୍ୱାରା ୧୨୪୬ଟି ପରିବାର ଉପକୃତହୋଇ ପାରିଛନ୍ତି । ପଶୁପାଳନ କାର୍ଯ୍ୟ ମାଧ୍ୟମରେ ଗାଈ, ଛେଳି ଓ ମେଣ୍ଢା ପ୍ରଭୃତି ଯୋଗାଇ ଦିଆଯାଇ ୪୪୩ଟି ପରିବାରକୁ ଉତ୍ଥାନ କରାଯାଇଛି । ସେହିପରି ବଢ଼େଇ, କମାର ପ୍ରଭୃତି ବିଭିନ୍ନ ଗ୍ରାମ୍ୟ କାରିଗରୀ କାର୍ଯ୍ୟ ଜରିଆରେ ୧୮୬ଟି ପରିବାରଙ୍କୁ ସରଞ୍ଜ ଯୋଗାଇ ସାହାଯ୍ୟ କରାଯାଇଛି । ଏହିସବୁ କାର୍ଯ୍ୟ ବାବଦରେ ଏପର୍ଯ୍ୟନ୍ତ ମୋଟ ୧୫ଲକ୍ଷ ୯୨ ହଜାର ୨୬୭ଟଙ୍କା ବ୍ୟୟ କରାଯାଇ ସାରିଲଣି ଓ ବିଭିନ୍ନ ସ୍ତରରେ କାର୍ଯ୍ୟ ଚାଲୁ ରହିଛି ।

ସରକାର ବାର୍ଦ୍ଧକ୍ୟଭତ୍ତା ମୁଣ୍ଡପିଛା ପଚିଶ ଟଙ୍କାରୁ ଚାଳିଶ ଟଙ୍କାକୁ ବୃଦ୍ଧି କରିବା ଫଳରେ ନିଃସହାୟ ବୃଦ୍ଧ ଲୋକମାନଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି । ବର୍ତ୍ତମାନସୁଦ୍ଧା ଏହି ସବ୍‌ଡିଭିଜନରେ ୩୦୪୨ ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନପାଇଁ ଅନୁମୋଦନ କରାଯାଇ ସାରିଲଣି । ଭୂମିହୀନମାନଙ୍କୁ ଜମିଦେବା ଓ ଗୃହହୀନମାନଙ୍କୁ ଘରଡ଼ିହ ଯୋଗାଇଦେବା କାର୍ଯ୍ୟ ଅବ୍ୟାହତ ରହିଛି । ଗତ ଅଠରମାସ ମଧ୍ୟରେ ୪୯୫ଜଣ ଗୃହହୀନଙ୍କୁ ଘରଡ଼ିହ ପାଇଁ ପ୍ରାୟ ୪୮ ଏକର ଜମି ଯୋଗାଇ ଦିଆଯାଇଛି । ଏହି ସମୟ ମଧ୍ୟରେ ପ୍ରାୟ ୫୫ ଏକର ସିଲିଂ ବହିର୍ଭୂତ ଜମି ୧୧୭ଟି ପରିବାରଙ୍କୁ ଦିଆଯାଇଛି । ଏମାନଙ୍କ ମଧ୍ୟରୁ ୫୪ଟି ଆଦିବାସୀ, ୨୫ଟି ହରିଜନ ଓ ଅନ୍ୟାନ୍ୟ ଶ୍ରେଣୀର ୩୮ଟି ପରିବାର । ଏକହଜାର ଗୋତି ଶ୍ରମିକଙ୍କୁ ଗୋତିମୁକ୍ତ କରିବା ପାଇଁ ଚିହ୍ନଟ କରାଯାଇ ସେମାନଙ୍କର ଉତ୍ଥାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ।

ଚାଷ ପାଇଁ ଅଧିକ ଜଳସେଚନ ହୋଇ ପାରିଲେ ଗ୍ରାମାଞ୍ଚଳ ଚାଷୀମାନଙ୍କର ବିଶେଷ ଉପକାର ହୋଇପାରିବ । ଏଣୁ ବିଭିନ୍ନ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ ଯୋଜନାଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି । ଗତ ଡିସେମ୍ବରମାସ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମଲଗୁଣୀ କ୍ଷୁଦ୍ର ଜଳସେଚନ ଯୋଜନାର ଶିଳାନ୍ୟାସ କରିଛନ୍ତି । ଏହି ଯୋଜନାରେ ଆନୁମାନିକ ତିନିକୋଟି ଟଙ୍କା ବ୍ୟୟ ହେବ ଓ ଏହା କାର୍ଯ୍ୟକାରୀ ହେଲେ ଚିର ମରୁଡ଼ିଗ୍ରସ୍ତ ଟାଙ୍ଗି ତଥା ବଣାସ ବ୍ଲକର ପାଞ୍ଚହଜାର ଏକର ଖରିଫ୍ ଋତୁରେ ଓ ଏକ ହଜାର ଏକର ଜମିକୁ ରବି ଋତୁରେ ପାଣି ଯୋଗାଯାଇ ପାରିବ ।

ଖୋର୍ଦ୍ଧା ସବ୍‌ଡିଭିଜନରେ ବୁଣାକାରମାନଙ୍କର ସଂଖ୍ୟା ପ୍ରାୟ ଛଅ ହଜାର । ଖୋର୍ଦ୍ଧା ତିଆରି ଲୁଙ୍ଗି, ଗାମୁଛା ଓ କନାପଥର, ଧଳାପଥର ଓ ତୁଳସୀପୁର

ଅଞ୍ଚଳର ତିଆରି ପରଦା ଓଡ଼ିଶା ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛି । ବୁଣାକାରମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ସବୁମତେ ଚେଷ୍ଟା କରାଯାଉଛି । ବୁଣାକାରମାନଙ୍କୁ ନୂଆ ନୂଆ ଧରଣର ହସ୍ତତନ୍ତ କାର୍ଯ୍ୟରେ ଶିକ୍ଷା ଦେବାପାଇଁ ଏକ ତାଲିମ କେନ୍ଦ୍ର କରାଯାଉଛି ।

ଗତବର୍ଷ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ସୂତାକଳର ଶୁଭ ଦେଇଥିଲେ । ଏହି ସୂତାକଳ ନିକଟରେ ଡିସେମ୍ବରମାସ ୨୯ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଶିଳ୍ପାଞ୍ଚଳର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଦୁଇଶହ ଏକର ପରିମିତ ଏହି ଶିଳ୍ପାଞ୍ଚଳରେ ବିଭିନ୍ନ କିସମର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗଢ଼ି ଉଠିବ । ମଧ୍ୟମ ଶିଳ୍ପରେ ଉପିକଲ ପକ୍ଷରୁ ଏକ କୋଟି ଟଙ୍କା ବ୍ୟୟରେ ଏକ ପ୍ରାଇଭେଟ୍ କାରଖାନା ବସାଯିବ । ଆଲୁମିନିୟମ, କାଜୁବାଦାମ, ସାବୁନ ଓ ଜନତାଲୁଗା ଉତ୍ପାଦନକାରୀ ଶିଳ୍ପାନୁଷ୍ଠାନଗୁଡ଼ିକ ଗଢ଼ି ଉଠିଲେ ବହୁ ବେକାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ପାଇ ପାରିବେ ।

ଏହି ସବ୍‌ଡିଭିଜନରେ ବହୁ ଟାଙ୍ଗର ଭୂମି ରହିଛି । ଏହାକୁ ସବୁଜିମାରେ ପରିଣତ କରି ପ୍ରାକୃତିକ ପରିବେଶର ସୁରକ୍ଷାପାଇଁ ବୃକ୍ଷରୋପଣ କାର୍ଯ୍ୟ ଆନ୍ତରିକତା ସହ କରାଯାଉଛି । ସରକାରୀ ବିଭାଗ ତଥା ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଏହା ସନ୍ତୋଷଜନକ ଭାବରେ ଆଗେଇ ଚାଲିଛି ।

ଗ୍ରାମାଞ୍ଚଳରେ ବହୁ ଗରିବ ଲୋକ ବେକାର ଓ ଅର୍ଦ୍ଧ ବେକାର ଅବସ୍ଥାରେ ରହିଛନ୍ତି । ଏମାନଙ୍କୁ କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳ କର୍ମ ଯୋଗାଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି । ପାଞ୍ଚଲକ୍ଷ ୮୧ ହଜାର ୭୦୦ ଟଙ୍କା ଓ ୪୨୧ ଟନ ଶସ୍ୟ ବିନିଯୋଗ କରାଯାଇ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମ ଦିବସର କାର୍ଯ୍ୟ ସୃଷ୍ଟି କରାଯାଇ ପାରିଛି । ଗତବର୍ଷ ବନ୍ୟା ଜନିତ କ୍ଷତିର ପୁନଃସଂସ୍ଥାନ କାର୍ଯ୍ୟପାଇଁ ପ୍ରାୟ କୋଡ଼ିଏ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପଞ୍ଚାୟତ ସମିତି ଅଞ୍ଚଳରେ ବହୁରାସ୍ତା, ବନ୍ଧ, କ୍ଷୁଦ୍ର ଜଳସେଚନ ଯୋଜନା ଓ ପୂଜାଗୃହ ମରାମତି କାର୍ଯ୍ୟ କରାଯାଇଛି । ଆଦିବାସୀ ହରିଜନ ଛାତ୍ର ଛାତ୍ରୀମାନଙ୍କୁ ଚଳିତ ଶିକ୍ଷା ବର୍ଷରେ ଏ ପର୍ଯ୍ୟନ୍ତ ୪୨ ହଜାର ୯୦୮ ଟଙ୍କା ଷ୍ଟାଇପେଣ୍ଡ ଆକାରରେ ଦିଆଗଲାଣି । ଫଳରେ ୧୫୦୨ ଛାତ୍ରଛାତ୍ରୀ ଉପକୃତ ହୋଇପାରିଛନ୍ତି । ଦୁର୍ବଳଶ୍ରେଣୀ ଲୋକମାନଙ୍କର ଉନ୍ନତିପାଇଁ ସମସ୍ତ ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ କରାଯାଉଛି ଓ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ତଥା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବାକୁ ସବ୍‌ଡିଭିଜନ ସ୍ତରରେ କମିଟି ଗଠନ କରାଯାଇଛି ।

ଶିଳ୍ପରେ ଉନ୍ନତ ନ ହେଲେ କୌଣସି ଦେଶ କୃଷିରେ ଉନ୍ନତ ହୋଇ ପାରିବ ନାହିଁ । ଜାପାନରେ କୃଷିର ଉନ୍ନତିର ମୂଳରେ ତା'ର ଶିଳ୍ପର ବିକାଶ ରହିଚି । ଆମେରିକାରେ ଶିଳ୍ପର ଚରମ ବିକାଶ ହେବା ଯୋଗୁଁ କୃଷିର ଚରମ ଉନ୍ନତି ଘଟିଚି ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଦ୍ରୁତ ଶିଳ୍ପାୟନ ପଥେ କଳାହାଣ୍ଡି ଜିଲ୍ଲା

ପ୍ରସାଦ ରାଓ

ରାଜ୍ୟରେ କଂଗ୍ରେସ (ଇ) ସରକାର ଶାସନ କ୍ଷମତାକୁ ଆସିବା ଦିନଠାରୁ ଓଡ଼ିଶାର କେତେକ ଅନୁନ୍ନତ ଜିଲ୍ଲା ଦ୍ରୁତ ପ୍ରଗତି ପଥରେ ଆଗେଇ ଚାଲିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କଳାହାଣ୍ଡି ଜିଲ୍ଲା ଅନ୍ୟତମ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟରେ ୧,୦୦୦ କୋଟି ଟଙ୍କା ବିନିମୟରେ ୨୦୦ଟି ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିବା ବେଳେ କେବଳ କଳାହାଣ୍ଡି ଜିଲ୍ଲାରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଶ୍ରୀ ପଟ୍ଟନାୟକ ଚଳିତ କଳାହାଣ୍ଡି ଗସ୍ତ ସମୟରେ କେସିଙ୍ଗାଠାରେ ଏକ ସୂତାକଳ, କୁକୁଡ଼ାପଦାଠାରେ ଗୋଟାଏ ଛୋଟ କାଗଜକଳ ଏବଂ ନରଲାରୋଡ଼ଠାରେ ଗୋଟାଏ ଉନ୍ନତ ଧରଣର କାଠ କାରଖାନାର ଶିଳାନ୍ୟାସ କରିଥିଲେ । ଶିଳ୍ପ ଉନ୍ନୟନ ନିଗମ ଦ୍ୱାରା ୧୦ କୋଟି ଟଙ୍କା ବ୍ୟୟରେ କେସିଙ୍ଗା ସୂତାକଳ ହେଉଥିବା ବେଳେ, କୁକୁଡ଼ାପଦା କାଗଜ କଳରେ ଆଇ. ଡି. ସି. ଏବଂ ଇପିକଲ ମିଳିତ ଭାବରେ ଦୁଇକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ନରଲା ରୋଡ଼ ଉନ୍ନତ କାଠ କାରଖାନାରେ ୧୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ରାଜ୍ୟ ଜଙ୍ଗଲ କର୍ପୋରେସନ, ଇପିକଲ, ପଶ୍ଚିମ ଜର୍ମାନର ଏକ କମ୍ପାନୀ ଏବଂ ବମ୍ବେର କେ. ସି. ସେଠୀ ଏହି କାରଖାନାର ଅଂଶୀଦାର । ଏହି ତିନୋଟି ଶିଳ୍ପ ହେବା ଫଳରେ କଳାହାଣ୍ଡି ଜିଲ୍ଲାର ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିଯୁକ୍ତି ପାଇ ପାରିବେ । ଏହା ଛଡ଼ା ଅନ୍ୟାନ୍ୟ ବହୁ ଲୋକ ଉପକୃତ ହୋଇପାରିବେ ।

କଳାହାଣ୍ଡି ଜିଲ୍ଲାରେ ଉନ୍ନତ ଧରଣର କାଠ କାରଖାନା ପାଇଁ ଜଙ୍ଗଲର ଅଭାବ ନାହିଁ । କାଗଜକଳ ନିମନ୍ତେ କାଞ୍ଚା ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ, ପାଣିର ଅଭାବ ଦୃଷ୍ଟିରୁ ବଡ଼ ଧରଣର କାଗଜ ଶିଳ୍ପ ହୋଇ ପାରୁନାହିଁ । ଏହି ଜିଲ୍ଲାର କେତେକ ଅଞ୍ଚଳରେ କପା ଚାଷ ପାଇଁ ଉତ୍କୃଷ୍ଟ ଧରଣର କୃଷ୍ଣ କାର୍ପାସ ମୃତ୍ତିକା ରହିଛି । ତେଣୁ କପା ଚାଷକୁ ତ୍ୱରାନ୍ୱିତ କରାଗଲେ, କପାର ଅଭାବ ରହିବ ନାହିଁ । ଫଳରେ ସୂତାକଳକୁ ଆବଶ୍ୟକ ପରିମାଣର କପା ମିଳିପାରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି ଯେ, କୃଷି ବିଭାଗ ସହାୟତାରେ ଜିଲ୍ଲାର ସାଢ଼େ ସାତ ଏକର ଜମିରେ କପା ଚାଷ କରାଯାଇ ଏହି ସୂତାକଳର ଆବଶ୍ୟକତା ପୂରଣ କରାଯିବ । ବାହାରୁ କପା ଆମଦାନୀ କରିବାକୁ ପଡ଼ିବ ନାହିଁ ।

ଓଡ଼ିଶାରେ ଆବଶ୍ୟକ ପରିମାଣରେ ଖଣିଜ ସଂପଦ ଜଳ ସଂପଦ, ପ୍ରାକୃତିକ ସଂପଦ ଏବଂ ବେଳାଭୂମି ରହିଛି । ଏଥି ସଙ୍ଗେ ସଙ୍ଗେ ବୁଦ୍ଧିମାନ ଲୋକଶକ୍ତି ଓ କାରିଗରଙ୍କର ମଧ୍ୟ ଅଭାବ ନାହିଁ । ତେଣୁ ରାଜ୍ୟକୁ ପ୍ରଗତିର ପଥଆଡ଼େ ଆଗେଇ ନେବା ବୁଦ୍ଧିମତାର ପରିଚୟ । ଓଡ଼ିଶାର ସାମୂହିକ ପ୍ରଗତି ନିଶ୍ଚିତଭାବେ କଳାହାଣ୍ଡିପରି ଏକ ଅନୁନ୍ନତ ଜିଲ୍ଲାର ପ୍ରଗତି ଉପରେ ନିର୍ଭରକରେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭବାନୀପାଟଣାଠାରେ ଏକ ସାଧାରଣ ସଭାରେ କହିଥିଲେ ଯେ, କଳାହାଣ୍ଡି ଜିଲ୍ଲାର ବ୍ୟାପକ ଅଞ୍ଚଳରେ କପା ଚାଷ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ । ୫,୦୦୦ ବୁଣାକାରଙ୍କୁ ଉନ୍ନତ ତନ୍ତ ଦିଆଯିବା ସଙ୍ଗେ ସଙ୍ଗେ ୧୦,୦୦୦ ତନ୍ତ ବସାଯିବ । ଜିଲ୍ଲାର ୧୦,୦୦୦ କାରିଗରଙ୍କୁ ବର୍ତ୍ତମାନ ସୁଦ୍ଧା ୧,୦୦୦ ଟଙ୍କା ଲେଖାଏଁ ମୂଲ୍ୟର ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ଜିଲ୍ଲାରେ ବୁଣାକାରମାନେ ଉନ୍ନତ ତନ୍ତ ପାଇବା ପରେ ଓ କପା ଚାଷ ଉପରେ ଗୁରୁତ୍ୱ ଦିଆଯିବା ପରେ, କପାର ଚାହିଦା ମଧ୍ୟ ବଢ଼ିବ । ଫଳରେ ଚାଷୀ ସମେତ ବେକାର ଯୁବକମାନେ ମଧ୍ୟ ଉପକୃତ ହେବେ ।

୫୦ କୋଟି ଟଙ୍କା ବ୍ୟୟରେ ଏହି ଜିଲ୍ଲାରେ ଏକ ସୋଡ଼ିୟମ କାରଖାନା ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

କଳାହାଣ୍ଡି ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା । ଜିଲ୍ଲାର ୫ ଲକ୍ଷ ୩୪ ହଜାର ହେକ୍ଟର ଚାଷ ଜମିରୁ ଶତକଡ଼ା ୬୦ ଭାଗ ଜମିରେ ଧାନ ଚାଷ କରାଯାଏ । ଜିଲ୍ଲାର ବହୁ ଚାଷ ଉପଯୋଗୀ ଅଞ୍ଚଳ ଉଚ୍ଚ ସ୍ଥାନରେ ରହିଥିବାରୁ ଧାନ ଚାଷ ପାଇଁ ଉପଯୋଗୀ ନୁହେଁ । ଏହି ଜିଲ୍ଲା ମଧ୍ୟ ଏକ ମରୁଡ଼ିପ୍ରବଣ ଅଞ୍ଚଳ । ତେଣୁ ସରକାର ଧାନ ଚାଷର ପରିମାଣକୁ କମାଇ ଦେଇ ଡାଲି, ତୈଳବୀଜ ପ୍ରଭୃତି ଚାଷ କରିବାର ବ୍ୟବସ୍ଥା କରିଛନ୍ତି । ୧୯୮୦ ଖରିଫ୍ ବର୍ଷରେ ୨୧,୫୦୦ ହେକ୍ଟର ଅଞ୍ଚଳରେ ଏହି ଶସ୍ୟର ଚାଷ କରାଯାଇଥିଲା । ୧୯୮୧ ବର୍ଷରେ ଏହା ୨୮,୮୯୨ ହେକ୍ଟରକୁ ବୃଦ୍ଧି ପାଇଛି । ଅଧିକାଂଶ କ୍ଷେତ୍ରରେ ଖରିଫ୍ ଓ ରବି ଋତୁରେ ଧାନ ସମେତ ଅନ୍ୟାନ୍ୟ ବିଭିନ୍ନ ଉତ୍ପାଦନ ସର୍ବନିମ୍ନ ଲକ୍ଷ୍ୟଠାରୁ ଅଧିକ ହୋଇଛି ।

ବର୍ତ୍ତମାନ ମାତ୍ର ଶତକଡ଼ା ୬.୪ ଭାଗ ଚାଷ ଜମିରେ ୩ଟି ମଧ୍ୟମ ଜଳ ସେଚନ ପ୍ରୋଜେକ୍ଟ—ଉତେଇ, ସାଇପଲ, ସୁଙ୍ଗ ଏବଂ କେତେକ କ୍ଷୁଦ୍ର ଜଳ ସେଚନ ପ୍ରୋଜେକ୍ଟ କରିଆରେ ଜଳ ସେଚିତ କରା ଯାଉଛି । ନୂଆପଡ଼ା ସବ୍-ଡିଭିଜନର ଜୋଙ୍କ ଏବଂ ଧରମଗଡ଼ ସବ୍-ଡିଭିଜନର ଅପର ଇନ୍ଦ୍ରାବତୀ ପ୍ରୋଜେକ୍ଟର କାର୍ଯ୍ୟ ଆଗାମୀ କିଛି ବର୍ଷ ମଧ୍ୟରେ ଶେଷ

ହୋଇ ଯିବାର ସମ୍ଭାବନା ରହିଛି । ମାନ୍ଦ୍ରାଳ, ସଗଡ଼ ଇନ୍ଦ୍ର-୧ ଓ ଇନ୍ଦ୍ର-୨ ମଧ୍ୟମ ଜଳ ସେଚନ ପ୍ରୋଜେକ୍ଟ ବର୍ତ୍ତମାନ ବିଚାରାଧୀନ ରହିଛି । ଏହି ପ୍ରୋଜେକ୍ଟଗୁଡ଼ିକ କାର୍ଯ୍ୟକାରୀ ହୋଇଥିବା ପରେ ହାରାହାରି ଶତକଡ଼ା ୪୦ ଭାଗ ଚାଷ ଜମି ଜଳ ସେଚିତ ହୋଇପାରିବ ।

କଳାହାଣ୍ଡି ଜିଲ୍ଲାରେ ଜଙ୍ଗଲ ସମ୍ପଦ ମଧ୍ୟ ଭରପୂର ରହିଛି । କିନ୍ତୁ ଅଧିକାଂଶ ଜଙ୍ଗଲ ବୁକକୁ ସଂରକ୍ଷିତ ଘୋଷଣା କରାଯାଇ ନ ଥିବାରୁ, ଜଙ୍ଗଲ କାଟି ଦିଆଯାଉଛି । କେତେକ ଜଙ୍ଗଲରେ ଉପଯୁକ୍ତ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଅଭାବ ଥିବାରୁ, କାର୍ଯ୍ୟ ମଧ୍ୟ ଠିକ୍ ଭାବରେ ହୋଇପାରୁନାହିଁ । ଜିଲ୍ଲାରେ ଜଙ୍ଗଲ ସୃଷ୍ଟି ଏବଂ ଜାଳେଣି କାଠ ବୃକ୍ଷ ରୋପଣ ଦିଗରେ ପଦକ୍ଷେପ ନିଆଯାଇଥିବା ଆନନ୍ଦର ବିଷୟ ।

ଓଡ଼ିଶାରେ ୧୯୮୦-୮୫ ଯୋଜନାକାଳ ମଧ୍ୟରେ ଜଙ୍ଗଲ ସୃଷ୍ଟି ଓ ଗ୍ରାମାଞ୍ଚଳରେ ଜାଳେଣି କାଠର ଗଛ ଲଗାଇବା ପାଇଁ କେନ୍ଦ୍ର ସରକାର ୨୧୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ରାଜ୍ୟର ୧୩ଟି ଜିଲ୍ଲାରେ ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଏ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ମଧ୍ୟ ଭାଗବାନ ହେବ । ଏହି ଜିଲ୍ଲାରେ କେତେକ ଅଞ୍ଚଳରେ ଗ୍ରାଫାଇଟ୍ ଓ ବକ୍ସାଇଟ୍ ଖଣିଥିବା ଆଶା କରାଯାଉଛି । ଫଳରେ ଅଧିକ ଶିଳ୍ପ ପ୍ରତିଷ୍ଠାର ମଧ୍ୟ ସମ୍ଭାବନା ଉଜ୍ଜ୍ୱଳ ।

ଜିଲ୍ଲାରେ ୧୯୭୯-୮୦ ବର୍ଷରେ ୪୬୧ଟି ଗ୍ରାମରେ ବିଦ୍ୟୁତ୍‌କରଣ କରାଯାଇଥିବା ବେଳେ ୧୯୮୦-୮୧ ବର୍ଷରେ ୧୨୪ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ସର୍ବମୋଟ ୫୪୫ଟି ଗ୍ରାମରେ ବିଦ୍ୟୁତ୍‌କରଣ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୩ଟି ହରିଜନ ବସ୍ତିକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଆଉ ୬୩ଟି ବସ୍ତିରେ ବିଦ୍ୟୁତ୍ ସଂଯୋଗ ହେବାର ଆଶା କରାଯାଉଛି ।

୧୯୮୦-୮୧ ବର୍ଷ ଶେଷ ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ୮୧,୬୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧୮,୨୪୫ ଜଣଙ୍କୁ ଉପକୃତ କରାଯାଇଛି ।

ଗ୍ରାମାଞ୍ଚଳର ଦରିଦ୍ରମାନଙ୍କୁ ଅର୍ଥନୈତିକ ଅଭ୍ୟୁତ୍ଥାନ (ଇ. ଆର. ଆର. ପି.) କାର୍ଯ୍ୟକ୍ରମ ଜରିଆରେ ୧୯୮୦-୮୧ ବର୍ଷରେ ଜିଲ୍ଲାର ୨,୬୫୩ଟି ଗ୍ରାମ ମଧ୍ୟରୁ ୫୪୬ଟି ଗ୍ରାମର ୫୨୦୯ଟି ପରିବାରକୁ ଚିହ୍ନଟ କରାଯାଇଛି କିନ୍ତୁ ଫେବୃଆରୀ ଓ ମାର୍ଚ୍ଚ ସୁଦ୍ଧା ମାତ୍ର ୧୨୯୨ଟି ପରିବାର ପାଇଁ ସରକାରଙ୍କଠାରୁ ଅର୍ଥ ମଞ୍ଜୁରୀ ମିଳିଥିଲା ।

ଇ. ଆର. ଆର. ପି.ର ଜମି ଭିତ୍ତିକ ସ୍କିମ୍‌ରେ ସର୍ବମୋଟ ୧୧୧ ଜଣଙ୍କୁ ଉଦ୍ଦିଷ୍ଟ ଫସଲ ପାଇଁ ଏବଂ କାଜୁ, କଫି, ଆମ, ଲେମ୍ବୁ ପ୍ରଭୃତି ଗଛ ଲଗାଇବା ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ । କିନ୍ତୁ ଏହି କାର୍ଯ୍ୟକ୍ରମ ଜରିଆରେ ମାତ୍ର ୧୬୭ ଜଣ ଆଦିବାସୀ ଓ ୧୨୦ ଜଣ ହରିଜନଙ୍କ ସମେତ ୩୪୩୧ ଜଣ ଉପକୃତ ହୋଇ ପାରିଛନ୍ତି । ପଶୁପାଳନ ଜରିଆରେ ୨୧୮ ଜଣ ମତ୍ସ୍ୟଚାଷରେ ୪୬ ଜଣ ଓ ଅଣକୃଷି କାର୍ଯ୍ୟକ୍ରମରେ ୧୧୭ ଜଣଙ୍କ ପାଇଁ ସରକାରୀ ମଞ୍ଜୁରୀ ମିଳିଥିବା ବେଳେ ୨୨୩ ଜଣଙ୍କୁ ଗାଈ ଓ ଛେଳି ୟୁନିଟ୍, ୫୩ ଜଣଙ୍କୁ ମାଛ ଚାଷ ପାଇଁ ମାଛ ସମେତ ପୋଖରୀ ଏବଂ ୭୮ ଜଣଙ୍କୁ ଅଣ କୃଷି ଭିତ୍ତିକ ନିଯୁକ୍ତି ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳର ସର୍ବମୋଟ ୬୮୫ ଜଣ ଦରିଦ୍ରବ୍ୟକ୍ତି ଉପକୃତ ହୋଇପାରିଛନ୍ତି । ୧୯୮୧-୮୨ ବର୍ଷରେ ବିଭିନ୍ନ ସ୍କିମ୍ ଜରିଆରେ ୩,୦୨୦ ଦରିଦ୍ର ପରିବାରଙ୍କୁ ଉପକୃତ କରା ଯିବାର କାର୍ଯ୍ୟକ୍ରମ ରହିଛି । ସେଥି ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୯୧୩ ଏବଂ ହରିଜନଙ୍କ ସଂଖ୍ୟା ୧,୦୭୦ ।

ଜିଲ୍ଲାର ଭବାନୀପାଟଣା, ଧରମଗଡ଼ ଓ ନୂଆପଡ଼ା ସବ୍‌ଡିଭିଜନରୁ ୧୯୧ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୬୧ ଜଣଙ୍କୁ ଥଇଥାନ କରାଯାଇଛି । ଭବାନୀପାଟଣା ଓ ଧରମଗଡ଼ରେ ଯଥାକ୍ରମେ ରାଜ୍ୟସରକାରଙ୍କ ଯୋଜନା ମାଧ୍ୟମରେ ୩୯,୨୧୯.୦୫ ଟଙ୍କା ଏବଂ କେନ୍ଦ୍ରୀୟ ଯୋଜନା ଅନୁସାରେ ୧,୮୨,୯୩୧.୨୯ ଟଙ୍କା ବିନିଯୋଗ କରାଯାଇଛି । ରାଜ୍ୟ ସରକାର ଏହି ଜିଲ୍ଲାର ଭବାନୀପାଟଣା, ଲାଞ୍ଜିଗଡ଼, ଧରମଗଡ଼, ଜୟପାଟଣା, ନୂଆପଡ଼ା, ଖରିଆର ପ୍ରଭୃତି ୬ଟି ତହସିଲର ୪,୭୩୪ ଜଣ ବୃଦ୍ଧ ବୃଦ୍ଧାଙ୍କୁ ପେନସନ ମଞ୍ଜୁର କରିଛନ୍ତି । ତା ୩୧-୩-୧୯୮୧ ରିଖ ସୁଦ୍ଧା ୪,୪୨୯ ଜଣଙ୍କୁ ପେନସନ ଦିଆଯାଇଛି । ୧୯୮୦-୮୧ ବର୍ଷରେ ୫୬୨ ଜଣଙ୍କୁ ଏବଂ ଚଳିତ ବର୍ଷ ଅକ୍‌ଟୋବର ସୁଦ୍ଧା ୧୧୨୭ ଜଣଙ୍କୁ ପେନସନ ମଞ୍ଜୁର କରାଯାଇଛି ।

କଳାହାଣ୍ଡି ଜିଲ୍ଲା ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଥିବାବେଳେ, ଯୋଗା ଯୋଗର ଅଭାବ ଏକ ପ୍ରତିବନ୍ଧକ ହୋଇ ପଡ଼ିଛି । ରେଳ ଯୋଗା ଯୋଗର ଘୋର ଅଭାବ ଦୃଷ୍ଟିରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜଧାନୀ ଭୁବନେଶ୍ୱରକୁ କଳାହାଣ୍ଡି ଜିଲ୍ଲାରୁ ଆସିବା ପାଇଁ କୌଣସି ସିଧା ସଳଖ ରେଲରାସ୍ତା ନାହିଁ । ଏହି ଜିଲ୍ଲାର ୬ଟି ବ୍ଲକରେ ସବୁ ଦିନିଆ ରାସ୍ତା ନାହିଁ । ଧୁଆମୁଳ-ରାମପୁର ରାସ୍ତା ଏବଂ ଭୁରକେଲଠାରେ ସଂଯୁକ୍ତ ବ୍ରିଜ୍ ନିର୍ମିତ ହେବା ପରେ ଧୁଆମୁଳ-ରାମପୁର, ଖରିଆର, କୋମନା ଓ ନୂଆପଡ଼ାକୁ ରାସ୍ତା ଯୋଗାଯୋଗରେ ଅସୁବିଧା ହେବ ନାହିଁ । ଲାଞ୍ଜିଗଡ଼ା, ଆମ୍ବାଗୁଡ଼ା ରେଲପଥ ନିର୍ମାଣ ସଂକ୍ରାନ୍ତରେ ସଠିକ୍ ଭାବରେ କୌଣସି ସୂଚନା ମିଳୁନାହିଁ ।

ଏହି ଜିଲ୍ଲା ବିକାଶ ଦିଗରେ ଆଗେଇ ଯାଉଥିବା ଦୃଷ୍ଟିରୁ ଗମନା ଗମନର ସୁବିଧା ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ନ ହେଲେ ଜିଲ୍ଲାର ଶିଳ୍ପ ବିକାଶ ସମ୍ଭବ ହୋଇ ପାରିବ ନାହିଁ । ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ରାଜ୍ୟର ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ସହିତ ଯୋଗାଯୋଗର ବ୍ୟବସ୍ଥା କରାଗଲେ, ଜିଲ୍ଲାର ପ୍ରଗତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ।

ସହ ସଂପାଦକ, ପ୍ରଗତିବାଦୀ,
ଭୁବନେଶ୍ୱର

# ପ୍ରଗତିର ନବ ଦିଗନ୍ତ

ଶ୍ରୀ ବିଜୟ ମହାପାତ୍ର

ଢେଙ୍କାନାଳ ଜିଲ୍ଲାରେ ୧୬ ଗୋଟି ବ୍ଲକ୍ ମଧ୍ୟରୁ ତାଳଚେର ବ୍ଲକ୍ ଅନ୍ୟତମ । ଏହି ବ୍ଲକ୍‌ର ଲୋକସଂଖ୍ୟା ପ୍ରାୟ ଏକ ଲକ୍ଷରୁ ଅଧିକ । ଏହି ପଞ୍ଚାୟତ ସମିତି ଅଞ୍ଚଳରେ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର, ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଚାରିଗୋଟି ବୃହତ କୋଇଲାଖଣି, ସାର କାରଖାନା, ଭାରୀ ଜଳ ପ୍ରଭୃତି କାରଖାନା ଓ ଘରୋଇ ସଂସ୍ଥାଙ୍କର କେତେକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି । ନିକଟରେ ତାଳଚେର ସହରଠାରୁ ୧୩ କି. ମି. ଦୂର ଭରତପୁର ଠାରେ ଆଲୁମିନିୟମ୍ କମ୍ପାନୀର ପ୍ରସ୍ତାବିତ ୭୨୦ ମେଗା-ୱାଟ୍ ତାପଜ କେନ୍ଦ୍ର ପାଇଁ କେନ୍ଦ୍ରର ଶକ୍ତି ମନ୍ତ୍ରୀ ପ୍ରାୟ ୬୦ କୋଟି ଟଙ୍କା ବରାଦରେ କୋଇଲା ଯୋଗାଇବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଶିଳ୍ପାଞ୍ଚଳ-ମାନଙ୍କର କିଛି ଅଂଶରେ ସ୍ଥାନୀୟ ଲୋକେ ନିଯୁକ୍ତି ପାଇଛନ୍ତି ଓ ପ୍ରାୟ ୭୦ ଭାଗରୁ ଅଧିକ ଲୋକ ମୁଖ୍ୟତଃ କୃଷି ଦ୍ୱାରା ଜୀବିକା ନିର୍ବାହ କରନ୍ତି । ଏହି ବ୍ଲକ୍‌ରେ ସେପରି ଉଲ୍ଲେଖ-ଯୋଗ୍ୟ ଜଳସେଚନ ଯୋଜନା ନାହିଁ । ସେଥିପାଇଁ ଚାଷୀ-ମାନେ ବର୍ଷା ଉପରେ ନିର୍ଭର କରି ଗୋଟିଏ ମାତ୍ର ଫସଲ ଉତ୍ପାଦନ କରିଥାଆନ୍ତି । ମୋଟା ମୋଟି କହିବାକୁ ଗଲେ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବିଶେଷ ସ୍ୱଚ୍ଛଳ ନୁହେଁ ।

ପଞ୍ଚାୟତ ସମିତି ମାଧ୍ୟମରେ ସରକାର ପାନୀୟ ଜଳଯୋଗାଣ ଯୋଜନା, ଜାତୀୟ କର୍ମ ନିଯୁକ୍ତି ଯୋଜନା, ଗ୍ରାମାଞ୍ଚଳରେ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ପୁର୍ନ-ବସତି ଯୋଜନା, ମିଳିତ ସମନ୍ୱିତ ଯୋଜନା ଇତ୍ୟାଦି ଗ୍ରାମାଞ୍ଚଳର ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ପାଇଁ କାର୍ଯ୍ୟକାରୀ କରୁଛନ୍ତି । ଏହି ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ପୁର୍ନବସତି ଯୋଜନା କାର୍ଯ୍ୟକ୍ରମରେ ୧୯୮୦ ମସିହାରେ ଏହି ପଞ୍ଚାୟତ ସମିତିର ୨୬ଟି ଗ୍ରାମରୁ ୧୦ଟି ଲେଖାଏଁ ପରିବାର ଚିହ୍ନଟ କରି କାର୍ଯ୍ୟକାରୀ କରାଯାଇ ୨୧ଟି ପରିବାରଙ୍କୁ କୃଷିଭିତ୍ତିକ କାର୍ଯ୍ୟକ୍ରମରେ, ୮୬ଟି ପରିବାରଙ୍କୁ ପଶୁପାଳନ ପ୍ରକଳ୍ପରେ ଓ ୫ଟି ପରିବାରଙ୍କୁ ଗ୍ରାମ୍ୟ ଶିଳ୍ପ ପ୍ରକଳ୍ପରେ ଥଇଥାନ କରାଯାଇଛି । କୃଷିଭିତ୍ତିକ କାର୍ଯ୍ୟକ୍ରମରେ ରାଧାରମଣପୁର ପଞ୍ଚାୟତର ଗୋବିନ୍ଦବନ୍ଧ ଗ୍ରାମରେ ହୋଇ-ଥିବା ଥଇଥାନ କାର୍ଯ୍ୟକ୍ରମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି ।

ଗୋବିନ୍ଦବନ୍ଧ ଗ୍ରାମ, ତାଳଚେର ସହରଠାରୁ ତାଳଚେର-ସମ୍ବଲ ଜାତୀୟ ରାଜପଥ ରାସ୍ତାର ୧୧ କି. ମି. ରାଜପଥ ଉପରେ ଅବସ୍ଥିତ । ଏଠାରେ ୨୦୦ ଏକର ସରକାରୀ ପତିତ ଜମିକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇ ୧୪୫ ଏକର ଜମିକୁ ଆବାଦ କରି କୃଷି ଉପଯୋଗୀ କରାଯାଇଛି । ତନ୍ମଧ୍ୟରୁ ୩୦ ଏକର ଜମିରେ ଚଳିତ ବର୍ଷ ଖରିଫ ଫସଲ ପାଇଁ ଚିନାବାଦାମ, ବିରି, ହରଡ଼, ମକା, ବିଭିନ୍ନ ପନିପରିବା, ବାଜରା, ଗୋଖାଦ୍ୟ ଉପଯୋଗୀ ଘାସ କୃଷି କର୍ମଚାରୀଙ୍କର ତତ୍ତ୍ୱାବଧାନରେ ଚାଷ କରା-ଯାଇଥିଲା । ଏହା ପୂର୍ବରୁ ସେ ଗ୍ରାମକୁ ଲାଗିଥିବା ରାଧା-ରମଣପୁର, ଘୁଣୁଶି, ପୁରୁଣାଗଡ଼, ବେଲପଡ଼ା, ବୃନ୍ଦାବନପୁର, ରଘୁନାଥପୁର, ହିନ୍ଦୋଳ ଓ ଯୋରା ଗାଡ଼ିଆ ଗ୍ରାମ ମାନଙ୍କରେ ସଭାମାନ ଅନୁଷ୍ଠିତ କରାଯାଇ ଗ୍ରାମବାସୀମାନଙ୍କର ମତାମତ ନେଇ ସଂପୃକ୍ତ କ୍ଷେତ୍ର କର୍ମଚାରୀମାନେ ଦରିଦ୍ର-ତମ ପରିବାରମାନଙ୍କୁ ଚିହ୍ନଟ କଲେ । କୃଷି ଭିତ୍ତିକ ପ୍ରକଳ୍ପ ପାଇଁ ପଞ୍ଚାୟତ ସମିତି ତରଫରୁ ଅନୁଗୋଳ ଜିଲ୍ଲା କୃଷି ଅଧିକାରୀଙ୍କ ପାଖରେ ୧୬,୭୫୦ ଟଙ୍କା ବିହନ, ସାର, ଔଷଧ ଇତ୍ୟାଦି ଖର୍ଚ୍ଚ ବହନ କରିବାକୁ ଦିଆଯାଇଛି । ରାଧାରମଣପୁରସ୍ଥ କୃଷି ସଂପ୍ରସାରଣ ଅଧିକାରୀ ଓ ଗ୍ରାମସେବକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଚାଷ ଖରିଫ ଋତୁରେ ଆରମ୍ଭ କରାଗଲା । ତତ୍ ସଙ୍ଗେ ସଙ୍ଗେ ୩ଟି ସେଚକୂପର ଖନନ ଓ ଇଟା ଯୋଡ଼ାଇ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହେଲା । ଏତଦ୍ ବ୍ୟତୀତ ସମନ୍ୱିତ ଗୃହ ଯୋଜନା ମାଧ୍ୟମରେ ଜାତୀୟ ଗ୍ରାମ୍ୟ କର୍ମ ଯୋଗାଣ ପ୍ରକଳ୍ପର ଅର୍ଥ ବରାଦ କରି ଟ ୩,୫୦୦.୦୦ ଅଟକଳରେ ବାସ ନ ଥିବା ବ୍ୟକ୍ତିଙ୍କ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨୦ଟି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଗଲା । ଏଥିରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୁଇ ବଖରା ସିମେଣ୍ଟ କୋଠରୀ ଓ ଉପର ଟାଇଲ ଛାତ ନିର୍ମାଣ ହେଲା ।

ଏହି ଯୋଜନାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବି. ଏନ୍. ପାଣ୍ଡେ ଉଦ୍‌ଘାଟନ କରିଛନ୍ତି । ଗୃହଗୁଡ଼ିକୁ ଚିହ୍ନିତ ବ୍ୟକ୍ତି ମାନଙ୍କ ମଧ୍ୟରେ ବଣ୍ଟନ କରା-ଯାଇଛି । ୩୦ ଏକର ଜମିରେ ଯେଉଁ ଫସଲ ଚାଷ କରାଯାଇଥିଲା ସେଥିରୁ ୨ ଏକର ଜମିରେ ଗୋଖାଦ୍ୟ ଘାସ ବିଶେଷ ସୁବିଧାରେ ବିକ୍ରୟ ହୋଇ ପାରିଲା ନାହିଁ । କିନ୍ତୁ ଚିହ୍ନିତ ବ୍ୟକ୍ତିମାନେ ମକା ଓ ବିଭିନ୍ନ ପ୍ରକାର ପନିପରିବା ଆଖପାଖ ସହରାଞ୍ଚଳରେ ବିକ୍ରୟ କରି ଆଂଶିକ ଅର୍ଥ ଓ ଉତ୍ପାଦିତ ଦ୍ରବ୍ୟ ନିଜ ପାଇଁ ବ୍ୟବହାର କରି ବଳକା ଟଙ୍କା ଡାକଘର ସଂଚୟ ପାସ ବହିରେ ଜମା ଦେଉଛନ୍ତି । ଏହିପରି ସେହି କ୍ଷେତରୁ ଜାତୀୟ ବିହନ ସଂସ୍ଥା କୃଷି ବିଭାଗ ତରଫରୁ ପ୍ରାୟ ୪୦ କୁଇଣ୍ଟାଲ

ଚିନାବାଦାମ, ୯ କୁଇଣ୍ଟାଲ ବିରି ଇତ୍ୟାଦି ବିହନ ଉଦ୍ଦେଶ୍ୟ କ୍ରୟ କରିଛନ୍ତି । ଏହି ବିକ୍ରୟ ଲବ୍ଧ ଅର୍ଥକୁ ସଂପୃକ୍ତ ବ୍ୟକ୍ତିମାନଙ୍କ ନାମରେ ରାଧାରମଣପୁର ପୋଷ୍ଟ ଅଫିସରେ ସଞ୍ଚୟ ପାସ୍‌ବୁକ୍‌ରେ ସଞ୍ଚିତ ରଖା ଯାଇଛି । ବର୍ତ୍ତମାନ ବାଜରା, ହରଡ଼ ନିକଟରେ ଅମଦାନୀ କରାଯିବ । ଆଶା କରାଯାଏ ଏହି କ୍ଷେତ୍ରରୁ ଅନ୍ୟୁନ ୨୦ କୁଇଣ୍ଟାଲ ହରଡ଼, ଓ ୨ କୁଇଣ୍ଟାଲ ବାଜରା ଆମଦାନୀ ହେବ । ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ ହୋଇ ନ ଥିବାରୁ ଡ଼ିଜେଲ ପମ୍ପ ଜରିଆରେ ସେଚ କୂପରୁ ଜଳ ବ୍ୟବହାର କରି ବାଇଗଣ, କଦଳୀ, ଅମୃତଭଣ୍ଡା ଇତ୍ୟାଦି ଫସଲ କରାଯାଉଛି । ୮ ଏକର ଜାଗାରେ ଖରିଫ ଫସଲ ପରେ ପରେ କୋଳଥ ଓ ରାଶି ମଧ୍ୟ ଲଗାଯାଇଛି । ଯାହା ଲକ୍ଷ୍ୟ କରାଯାଇଛି ଯେଉଁ ୩୦ ଜଣ ବ୍ୟକ୍ତିକୁ ୧ ଏକର ଲେଖାଏଁ ଜମି ଦିଆ ଯାଇ ତାଙ୍କରେ ସଂପୃକ୍ତ କରାଯାଇଥିଲା, ପ୍ରତ୍ୟେକେ ପରିବାର ଅନ୍ୟୁନ ୧,୨୦୦ ରୁ ୧,୫୦୦ ଟଙ୍କା ହିସାବରେ ଲାଭବାନ ହେବେ ।

ଏହି କ୍ଷେତ୍ରରେ ୧୧୫ ଏକର ଜାଗାରେ ବୁଦୁବୁଦିଆ ଜଙ୍ଗଲ ସଫା କରାଯାଇ ବୈଷୟିକ ପରାମର୍ଶ ନିଆଯାଇ ଚଳିତ ବର୍ଷ ଲଙ୍କା ଆମ୍ବ ଚାଷ ହୋଇଛି । ଏହା ମଧ୍ୟରେ ପ୍ରତ୍ୟେକ ଗଛରେ ଗାମାକ୍ସିନ ଓ ଦୁଇଥର ଲେଖାଏଁ ଡ୍ରାମର ସାର ଦିଆଯାଇଛି । ଆସନ୍ତା ବର୍ଷ ଏହି ଲଙ୍କା-ଆମ୍ବ ଗଛ କ୍ଷେତ୍ରରେ ଖରିଫ ଋତୁରେ ରାଶି, ବାଦାମ ଇତ୍ୟାଦି ଶସ୍ୟମାନ ଅନ୍ତଃ ଚାଷ କରାଯିବ । ଏହା କରାଗଲେ ପ୍ରତ୍ୟେକ ଚିହ୍ନିତ ବ୍ୟକ୍ତି, ଯେଉଁମାନଙ୍କୁ ବୃକ୍ଷ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି, ସେମାନେ ଏକ ଏକର ଲଙ୍କା ଆମ୍ବ କ୍ଷେତରୁ ଅନ୍ୟୁନ ୫୦୦ ଟଙ୍କାରୁ ଅଧିକ ଲାଭବାନ ହେବେ ।

ଗୋବିନ୍ଦ କ୍ଷେତ୍ର ଆଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି କ୍ଷେତ୍ରର ଚତୁଃପାର୍ଶ୍ୱରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରା: ପ: ଅଫିସ, ଷ୍ଟକ୍‌ମ୍ୟାନ୍ କେନ୍ଦ୍ର, ଉଚ୍ଚ ବିଦ୍ୟାଳୟ ଓ ରେଭିନ୍ୟୁ ଇନିସପେକ୍ଟରଙ୍କର କାର୍ଯ୍ୟାଳୟ ରହିଛି । ଏଥିରେ ତାଳଚେର ପଞ୍ଚାୟତ ସମିତିର [illegible] କର୍ମଚାରୀ, ରାଜସ୍ୱ ବିଭାଗ, କୃଷି ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀଙ୍କର ଅକ୍ଲାନ୍ତ ଚେଷ୍ଟା ଓ ପରିଶ୍ରମ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳ ହୋଇ ପାରିଛି । ଉପକୃତ ବ୍ୟକ୍ତିମାନଙ୍କ ମଧ୍ୟରେ ଓ କ୍ଷେତ୍ର ଚତୁଃପାର୍ଶ୍ୱ ଗ୍ରାମର ଗ୍ରାମବାସୀମାନଙ୍କ ମଧ୍ୟରେ ଏହା ଆଶା ସଂଚାର କରି ପାରିଛି । ଜଳ ସେଚନର ବିଶେଷ ସୁବିଧା ନ ଥାଇ କମ୍ପିନିକ ପ୍ରକଳ୍ପ ଓ ଲଙ୍କା ଆମ୍ବ ବୃକ୍ଷ କ୍ଷେତ୍ରରେ ଗୋଟିଏ ଦରିଦ୍ରତମ ପରିବାର ବାର୍ଷିକ ୨,୨୦୦ ଟଙ୍କାରୁ ୨,୫୦୦ ଟଙ୍କା ଉପାର୍ଜନ କରିପାରିବ, ଏହାର ସୂଚନା ଖୁବ୍ ସ୍ପଷ୍ଟ ହୋଇଛି ।

ଏସ୍. ଡି. ଓ., ତାଳଚେର

OOO



# ସାମ୍ବାଦିକତା ଓ ଓଡ଼ିଶାର ପ୍ରଗତି

ଶ୍ରୀ ରାମଚନ୍ଦ୍ର ମିଶ୍ର

'ଉତ୍କଳ ପ୍ରସଙ୍ଗ'ର ଗତ ଡିସେମ୍ବର ସଂଖ୍ୟାରେ ଅଧ୍ୟାପକ ଶ୍ରୀ ଚିନ୍ତାମଣି ମହାପାତ୍ରଙ୍କର "ସାମ୍ବାଦିକତା ଓ ଓଡ଼ିଶାର ପ୍ରଗତି" ଶୀର୍ଷକ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା । ଏହି ବିଷୟରେ ସମ୍ୟକ୍ ଆଲୋଚନାର ଯଥେଷ୍ଟ କ୍ଷେତ୍ର ରହିଛି ଏବଂ ସେହି ଦୃଷ୍ଟିରୁ ଏହି ପ୍ରବନ୍ଧର ଅବତାରଣା, ଏ ବିଷୟରେ ଅନ୍ୟ ବୁଦ୍ଧିଜୀବୀ ବନ୍ଧୁମାନଙ୍କର ଲିଖିତ ପ୍ରବନ୍ଧ ପ୍ରକାଶ କରାଯିବ ।

ମୁଖ୍ୟ ସଂପାଦକ

ରାଜ୍ୟସଭାର ଗତ ବର୍ଷାକାଳୀନ ଅଧିବେଶନରେ ଯେଉଁ ତୁମୁଳ ହଟ୍ଟଗୋଳ ଦେଖା ଦେଇଥିଲା, ସେ ଭିତରେ ଭାରତୀୟ ସାମ୍ବାଦିକତା ନିମନ୍ତେ ଏକ ସ୍ମରଣୀୟ ଓ ଐତିହାସିକ ମୁହୂର୍ତ୍ତ ଜନ୍ମ ନେଇଥିଲା । ସେହି ଘଟଣା ଭାରତୀୟ ଜନ ଜୀବନ ତଥା ଗଣତାନ୍ତ୍ରିକ ଶାସନ ନିମନ୍ତେ ଏକ ଦିଗ୍‌ଦର୍ଶନ ଦେବା ପରି ଉଜ୍ଜ୍ୱଳ ଓ ଭାସ୍ୱର ।

ଇଣ୍ଡିଆନ୍ ଏକ୍ସପ୍ରେସ୍ ଭାରତର ସର୍ବାଧିକ ପଠିତ ଇଂରେଜୀ ଦୈନିକ । ଏହା ଏକା ସାଥିରେ ବମ୍ବେ, ଅହମଦାବାଦ, ଦିଲ୍ଲୀ, ମାନ୍ଦ୍ରାଜ, ବାଙ୍ଗାଲୋର, ବିଜୟବାଡ଼ା ଓ କୋଏମ୍ବାଟୁର ନଗରୀମାନଙ୍କରୁ ପ୍ରକାଶ ପାଏ । ଶ୍ରୀ ଅରୁଣ ଶୌରୀ ଜଣେ ଯୁବକ ଓ ଖ୍ୟାତନାମା ସାମ୍ବାଦିକ । ସେ ଇଣ୍ଡିଆନ୍ ଏକ୍ସପ୍ରେସ ସଂପାଦନା ବିଭାଗରେ ଅନେକ ଚିନ୍ତାଶୀଳ ଓ ଭାବ ଉଦ୍ରେକ କରିବା ନିବନ୍ଧ ଲେଖି ଭାରତୀୟ ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛନ୍ତି । ତାଙ୍କର ଗୋଟିଏ ଲେଖାରେ ସେ ଭାରତର ଅର୍ଥମନ୍ତ୍ରୀ ଶ୍ରୀ ଭେଙ୍କଟରମଣଙ୍କୁ ଆକ୍ଷେପକରି ଅସଂଯତ ଭାଷା ପ୍ରୟୋଗ କରିଥିଲେ । ତେଣୁ ରାଜ୍ୟ ସଭାରେ ଶ୍ରୀ ଶୌରୀଙ୍କ ବିରୁଦ୍ଧରେ ଅଭିଯୋଗ ଉଠିଥିଲା । ସେହି ଅଭିଯୋଗକୁ କାହିଁକି ବିଚାରକୁ ନିଆଯିବା ଅନୁଚିତ ହେବ ତାହା ଦର୍ଶାଇ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଓ ବର୍ତ୍ତମାନ ଉପରାଷ୍ଟ୍ରପତି ଶ୍ରୀ ହିଦାୟତୁଲ୍ଲା ରାଜ୍ୟ ସଭାର ସଭାପତି ଭାବରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଇତିହାସର ପୃଷ୍ଠାକୁ ସ୍ୱୀୟ ସ୍ୱତନ୍ତ୍ର ଚିନ୍ତାର ଧାରା ଓ ଉଦାର ମନୋଭାବ ଯୋଗୁଁ ଆଲୋକିତ କରି ରଖିବ ।

ଶ୍ରୀ ଅରୁଣ ଶୌରୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ବିଚାରଣୀୟ ନୁହେଁ ବୋଲି ମତ ଦେଇ ଶ୍ରୀ ଶୌରୀଙ୍କ ଲେଖାକୁ ସେ ନଗଣ୍ୟ ବୋଲି ଅଗ୍ରାହ୍ୟ କରି ଦେଇଥିଲେ । ତାଙ୍କର ସୁଚିନ୍ତିତ ବିଚାର ଅନୁସାରେ, ଯଦିଓ ଶ୍ରୀ ଶୌରୀଙ୍କ ଲେଖାକୁ ଭଦ୍ର ବା ଉଚିତ ବୋଲି କୁହା ନ ଯାଇ ପାରେ, ତଥାପି ଶ୍ରୀ ଶୌରୀ ନିଜର ସୀମିତ ଦୃଷ୍ଟି ଅନୁସାରେ ସାମ୍ବାଦିକତା ପ୍ରତି ନିଜ କର୍ତ୍ତବ୍ୟ ସମାପନ କରିଛନ୍ତି । ସେ କହିଥିଲେ ଯେ ସମ୍ବାଦପତ୍ର ସବୁବେଳେ ଘଟଣା ପ୍ରବାହକୁ ତନ୍ନ ତନ୍ନ କରି ଓ ଆଲୋଚନାମୂଳକ ଭାବରେ ପରୀକ୍ଷା କରିଥାଏ । ସମ୍ବାଦପତ୍ର ଜନସାଧାରଣଙ୍କ ଚକ୍ଷୁ ଓ କର୍ଣ୍ଣ ସମ ସମ୍ମାନ ପାଇବା ଉଚିତ । ସରକାରଙ୍କ କାର୍ଯ୍ୟର ସମୀକ୍ଷାକରି ତା'ର ଭ୍ରମ ଓ ଭ୍ରାନ୍ତିକୁ ପ୍ରକାଶ କରି ଦେବା ସମ୍ବାଦପତ୍ରର ଭାଷା । ପ୍ରତ୍ୟେକ ନାଗରିକର ଓ ଅନ୍ୟମାନଙ୍କର ଭ୍ରାନ୍ତ ଧାରଣା ଓ ଭ୍ରମକୁ ଦୂର କରିବା ନିମନ୍ତେ ଯେଉଁ ଅଧିକାର ରହିଛି, ସେହି ଅଧିକାର ସମ୍ବାଦପତ୍ରର ମଧ୍ୟ ରହିଛି । ସାମ୍ବାଦିକ ସେହି ଅଧିକାରକୁ ସାବ୍ୟସ୍ତ କଲାବେଳେ ନିଜର ସୀମାବଦ୍ଧ ଗଣ୍ଡି ଓ ଦୃଷ୍ଟି ଭିତରେ ସଦ୍‌ଭାବରେ କାର୍ଯ୍ୟକରିବା ବିରୁଦ୍ଧରେ ବାଧା ସୃଷ୍ଟି କରିବା ଅନୁଚିତ ହେବ ବୋଲି ଶ୍ରୀ ହିଦାୟତୁଲ୍ଲା ମତ ପ୍ରକାଶ କରିଛନ୍ତି ।

ସମ୍ବାଦପତ୍ର ଏ ଯୁଗରେ ସମାଜର ଚକ୍ଷୁ ଓ କର୍ଣ୍ଣ । ତେଣୁ ସମାଜର ବିଚାର ଓ ପ୍ରତିକ୍ରିୟାକୁ ସାମ୍ବାଦିକମାନେ ବିଶେଷ ଭାବରେ ନିୟନ୍ତ୍ରଣ କରିଥାନ୍ତି । ଅବଶ୍ୟ ଭାରତ ବର୍ଷରେ ପ୍ରତି ଏକ ହଜାର ଲୋକଙ୍କ ଭିତରୁ ମାତ୍ର କୋଡ଼ିଏ ଜଣ ସମ୍ବାଦପତ୍ର ପଢ଼ନ୍ତି । କିନ୍ତୁ ଏହି କୋଡ଼ିଏ ଜଣ ସମାଜର କର୍ଣ୍ଣଧାର, ଚିନ୍ତାଶୀଳ, ଜନନାୟକ, ବୈଜ୍ଞାନିକ ଓ ବୁଦ୍ଧିଜୀବୀ । ଭାରତ ପରି ଗଣତାନ୍ତ୍ରିକ ଦେଶରେ ଐତିହାସିକ ପରମ୍ପରା ଅନୁସାରେ ସାଧାରଣ ଲୋକ ଦୈନନ୍ଦିନ କାର୍ଯ୍ୟ କ୍ଷେତ୍ରରେ ନିଷ୍ପତ୍ତି ନେବାବେଳେ ସାମାଜିକ ନେତାମାନଙ୍କର ପରାମର୍ଶ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ତେଣୁ ସମ୍ବାଦପତ୍ରର ଭାରତୀୟ ଜନତା ଉପରେ କେତେଦୂର ପ୍ରଭାବ ପଡ଼େ

ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ ଭାବରେ ବିଶ୍ଳେଷଣ କରାଯାଇ ନାହିଁ । ଶତକଡ଼ା ଅନେଶ୍ୱତ ଜଣ ଲୋକ ଯାହାର ଅସ୍ତିତ୍ୱ ବିଷୟରେ ସଚେତନ ନୁହନ୍ତି, ସେମାନେ ତାହା ଦ୍ୱାରା କେତେଦୂର ପ୍ରଭାବିତ ହେବେ ? କେବଳ ତୃଷ୍ଣ ବାଇଦ ସହସ୍ର କୋଶ ନୀତିରେ ସମ୍ବାଦପତ୍ରରେ ପ୍ରକାଶିତ ଘଟଣାର ବିବରଣୀ ଓ ଘଟଣା ବିଷୟରେ ମତାମତ ଅତିରଞ୍ଜିତ ବା ଅତିକ୍ଷୁଦ୍ର ହୋଇ ଲୋକମାନଙ୍କ ଭିତରେ ପ୍ରସାର ପାଇଥାଏ ।

ଅବଶ୍ୟ ଇଂଲଣ୍ଡ, ଆମେରିକା, ଫ୍ରାନସ୍ ବା ଋଷ୍ ଦେଶର କଥା ଭିନ୍ନ । ସେଠାରେ ସମ୍ବାଦପତ୍ରର ବହୁଳ ପ୍ରସାର ରହିଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଶତକଡ଼ା ଷାଠିଏରୁ ସତୁରି ଭାଗ ଲୋକ ସମ୍ବାଦପତ୍ର ପଢ଼ନ୍ତି ଓ ତେଣୁ ସମ୍ବାଦପତ୍ରରେ ପ୍ରକାଶିତ ଘଟଣାର ବିବରଣୀ ବା ମତାମତର ଗୁରୁତ୍ୱ ସେ ଦେଶର ସମାଜ ନିମନ୍ତେ ମୂଲ୍ୟବାନ ଓ ଗଠନମୂଳକ ହୋଇଥାଏ । ତେଣୁ ସେଠାରେ ସାମ୍ବାଦିକମାନଙ୍କର ଦାୟିତ୍ୱ ଓ ଗୁରୁତ୍ୱ ଯଥେଷ୍ଟ ଉଚ୍ଚ ଶ୍ରେଣୀର ନ ହେଲେ, ପ୍ରତିଯୋଗିତା କ୍ଷେତ୍ରରେ ସେମାନେ ଲୋପ ପାଇ ଯାଆନ୍ତି । ନିୟୟର୍କ ଟାଇମ୍ସ୍ ବା କ୍ରିଷ୍ଟିୟାନ୍ ସାଇନ୍ସ୍ ମନିଟର ବା ଲମଣ୍ଡ ବା ପ୍ରଭଦା ପରି ସମ୍ବାଦପତ୍ର କେବଳ ତାଙ୍କ ଦେଶର ନୁହେଁ, ଅନେକ ଅନ୍ୟ ଦେଶର ଜନମତକୁ ପ୍ରଭାବିତ କରନ୍ତି ।

ଏହି ପରିପ୍ରେକ୍ଷୀରେ ଭାରତୀୟ ସାମ୍ବାଦିକମାନଙ୍କର ଏକ ସମୀକ୍ଷା ଓ ସେମାନଙ୍କର ସମାଜ ଉପରେ ଥିବା ପ୍ରଭାବ ବିଷୟରେ ବିଶ୍ଳେଷଣ କରିବା ଆବଶ୍ୟକତାକୁ ସ୍ୱୀକାର କରିବାକୁ ହେବ । ସମାଜର ଏକ ଅତି କ୍ଷୁଦ୍ର ଅଥଚ ବିଶେଷ ପ୍ରଭାବଶାଳୀ ବୁଦ୍ଧିଜୀବୀ ଗୋଷ୍ଠୀ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ପ୍ରଭାବାନ୍ୱିତ କରୁଥିବାରୁ ଭାରତୀୟ ସାମ୍ବାଦିକମାନେ ଅଙ୍କାଳନ କରିବା ନିଶ୍ଚୟ ଅନୁଚିତ । କିନ୍ତୁ ଠିକ୍ ସେଇ କାରଣରୁ ଭାରତୀୟ ସାମ୍ବାଦିକମାନଙ୍କୁ ଗୌଣ କରି ଦେଖିବା ସମାଜ ପକ୍ଷରେ ମାରାତ୍ମକ ।

ଭାରତୀୟ ସମାଜ ଏବେ ଏକ ପ୍ରକାର ବିଚିତ୍ର ଓ ଅବିରାମ ଗତିଶୀଳ ପରିବର୍ତ୍ତନ ଭିତରେ ଚଳମାନ । ଶତବର୍ଷ ତଳର ନିସ୍ତରଙ୍ଗ ଧୀର ଗତି ଆଜି ବ୍ୟାହତ ହୋଇ ଏବେ ସମାଜ ତୀବ୍ର ବେଗରେ ଧାବମାନ । ଜନ ସଂଖ୍ୟାର ବିସ୍ଫୋରଣ, ପ୍ରୟୋଗଶୀଳ ବିଜ୍ଞାନର ସର୍ବୋତମୁଖୀ ପ୍ରଗତି ଏହି ଗତିକୁ ତ୍ୱରାନ୍ୱିତ କରୁଛି । ସମାଜର ଏହି ପରିବର୍ତ୍ତନର ଦୁଇ ଦିଗ ରହିଛି—ଭଲ ଓ ମନ୍ଦ । ଏହି ପରିବର୍ତ୍ତନର କେତେକ ଫଳ ଓ କାରଣ ପ୍ରତ୍ୟାଶିତ, ସୁସ୍ପଷ୍ଟ ଓ ଦୃଶ୍ୟମାନ ଏବଂ ଅନ୍ୟ କେତେକ କାରଣ ଓ ପରିଣାମ ଅପ୍ରତ୍ୟାଶିତ, ଅସ୍ପଷ୍ଟ ଓ ଅଦୃଶ୍ୟ । ଆଜି ସମ୍ବାଦପତ୍ର ଓ ସାମ୍ବାଦିକର ପରମ କର୍ତ୍ତବ୍ୟ ହେଉଛି ସମାଜର ଏହି ଗତିକୁ ଏବଂ ଗତିର ଉଭୟ ଦିଗର ଭାରସାମ୍ୟ ରକ୍ଷାକରି ପ୍ରତିଫଳନ କରିବା ।

ଅନେକ ପଣ୍ଡିତ ଓ ବିଜ୍ଞ ବ୍ୟକ୍ତିଙ୍କର ମତ ଯେ ସମ୍ବାଦପତ୍ର ସମାଜ ନିମନ୍ତେ ଗୋଟିଏ ମାଧ୍ୟମ । ଯେ କୌଣସି ମାଧ୍ୟମ ନିଷ୍କଳଙ୍କ ଓ ନିର୍ମଳ ହୋଇ ରହି ପାରିବ ନାହିଁ । ମାଧ୍ୟମ ମାତ୍ରେ ସେଥିରେ ବ୍ୟବହାରକାରୀଙ୍କ ପ୍ରବୃତ୍ତି ଓ ପ୍ରବଣତାର ପ୍ରତିଫଳନ ନିଶ୍ଚୟ ପଡ଼ିବ । ସାମ୍ବାଦିକମାନେ ସ୍ପର୍ଶକାତର ଓ କୋମଳ ହୃଦୟର ଅଧିକାରୀ । ତେଣୁ ସେମାନଙ୍କର ପ୍ରବୃତ୍ତି ବା ପ୍ରବଣତା ଯାହାକୁ ଇଂରାଜୀରେ ବାଏସ୍ (bias) ତାଙ୍କର ମାଧ୍ୟମକୁ ନିଶ୍ଚୟ ସ୍ପର୍ଶ କରିବ । ଏହି ପ୍ରବୃତ୍ତି ମାଧ୍ୟମକୁ ଯେତେଦୂର ପ୍ରଭାବିତ କରିବ, ମାଧ୍ୟମଟି ସେତେ ଅଧିକ ମନୋରମ ଓ ଗତିଶୀଳ ହୋଇ ଉଠିବ । ତେଣୁ ସମ୍ବାଦପତ୍ରରେ ଏ ବିଷୟ ନେଇ ମୁକ୍ତ ଚିନ୍ତାଧାରାରେ ଆଲୋଚନା, ସମାଲୋଚନା ଓ ବିଶ୍ଳେଷଣ କରାଯିବା ଆବଶ୍ୟକ ।

ସମାଜରେ ଘଟୁଥିବା ଘଟଣାଗୁଡ଼ିକୁ ସମାଜର ଆଖିରେ ଦେଖାଇଦେବା ସମ୍ବାଦପତ୍ରର କାର୍ଯ୍ୟ । ନୀଳ ସମୁଦ୍ରର ଗଭୀରତା ଭିତରେ ଗୋଟିଏ ଅତିକାୟ ତିମି ମାଛ ସନ୍ତରଣ କରିବା ଏକ ଘଟଣା । ସେହି ନୀଳ ସମୁଦ୍ରର ଗଭୀରତା ଭିତରେ କ୍ଷୁଦ୍ର ଶୈବାଳ ଭାସି ଯାଉଥିବା ମଧ୍ୟ ଅନ୍ୟ ଏକ ଘଟଣା । ସମ୍ବାଦପତ୍ରରେ ପ୍ରକାଶିତ ହେବା ପରି ଗୁରୁତ୍ୱ କେଉଁ ଘଟଣାର ଅଛି ? ସେହିପରି ଆମର ସମାଜରେ ଅନେକ ଛୋଟ ବଡ଼ ଘଟଣା ପ୍ରତିଦିନ ଘଟୁଛି । କେଉଁ ଘଟଣାକୁ ଗୁରୁତ୍ୱ ଦିଆଯିବ ? କେତେ ବନ୍ଧୁଙ୍କ ଧାରଣା ହେଉଛି ଯେ ସେମାନେ ଯାହା ସୃଷ୍ଟି କରୁଛନ୍ତି ତାହାହିଁ ସମ୍ବାଦ । ସେମାନେ ବାସ୍ତବତାକୁ ତାଙ୍କର ସୃଷ୍ଟିସହ ତାଳ ମିଳାଇ ଅଳ୍ପ ବହୁତ ସଜାଇ ଦିଅନ୍ତି । ଏହା ଏକ ପ୍ରକାର ନାମହୀନ ପ୍ରବୃତ୍ତି, ଯାହାର ଇଂରେଜୀ ଅନୁବାଦ (faceless bias) । ସାମ୍ବାଦିକ ବନ୍ଧୁମାନେ ନିଜର ସୀମାବଦ୍ଧ ଦୃଷ୍ଟି ବା ଅଭିଜ୍ଞତା ଫଳରେ ସତ୍ୟର ଯେଉଁ ଅଂଶକୁ ଅନୁଭବ କରି ପାରିଛନ୍ତି ସେହି ଅଂଶର ପ୍ରକୃତ ଚିତ୍ର ଦେବାକୁ ଯାଇ ନିଜର ସୀମିତ କୌଶଳ ଯୋଗୁଁ ଯେତେଦୂର ସମର୍ଥ ହୋଇଛନ୍ତି ସେତିକି ସମ୍ବାଦ ବା ମତାମତ ସମ୍ବାଦପତ୍ରରେ ପ୍ରକାଶ କରିଛନ୍ତି । କିନ୍ତୁ ସେ ସମ୍ବାଦ ପ୍ରକୃତ ଘଟଣାର ଏକ ବିକୃତ ଅଂଶ ବିଶେଷ ହୋଇଥାଇପାରେ । ଏଥିରେ ଅବଶ୍ୟ ସାମ୍ବାଦିକଙ୍କର ଅସତ୍ ଉଦ୍ଦେଶ୍ୟ ଆଦୌ ନାହିଁ; କିନ୍ତୁ ତାଙ୍କର ଦୃଷ୍ଟିଭଙ୍ଗୀର ସୀମିତ ବା ପ୍ରକାଶ ଭଙ୍ଗୀର ଅସ୍ୱାଭାବିକତା ଯୋଗୁଁ ସତ୍ୟର ପ୍ରକୃତ ସ୍ୱରୂପ ପ୍ରକାଶ ପାଇ ନ ପାରେ । ଏପରିକି ଅସତ୍ୟ ଘଟଣା ମଧ୍ୟ ସତ୍ୟ ବୋଲି ପ୍ରକାଶ ପାଇ ଯାଇପାରେ ଏବଂ ତା'ର ପରିଣାମରେ ଭୟଙ୍କର ଦଙ୍ଗା ବା ବିଶୃଙ୍ଖଳା ସୃଷ୍ଟି ହୋଇ ଯାଇପାରେ ।

ଏହିପରି ଘଟଣାର ଅନେକ ଦୃଷ୍ଟାନ୍ତ ଦେଇହେବ । କିନ୍ତୁ ଉଦାହରଣ ଦେବା ଆବଶ୍ୟକତା ପଡ଼ିବ ନାହିଁ କାରଣ ଏହା ପ୍ରାୟ ଏକ ଦୈନନ୍ଦିନ ଘଟଣା ହୋଇଗଲଣି । ଅଧିକାଂଶ ସାଂପ୍ରଦାୟିକ ଦଙ୍ଗାର ମୂଳରେ ଏହିପରି ସତ୍ୟର ଏକ ବିକୃତ ଅଂଶକୁ ସାମ୍ବାଦିକଙ୍କ ଦୃଷ୍ଟିକୋଣରୁ ଅନୁଭୂତ ସମ୍ବାଦର ପ୍ରକାଶ ବା ପ୍ରସାର ରହିଅଛି ।

ଆଉ କେତେକ ବନ୍ଧୁଙ୍କ ମତ ଯେ ସମ୍ବାଦ ହେଉଛି ଘଟଣାର ବିବରଣ ଓ ମତାମତ ହେଉଛି ଘଟଣାର

ପରିଣତି । କିନ୍ତୁ ଏହା ଏତେ ବେଶୀ ସରଳ ହୋଇଯାଉଛି ଯେ ପ୍ରକୃତ ସତ୍ୟ ପ୍ରକାଶ ପାଉନାହିଁ । ସମ୍ବାଦ ବା ମତାମତ ଲେଖିବା ବା ସୃଷ୍ଟି କଲାବେଳେ ସାମ୍ବାଦିକଙ୍କର ଉଦ୍ଦେଶ୍ୟ ହେବ ଯେ ପାଠକ ସେହି ଲେଖାକୁ ପଢ଼ିବା ବା ଶୁଣିବା ସଙ୍ଗେ ସଙ୍ଗେ ବିଶ୍ୱାସ କରିଯିବେ । ଏହି ଗୁଣ ଉପରେ ସାମ୍ବାଦିକଙ୍କ ବିଶ୍ୱସ୍ତତା ବା କ୍ରେଡିବିଲିଟି ନିର୍ଭର କରେ । ତେଣୁ ସମ୍ବାଦ ସୃଷ୍ଟି କରିବାବେଳେ ସ୍ୱାଭାବିକ ଭାବରେ ସେହି ସମ୍ବାଦ ଭିତରେ ପ୍ରଗ୍ରର ଧର୍ମୀ ଭାବ ବା ଉଚ୍ଛ୍ୱାସ ସ୍ୱତଃ ରହି ଯାଇଥାଏ । ତେଣୁ ବିଶ୍ୱସ୍ତତା ସୃଷ୍ଟି କରିବାକୁ ଯାଇ ସାମ୍ବାଦିକ ଯାହା ଲେଖନ୍ତି ତାହା ସତ୍ୟ ଏବଂ କେବଳ ସତ୍ୟ ଭିତରେ ଆବଦ୍ଧ ହୋଇ ରହେ ନାହିଁ ।

ତେଣୁ ସତ୍ୟ ସମ୍ବାଦ ପରିବେଷଣ କରିବା ଯେତେ ସହଜ ମନେ ହେଉଛି ପ୍ରକୃତରେ ତାହା ନୁହେଁ । ସତ୍ୟର ବିଭିନ୍ନ ମୁଖ ଓ ଦିଗ ରହିଛି । ସବୁ ଦିଗରୁ ନ ଦେଖିଲେ ସତ୍ୟର ପ୍ରକୃତ ସ୍ୱରୂପ ଜଣା ପଡ଼ିବ ନାହିଁ । ତେଣୁ ସାମ୍ବାଦିକଙ୍କୁ ବିଭିନ୍ନ ବ୍ୟକ୍ତିଙ୍କ ସହ ସାକ୍ଷାତ କରିବାକୁ ପଡ଼ିବ ଓ ସେମାନଙ୍କର ବର୍ଣ୍ଣନା ମନୋଯୋଗ ସହ ନିଷ୍ପକ୍ଷ ଭାବରେ ଶୁଣି ବା ଲେଖି ସମସ୍ତଙ୍କ ବିବରଣୀର ପୂର୍ଣ୍ଣ ଅନୁଧ୍ୟାନ କରିବାକୁ ଦରକାର ହୋଇପାରେ । ତା'ପରେ ଅନ୍ୟ ସ୍ଥାନ ବା ବ୍ୟକ୍ତିଙ୍କ ପାଖକୁ ଯାଇ ଅନେକ ଶୂନ୍ୟସ୍ଥାନ ପୂରଣ କରିବାକୁ ପଡ଼ିପାରେ। ଗୋଟିଏ ସାଧାରଣ ନିୟମ ହେଲା ଯେ ଯଥା ସମ୍ଭବ ଯେତେ ବେଶୀ ସଂପର୍କିତ ବ୍ୟକ୍ତି ଓ ସ୍ଥାନସହ ବ୍ୟକ୍ତିଗତ ଭାବରେ ସାକ୍ଷାତ୍ କରିବା ପରେ ସମ୍ବାଦର ପ୍ରଥମ ଖସଡ଼ାଟି ପ୍ରସ୍ତୁତ କରିବାକୁ ପଡ଼ିବ । ତା'ପରେ ଅନେକ ବ୍ୟକ୍ତି ବା ସ୍ଥାନରେ କ୍ରସ୍-ଚେକ୍ ବା ନିଶ୍ଚିତ ହେବା ନିମନ୍ତେ ପୁନଃ ପରୀକ୍ଷା କରିବାକୁ ହିଁ ହେବ ।

ସମ୍ବାଦ ସାଧାରଣତଃ ଚମକ ସୃଷ୍ଟି କରି ଭାବମୂର୍ତ୍ତି ବିସ୍ତାର କରିବା ନିମନ୍ତେ ଚେଷ୍ଟିତ । ଚମକ ସୃଷ୍ଟି କରିବା ନିମନ୍ତେ ସମାଜ ଯାହାକୁ ଅସାଧାରଣ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେ, ତାହାହିଁ ସମ୍ବାଦ ହେବା ନିମନ୍ତେ ଯୋଗ୍ୟ ହୁଏ । ଜୀବନ ଧାରଣ କରିବା ସମ୍ବାଦ ଅପେକ୍ଷା ହତ୍ୟା ବା ଆତ୍ମହତ୍ୟାର ଘଟଣା ସମ୍ବାଦ ହେବା ନିମନ୍ତେ ବେଶୀ ଉପଯୋଗୀ । ସୁଖୀ ପାରିବାରିକ ଜୀବନ ଗତାନୁଗତିକ ହୋଇଥିବାରୁ ତା'ର ସମ୍ବାଦ-ମୂଲ୍ୟ ବେଶୀ ନୁହେଁ କିନ୍ତୁ ବିବାହ ବିଚ୍ଛେଦ ବା ନାରୀ ଧର୍ଷଣ ଘଟଣାର ସମ୍ବାଦ-ମୂଲ୍ୟ ଅନେକ ବେଶୀ । ଦେଶର ଲକ୍ଷ ଲକ୍ଷ ସଦ୍‌ଭାବରେ ଜୀବନ ଯାପନ କରୁଥିବା ନାଗରିକ ସମ୍ବାଦ ସୃଷ୍ଟି କରି ପାରୁନାହାନ୍ତି କିନ୍ତୁ ଜଣେ ଡାକୁ ସର୍ଦ୍ଦାର ବା ଲୁଣ୍ଠନକାରୀ ବହୁ ଦିନ ଧରି ଉଚ୍ଚକୋଟୀର ସମ୍ବାଦ ସୃଷ୍ଟି କରିବାକୁ ସମର୍ଥ ହୁଏ ।

କିନ୍ତୁ ସବୁ କଥାର ଗୋଟିଏ ସୀମା ଓ ସମ୍ବନ୍ଧ ଯାହାକୁ କହନ୍ତି "ଲିମିଟ୍ ଆଣ୍ଡ ରିଲେଟିଭିଟି" ରହିଛି । କୌଣସି ବସ୍ତୁ ବା ଘଟଣା ଏବସ୍‌ଲ୍ୟୁଟ୍ ବା ସଂପୂର୍ଣ୍ଣ ସ୍ୱାଧୀନ ସତ୍ତା ହୋଇ ନ ପାରେ। ସମ୍ବାଦର ସତ୍ୟତା ବିଷୟରେ ସଚେତନ ହେବା ଏକ ପ୍ରକାର ଶିକ୍ଷା, ଯାହା ଗୋଟିଏ କ୍ରମ ବିବର୍ଦ୍ଧମାନ ଧାରା । ପୃଥିବୀରେ ଏବେ ପ୍ରତ୍ୟେକ ଦିନ ପ୍ରାୟ ତିନି କୋଟି ଶବ୍ଦ ସଂଗ୍ରହ କରି ବିତରଣ କରାଯାଉଛି ସମ୍ବାଦ ଆକାରରେ । ତେଣୁ ଏହି ବିରାଟ ଆକାରର ସମ୍ବାଦ ସଂପାଦନା କରିବା ନିମନ୍ତେ କୌଣସି ନିୟମ ବା ଧାରା ସ୍ୱୟଂସଂପୂର୍ଣ୍ଣ ହୋଇ ପାରିବ ନାହିଁ ।

ସବୁ ଚିରନ୍ତନ ସୃଷ୍ଟି ପରି ଯେଉଁ ସମ୍ବାଦର ଭୂମିକାରେ ଯେତେ ବେଶୀ ଅନୁସନ୍ଧାନ, ନିଷ୍ପକ୍ଷ ଗବେଷଣା ଓ ସାବଲୀଳ ପ୍ରକାଶ ଭଙ୍ଗୀ ରହିଛି ସେହି ସମ୍ବାଦ ସେତିକି ଚିରନ୍ତନ ହୋଇ ରହିବ ।

ଓଡ଼ିଶାର ତିନିଶ ମାଇଲ ସୁଦୀର୍ଘ ଉପକୂଳ ଅଛି । ଏହି ଉପକୂଳରେ ଠିଆ ହେଲେ ସମୁଦ୍ରର ପ୍ରତ୍ୟେକ ଲହରୀର ଐତିହାସିକ ଆହ୍ୱାନ ଶୁଣିବାକୁ ମିଳିବ, "ମୁଁ ସେହି ସମୁଦ୍ର, ସେହିପରି ରହିଚି, କିନ୍ତୁ କାହିଁ ସେ ନାବିକର ସାହସ ଓ ନୌବାଣିଜ୍ୟ, କାହିଁ ସେ ଶିଳ୍ପ ବିଭବ ?"

ଜାନକୀ ବଲ୍ଲଭ ପଟ୍ଟନାୟକ

# ରାଜ୍ୟର ଦ୍ରୁତ ବିକାଶ ପାଇଁ ଅଧିକ ସମ୍ବଳ ଲୋଡ଼ା

—ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ

ଓଡ଼ିଶା ଯେପରି ଭାବରେ ଅର୍ଥନୈତିକ ଶୃଙ୍ଖଳା ରକ୍ଷା କରିଛି ଏବଂ ସଂପ୍ରତି ଓଡ଼ିଶାର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଯେପରି ଦ୍ରୁତ ଆଗେଇ ଚାଲିଛି ଓ ସର୍ବୋପରି ଓଡ଼ିଶାରେ ବର୍ତ୍ତମାନର ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଦୃଷ୍ଟିରୁ ରାଜ୍ୟର ବିକାଶ ଦିଗରେ ଅତ୍ୟନ୍ତ ଜରୁରୀ କେତେକ ଯୋଜନା ନିମନ୍ତେ ଅଧିକ ଅର୍ଥ ଏବଂ ଅଧିକତର କେନ୍ଦ୍ରୀୟ ସାହାଯ୍ୟ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି ।

ଦିଲ୍ଲୀଠାରେ ଜାତୀୟ ଉନ୍ନୟନ ପରିଷଦ ବୈଠକରେ ଭାଷଣ ଦେଇ ମାର୍ଚ୍ଚ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ କହିଲେ ଯେଉଁ ରାଜ୍ୟମାନେ ଆର୍ଥିକ ଶୃଙ୍ଖଳା ରକ୍ଷା କରିବା ସଂଗେ ସଂଗେ ଉନ୍ନୟନ କାର୍ଯ୍ୟଗୁଡ଼ିକ ସନ୍ତୋଷଜନକ ଭାବେ କରୁଛନ୍ତି, ସେହି ରାଜ୍ୟମାନଙ୍କୁ ସେମାନଙ୍କର ଯଥାର୍ଥ ଆବଶ୍ୟକତା ଦୃଷ୍ଟିରୁ ଅଧିକ କେନ୍ଦ୍ରୀୟ ସାହାଯ୍ୟ ମିଳିବା ଉଚିତ ।

ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣାଙ୍ଗ ଭାଷଣ ନିମ୍ନରେ ପ୍ରଦତ୍ତ ହେଲା :

"ଯେଉଁସବୁ ରାଜ୍ୟ ଉପଯୁକ୍ତ ଆର୍ଥିକ ଶୃଙ୍ଖଳା ରକ୍ଷା କରିବା ସଂଗେ ସଂଗେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସନ୍ତୋଷଜନକ ଭାବେ କାର୍ଯ୍ୟକାରୀ କରୁଛନ୍ତି, ସେ ସମସ୍ତ ରାଜ୍ୟମାନଙ୍କୁ ସେମାନଙ୍କର ବିକାଶମୂଳକ କାର୍ଯ୍ୟକ୍ରମର ଆବଶ୍ୟକତାକୁ ଚାହିଁ ଯଥେଷ୍ଟ ପରିମାଣରେ କେନ୍ଦ୍ରୀୟ ସାହାଯ୍ୟ ପ୍ରଦାନ କରି ଉତ୍ସାହିତ କରାଯିବା ଉଚିତ । ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ହେତୁ ଓଡ଼ିଶାର ସାଧାରଣ ବ୍ୟୟ ଆର୍ଥିକ ଶୃଙ୍ଖଳା ଭିତରେ ରହିଛି । ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମ ବିଗତ ବର୍ଷମାନଙ୍କ ତୁଳନାରେ ଚଳିତ ବର୍ଷ ତ୍ୱରାନ୍ୱିତ ହୋଇପାରିଛି । କିନ୍ତୁ ନିଜସ୍ୱ ସମ୍ବଳ ସହିତ ରାଜ୍ୟ ଯୋଜନାକୁ ସଂଶ୍ଳିଷ୍ଟ କରାଯାଉଥିବାରୁ ରାଜ୍ୟର ସମୃଦ୍ଧି କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ନିମନ୍ତେ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ଦେଖାଦେଇଛି ।

ସଂପ୍ରତି ଶିଳ୍ପ ପ୍ରସାର ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବା ଫଳରେ ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରେ ନୂତନ ଜାଗରଣ ଦେଖାଦେଇଛି । ଗତ ୧୮ ମାସ ମଧ୍ୟରେ ବିଦ୍ୟୁତ୍ ଚାହିଦା ଅଧିକା ପ୍ରାୟ ୧୨୦ ମେଗାୱାଟକୁ ବୃଦ୍ଧି ପାଇଛି, ଯାହାକି ରାଜ୍ୟର ହାରାହାରି ବିଦ୍ୟୁତ୍ ଉତ୍ପାଦନର ଶତକଡ଼ା ୨୫ ଭାଗ । ଉଭୟ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଯୋଜନାଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଆମେ ଉଦ୍ୟମ କରୁଛୁ । ଏଗୁଡ଼ିକ ସଂପୂର୍ଣ୍ଣ ହେଲେ ଷଷ୍ଠ ଯୋଜନା ସୁଦ୍ଧା ରାଜ୍ୟର ପ୍ରତିଷ୍ଠିତ ବିଦ୍ୟୁତ୍ ସାମର୍ଥ୍ୟ ଅଧିକା ୭୫୦ ମେଗାୱାଟକୁ ବୃଦ୍ଧି ପାଇବ । ଷଷ୍ଠ ଯୋଜନା ଶେଷ ବେଳକୁ ବିଦ୍ୟୁତ୍ ଚାହିଦା ବିଶେଷ ବୃଦ୍ଧି ପାଉଥିବାରୁ, ରାଜ୍ୟର ବିଦ୍ୟୁତ ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି କରିବା ନିତାନ୍ତ ଜରୁରୀ ହୋଇ ପଡ଼ିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଅବିଳମ୍ବେ ତାଳଚେର ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ହାତକୁ ନେବା ଉଚିତ । ଯୋଜନା ବାହାରେ ବିଦେଶୀ ଋଣ ଉପଯୋଗରେ 'ଟର୍ଣ୍ଣ-କି' ଭିତ୍ତିରେ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନ ନିମନ୍ତେ କେନ୍ଦ୍ର ସରକାର ନୀତିଗତ ଭାବେ ଉତ୍ସାହିତ କରିବା ଉଚିତ ।

ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ପ୍ରାୟ ୪୦ ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ସମଗ୍ର ଦେଶରେ ଏହା ହେଉଛି ସର୍ବାଧିକ । ଷଷ୍ଠ ଯୋଜନା କାଳରେ ଶତକଡ଼ା ୫୦ ଭାଗ ଆଦିବାସୀ ଓ ହରିଜନ ପରିବାର ଉପାର୍ଜନ ଯେପରି ବୃଦ୍ଧି ପାଇବ, ସେ ଦିଗରେ ଯଥାଯଥ ସାହାଯ୍ୟ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ବିଶେଷ ଆଗ୍ରହୀ । ସମନ୍ୱିତ ଗ୍ରାମ ବିକାଶ ଯୋଜନା, ଗ୍ରାମାଂଚଳ ଗରିବ ଲୋକମାନଙ୍କ ଅର୍ଥନୈତିକ ଉତ୍ଥାନ ଓ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ

ବାବଦ ଅର୍ଥକୁ ରାଜ୍ୟ ସରକାର ଏ ଉଦ୍ଦେଶ୍ୟରେ ଏକାଠି କରି ପୁଞ୍ଜି କରିଛନ୍ତି । କିନ୍ତୁ ରାଜ୍ୟ ଯୋଜନାର ସୀମିତ ସମ୍ବଳ ଦୃଷ୍ଟିରୁ ଏହି ପାଣ୍ଠି ପର୍ଯ୍ୟାପ୍ତ ନୁହେଁ । ତେଣୁ, ଏଥି ନିମନ୍ତେ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ମିଳିବା ଆବଶ୍ୟକ । ହରିଜନ ଓ ଆଦିବାସୀ ଲୋକମାନଙ୍କ ମଧ୍ୟରେ ସାକ୍ଷରତା ହାର ନିତାନ୍ତ କମ୍ । ରାଜ୍ୟର କେତେକ ଅଗ୍ରଗାମୀ ଅଞ୍ଚଳରେ ସାକ୍ଷର ସଂଖ୍ୟା ଶତକଡ଼ା ୫୦ରୁ ୫୫ଭାଗ ଥିବା ସ୍ଥଳେ କେତେକ ଆଦିବାସୀ ଅଞ୍ଚଳରେ ସାକ୍ଷର ସଂଖ୍ୟା ମାତ୍ର ଶତକଡ଼ା ୮ଭାଗ ରହିଛି । ଏଭଳି ପରିସ୍ଥିତିକୁ ସୁଧାରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କେତେକ ପ୍ରାଥମିକ ବିଦ୍ୟାଳୟକୁ ଆବାସୀ ବିଦ୍ୟାଳୟରେ ପରିଣତ କରୁଛନ୍ତି । ତଦନୁସାରେ ଆଦିବାସୀ ଉପ-ଯୋଜନା ଅଂଚଳରେ ପ୍ରତି ଗ୍ରାମ ପଂଚାୟତରେ ଗୋଟିଏ କରି ଆବାସୀ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବ ।

ରାଜ୍ୟରେ ୫୯ ଲକ୍ଷ ହେକ୍ଟର ଚାଷଜମିରେ ଜଳସେଚନର ସମ୍ଭାବନା ରହିଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଶତକଡ଼ା ୨୦ ଭାଗ ଜମିରେ ଜଳସେଚନର ସୁବିଧା ହୋଇପାରିଛି । ତେଣୁ, ସଂପ୍ରତି କାର୍ଯ୍ୟକାରୀ ହେଉଥିବା ଜଳସେଚନ ଯୋଜନାଗୁଡ଼ିକ ଯେତେଦୂର ସମ୍ଭବ ଷଷ୍ଠ ଯୋଜନା କାଳରେ ସଂପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଷଷ୍ଠଯୋଜନା କାଳରେ ୬ଲକ୍ଷ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା କରିବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ଏହା ତୁଳନାରେ ଆହୁରି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସମ୍ଭାବନା ଥିଲେ ମଧ୍ୟ ଏ ଦିଗରେ ସମ୍ବଳ ହିଁ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଛି । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଉପର କୋଲାବ ଓ ରେଂଗାଲି ବହୁମୁଖୀ ଯୋଜନାର କେବଳ ବିଦ୍ୟୁତ୍ ଉତ୍ପାଦନ ପର୍ଯ୍ୟାୟ ଷଷ୍ଠଯୋଜନା ସୁଦ୍ଧା ସଂପୂର୍ଣ୍ଣ ହେବ । ମାତ୍ର ସମ୍ବଳର ଅଭାବଯୋଗୁଁ ୨.୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ହେବାଭଳି ଏଇ ଦୁଇଟି ଯୋଜନାର ଜଳସେଚନ ପର୍ଯ୍ୟାୟ ପରେ କାର୍ଯ୍ୟକାରୀ କରାଯିବ । ତେଣୁ, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଷଷ୍ଠଯୋଜନା କାଳ ମଧ୍ୟରେ ଏହି ଯୋଜନାର ଜଳସେଚନ ସମ୍ଭାବନାକୁ ରୂପାୟିତ କରାଯିବା ଆବଶ୍ୟକ ।

ବିହାର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ନିୟନ୍ତ୍ରଣ ବୋର୍ଡ ଆନ୍ତଃରାଜ୍ୟ ନଦୀ ସୁବର୍ଣ୍ଣରେଖାର ବନ୍ଧ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଯୋଜନା ଦ୍ୱାରା ଆଦିବାସୀବହୁଳ ବିହାରର ଛୋଟନାଗପୁର ଏବଂ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ବ୍ୟାପକ ଅଂଚଳରେ ଜଳସେଚନର ସୁବିଧା ହୋଇପାରିବ । ଏହି ଯୋଜନା ଦ୍ୱାରା ଆଦିବାସୀ ବହୁଳ ଅଂଚଳର ଅର୍ଥନୈତିକ ସମୃଦ୍ଧି ସମ୍ଭବ ହେଉଥିବା ଦୃଷ୍ଟିରୁ ଏହାକୁ ଅବିଳମ୍ବେ ସଂପୂର୍ଣ୍ଣ କରିବା ନିମନ୍ତେ କେନ୍ଦ୍ର ସରକାର କେନ୍ଦ୍ରୀୟ ସ୍ତରରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ।

ଗରିବ ଲୋକମାନଙ୍କ ଅର୍ଥନୈତିକ ଉତ୍ଥାନ ସମେତ ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ନିମନ୍ତେ ଆବଶ୍ୟକତା ତୁଳନାରେ ମାତ୍ର ଏକ ତୃତୀୟାଂଶ ଋଣ ବର୍ତ୍ତମାନ ମିଳିପାରୁଛି । ସର୍ବ ଭାରତୀୟ ସ୍ତରରେ ମୁଣ୍ଡପିଛା ୪୫୦ ଟଙ୍କା ବ୍ୟାଙ୍କ ଋଣ ମିଳୁଥିବା ସ୍ଥଳେ ଓଡ଼ିଶାରେ ଏହି ଋଣ ମାତ୍ର ୧୧୧ ଟଙ୍କା । ସର୍ବ ଭାରତୀୟ ସ୍ତରରେ ପ୍ରତି ୧୬,୦୦୦ ଲୋକଙ୍କ ନିମନ୍ତେ ଗୋଟିଏ ବ୍ୟବସାୟିକ ବ୍ୟାଙ୍କ ରହିଥିବା ସ୍ଥଳେ ଓଡ଼ିଶାରେ ୨୨,୦୦୦ ଲୋକଙ୍କ ପାଇଁ ଗୋଟିଏ ବ୍ୟାଙ୍କ ରହିଛି । ବ୍ୟାଙ୍କ କାର୍ଯ୍ୟକଳାପର ସୁଷମ ବିକାଶ ସାଙ୍ଗକୁ ବ୍ୟାଙ୍କ-ମାନଙ୍କଦ୍ୱାରା ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଷମ କରିବା ନିମନ୍ତେ ଉଚିତ ପନ୍ଥା ନିର୍ଦ୍ଧାରଣର ଯଥେଷ୍ଟ ଆବଶ୍ୟକତା ରହିଛି ।

ବର୍ତ୍ତମାନର ଶିଳ୍ପନୀତି ଅନୁଯାୟୀ ରାଜ୍ୟର ଅର୍ଦ୍ଧାଧିକ ଅଂଚଳ ଶିଳ୍ପ ଦୃଷ୍ଟିରୁ ଅନଗ୍ରସର ଅଂଚଳ ରୂପେ ଘୋଷିତ ହେବାକୁ ଯୋଗ୍ୟ ହେଉନାହିଁ । ଶିବରମଣ କମିଟିଙ୍କ ସୁପାରିଶ ଏ କ୍ଷେତ୍ରରେ ଅଧିକ ବାସ୍ତବ ଓ ଯୁକ୍ତିଯୁକ୍ତ । ରାଜ୍ୟରେ ସୁସଂହତ ଶିଳ୍ପର ବିକାଶ ପାଇଁ ଶିବରମଣ କମିଟିଙ୍କ ସୁପାରିଶ ଗ୍ରହଣ କରାଯିବା ଉଚିତ ।

ପରିବାର ନିୟୋଜନ କ୍ଷେତ୍ରରେ ଓଡ଼ିଶା ଭଳି ଯେଉଁ ସବୁ ରାଜ୍ୟ ବିଶେଷ ସଫଳତା ହାସଲ କରିପାରିଛନ୍ତି, ସେମାନଙ୍କର ଯୋଜନା ସମ୍ବଳ ବୃଦ୍ଧି ଲାଗି କେନ୍ଦ୍ରୀୟ ସାହାଯ୍ୟର ପରିମାଣ ବଢ଼ାଇ ସେମାନଙ୍କୁ ଅଧିକ ଉତ୍ସାହିତ କରାଯିବା ଆବଶ୍ୟକ ।"

# ଗ୍ରାମାଞ୍ଚଳରେ ସେତୁ ନିର୍ମାଣକରି ରାସ୍ତା ଯୋଗାଯୋଗର ବିକାଶ ଦିଗରେ ଧ୍ୟାନ ଦିଆଯାଉଛି

—ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ

ଗ୍ରାମାଞ୍ଚଳରେ ରାସ୍ତା ଯୋଗାଯୋଗର ବିକାଶ କରିବା ପାଇଁ ବିଭିନ୍ନ ନଦୀନାଳ ଉପରେ ଅଳ୍ପ ବ୍ୟୟରେ ସେତୁ ନିର୍ମାଣ କରିବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି ।

ଜଗତ୍‌ସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ବିରିଡ଼ି-ସୋମପୁର ରାସ୍ତାର ହଂସୁଆ ନଦୀ ଉପରେ, ଜଗତ୍‌ସିଂହପୁର-ରଘୁନାଥପୁର-ସିର୍‌ଲୋ - ନୂଆଗାଁ ରାସ୍ତାର ପାଇକା ନଦୀ ଉପରେ ନିର୍ମିତ ଦୁଇ ଗୋଟି କଂକ୍ରିଟ୍ ସେତୁ ମାର୍ଚ୍ଚ ୧୪ ତାରିଖରେ ଉଦ୍‌ଘାଟନ କରି ଦୁଇଟି ଜନସମାବେଶରେ ଶ୍ରୀ ବିଶ୍ୱାଳ କହିଲେ ଯେ ସରକାର ବହୁ ଅର୍ଥ ବ୍ୟୟରେ ସୁଦୀର୍ଘ ସେତୁ ନିର୍ମାଣ କରିବା ପରିବର୍ତ୍ତେ ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ୟ ରାସ୍ତାଗୁଡ଼ିକୁ ସଂଯୋଗ କରୁଥିବା ସେତୁ ନିର୍ମାଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ତଥା ଅବହେଳିତ ଲୋକଙ୍କର ଜୀବନ ଧାରଣରମାନ ବୃଦ୍ଧି କରିବାପାଇଁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ଏହିପରି ସେତୁଗୁଡ଼ିକ ବିଶେଷ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି ଦୁଇଟି ସଭାରେ ଲୋକସଭା ସଦସ୍ୟ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ପୌରୋହିତ୍ୟ କରି କହିଲେ ଓଡ଼ିଶା ପରି ଅନଗ୍ରସର ରାଜ୍ୟର ଦାରିଦ୍ର୍ୟ ଓ ବେକାରୀ ଦୂର କରିବାଲାଗି କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ସଫଳ ପଦକ୍ଷେପମାନ ନେଇଛନ୍ତି । ବିଧାନ ସଭା ସଦସ୍ୟ ଶ୍ରୀ କୃଷ୍ଣଚନ୍ଦ୍ର ମଲ୍ଲିକ ଓ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ମଧ୍ୟ ଏହି ସଭାମାନଙ୍କରେ ଭାଷଣ ଦେଇଥିଲେ ।

ପୂର୍ବରୁ ପୂର୍ତ୍ତ ବିଭାଗ (ରାସ୍ତା) ମୁଖ୍ୟଯନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇ କହିଲେ ହଂସୁଆ ସେତୁର ନିର୍ମାଣ ବାବଦରେ ୪ ଲକ୍ଷ ୮୧ ହଜାର ୫୮୩ ଟଙ୍କା ଏବଂ ପାଇକା ସେତୁର ନିର୍ମାଣ ବାବଦରେ ୬ଲକ୍ଷ ୩୬ ହଜାର ୭୪୭ ଟଙ୍କା ବ୍ୟୟ କରାଯାଇଛି ।





# ପ୍ରଗତି ପ୍ରସଙ୍ଗ

## ଦେବୋତ୍ତର ପରିଦର୍ଶକ ସମ୍ମିଳନୀ

ପୁରୀଠାରେ ଦେବୋତ୍ତର ବିଭାଗ ଅଫିସର ଓ ଦେବୋତ୍ତର ପରିଦର୍ଶକମାନଙ୍କର ଏକ ସମ୍ମିଳନୀ ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତ ଫେବ୍ରୁଆରୀ ୨୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ଆମ ରାଜ୍ୟରେ ଏଭଳି ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି । ଦେବୋତ୍ତର ଅନୁଷ୍ଠାନଗୁଡ଼ିକର ସୁପରିଚାଳନା ତଥା ସଂପତ୍ତିଗୁଡ଼ିକର ସୁରକ୍ଷା ଏବଂ ଠାକୁରମାନଙ୍କର ସେବାପୂଜା ନୀତି ଓ ଯାନିଯାତ୍ରା, ବିଧିମତେ ଠିକଣା ସମୟରେ କରାଯିବା ଆବଶ୍ୟକ । ଶ୍ରୀ ପଟ୍ଟନାୟକ କହିଲେ ଯେ ଦେବୋତ୍ତର ଅନୁଷ୍ଠାନଗୁଡ଼ିକ ସୁରକ୍ଷା କରିବା ଏକ ସାମାଜିକ ଦାୟିତ୍ୱ, ଏଣୁ ସମସ୍ତେ ନିଷ୍ଠାର ସହ କାମ କରିବା ଉଚିତ ।

ପ୍ରାରମ୍ଭରେ ଆଇନ ବିଭାଗ ଶାସନ ସଚିବ ଶ୍ରୀ କୃଷ୍ଣ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣରେ ପ୍ରକାଶ କରିଥିଲେ ଯେ ଆମ ଦେଶର ଜନସାଧାରଣ ଅତି ଧର୍ମ ପରାୟଣ ହୋଇଥିବାରୁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ମଠ, ମନ୍ଦିର ସ୍ଥାପନ କରି ବହୁତ ଭୂ-ସଂପତ୍ତି ଦାନସୂତ୍ରରେ ଦେଇଛନ୍ତି । ଏହି ଅନୁଷ୍ଠାନଗୁଡ଼ିକ ଜନସାଧାରଣଙ୍କ ଆଧ୍ୟାତ୍ମିକ ଚେତନାକୁ ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କର ସାମାଜିକ ଓ ସଂସ୍କୃତି ଅଭିବୃଦ୍ଧି ପାଇଁ ସାହାଯ୍ୟ କରୁଛି । ଏଗୁଡ଼ିକର ସୁରକ୍ଷା ଦେବୋତ୍ତର ବିଭାଗ କ୍ଷେତ୍ର କର୍ମଚାରୀଙ୍କ ଉପରେ ନ୍ୟସ୍ତ । କ୍ଷେତ୍ର କର୍ମଚାରୀମାନେ ନିଷ୍ଠାର ସହିତ ଦେବୋତ୍ତର ସଂପତ୍ତିର ସୁରକ୍ଷା ତଥା ସୁପରିଚାଳନା ଦିଗରେ ସୁଦୃଷ୍ଟି ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ଯୁଗ୍ମ ଶାସନ ସଚିବ ଶ୍ରୀ କେ. ସି. ମିଶ୍ର, ଶ୍ରୀ ଜଗଦୀଶ ଦ୍ୱିବେଦୀ, ଦେବୋତ୍ତର ଉପ-କମିଶନର ଶ୍ରୀ ରାମଚନ୍ଦ୍ର ମିଶ୍ର, ସହକାରୀ କମିଶନର ଶ୍ରୀସୁଶୀଲକୁମାର ମହାପାତ୍ର, ଶ୍ରୀ ନରେନ୍ଦ୍ର ନାଥ ପ୍ରହରାଜ, ଶ୍ରୀ ଗିରୀଶ ଚନ୍ଦ୍ର ମିଶ୍ର, ଶ୍ରୀ ଗଦାଧର ଷଡ଼ଙ୍ଗୀ, ରାଜ୍ୟର ସମସ୍ତ ଡିଭିଜନାଲ ଇନ୍‌ସପେକ୍ଟର ଓ ଦେବୋତ୍ତର ଇନ୍‌ସପେକ୍ଟର ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ନଳକୂପ ଖନନ ପାଇଁ ୪ କୋଟି ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ

କେନ୍ଦ୍ରସରକାରଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦ୍ରସରକାର ଚଳିତ ବର୍ଷ ପାଇଁ ମାର୍ଚ୍ଚ ପାଞ୍ଚ ତାରିଖ ସୁଦ୍ଧା ୪ କୋଟି ୯୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ପୂର୍ବରୁ ଏ ବାବଦରେ ୧ କୋଟି ୪୧ ଲକ୍ଷ ଟଙ୍କା ମିଳିଥିଲା ଏବଂ ସଂପ୍ରତି ଅବଶିଷ୍ଟ ୩ କୋଟି ୫୨ ଲକ୍ଷ ଟଙ୍କା ସାହାଯ୍ୟ ମିଳିଛି ।

ଚଳିତ ଆର୍ଥିକ ବର୍ଷରେ ସମଗ୍ର ରାଜ୍ୟ ପାଇଁ ୬,୬୦୦ଟି ନଳକୂପ ବସାଇବାକୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ତନ୍ମଧ୍ୟରୁ ଗତ ଜାନୁଆରୀ ମାସ ଶେଷସୁଦ୍ଧା ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ୩,୬୯୮ ଟି ନଳକୂପ ବସାଗଲାଣି । ଏଗୁଡ଼ିକୁ ମିଶାଇ ସେହି ସମୟ ସୁଦ୍ଧା ବସାଯାଇଥିବା ନଳକୂପର ସମୁଦାୟ ସଂଖ୍ୟା ହେଲା ୬୨୧୫ ।

## ଅଧିକ କ୍ଷୁଦ୍ରଶିଳ୍ପ ଓ କାରିଗରୀ ଶିଳ୍ପ ଉତ୍ପାଦନକ୍ଷମ ଅବସ୍ଥାକୁ ଆସୁଛି

ଗତ ଡିସେମ୍ବର ମାସରେ ରାଜ୍ୟର ବିଭିନ୍ନ ଶିଳ୍ପ କେନ୍ଦ୍ର ମାଧ୍ୟମରେ ୧,୯୮୪ଟି କ୍ଷୁଦ୍ରଶିଳ୍ପକୁ ଅସ୍ଥାୟୀଭାବେ ରେଜେଷ୍ଟ୍ରିଭୁକ୍ତ କରାଯାଇଥିଲା । ଏହି ସମୟ ମଧ୍ୟରେ ୨ କୋଟି ୩୫ ଲକ୍ଷ ୩୪ ହଜାର ଟଙ୍କା ମୂଳଧନ ବିନିଯୋଗରେ ୩୮୪ଟି କ୍ଷୁଦ୍ରଶିଳ୍ପ ଉତ୍ପାଦନ ଆରମ୍ଭ କରିଥିଲେ ଏବଂ ଏଥିରେ ୨୪୯୯ ଜଣ ବ୍ୟକ୍ତିକୁ କାମ ଯୋଗାଇ ଦିଆ ଯାଇଥିଲା । ଏହା ବ୍ୟତୀତ ଏହି ମାସରେ ୫୭୪୭ଟି ଗ୍ରାମ୍ୟ କାରିଗରୀ ଶିଳ୍ପ ଉତ୍ପାଦନକ୍ଷମ ଅବସ୍ଥାକୁ ଆସିବା ଫଳରେ ୯୪୯୧ ଜଣ ବ୍ୟକ୍ତିଙ୍କୁ ଧନ୍ଦା ଯୋଗାଇ ଦିଆଯାଇ ପାରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ୧୯୮୧-୮୨ ବର୍ଷର ୧୯୮୧ ନଭେମ୍ବର ମାସ ଶେଷ ସୁଦ୍ଧା ୯ କୋଟି ୧୭ ଲକ୍ଷ ୭୧ ହଜାର ଟଙ୍କା ବିନିଯୋଗରେ ୧୦୬୯ଟି କ୍ଷୁଦ୍ରଶିଳ୍ପ ଏବଂ ୨ କୋଟି ୨୭ ଲକ୍ଷ ୧୩ ହଜାର ଟଙ୍କା ମୂଳଧନ ବିନିଯୋଗରେ ୨୨୭୪୫ଟି କାରିଗରୀଭିତ୍ତିକ କୁଟୀର ଶିଳ୍ପ ସ୍ଥାପିତ ହୋଇଥିଲା । ଏହି ଶିଳ୍ପଗୁଡ଼ିକରେ ଯଥାକ୍ରମେ ୭,୭୫୬ ଓ ୩୮୩୭୦ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇ ପାରିଛି ।

## ଗୁରୁଜଙ୍ଗ-ଗୋପ ରାସ୍ତାରେ କଂକ୍ରିଟ ସେତୁ ଉଦ୍‌ଘାଟିତ

ନିମାପଡ଼ାଠାରୁ ୧୫ କି: ମି. ଦୂରବର୍ତ୍ତୀ କାଦୁଆ ନାଳ ଉପରେ ପୂର୍ତ୍ତ ବିଭାଗ ଦ୍ୱାରା ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ କଂକ୍ରିଟ ସେତୁ ଫେବୃୟାରୀ ୨୩ ତାରିଖ ସନ୍ଧ୍ୟାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ଏହି ସେତୁ ନିର୍ମିତ ହେବା ଦ୍ୱାରା ନିଆଳି ଓ ଗୁରୁଜଙ୍ଗ ଅଞ୍ଚଳରୁ କୋଣାର୍କ ଅଭିମୁଖେ ଯାତ୍ରା କରିବାକୁ ହେଲେ ଏଣିକି ନିମାପଡ଼ା-ଗୋପ ରାସ୍ତା ପରିବର୍ତ୍ତେ ଗୁରୁଜଙ୍ଗଠାରୁ ସିଧା ଗୋପ ପର୍ଯ୍ୟନ୍ତ ଯାତାୟତ କରିହେବ । ଫଳରେ ଗୁରୁଜଙ୍ଗଠାରୁ କୋଣାର୍କକୁ ଦୂରତା ପ୍ରାୟ ୮ କି: ମି: ହ୍ରାସ ପାଇଛି ।

ଏ ଉପଲକ୍ଷେ ଅନୁଷ୍ଠିତ ଏକ ବିରାଟ ଜନ ସମାବେଶରେ ମୁଖ୍ୟ ଅତିଥି ରୂପେ ଉଦବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ, ରାଜ୍ୟରେ ବହୁ ରାସ୍ତା ଓ ସେତୁ ନିର୍ମାଣର ଆବଶ୍ୟକତା ରହିଛି । କିନ୍ତୁ ସୀମିତ ଆର୍ଥିକ ସମ୍ବଳର ବିନିଯୋଗ କରି ଯୋଜନାବଦ୍ଧ ଭାବରେ ରାସ୍ତାଘାଟ ନିର୍ମାଣ କରା ଯାଉଛି । ଏହା ବ୍ୟତୀତ ପୂର୍ବରୁ ଅସଂପୂର୍ଣ୍ଣ ରହିଥିବା ଶତାଧିକ ରାସ୍ତାର ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଉଦ୍ୟମ ହେଉଛି ବୋଲି ସେ କହିଥିଲେ ।

ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାନ ସଭା ସଦସ୍ୟ ସର୍ବଶ୍ରୀ ବୈକୁଣ୍ଠନାଥ ସ୍ୱାଇଁ, ସୁରେଶ କୁମାର ରାଉତରାୟ, ରବୀନ୍ଦ୍ର କୁମାର ଦାସ, କୈଳାସ ଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଏବଂ ଗଦାଧର ମିଶ୍ରଙ୍କ ସମେତ ମୁଖ୍ୟଯନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ ଓ ବିଭାଗୀୟ ପଦସ୍ଥ ଇଞ୍ଜିନିୟରମାନେ ଯୋଗ ଦେଇଥିଲେ ।

—

## ଢେଙ୍କାନାଳ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଗ୍ରଗତି

ରାଜ୍ୟରେ ଗୁରୁ ଓ ମଧ୍ୟମ ଶିଳ୍ପର ବିକାଶ ଘଟାଇବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଶିଳ୍ପ, କୁଟୀର ଶିଳ୍ପ ଏବଂ ଗ୍ରାମ୍ୟ କାରିଗରୀ ଶିଳ୍ପର ବିକାଶ ପାଇଁ ବର୍ତ୍ତମାନର ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ଏଥିପାଇଁ ଜିଲ୍ଲା ସ୍ତରରେ ଶିଳ୍ପ କେନ୍ଦ୍ରଗୁଡ଼ିକ ବିଶେଷ ଭୂମିକା ଗ୍ରହଣ କରୁଛନ୍ତି । ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କୁ ବୈଷୟିକ ପରାମର୍ଶ, ଆର୍ଥିକ ସହାୟତା ଯୋଗାଇଦେବା ସଙ୍ଗେ ସଙ୍ଗେ ଜମି, ବିଦ୍ୟୁତଶକ୍ତି ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଜିଲ୍ଲା ଶିଳ୍ପକେନ୍ଦ୍ରର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇ ବିଭିନ୍ନ କ୍ଷେତ୍ରରେ ଦେଖା ଦେଉଥିବା ପ୍ରତିବନ୍ଧକ ଦୂର କରା ଯାଇଥାଏ ।

୧୯୮୧-୮୨ ବର୍ଷର ୧୯୮୨ ଜାନୁୟାରୀ ଶେଷ ସୁଦ୍ଧା ଢେଙ୍କାନାଳ ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ୯୯ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଉକ୍ତ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଗତ ଦଶମାସ ମଧ୍ୟରେ ୫୬ଲକ୍ଷ ୯୫ ହଜାର ୩୦୦ ଟଙ୍କା ପୁଞ୍ଜି ଲଗାଣ କରାଯାଇଛି ଏବଂ ୪୯୧ ଜଣ ନିଯୁକ୍ତି ପାଇଛନ୍ତି । ତନ୍ମଧ୍ୟରୁ ୬୨ ଜଣ ହରିଜନ ଓ ୩୭ ଜଣ ଆଦିବାସୀ ଅଟନ୍ତି । ଏହି ସମୟ ମଧ୍ୟରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଜିଲ୍ଲାର କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକୁ ୪୨ ଲକ୍ଷ ୮୧ ହଜାର ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କମାନେ ୯ ଲକ୍ଷ ୪୦ ହଜାର ଟଙ୍କା ଋଣ ମଞ୍ଜୁର କରିଛନ୍ତି ।

ବିଗତ ଦଶମାସ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ୧୩୮୭ଟି ଗ୍ରାମ୍ୟ କାରିଗରୀ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ୨୮୯୮ ବ୍ୟକ୍ତିଙ୍କର କର୍ମ ସଂସ୍ଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୧୫୧ ଜଣ ଆଦିବାସୀ ଓ ୮ ଜଣ ହରିଜନ ଶ୍ରେଣୀଭୁକ୍ତ ଅଟନ୍ତି ଗ୍ରାମ୍ୟ କାରିଗରୀ ଶିଳ୍ପଗୁଡ଼ିକରେ ୧୨ ଲକ୍ଷ ୬୦ ହଜାର ଟଙ୍କା ପୁଞ୍ଜି ଲଗାଣ କରାଯାଇଛି । ଏହି ସମୟ ମଧ୍ୟରେ ବିଭିନ୍ନ କାରିଗରୀ ଧନ୍ଦାରେ ୪୬୦ଜଣ ଯୁବକ ଯୁବତୀଙ୍କୁ ତାଲିମ୍ ଦିଆଯାଇଛି । ତାଲିମ୍ ପ୍ରାପ୍ତ ୩୫୪ ଜଣ କାରିଗରଙ୍କୁ ମାଗଣାରେ ୮୮,୫୦୦ ଟଙ୍କା ମୂଲ୍ୟରେ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ରର ସୁପାରିଶ କ୍ରମେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୩ ଲକ୍ଷ ୩ ହଜାର ୬୦୦ ଟଙ୍କା କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ଓ ଗ୍ରାମ୍ୟ କାରିଗରମାନଙ୍କୁ ସବ୍‌ସିଡି (ରିହାତି) ଆକାରରେ ଯୋଗାଇ ଦିଆଯାଇଛି ।

## ଆଠମଲ୍ଲିକଠାରେ ସମନ୍ୱିତ ଶିଶୁ ବିକାଶ ଯୋଜନା

ଢେଙ୍କାନାଳ ଜିଲ୍ଲାର ଆଠମଲ୍ଲିକ ବ୍ଲକରେ ଗତ ଅଗଷ୍ଟ ମାସଠାରୁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ପାଇଁ ୧,୫୪,୭୫୦ ଟଙ୍କାର ବ୍ୟୟ ବରାଦ ହୋଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୮୫ ଗୋଟି ଅଂଗନବାଡ଼ି ଖୋଲଯିବ । ପ୍ରତ୍ୟେକ କେନ୍ଦ୍ରରେ ୧ ବର୍ଷରୁ ୬ ବର୍ଷ ବୟସର ୧ ହଜାର ଶିଶୁଙ୍କୁ ଅଣ-ଆନୁଷ୍ଠାନିକ ଶିକ୍ଷା ଦିଆଯିବ । ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ । ନିୟମିତଭାବେ ସ୍ୱାସ୍ଥ୍ୟ ପରୀକ୍ଷା ହେବ । ଗର୍ଭବତୀ ଏବଂ ପ୍ରସୂତି ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା ମଧ୍ୟ ହେବ । ଅଂଗନବାଡ଼ି ପରିଚାଳନା ପାଇଁ ହେଉଥିବା ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ ଆଠମଲ୍ଲିକ ବ୍ଲକ୍ ଅଞ୍ଚଳର ୨୦ଜଣ ପ୍ରାର୍ଥିନୀଙ୍କୁ ବରପାଲି ତାଲିମ କେନ୍ଦ୍ରକୁ ପଠାଯାଇଛି । ଆସନ୍ତା ମାର୍ଚ୍ଚମାସ ଶେଷ ସୁଦ୍ଧା ୨୦ ଗୋଟି ଅଂଗନବାଡ଼ି କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଏ ।

## ମାଛଚାଷ ମାଧ୍ୟମରେ ଅର୍ଥନୈତିକ ଉନ୍ନୟନ

ମତ୍ସ୍ୟ ବିଭାଗ ତରଫରୁ ଚଳିତ ବର୍ଷ କଟକ ଜିଲ୍ଲାରେ ୪ଲକ୍ଷ ୫୪ ହଜାର ଟଙ୍କା ବ୍ୟୟ ଅଟକଳରେ ମାଛଚାଷ ଓ ସମୁଦ୍ରରୁ ମାଛଧରା କାର୍ଯ୍ୟକ୍ରମରେ ୧୨୧ଟି ପରିବାରଙ୍କର ଅର୍ଥନୈତିକ ଉନ୍ନୟନ କରାଯିବ ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାର ୪୧ଟି ଦରିଦ୍ରତମ ପରିବାରଙ୍କୁ ଅଧଏକର ହିସାବରେ ମୋଟରେ ୨୧ ଏକର ଜଳାଶୟ ଯୋଗାଇ ଦେବା ସଂଗେ ସଂଗେ ପ୍ରତ୍ୟେକ ପରିବାରକୁ ମାଛଚାଷ କରିବା ପାଇଁ ସବ୍‌ସିଡି ଆକାରରେ ୬ ହଜାର ଟଙ୍କା ସାହାଯ୍ୟ ଦିଆଯିବ । ଏହା ବ୍ୟତୀତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଧୀବରମାନଙ୍କ ମଧ୍ୟରୁ ୮୦ଟି ପରିବାରଙ୍କୁ ସମୁଦ୍ରରୁ ମାଛ ଧରିବା ନିମନ୍ତେ ୨ଲକ୍ଷ ୮ ହଜାର ଟଙ୍କା ମୂଲ୍ୟର ନାଇଲନ୍ ଜାଲ ଓ ଡଙ୍ଗା ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

## ଗହମ କୋଟା ବୃଦ୍ଧି

ରାଜ୍ୟର ଗହମ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ସରକାର ଗହମ କୋଟା ବୃଦ୍ଧିକରିବା ପାଇଁ କେନ୍ଦ୍ର-ସରକାରଙ୍କୁ ଅନୁରୋଧ ଜଣାଇଥିଲେ । କେନ୍ଦ୍ର ସରକାର ଆସନ୍ତା ମାର୍ଚ୍ଚ ମାସଠାରୁ ରାଜ୍ୟର ଖାଉଟିମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ବିକ୍ରୟ ପାଇଁ ଅଧିକ ୨ ହଜାର ଟନ୍ ଗହମ ଯୋଗାଇ ଦେବାକୁ ସ୍ଥିର କରି ମଞ୍ଜୁରୀ ଆଦେଶ ଦେଇସାରିଛନ୍ତି । ପୂର୍ବରୁ ଏଥିପାଇଁ ୫ ହଜାର ଟନ୍ ଗହମ ମିଳୁଥିବା ସ୍ଥଳେ ମାର୍ଚ୍ଚ ମାସଠାରୁ ୭ ହଜାର ଟନ୍ ଗହମ ମିଳିବ ।

ଏହି କୋଟା ବୃଦ୍ଧି ଫଳରେ ଖାଉଟିମାନଙ୍କର ଚାହିଦା କିଛି ପରିମାଣରେ ପୂରଣ କରାଯାଇପାରିବ ।

## ସହର ଓ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ ସରକାରୀ ଋଣ

ରାଜ୍ୟର ସହର ଓ ଗ୍ରାମାଞ୍ଚଳରେ ବିଭିନ୍ନ ଶ୍ରେଣୀର ଆୟକାରୀ ଲୋକଙ୍କୁ ଗୃହ ନିର୍ମାଣ କରିବା ବାବଦରେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସର୍ବମୋଟ୍ ୧୧ କୋଟି ୧୪ ଲକ୍ଷ ୩୨ ହଜାର ଟଙ୍କା ସରକାରୀ ଋଣ ପ୍ରଦାନ କରାଯାଇଛି । ତନ୍ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ବ୍ୟକ୍ତିମାନଙ୍କୁ ଦିଆଯାଇଥିବା ୩ କୋଟି ୩୫ ଲକ୍ଷ ୪୭ ହଜାର ଟଙ୍କା ଏବଂ ନିମ୍ନ ଆୟକାରୀ ବ୍ୟକ୍ତିମାନଙ୍କୁ ଦିଆଯାଇଥିବା ୨ କୋଟି ୮୦ ଲକ୍ଷ ୨୦ ହଜାର ଟଙ୍କା ଅନ୍ତର୍ଭୁକ୍ତ । ଏହି ଋଣ ସାହାଯ୍ୟ ଫଳରେ ସର୍ବମୋଟ୍ ୪,୦୫୪ଟି ବିଭିନ୍ନ ଧରଣର ଗୃହ ନିର୍ମାଣ କରାଯାଇ ପାରିଛି ।

ସେହିପରି ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ଉପରୋକ୍ତ ସରକାରୀ ଋଣ ସାହାଯ୍ୟ ମଧ୍ୟରୁ ୪ କୋଟି ୯୮ ଲକ୍ଷ ୬୫ ହଜାର ଟଙ୍କା ଋଣ ଦିଆଯାଇଛି ଏବଂ ଏହି ଅର୍ଥ ବିନିଯୋଗରେ ଗ୍ରାମାଞ୍ଚଳର ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ବ୍ୟକ୍ତିମାନେ ସର୍ବମୋଟ ୯,୪୪୫ଟି ଗୃହ ନିର୍ମାଣ କରିଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ବାର୍ଷିକ ୭,୨୦୦ ଟଙ୍କାରୁ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟବିତ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସର୍ବନିମ୍ନ ୨ ହଜାର ଲୋକସଂଖ୍ୟା ବିଶିଷ୍ଟ ସହର କିମ୍ବା ଗ୍ରାମରେ ବସବାସ କରୁଥିବା ଏହି ଶ୍ରେଣୀର ଲୋକଙ୍କୁ ଗୃହ ନିର୍ମାଣ ପାଇଁ ଋଣ ମଂଜୁର କରାଯାଇଥାଏ । ସେହିପରି ବାର୍ଷିକ ୭,୨୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନଙ୍କୁ ନିମ୍ନ ଆୟକାରୀ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସର୍ବାଧିକ ୧୪,୫୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଇଥାଏ । ଏ କ୍ଷେତ୍ରରେ ସେମାନେ ବାସ କରୁଥିବା ସହର କିମ୍ବା ଗ୍ରାମର ଲୋକସଂଖ୍ୟା ୧ ହଜାର କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

## ନୂତନ ସବ୍‌ଜଜ୍ କୋର୍ଟ ଓ ମୁନସିଫ୍ କୋର୍ଟ

କୋରାପୁଟ ଜିଲ୍ଲା ଗୁଣୁପୁରଠାରେ ସବ୍‌ଜଜ୍ କୋର୍ଟ ଓ ବିଷମ କଟକଠାରେ ଅତିରିକ୍ତ ମୁନସିଫ୍ କୋର୍ଟ ପ୍ରତିଷ୍ଠା କରାଯାଇଛି । ଗତ ଫେବୃୟାରୀ ୨୭ ତାରିଖ ଦିନ ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ର ଏହି ଦୁଇଟି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି । ଏହାଛଡ଼ା ସେଦିନ ଗୁଣୁପୁରଠାରେ ରାଜ୍ୟ ଆଇନଗତ ସାହାଯ୍ୟ ତଥା ପରାମର୍ଶଦାତା ବୋର୍ଡଙ୍କ ଆନୁକୂଲ୍ୟରେ ଆୟୋଜିତ ଶାୟ ଆଇନଗତ ସାହାଯ୍ୟ କ୍ୟାମ୍ପ ମାନ୍ୟବର ମୁଖ୍ୟ ବିଚାରପତି ଉଦ୍‌ଘାଟନ କରିଥିଲେ ।

ଗୁଣୁପୁରଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅର୍ଥ ଓ ଆଇନମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ ଯେ ଏହି କୋର୍ଟ ପ୍ରତିଷ୍ଠା ହେବାଦ୍ୱାରା ଗୁଣୁପୁର ତଥା ଆଖପାଖ ଅଞ୍ଚଳର ବହୁ ଦିନର ଦାବୀ ପୂରଣ ହେଲା । ଏଥିପାଇଁ ମାନ୍ୟବର ମୁଖ୍ୟ ବିଚାରପତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ. କହିଥିଲେ ।

ଏହି ଉତ୍ସବରେ ହାଇକୋର୍ଟର ମାନ୍ୟବର ବିଚାରପତି ଡାକ୍ତର ବି. ଏନ. ମିଶ୍ର, ରାଜସ୍ୱ ବୋର୍ଡ଼ର ସଦସ୍ୟ ଶ୍ରୀ ରାମମୂର୍ତ୍ତି, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଦେହୁରିଆ, କୋରାପୁଟ ଜିଲ୍ଲାପାଳ, କୋରାପୁଟ ଜିଲ୍ଲା ଜଜ୍ ପ୍ରମୁଖ ଯୋଗ ଦେଇଥିଲେ ।

## "ବିଦ୍ୟୁତ୍ ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ"

### —ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଟ୍ଟନାୟକ

ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଜିନିୟରସ୍ ଭବନଠାରେ ଫେବୃୟାରୀ ୨୪ ତାରିଖରେ ରାଜ୍ୟ ଇଲେକ୍ଟ୍ରିକାଲ ଇଂଜିନିୟରସ୍ ଆସୋସିଏସନ୍ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ରାଜ୍ୟର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବହୁ ଲୋକଙ୍କର ଜୀବନଧାରଣର ମାନ ଉନ୍ନତ କରିବାକୁ ନିଷ୍ଠାପର ଉଦ୍ୟମ ଚାଲିଛି ଏବଂ ଏହି ଉଦ୍ୟମକୁ ସଫଳ କରିବାରେ ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଇଂଜିନିୟରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟର ସାଫଲ୍ୟ ପାଇଁ ବିଦ୍ୟୁତ୍‌ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ । ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଦ୍ୟୁତ୍ ଶକ୍ତିର ଉତ୍ତମ ନିୟନ୍ତ୍ରଣ ଓ ବିନିଯୋଗ କରା ନ ଗଲେ ରାଜ୍ୟର ଉନ୍ନତି ପାଇଁ ସହାୟକ ହୋଇ ପାରିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ସ୍ମରଣ କରାଇଥିଲେ । ସେ କହିଲେ ଯେ ସର୍ବଭାରତୀୟ ସ୍ତରରେ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୩୧ ହଜାର ମେଗାୱାଟ୍ ଥିବାବେଳେ ଆମ ରାଜ୍ୟର ମୋଟ ଉତ୍ପାଦନ କ୍ଷମତା ୯୧୪ ମେଗାୱାଟ୍ । ଷଷ୍ଠ ଯୋଜନା କାଳ ମଧ୍ୟରେ ଆଉ ଅଧିକ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଦ୍ୟୁତ୍‌ଶକ୍ତି ମଧ୍ୟରୁ ଶତକଡା ୭୫ ଭାଗ ଜଳଭିତ୍ତିକ ଏବଂ ଅବଶିଷ୍ଟ ୨୫ ଭାଗ ତାପଜ ଭିତ୍ତିକ ହୋଇ ଥିବାରୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବହୁ ଭାଗରେ ବର୍ଷା ଉପରେ ନିର୍ଭରଶୀଳ । ଏହି ଅସୁବିଧା ଦୂର କରିବା ପାଇଁ ତାପଜ ବିଦ୍ୟୁତ୍ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି ।

## ଖଣି ଶ୍ରମିକ କଲ୍ୟାଣ ଦିଗରେ ପଦକ୍ଷେପ

ଗତ ଫେବୃୟାରୀ ୨୦ ତାରିଖ ଦିନ ରାଉରକେଲା ନିକଟସ୍ଥ ମନ୍ଦିରାଠାରେ ଲାଇମ୍‌ଷ୍ଟୋନ୍ ଓ ଡୋଲମାଇଟ୍ ଖଣି ଶ୍ରମିକ କଲ୍ୟାଣ ପାଣ୍ଠି ପାଇଁ ରାଜ୍ୟ ପରାମର୍ଶଦାତା କମିଟିର ପ୍ରଥମ ବୈଠକ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ଲାଇମ୍‌ଷ୍ଟୋନ୍ ଓ ଡୋଲମାଇଟ୍ ଖଣିରୁ ୧୯୭୩ ମସିହାଠାରୁ ଆଦାୟ ହେଉଥିବା ସେସ୍‌ରୁ ଶ୍ରମିକ ଓ ସେମାନଙ୍କର ପରିବାରବର୍ଗଙ୍କର କଲ୍ୟାଣ ପାଇଁ ଏକ ପାଣ୍ଠି ସୃଷ୍ଟି କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପାଣ୍ଠିରୁ ଗୃହ ନିର୍ମାଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମ, ଶିକ୍ଷା ଓ ଚିତ୍ତବିନୋଦନ ପାଇଁ ବିଭିନ୍ନ କାର୍ଯ୍ୟ କରାଯାଉଥାଏ ।

ବେଦବ୍ୟାସଠାରେ ଏକ ୩୦ ଶଯ୍ୟା ବିଶିଷ୍ଟ ସେଣ୍ଟ୍ରାଲ ଡାକ୍ତରଖାନା କରାଯିବା ପାଇଁ ବୈଠକରେ ଅନୁମୋଦନ କରାଯାଇଛି । ବେଦବ୍ୟାସର ୪୦ କି : ମି : ବ୍ୟାସାର୍ଦ୍ଧ ମଧ୍ୟରେ ପ୍ରାୟ ୧୫ ହଜାର ଏହି ଶ୍ରମିକ କାର୍ଯ୍ୟ କରୁଥିବାର ବିଷୟକୁ ନିଆଯାଇ ଏ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ଆବଶ୍ୟକୀୟ ଜମି ଚିହ୍ନଟର ପ୍ରାରମ୍ଭିକ କାର୍ଯ୍ୟ ଶେଷ ହୋଇଛି । ଭୁବନେଶ୍ୱରଠାରେ ଅଫିସ୍ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା କଥା ବୈଠକରେ ପ୍ରକାଶ ପାଇଥିଲା ।

କୋଇଲା, ଲୁହାପଥର, ମାଙ୍ଗାନିଜ୍ ଏବଂ ଲାଇମ୍‌ଷ୍ଟୋନ୍ ଓ ଡୋଲମାଇଟ୍ ଖଣି ଶ୍ରମିକମାନଙ୍କ ପାଇଁ ମିଳିତଭାବେ ପୁରୀଠାରେ ଉଦାସରେ ଏକ 'ହଲିଡେ ହୋମ୍' ରହିଛି । ଏହି ସକାଶେ ନିଜସ୍ୱ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ମିଳୁନଥିବାରୁ ଏକ ଘର କିଣାଯିବାକୁ ସ୍ଥିର କରାଯାଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି ବୋଲି ବୈଠକରେ ପ୍ରକାଶ ପାଇଥିଲା ।

ବୀରମିତ୍ରପୁରଠାରେ ଥିବା ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ର ପାଇଁ ଏକ ମହିଳା ଡାକ୍ତର ନିଯୁକ୍ତି ପାଇଁ କମିଟି ନିଷ୍ପତ୍ତି କରିଛନ୍ତି । ରାଉରକେଲାରେ ଶିକ୍ଷା ପାଉଥିବା ଲାଇମ୍‌ଷ୍ଟୋନ୍ ଓ ଡୋଲମାଇଟ ଖଣି ଶ୍ରମିକମାନଙ୍କ ପୁଅ ଓ ଝିଅମାନଙ୍କ ରହିବାର ସୁବିଧା ପାଇଁ ୩୦ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ୍ ପ୍ରଥମେ ଏକ ଭଡ଼ାଘରେ ଆରମ୍ଭ କରାଯିବା ପ୍ରସ୍ତାବ କମିଟି ବୈଠକରେ ଅନୁମୋଦନ କରାଯାଇଛି ।

## ବେଗୁନିଆଁଠାରେ ଚକ୍ଷୁ ଚିକିତ୍ସା ଶିବିର ଉଦ୍‌ଘାଟନ

ପୁରୀଜିଲ୍ଲା ବେଗୁନିଆଠାରେ 'ସଂଜୟ ମେମୋରିଆଲ ଟ୍ରଷ୍ଟ' ପକ୍ଷରୁ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିର ଫେବୃୟାରୀ ୭ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର କରଣ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ଜନ ସମାବେଶରେ ଶ୍ରୀ କରଣ କହିଲେ ଯେ ସରକାରୀ ସଂସ୍ଥା ବାହାରେ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଦରିଦ୍ର ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଚିକିତ୍ସା ଦିଗରେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ବିଶେଷ ପ୍ରଶଂସନୀୟ । ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର ଶିବିର ସ୍ଥାପନ ଦିଗରେ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବି. ରାଜଗୁରୁ ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ତ୍ରୈଲୋକ୍ୟନାଥ ପାଣି ପ୍ରମୁଖ ଯୋଗ ଦେଇଥିଲେ ।




OGP—MP VI-(I. & P. R.) 105 -15,000—30-3-1982

ଖୋଳ ଖୋଲ ରହିଥିଲ
ସବର୍ମ ହୀ ଯେଉଁ ଦିନ,
ଜଗଣା ମୁହଁ ଦେଖିଥିଲ
ସ୍ମୃତି ହୋଇନି ଲୀନ ।
ଦେଶରେ ପଠାଇଛି ଯାହା
ଚିର ମୋ' ବନ୍ଧନ,
ଦାନ ଦୁଃଖୀ ଓଡ଼ିଆ ପ୍ରବର
ପରାଣେ ରହିବ ବଳ ।




ଏକ ବୁନ୍ଦ ବୁନ୍ଦ ହିଆ
ପାହାଡ ଟାଣର ଛାତି
ଜେଲାରେ ମହଲ ଏ ନୂଆ
ଉଠିଛି ଆକାଶ ଛୁଇଁ ।
ସେ ତ ଆମ ଗଉରବ,
ଭବିଷ୍ୟ ଚାଲ ଆମରି ଭାବିବ
ଅନନ୍ୟ ବୈଭବ ।



ସାମ୍ରାଜ୍ୟର ପଠାଉଛି ଦେଶ
ବିଦେଶକୁ ଭଣ୍ଡାରାର,
ପୁଅମାନେ ଦେଖି ଆଣିଥିଲେ
ଧନଗିରି-ଭରା-ଥାଳ ।






...ERNMENT PRESS, CUTTACK-...

# ଉତ୍କଳ ପ୍ରସଙ୍ଗ

4
K4109
23/1/93

